# ପ୍ରାର୍ଥନା

ହେ ଭଗବାନ୍, ହେ ଶାଶ୍ୱତ ପ୍ରଭୁ !

ନାନାଦି ଶକ୍ତି ଭିତରେ ସଂଘର୍ଷ ଦ୍ୱାରା ପ୍ରେରିତ ହୋଇ ମଣିଷମାନେ ଏକ ବିରାଟ ଯଜ୍ଞାନୁଷ୍ଠାନ କରୁଛନ୍ତି, ସେମାନେ ଏକ ରକ୍ତାକ୍ତ ବଳିଦାନରେ ନିଜ ନିଜ ଜୀବନ ଉତ୍ସର୍ଗ କରୁଛନ୍ତି ...

ହେ ଭଗବାନ୍, ହେ ଶାଶ୍ୱତ ପ୍ରଭୁ, ଏସବୁ ଯେମିତି ବୃଥା ନହେବ, ତାହା ମଞ୍ଜୁର କର, ମଞ୍ଜୁର କର ଯେମିତିକି ତୁମ ମହାଶକ୍ତିର ଅସରା ପ୍ରବାହ ପୃଥିବୀପୃଷ୍ଠରେ ପ୍ରବାହିତ ହେବ ଏବଂ ଏହାର ବିକ୍ଷୁବ୍ଧ ପରିବେଶ, ଦ୍ୱନ୍ଦ୍ୱରତ ଓଜଃରାଶି ଓ ସଂଘର୍ଷରତ ପକ୍ଷମାନଙ୍କର ତୀବ୍ର ବିଶୃଙ୍ଖଳା ଭିତରକୁ ପ୍ରବେଶ କରିବ; ମଞ୍ଜୁର କର ଯେପରିକି ତୁମ ଜ୍ଞାନର ବିଶୁଦ୍ଧ ଆଲୋକ ଏବଂ ତୁମ ଆଶିଷର ଅଶେଷ ପ୍ରେମ ମଣିଷର ହୃଦୟକୁ ପରିପୂର୍ଣ୍ଣ କରିବ, ସେମାନଙ୍କ ଆତ୍ମା ଭିତରକୁ ପ୍ରବେଶ କରିବ, ସେମାନଙ୍କ ଚେତନାକୁ ଦେଦୀପ୍ୟମାନ କରିବ ଏବଂ ଏହି ଅସ୍ୱଚ୍ଛତା ମଧ୍ୟରୁ, ଏହି ତମସାଚ୍ଛନ୍ନ, ଭୟାବହ ଏବଂ ଉଗ୍ର ଅନ୍ଧକାର ଭିତରୁ ତୁମ ଗରୀୟାନ୍ ଉପସ୍ଥିତିର ପ୍ରଜ୍ୱଳତା ପ୍ରତିଭାତ କରିବ !

ଏକ ସଚେତନ ଏବଂ ସମ୍ପୂର୍ଣ୍ଣ ଆତ୍ମବଳିଦାନ ରୂପେ ତୁମ ସମ୍ମୁଖରେ ଶାୟିତ ମୋର ସତ୍ତା – ଯାହା ଦ୍ୱାରା ସେମାନଙ୍କ ଅଚେତନ ଆତ୍ମବଳିଦାନ ହୋଇଉଠିବ ଫଳପ୍ରସୂ ।

ଗ୍ରହଣ କର ଏ ଅର୍ଘ୍ୟ, ଆମ ଆବାହନର ଉତ୍ତର ଦିଅ : ସମାଗତ ହୁଅ !

ଅଗଷ୍ଟ ୪, ୧୯୧୪ — ଶ୍ରୀମା

# ମାତୃବାଣୀ

To understand his teaching better and try to put it into practice, is certainly the best way of showing our gratitude to him for all the light, knowledge and force which he has so generously brought to the earth.

May his teaching enlighten and guide us, and what we cannot do today, we shall do tomorrow.

– The Mother

ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠକୁ ଏତେ ଉଦାର ମହାନୁଭବତା ସହ ଯେଉଁ ଆଲୋକ, ଜ୍ଞାନ ଓ ଶକ୍ତି ଉତାରି ଆଣିଛନ୍ତି ସେଥିଲାଗି ତାଙ୍କୁ ଆମ କୃତଜ୍ଞତା ପ୍ରଦର୍ଶନର ନିଶ୍ଚିତ ରୂପେ ସର୍ବୋତ୍ତମ ଉପାୟ ହେଉଛି ତାଙ୍କ ଶିକ୍ଷାକୁ ଆହୁରି ଭଲ ଭାବେ ବୁଝିବା ଓ ତାକୁ କାର୍ଯ୍ୟରେ ପରିଣତ କରିବା ।

ତାଙ୍କ ଶିକ୍ଷା ଆମକୁ ଜ୍ଞାନଦୀପ୍ତ ତଥା ପରିଚାଳିତ କରୁ ଓ ଯାହା ଆମେ ଆଜି କରିପାରୁନୁ ତାହା ଆସନ୍ତାକାଲି କରିବୁ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧକୁ ଅବତରଣ

## (The Descent into Night)

## (୫୪)

## ଶ୍ରୀଅରବିନ୍ଦ

An unsubstantial Nihil guaranteed
The falsehood of the forms this Nature took
And made them seem awhile to be and live.

ଏହି ପ୍ରକୃତି ଧାରଣ କରିଥିବା ରୂପସମୂହର ମିଥ୍ୟାକୁ ଏକ ବସ୍ତୁହୀନ ନାସ୍ତି ସୁନିଶ୍ଚିତତା ପ୍ରଦାନ କରିଛି ଏବଂ କ୍ଷଣିକ ପାଇଁ ସେମାନଙ୍କୁ ସତ୍ୟ ଓ ଜୀବନ୍ତ କରି ଗଢ଼ିତୋଳିଲା ଭଳି ମନେ ହେଉଛି ।

A borrowed magic drew them from the Void;
They took a shape and stuff that was not theirs
And showed a colour that they could not keep,
Mirrors to a phantasm of reality.

ଋଣସୂତ୍ରରେ ପ୍ରାପ୍ତ ଏକ ଯାଦୁବିଦ୍ୟା ସେମାନଙ୍କୁ ମହାଶୂନ୍ୟରୁ ଆକର୍ଷଣ କରିଆଣିଛି, ସେମାନେ ଯେଉଁ ରୂପ ଓ ଉପାଦାନ ଧାରଣ କରିଛନ୍ତି ତାହା ତାଙ୍କର ନିଜସ୍ୱ ନୁହେଁ ଏବଂ ଯେଉଁ ବର୍ଣ୍ଣ ସେମାନେ ପ୍ରକଟ କରନ୍ତି ତାହାକୁ ସେମାନେ ସ୍ଥାୟୀ ଭାବେ ଧରିରଖି ପାରନ୍ତି ନାହିଁ, ସେମାନେ ହେଲେ ମରୀଚିକା ଭଳି ବାସ୍ତବର ବିଭ୍ରାନ୍ତିକର ପ୍ରତିବିମ୍ବ ।

Each rainbow brilliance was a splendid lie;
A beauty unreal graced a glamour face.
Nothing could be relied on to remain :
Joy nurtured tears and good an evil proved,
But never out of evil one plucked good :
Love ended early in hate, delight killed with pain,
Truth into falsity grew and death ruled life.

ପ୍ରତିଟି ଇନ୍ଦ୍ରଧନୁର ଔଜ୍ଜ୍ୱଲ୍ୟ ଏକ ବିରାଟ ମିଥ୍ୟା; ମୁଗ୍ଧକର ମୁଖମଣ୍ଡଳରେ ଶୋଭାପାଏ ଅବାସ୍ତବ ସୌନ୍ଦର୍ଯ୍ୟ, କୌଣସି କିଛିରେ ନିର୍ଭରଯୋଗ୍ୟ ସ୍ଥାୟିତ୍ୱ ନଥାଏ; ହର୍ଷ ପୋଷଣ କରେ ଅଶ୍ରୁକୁ ଏବଂ ଶ୍ରେୟଃ ଦେଖାଦିଏ ହେୟ ରୂପେ, କିନ୍ତୁ ହେୟ ମଧରୁ ଶ୍ରେୟଃକୁ କେହି ଆହରଣ କରି ନାହାନ୍ତି : ପ୍ରେମ ଶୀଘ୍ର ଘୃଣାରେ ପରିଣତ ହୁଏ, ଆନନ୍ଦ ନିହତ ହୁଏ ଯନ୍ତ୍ରଣା ଦ୍ୱାରା, ସତ୍ୟ ହୋଇଉଠେ ମିଥ୍ୟା ଏବଂ ମୃତ୍ୟୁ ଜୀବନକୁ ଶାସନ କରେ ।

A Power that laughed at the mischiefs of the world,
An irony that joined the world's contraries
And flung them into each other's arms to strive,
Put a sardonic rictus on God's face.

ଏକ ଶକ୍ତି ରହିଛି ଯାହା ଜଗତର ଦୁର୍ଗତିରେ ହସେ, ଏକ ଉପହାସ ବିଶ୍ୱର ବୈପରୀତ୍ୟ ସମୂହକୁ ମିଳିତ କରିଛି ଏବଂ ପରସ୍ପର ବିରୋଧରେ ଦ୍ୱନ୍ଦ୍ୱ ସଂଘର୍ଷ ପାଇଁ ନିକ୍ଷିପ୍ତ କରିଛି, ଭଗବାନଙ୍କର ମୁଖରେ ପିନ୍ଧାଇ ଦେଇଛି ବିଦ୍ରୂପାତ୍ମକ କ୍ରୂରରେଖା ।

Aloof, its influence entered everywhere
And left a cloven hoof-mark on the breast;
A twisted heart and a strange sombre smile
Mocked at the sinister comedy of life.

ଦୂରରେ ରହି ତାହାର ପ୍ରଭାବ ସର୍ବତ୍ର ପ୍ରବେଶ କରିଛି ଏବଂ ବକ୍ଷ ଉପରେ ଆଙ୍କି ଦେଇଛି ଦାସତ୍ୱର ଲାଞ୍ଛନା; ଏକ କୁଟିଳ ହୃଦୟ ଏବଂ ଏକ ଅଦ୍ଭୁତ ବିରସ ହାସ୍ୟ ବ୍ୟଙ୍ଗ କରୁଛି ଜୀବନର କ୍ରୂର ପ୍ରହସନକୁ ।

(କ୍ରମଶଃ)

ଗଦ୍ୟାନୁବାଦ : ସୁବୋଧ କୁମାର ଦାସ ❑

# ଆମ ଚିନ୍ତା ଓ ଚେତନା

## ଶ୍ରୀମା

### ଅନ୍ୟର ଚେତନା ମଧ୍ୟରେ ପ୍ରବେଶ କର

ତୁମେ କେବେ ବି ଅନ୍ୟର ଚେତନା ଭିତରକୁ ପ୍ରବେଶ କରି ସେଠାରେ ପ୍ରକୃତରେ କ'ଣସବୁ ଘଟୁଛି, ସେକଥା ଜାଣିବାକୁ ଚେଷ୍ଟା କରି ନାହଁ ? ... ଯଦି ଲୋକମାନେ ଟିକିଏ ବିଚାରଶୀଳ ହୁଅନ୍ତେ ତେବେ କେବେ ବି କଳିକଜିଆ କରନ୍ତେ ନାହିଁ। କିନ୍ତୁ ଯେତେବେଳେ ସେମାନଙ୍କର ବିଚାର ବିବେକ ଚାଲିଯାଏ, ସେମାନେ କଳିକଜିଆ କରିବସନ୍ତି । ତେଣୁ ସବୁଠାରୁ ଭଲ କଥା ହୁଅନ୍ତା, ଯଦି କଳହ କରିବା ପରିବର୍ତ୍ତେ ତୁମେ ଅନ୍ୟ ଜଣଙ୍କର ଚେତନା ଭିତରକୁ ପ୍ରବେଶ କରନ୍ତ, ଏବଂ ନିଜକୁ ପ୍ରଶ୍ନ କରନ୍ତ ଯେ ସେହି ଆର ଲୋକଟି ଭିତରେ କ'ଣସବୁ ଅଛି, ଯାହା କି ତାକୁ ଏପରିସବୁ କହିବାକୁ ଓ ଏପରିସବୁ କରିବାକୁ ପ୍ରବର୍ତ୍ତାଉ ଅଛି ? ସେହି ଭିତିରି କାରଣଟି କ'ଣ ହୋଇପାରେ ? କେଉଁ ଦୃଷ୍ଟିରୁ ସେ ସବୁ କଥାକୁ ଦେଖୁଛି, ଯାହା ଫଳରେ କି ତା'ର ମନୋଭାବ ଏପରି ହୋଇଛି ? ଏସବୁ ଜାଣିବା ବଡ଼ ମଜାର କଥା । ତୁମେ ଯଦି ଏକଥା କରନ୍ତ, ତେବେ ତୁମେ ଯେପରି ସାଧାରଣତଃ ରାଗିଯାଅ, ଆଉ ସେପରି ରାଗନ୍ତ ନାହିଁ। ପ୍ରଥମ କଥା ହେଲା – ତୁମେ ଆଉ ଜମା ରାଗନ୍ତ ନାହିଁ। ତେଣୁ ତୁମ ପାଇଁ ଏହା ଗୋଟିଏ ଖୁବ୍ ବଡ଼ ଲାଭ ହୁଅନ୍ତା । କିନ୍ତୁ ଅପର ପକ୍ଷରେ ଆର ଲୋକଟି ତୁମ ଉପରେ ଯେତେ ରାଗୁଥିଲେ ବି ତୁମ ଉପରେ ତା'ର କୌଣସି ପ୍ରଭାବ ପଡ଼ିବ ନାହିଁ ।

ଏବଂ ତା'ପରେ ତୁମେ ସେହି ଆର ଲୋକଟି ସହିତ ଅଧିକ ଭାବେ ଏକାତ୍ମ ହୋଇପାରନ୍ତ ଏବଂ ତା' ଭିତରେ ଯେଉଁସବୁ ବିକୃତି ଓ ବିଭାଜନର ଭାବସବୁ ଅଛି ସେସବୁକୁ ତୁମେ ଧୀରେ ଧୀରେ ଦୂର କରିପାରନ୍ତ ଓ ଆଉ ତୁମ ଭିତରେ କଳହ ହୁଅନ୍ତା ନାହିଁ। ଏହା ବହୁତ ଦରକାରୀ ।

### ନିଜ ଚିନ୍ତାକୁ ବିସ୍ତାରିତ କର

ତୁମେ ନିଜକୁ ଏତିକି କୁହ : ''ଟିକିଏ ଅପେକ୍ଷା କର; ମୁଁ ଚେଷ୍ଟା କରୁଛି ଜାଣିବାକୁ ଯେ ସେ ମୋତେ ଏପରି କାହିଁକି କହିଲା । ହଁ; କାହିଁକି ସେ ମୋତେ ଏପରି କହିଲା ?'' ତା'ପରେ ତୁମେ ଟିକିଏ ଏକାଗ୍ର ହୁଅ : ''କାହିଁକି ? କାହିଁକି ? କାହିଁକି ?'' ବାସ୍ ! ତୁମେ ସେଇଠି ସ୍ଥିର ରହ, ସେହିପରି ଅବିଚଳିତ ରହ – ଚେଷ୍ଟାକର, ଜାଣିବାକୁ ଚେଷ୍ଟାକର । ଆର ଲୋକଟି କହିଚାଲିଛି, କହିଚାଲିନି କି ? – ସେ ବି ବଡ଼ ଖୁସି ଯେ ତୁମେ ତାକୁ ଆଉ ବିରୋଧ କରୁ ନାହଁ ! ସେ ବହୁତ କିଛି କହିଯାଉଛି ଏବଂ ସେ ବର୍ତ୍ତମାନ ନିଶ୍ଚିତ ଯେ ତୁମକୁ ସେ ହୃଦ୍‌ବୋଧ କରାଇ ଦେଇପାରିଛି । ତା'ପରେ ତୁମେ ସେ ଯାହାସବୁ କହୁଛି ତା' ଉପରେ ଅଧିକରୁ ଅଧିକ ଏକାଗ୍ର ହୁଅ ଏବଂ ଧୀରେ ଧୀରେ ତା' ବାକ୍ୟଗୁଡ଼ିକ ଭିତର ଦେଇ ତୁମେ ତା'ର ମନ ଭିତରେ ପ୍ରବେଶ କରିଯାଉଛ । ଯେତେବେଳେ ତୁମେ ତା' ମୁଣ୍ଡ ଭିତରକୁ ପ୍ରବେଶ କଲ ସେତେବେଳେ ହଠାତ୍ ତୁମେ ତା'ର ଚିନ୍ତାଧାରାର ପ୍ରଣାଳୀ ଭିତରକୁ ମଧ୍ୟ ପ୍ରବେଶ କରିପାରିଲ । ତା'ପରେ, ଏବେ ଭାବି ଦେଖ, ତୁମେ ବର୍ତ୍ତମାନ ଠିକ୍ ବୁଝିପାରୁଛ ଯେ ସେ କାହିଁକି ତୁମକୁ ଏପରି କହିଲା ! ତା'ପରେ ତୁମର ଯଦି ତୀକ୍ଷ୍ଣ ବୁଦ୍ଧି ଥାଏ, ତେବେ ତୁମେ ଆଗରୁ ତା' କହିବା ସମ୍ବନ୍ଧେ ଯାହା ଭାବିଥିଲ, ତା' ସହିତ ବର୍ତ୍ତମାନର ବୁଝାମଣାକୁ ଏକାଠି ରଖି ତୁଳନା କର । ବର୍ତ୍ତମାନ ତୁମ ଭିତରେ ତୁମେ ତୁମର ପୂର୍ବ ଓ ପରର ଦୁଇଟି ବୁଝାମଣାକୁ ଏକାଠି କରି ତା' ଭିତରୁ ଯଥାର୍ଥ ସତ୍ୟଟିକୁ ଆବିଷ୍କାର କରିପାରିଲ । ଏତେବେଳେ ଯାଇ ବୁଝାଯିବ ଯେ ତୁମର ଚେତନାରେ ପ୍ରକୃତରେ କିଛି ଅଗ୍ରଗତି ହୋଇଛି । ଏବଂ ଏହାହିଁ ତୁମ ଚେତନାକୁ ବିସ୍ତାରିତ କରିବାର ଉତ୍ତମ ଉପାୟ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୪୬)
## ସ୍ୱଦେଶ ଆତ୍ମାର ବାଣୀମୂର୍ତ୍ତି (୨)
ମନୋଜ ଦାସ

ଶ୍ରୀଅରବିନ୍ଦଙ୍କ ପ୍ରତି ରବୀନ୍ଦ୍ରନାଥଙ୍କର ସେ ଅକୃତ୍ରିମ ଶ୍ରଦ୍ଧାପୂର୍ଣ୍ଣ ଅପୂର୍ବ କବିତା-ରୂପକ ଅଭିନନ୍ଦନ ସମ୍ପର୍କରେ ଜଣେ ସମାଲୋଚକ ଲେଖିଛନ୍ତି : ''ସେଭଳି ସମ୍ମାନ ଆଉ କାହାରି ଭାଗ୍ୟରେ ଜୁଟି ନଥିଲା ।''[୧]

ସେ ଯାହାହେଉ, 'ବନ୍ଦେ ମାତରମ୍' ବିରୋଧରେ ବିଧିବଦ୍ଧଭାବେ ମକଦମା ଚାଲିଲା । ସାକ୍ଷୀ ଭାବରେ ଅଦାଲତ ବିପିନଚନ୍ଦ୍ର ପାଲଙ୍କୁ ତଲବ କଲେ । ସେ ଯଦି କହିଦେବେ ଯେ ଶ୍ରୀଅରବିନ୍ଦହିଁ ସମ୍ବାଦପତ୍ରଟିର ସମ୍ପାଦକ, ତେବେ ସରକାରଙ୍କ ଉଦ୍ଦେଶ୍ୟ ପୂରଣ ପାଇଁ ତାହାହିଁ ହେବ ଯଥେଷ୍ଟ । ଶ୍ରୀଅରବିନ୍ଦ ଦଣ୍ଡିତ ହେବେ ।

କିନ୍ତୁ ବିପିନଚନ୍ଦ୍ର ଘୋଷଣା କଲେ ଯେ ଭାରତରେ ବ୍ରିଟିଶ ଶାସନକୁ ସେ ବୈଧ ବୋଲି ସ୍ୱୀକାର କରନ୍ତି ନାହିଁ । ଏକ ଅବୈଧ ସରକାର ପରିଚାଳିତ ନ୍ୟାୟାଳୟ ତାଙ୍କଠାରୁ କୌଣସି ପ୍ରଶ୍ନର ଉତ୍ତର ଦାବି କରିବାକୁ ହକଦାର ନୁହେଁ ।

ନ୍ୟାୟାଳୟର ନିର୍ଦ୍ଦେଶ ସେ ଏକାଧିକବାର ଅମାନ୍ୟ କରନ୍ତେ ଅଦାଲତ ଅବମାନନା ଅଭିଯୋଗରେ ତାଙ୍କୁ ଛଅମାସ କାରାଦଣ୍ଡ ଭୋଗିବାର ଆଦେଶ ଦିଆଗଲା । କହିବା ବାହୁଲ୍ୟ, କାରାମୁକ୍ତି ବେଳକୁ ତାଙ୍କ ଜନପ୍ରିୟତା ବହୁମାତ୍ରାରେ ବଢ଼ି ଯାଇଥାଏ ।

ରବୀନ୍ଦ୍ରନାଥଙ୍କ ପ୍ରାମାଣ୍ୟ ଜୀବନୀକାର ପ୍ରଭାତ କୁମାର ମୁଖୋପାଧ୍ୟାୟ ଲେଖିଛନ୍ତି – ରବୀନ୍ଦ୍ରନାଥ ନିଜେ ଶ୍ରୀଅରବିନ୍ଦ ରହୁଥିବା ରାଜା ସୁବୋଧ ଚନ୍ଦ୍ର ମଲ୍ଲିକଙ୍କ ବାସଭବନକୁ ଯାଇ ବ୍ୟକ୍ତିଗତ ଭାବେ କବିତାଟି ଶ୍ରୀଅରବିନ୍ଦଙ୍କୁ ଉପହାର ଦେଲେ ।[୨]

୧୯୦୭ ମସିହା ଅଗଷ୍ଟ ୨୭ ତାରିଖର 'ବନ୍ଦେ ମାତରମ୍'ରେ ଆମେ ପଢ଼ୁ :

''ଗତକାଲି 'ବନ୍ଦେ ମାତରମ୍' ବିଚାର ଆରମ୍ଭ ହେଲା । ଅଦାଲତ ପରିସରରେ ତଥା ଆଖପାଖ ଚତୁର୍ଦ୍ଦିଗରେ ବିପୁଳ ସଂଖ୍ୟକ ଛାତ୍ର ଆସି ଠୁଳ ହୋଇଥିଲେ । ସେମାନେ ସମବେତ ହୋଇଥିଲେ ଶ୍ରୀଯୁକ୍ତ ଅରବିନ୍ଦ ଘୋଷଙ୍କୁ ଅଭିନନ୍ଦନ ଏବଂ ସମ୍ମାନ ଜଣାଇବା ନିମନ୍ତେ ।''

ସେ ସମାବେଶ 'ବନ୍ଦେ ମାତରମ୍' ଧ୍ୱନି ସହ ଶ୍ରୀଅରବିନ୍ଦ ଏବଂ ବିପିନଚନ୍ଦ୍ର ପାଲଙ୍କ ଜୟଧ୍ୱନିରେ ପରିବେଶ ମୁଖରିତ କରୁଥା'ନ୍ତି । କିନ୍ତୁ ସେମାନଙ୍କଠିଁ ବିଶୃଙ୍ଖଳାର ବା କୌଣସି ପ୍ରକାର ହିଂସାଚରଣର ଲକ୍ଷଣ ନଥିଲା । ବିଚାରକ କିଂସ୍‌ଫୋର୍ଡ଼ ତଥାପି କ୍ରୁଦ୍ଧ ହେଲେ ଏବଂ ଜନତାକୁ ଘଉଡ଼ାଇ ଦେବା ନିମନ୍ତେ ପୁଲିସକୁ ନିର୍ଦ୍ଦେଶ ଦେଲେ । ପୁଲିସ ନିର୍ଦ୍ଦୟ ଭାବରେ ଲାଠି ଚାଳନା ଆରମ୍ଭ କରିଦେଲା । ଜଣେ ଇଂରେଜ ପୁଲିସ ସାର୍ଜେଣ୍ଟ୍ ଟିକିଏ ଅଧିକ ତତ୍ପରତା ଦେଖାଇ ସୁଶୀଲ ସେନଗୁପ୍ତ ନାମକ ଜଣେ ତରୁଣ ଉପରେ ମାଡ଼ ଚଢ଼ାଇବା କ୍ଷଣି ତରୁଣ ଜଣଙ୍କ ଦୁଇଗୁଣ ଅଧିକ ମାତ୍ରାରେ ସାହେବଙ୍କୁ ତାହା ଫେରସ୍ତ ଦେଲେ । ସାହେବ ତଳେ ପଡ଼ିଗଲେ ।

ଉନ୍ମତ୍ତ ହୋଇଉଠିଲେ ଉପସ୍ଥିତ ଇଂରେଜ ପୁଲିସ କର୍ମଚାରୀମାନେ । ସୁଶୀଲକୁ ମାଡ଼ି ବସିବା ସଙ୍ଗେ ସଙ୍ଗେ ତାକୁ ଯଥେଚ୍ଛା ନିର୍ଯାତନା ଦେଲେ । ପରଦିନ ତା'ର ବିଚାର ହେଲା । ଜଜ କିଂସ୍‌ଫୋର୍ଡ଼ ତା' ପିଚାରେ ବେତମାଡ଼ ସକାଶେ ହୁକୁମ ଦେଲେ । ଖୋଲା ବିଚାରାଳୟରେ ସର୍ବସମକ୍ଷରେ ତାଙ୍କ ଆଦେଶ ପାଳିତ ହେଲା । ମାଡ଼ଦାତା ଜଣକ ନିଜ ଦକ୍ଷତା ସାବ୍ୟସ୍ତ କରିବା ନିମନ୍ତେ ଯତ୍‌ପରୋନାସ୍ତି ନିର୍ମମ ହେଲେ । ରକ୍ତାକ୍ତ ହେଲା ସୁଶୀଲ । ଯେହେତୁ ତା'ର ବୟସ ପନ୍ଦର, ତେଣୁ ସେ ପନ୍ଦର ଥର ଚାବୁକ ମାଡ଼ ଖାଇବା ଉଚିତ । ସେ ଚେତା ହରାଇବା ସତ୍ତ୍ୱେ ତାକୁ ଠିଆ କରାଇ ରଖା ହୋଇ ସଂଖ୍ୟାଟି ସମ୍ପୂର୍ଣ୍ଣ କରାଗଲା ।[୩] କିଂସ୍ ଫୋର୍ଡ଼ର ପ୍ରକୃତି ଦିବାଲୋକ ଭଳି ସ୍ପଷ୍ଟ ହୋଇଗଲା ।

କିନ୍ତୁ ବିଚାରକଟି ଯେତେ ତନଖି ଦେଖିଲେ ବି 'ବନ୍ଦେ

ମାତରମ୍'ରେ ପ୍ରକାଶିତ ତଥାକଥିତ ଆପତ୍ତିଜନକ ଲେଖା ସହିତ ଶ୍ରୀଅରବିନ୍ଦଙ୍କୁ ଜଡ଼ିତ କରିବା ଭଳି କୌଣସି ପ୍ରମାଣ ପାଇଲେ ନାହିଁ । ''ଉପସ୍ଥାପିତ ସାକ୍ଷ୍ୟପ୍ରମାଣରୁ କୌଣସି ସିଦ୍ଧାନ୍ତରେ ପହଞ୍ଚିବା ସମ୍ଭବପର ନୁହେଁ ।...ମୁଁ ତେଣୁ ତାଙ୍କୁ ଖଲାସ କରିଦେଉଛି ।''[୪]

୨୩ ତାରିଖ ସେପ୍‌ଟେମ୍ବର ୧୯୦୭ ମସିହାରେ ରାୟ ଘୋଷିତ ହେଲା । ଅପ୍ରତ୍ୟାଶିତ ଭାବରେ ଜଜ ସାହେବ ରାୟରେ ଆହୁରି ମଧ୍ୟ ଲେଖିଲେ : ଶ୍ରୀଅରବିନ୍ଦ ''ବିରଳ ପର୍ଯ୍ୟାୟର ଉତ୍ତମ ସାଫଲ୍ୟ ଅର୍ଜନ କରିଥିବା ବ୍ୟକ୍ତି ଏବଂ ସମ୍ବାଦପତ୍ରଟିର ମଙ୍ଗଳହିଁ ଥିଲା ତାଙ୍କର କାର୍ଯ୍ୟ । ସେ ଅନ୍ୟ କର୍ମଚାରୀ-ମାନଙ୍କଠାରୁ ସ୍ୱତନ୍ତ୍ର । କାରଣ ସେ କୌଣସି ପାରିଶ୍ରମିକ ନେବାକୁ ନାସ୍ତି କରିଦେଇଥିଲେ ।''[୫]

ସମ୍ପାଦନା ପରିଷଦର ଅନ୍ୟ କୌଣସି ସଭ୍ୟଙ୍କୁ ମଧ୍ୟ ଆପତ୍ତିଜନକ ବିବେଚିତ ଲେଖାତକ ସକାଶେ ଦାୟୀ କଲାଭଳି ପ୍ରମାଣ ମିଳିଲା ନାହିଁ । କିନ୍ତୁ କେହି ଜଣେ ହେଲେ ଦଣ୍ଡ ପାଇବା ଉଚିତ; ନହେଲେ ଇଂରେଜଶାସନ ବିରୋଧୀ ଲୋକଙ୍କ ମୁହଁ ବଢ଼ିଯିବ । ଅଗତ୍ୟା ଯେଉଁ ଦରମା ପ୍ରାପ୍ତ କର୍ମଚାରୀଟିର ନାମ ପତ୍ରିକାର ମୁଦ୍ରାକର ଭାବରେ ଛାପା ଯାଉଥିଲା, ଅପୂର୍ବ ବୋସ୍ ନାମକ ସେହି ଭଦ୍ରଲୋକଙ୍କୁ ତିନିମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଗଲା । କହିବା ବାହୁଲ୍ୟ, ପତ୍ରିକାର ପ୍ରକାଶ ପାଉଥିବା ଖବର ବା ସନ୍ଦର୍ଭ ସହିତ ତାଙ୍କର କୌଣସି ସମ୍ପର୍କ ନଥିଲା । ଦଣ୍ଡଦାତା ବି ଏକଥା ଜାଣୁଥିଲେ । କାରାଦଣ୍ଡ 'ସଶ୍ରମ' ହେବା ସତ୍ତ୍ୱେ ରାୟରେ ତାହାକୁ କୋହଳ (lenient) ବୋଲି ଉଲ୍ଲେଖ କରାଗଲା !

ଶ୍ରୀଅରବିନ୍ଦ ଅଭିଯୋଗ ମୁକ୍ତ ହୁଅନ୍ତେ ଦେଶବ୍ୟାପୀ ଖେଳିଗଲା ଆନନ୍ଦ ଲହରୀ । ଭାରତର ବିଭିନ୍ନ ପ୍ରାନ୍ତର ସହର, ନଗରରେ ବିଜୟ-ସଭାମାନ ଅନୁଷ୍ଠିତ ହେଲା ଏବଂ ବହୁଳ ସଂଖ୍ୟାରେ ଅଭିନନ୍ଦନବାହୀ ଟେଲିଗ୍ରାମମାନ ଆସି ପହଞ୍ଚିଲା । ସମ୍ବାଦପତ୍ରମାନଙ୍କରେ ସ୍ୱତନ୍ତ୍ର ନିବନ୍ଧମାନ ପ୍ରକାଶିତ ହେଲା । ସେସବୁରୁ ଅନେକେ ସମ୍ବାଦପତ୍ରର ସେଯୁଗର ସଂଖ୍ୟାସବୁ ବିଲୁପ୍ତ । ତେବେ ସି.ଆଇ.ଡି. ରିପୋର୍ଟରେ କିଛି କିଛିର ଇଂରାଜୀ ଅନୁବାଦ ଦେଖିବାକୁ ମିଳେ । କହିବା ବାହୁଲ୍ୟ ସେସବୁ ଅନୁବାଦରେ ମୌଳିକ ରଚନାର ଆବେଗ, ବିଦେଶୀ ସରକାର ପ୍ରତି ବିଦ୍ରୂପ ଏବଂ ଭାବଗତ ଗାମ୍ଭୀର୍ଯ୍ୟ ରକ୍ଷିତ ହୋଇପାରି ନଥିଲା । ଇଂରାଜୀରୁ ଅନୂଦିତ କିଛି ନମୁନା ଏଠାରେ ପରିବେଷଣ କରାଯାଉଛି :

''ମିଷ୍ଟର ଅରବିନ୍ଦ ଘୋଷ ଅଭିଯୁକ୍ତ ହୋଇଥିବା ମାମଲା ଉପରେ ମନ୍ତବ୍ୟ ଦେଇ 'ଢାକା ପ୍ରକାଶ' ଲେଖିଛି ଯେ ଏହି ମହାନ୍ ବ୍ୟକ୍ତିଙ୍କ ଦେଶପ୍ରେମ ଏବଂ ତାଙ୍କର ଅସାଧାରଣ ତ୍ୟାଗ ପ୍ରତ୍ୟେକ ବଙ୍ଗବାସୀଙ୍କ ହୃଦୟକୁ ଆନ୍ଦୋଳିତ କରିଛି । କର୍ତ୍ତବ୍ୟର ଆହ୍ୱାନରେ ଆପଣାର ଯାବତୀୟ ସୁଖ ସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି ଦେଇଥିବା ଏ ବ୍ୟକ୍ତି ମଣିଷ ହେଲେ ବି ତାଙ୍କ ବ୍ୟକ୍ତିତ୍ୱରେ ଦିବ୍ୟଲକ୍ଷଣମାନ ପରିସ୍ଫୁଟ । ତାଙ୍କୁ ସାଧାରଣ ଦସ୍ୟୁଟିଏ ଭଳି କାରାଗାର ଭିତରକୁ ଟାଣିନେଇ ଯିବାକୁ ବସିଥିଲେ ଏ ଦେଶର ଶାସକବୃନ୍ଦ ! ହାୟରେ ଦୁର୍ଭାଗା ଦେଶ ! (Alas, the unfortunate land !) ଏ ଉଦ୍ଧତ ଶାସକମାନେ ବୁଝୁ ନାହାନ୍ତି ଯେ ସେମାନଙ୍କ ଏଭଳି କୁକର୍ମ ଦେଶବ୍ୟାପୀ ଅସନ୍ତୋଷର ବହ୍ନି ପ୍ରଜ୍ୱଳନ କରିବ ଯାହା ନିର୍ବାପିତ କରିବା ଭଳି ଶକ୍ତି ସେମାନଙ୍କର ନାହିଁ ।''[୬]

'ବନ୍ଦେ ମାତରମ୍ ମାମଲା' ଶିରୋନାମାରେ ଢାକାରୁ ପ୍ରକାଶିତ 'ପୂର୍ବବାଂଲା' ଲେଖିଥିଲେ :

''ଆଜି ଦିଗ୍‌ଦିଗନ୍ତରୁ ଆନନ୍ଦର ଉଚ୍ଛ୍ୱାସ ଊର୍ଦ୍ଧ୍ୱାୟିତ ହେଉ, ବିପୁଳ ଉଲ୍ଲାସରେ 'ବନ୍ଦେ ମାତରମ୍' ଧ୍ୱନି ଆକାଶ ବିଦୀର୍ଣ୍ଣ କରୁ । ଦୁଃଖର ସମୟ ଅତୀତ ହୋଇଯିବା ଯୋଗୁଁ ଯେ ଏ ଆନନ୍ଦର ଆହ୍ୱାନ, ତାହା ନୁହେଁ । କାରଣ ଆମେ ଦୁଃଖିତ ହେବାର ହେତୁ ନଥିଲା ।... ଯେତେବେଳେ ଆମେ ଦେଖିଲୁଁ ଯେ ଜନନୀ ଜନ୍ମଭୂମିର ଜଣେ ଭକ୍ତ ତାଙ୍କ ଭକ୍ତି ସକାଶେ ବିଦେଶୀ ଶାସକମାନଙ୍କର ଆଗ୍ନେୟ କ୍ରୋଧ ଦ୍ୱାରା ଦଗ୍ଧ ହେବାକୁ ଯାଉଥିଲେ, ଯେତେବେଳେ ଆମେ ଦେଖିଲୁଁ ଯେ ଭାରତର ପ୍ରାଚୀନ ଗୌରବର ପୁନରୁଦ୍ଧାର ନିମନ୍ତେ ପ୍ରୟାସ କରିବା ଯୋଗୁଁ ଭାରତମାତାଙ୍କର ସେ ସୁଯୋଗ୍ୟ ସନ୍ତାନଙ୍କ ଶିର ଉପରେ ଯେକୌଣସି ମୁହୂର୍ତ୍ତରେ ବଜ୍ର ପତନ ହେବାର ଲକ୍ଷଣ ସୁସ୍ପଷ୍ଟ, ସେତେବେଳେ ଆମେ ବାସ୍ତବିକ ତାଙ୍କ ନିରାପତ୍ତା ନିମନ୍ତେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲୁଁ, କିନ୍ତୁ ତାଙ୍କ ପାଇଁ ଦୁଃଖିତ ହୋଇ ନାହୁଁ । କାରଣ ଯାହାଙ୍କୁ ଦେଶଭକ୍ତି ସକାଶେ ଯନ୍ତ୍ରଣା ଭୋଗିବାକୁ ପଡ଼େ, ସିଏ ଆଶୀର୍ବାଦପ୍ରାପ୍ତ; ତାଙ୍କ ପବିତ୍ର ବ୍ୟକ୍ତିତ୍ୱ ଏକ ଜୀବନ୍ତ ଆଦର୍ଶ ରୂପେ ଅନ୍ୟମାନଙ୍କୁ ସେମାନଙ୍କ କର୍ତ୍ତବ୍ୟର ଦିଗ୍‌ଦର୍ଶନ ଦେବ । ଆମେ ଆନନ୍ଦିତ ଅରବିନ୍ଦ ମୁକ୍ତିପାଇବା ଯୋଗୁଁ ନୁହେଁ, କିନ୍ତୁ ଅନ୍ୟାୟ ଉପରେ ନ୍ୟାୟର ବିଜୟ ଲାଭ ଯୋଗୁଁ । ଆଜି ଆମେ ଧନ୍ୟବାଦ ଦେବୁଁ

କେବଳ ଭଗବାନଙ୍କୁ । ସମସ୍ତ ଗୌରବ ତାଙ୍କରିହିଁ ପ୍ରାପ୍ୟ; ମଣିଷର ସେଥିରେ ଅଂଶ ନାହିଁ ।''(୭)

ଏହାପରେ ଉପରୋକ୍ତ କାଗଜ ମନ୍ତବ୍ୟ ଦେଇଛନ୍ତି ଯେ ଶ୍ରୀଅରବିନ୍ଦଙ୍କୁ ମୁକ୍ତି ଦେବା ବ୍ୟତିରେକେ ଆଇନତଃ ଅଦାଲତ ଆଗରେ ଅନ୍ୟ ମାର୍ଗ ନଥିଲା । କାରଣ 'ବନ୍ଦେ ମାତରମ୍'ରେ ପ୍ରକାଶିତ ନିବନ୍ଧ ପାଇଁ ସେ ଦାୟୀ ବୋଲି ତିଳେ ମଧ୍ୟ ପ୍ରମାଣ ନଥିଲା । କିନ୍ତୁ ବିଚରା 'ମୁଦ୍ରାକର' ବିନା କାରଣରେ ଦଣ୍ଡିତ ହେବା ବିଚାର ବିଧାନର କୌଣସି ଗୌରବ ବଢ଼ାଇଲା ନାହିଁ । ଏହା ନିର୍ମମ ଅବିଚାର ।

ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କ 'କେଶରୀ' ସମ୍ବାଦପତ୍ର ଲେଖିଲେ, ''ବନ୍ଦେ ମାତରମ୍ ମାମଲାର ଫଳ ଟେଲିଗ୍ରାଫ୍ ଯୋଗେ ଆସି ପହଞ୍ଚିଛି । ସମ୍ବାଦକ ରୂପେ ଅଭିଯୁକ୍ତ ବାବୁ ଅରବିନ୍ଦ ଘୋଷ ମୁକ୍ତି ପାଇଛନ୍ତି ।... ତାଙ୍କ ଜ୍ଞାନ ଏବଂ ଦେଶପ୍ରେମ ଏଡ଼େ ବିଶାଳ ଯେ ତାଙ୍କ ମୁକ୍ତିରେ ଆମକୁ ବିଧାତାର ହାତହିଁ ଦେଖାଯାଉଛି ।''(୮)

'ବନ୍ଦେ ମାତରମ୍'ର ୧୯୦୭ ମସିହା ସେପ୍‌ଟେମ୍ବର ୭ ସଂଖ୍ୟାରେ ଶ୍ରୀଅରବିନ୍ଦଙ୍କ ଉପରେ ରବୀନ୍ଦ୍ର ନାଥଙ୍କ କବିତା ପ୍ରକାଶ ପାଇଥିଲା । ଶ୍ରୀଅରବିନ୍ଦ ସ୍ୱୟଂ ତଥା ରବୀନ୍ଦ୍ର ନାଥଙ୍କ ସମେତ ତାଙ୍କ ଶୁଭେଚ୍ଛୁମାନେ ଆଶା କରି ନଥିଲେ ଯେ ମାମଲା ଏଡ଼େ ତୁରନ୍ତ ତୁଟିଯିବ । ସେତେବେଳେ ଶ୍ରୀଅରବିନ୍ଦ ରାଜା ସୁବୋଧ ମଲ୍ଲିକଙ୍କ ବାସଭବନରେ ଅବସ୍ଥାନ କରୁଥା'ନ୍ତି । ରାଜାଙ୍କ ଭଗ୍ନୀପତି ଏବଂ ଶ୍ରୀଅରବିନ୍ଦଙ୍କ ବିଶ୍ୱସ୍ତ ବନ୍ଧୁ ତଥା ଶିଷ୍ୟ ଚାରୁଚନ୍ଦ୍ର ରାୟ (ଆଇ.ସି.ଏସ୍) ଲେଖିଛନ୍ତି :

''ଶ୍ରୀଅରବିନ୍ଦ ଅଭିଯୋଗରୁ ମୁକ୍ତ ହେବାର ଦିନେ ବା ଦୁଇଦିନ ପରର କଥା । ଦିନେ ଅପରାହ୍ଣରେ ଶ୍ରୀଅରବିନ୍ଦ, ତାଙ୍କ ବଡ଼ଭାଇ, ସୁବୋଧ, ନୀରଦ ଏବଂ ମୁଁ ଏକତ୍ର ଖୁବ୍ ହଟ୍ଟଗୋଳ କରୁଥିଲୁଁ । ଦରୁଆନ ଆସି ଖବର ଦେଲା ଯେ ରବିବାବୁ ଆସିଛନ୍ତି । ଆମେ ତତ୍‌କ୍ଷଣାତ୍ ବାହାର ମେଲାଘରକୁ ଆସିଗଲୁଁ । ରବୀନ୍ଦ୍ର ନାଥ ବାହୁ ଯୁଗଳ ବିସ୍ତାର କରି ଶ୍ରୀଅରବିନ୍ଦଙ୍କୁ ଆଲିଙ୍ଗନ କଲେ । କବିବରଙ୍କ ଆଖି ସଜଳ । ସେ ହସି ହସି କହିଲେ, 'ମହାଶୟ, ଆପଣ ତ ଆମକୁ ଠକି ଦେଲେ !' ମୋ ଗୁରୁ ମୃଦୁ ହସି ଉତ୍ତର ଦେଲେ, 'ଖୁବ୍ ବେଶୀ ଦିନ ପାଇଁ ନୁହେଁ !'

''କବିବର ବହୁସମୟ ଆମ ସହ ଗପସପରେ ବିତାଇଲେ । ମୁଁ ତାଙ୍କୁ କହିଲି, 'ଆମେ ଅରବିନ୍ଦଙ୍କୁ କାରାଗାରକୁ ଯିବାକୁ ଦେଲୁ ନାହିଁ । ଠିକ୍ ସମୟରେ ଆମେ ସବୁ ପ୍ରମାଣ ଭସ୍ମ କରି ଦେଇଥିଲୁ । କିନ୍ତୁ ଇଏତ ଆରମ୍ଭ ମାତ୍ର । ଆପଣଙ୍କ କବିତା ବୃଥା ଯିବ ନାହିଁ !''(୯)

(କ୍ରମଶଃ)

❑❑❑


## ତଥ୍ୟ ନିର୍ଦ୍ଦେଶିକା

୧. ଗିରିଜା ଶଙ୍କର ରାୟ ଚୌଧୁରୀ : ''ଶ୍ରୀଅରବିନ୍ଦ ଓ ବାଂଲାୟ ସ୍ୱଦେଶୀ ଯୁଗ'' (ବଙ୍ଗଳା) ନବଭାରତ ପବ୍ଲିଶର୍ସ କଲିକତା । (୧୯୫୬)

୨. ପ୍ରଭାତ କୁମାର ମୁଖୋପାଧ୍ୟାୟ : ''ରବୀନ୍ଦ୍ର ବର୍ଷପଞ୍ଜୀ'';

୩. ଏ ଘଟଣା ଇଂରାଜୀ ଓ ବଙ୍ଗଳାରେ ବହୁ ସଂଖ୍ୟକ ଜୀବନୀ ଓ ସମସାମୟିକ ଇତିହାସ ବହିମାନଙ୍କରେ ବିବୃତ । ଡଃ. କେ. ଆର. ଶ୍ରୀନିବାସ ଆୟେଙ୍ଗାରଙ୍କ Sri Aurobindo : A Biography and History ମଧ୍ୟ ଦ୍ରଷ୍ଟବ୍ୟ । ପ୍ରାମାଣ୍ୟ ଜୀବନୀ-ସଂଗ୍ରହ ''ସଂସଦ ବାଙ୍ଗାଲି ଚରିତାଭିଧାନ'' ଅନୁସାରେ ସୁଶୀଲ କୁମାର ସେନଗୁପ୍ତ (୧୮୯୨-୧୯୧୫) ତପୂରେ ଏକ ଗୋପନ ବିପ୍ଳବୀ ସଂସ୍ଥାରେ ଯୋଗ ଦେଲେ । ଆଲିପୁର ଷଡ୍‌ଯନ୍ତ୍ର ମାମଲାରେ ମଧ୍ୟ ତାଙ୍କୁ ଗିରଫ କରାଯାଇଥିଲା, କିନ୍ତୁ ତାଙ୍କୁ ଅଭିଯୁକ୍ତ କରିବା ନିମନ୍ତେ ତିଳେ ମଧ୍ୟ ପ୍ରମାଣ ସଂଗ୍ରହ ହୋଇ ନ ପାରନ୍ତେ ପ୍ରାଥମିକ ପର୍ଯ୍ୟାୟରେହିଁ ତାଙ୍କୁ ଛାଡ଼ି ଦିଆଯାଇଥିଲା । ୧୯୧୫ ମସିହା ମେ ଦୁଇ ତାରିଖ ଦିନ ଏକ ନୌକାରେ ସେ ଓ କେତେକ ବିପ୍ଳବୀ ତରୁଣ ଯାଉଥିବା ବେଳେ ପୁଲିସ ସହ ସେମାନଙ୍କର ଗୁଳି ବିନିମୟ ହେଲା । ସୁଶୀଲ କୁମାରଙ୍କ ମୃତ୍ୟୁ ଘଟିଲା ।

୪. ନୁରୁଲ୍ ହୋଦା : The Alipore Bomb Case; ୫. ତତ୍ରୈବ;

୬. ଲଣ୍ଡନସ୍ଥ 'Old India Office Library'ରୁ ଲେଖକଙ୍କ କର୍ତ୍ତୃକ ସଂଗୃହୀତ; ୭. ତତ୍ରୈବ; ୮. ତତ୍ରୈବ;

୯. ଚାରୁଚନ୍ଦ୍ର ଦତ୍ତ : ''ପୁରୋନୋ କଥା : ଉପସଂହାର'' (ବଙ୍ଗଳା)

ଯୋଗସମନ୍ୱୟ (୬୪)

# ପୂର୍ଣ୍ଣତାର ଉପାଦାନ

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଚତୁର୍ଥ ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଦଶମ ଅଧ୍ୟାୟ ''ପୂର୍ଣ୍ଣତାର ଉପାଦାନ'' (**The Synthesis of Yoga, Part-IV, The Yoga of Self-Perfecion, Chapter - X, The Elements of Perfection** ର ଅବଲମ୍ବନରେ ।]


## ପୂର୍ଣ୍ଣଚନ୍ଦ୍ର ମହାପାତ୍ର


"The very first necessity for spiritual perfection is a perfect equality."

(*The Synthesis of Yoga*, p. 698)

ଆଧ୍ୟାତ୍ମିକ ପରିପୂର୍ଣ୍ଣତାର ପ୍ରଥମ ଆବଶ୍ୟକତା ହେଲା ସମତାର ପୂର୍ଣ୍ଣତା । ଏଥିପାଇଁ ନିମ୍ନ ଅପରାପ୍ରକୃତିକୁ ଦିବ୍ୟ ପରାପ୍ରକୃତିରେ ରୂପାନ୍ତରିତ କରିବାକୁ ହେବ ।

ଏଣୁ ଆଧାରର ଶୁଦ୍ଧୀକରଣ ଓ ସ୍ୱାତନ୍ତ୍ର୍ୟ ଏହି ଦୁଇଟି ପରିପୂର୍ଣ୍ଣତାଲାଭର ଅପରିହାର୍ଯ୍ୟ ସର୍ତ୍ତ । ଶୁଦ୍ଧୀକରଣରୁ ମିଳେ ପୁରୁଷ ଓ ପ୍ରକୃତିର ମୁକ୍ତି । ମୁକ୍ତିରୁ ମିଳେ ପୂର୍ଣ୍ଣତା ଓ ସ୍ୱାତନ୍ତ୍ର୍ୟ । ପରମ ପୁରୁଷର ସାଧନାଲାଭ ଅଥବା ଅନ୍ୟଭାଷାରେ ଦିବ୍ୟସତ୍ତାର ନିମ୍ନପ୍ରକୃତି ସହ ଏକତ୍ୱ ଆଧ୍ୟାତ୍ମିକ ଆତ୍ମପରିପୂର୍ଣ୍ଣତାର ଯଥାର୍ଥ ଅର୍ଥ । 'ସପ୍ତ ଚତୁଷ୍ଟୟ' ପୁସ୍ତିକାରେ 'ସଂସିଦ୍ଧି ଚତୁଷ୍ଟୟ' ଅଧ୍ୟାୟରେ ଯାହା ପୂର୍ଣ୍ଣତା ଅର୍ଥରେ ବ୍ୟବହୃତ ସେ ସମ୍ପର୍କରେ ଶ୍ରୀଅରବିନ୍ଦ କହିଛନ୍ତି ଏହା ''ଶୁଦ୍ଧିମୁକ୍ତିଭୁକ୍ତିଃ ସିଦ୍ଧିରିତି ଯୋଗଚତୁଷ୍ଟୟମ୍'' । ଏହା ଯୋଗ ସିଦ୍ଧିର ଚାରିଟି ସ୍ତର ଯାହା ସିଦ୍ଧି ପାଇଁ ଲୋଡ଼ା ।

ଆମେ ପ୍ରାଣର ଶୁଦ୍ଧି, ଚିତ୍ତ ଶୁଦ୍ଧି, ମନ ଶୁଦ୍ଧି, ବୁଦ୍ଧି ଶୁଦ୍ଧି, ଶରୀର ଶୁଦ୍ଧି ସମ୍ପର୍କରେ ପୁରୁଷର ମୁକ୍ତି ଅର୍ଥାତ୍ କାମ ଓ ଅହଂକାରରୁ ମୁକ୍ତି ଏବଂ ପ୍ରକୃତିର ମୁକ୍ତି ଅର୍ଥାତ୍ ତ୍ରିଗୁଣ (ସତ୍ତ୍ୱ, ରଜଃ, ତମଃରୁ ମୁକ୍ତି) ଓ ଦ୍ୱନ୍ଦ୍ୱରୁ ମୁକ୍ତି ସମ୍ପର୍କରେ ପୂର୍ବେ ଆଲୋଚନା କରିଛୁ । ଏବେ ପ୍ରକୃତ ପୂର୍ଣ୍ଣତା କ'ଣ ଆଲୋଚନା କରିବା । ପୂର୍ଣ୍ଣତାହିଁ ପୂର୍ଣ୍ଣପ୍ରେମ ଓ ଆଲୋକ ଯାହା ସମ୍ପୂର୍ଣ୍ଣ ତ୍ରୁଟିହୀନତା ।

"Wrong could not come where
all was light and love."

(*Savitri*, p. 314)

ସେହି ତ୍ରୁଟିହୀନତା ପରିପୂର୍ଣ୍ଣ ହୁଏ ପରମଙ୍କ ସ୍ପର୍ଶରେ । କିନ୍ତୁ ସେଇ ଅତିମାନସିକ ସ୍ପର୍ଶ ଯାହା ସଂସାରକୁ ପରିପୂର୍ଣ୍ଣ କରେ ତାହା ଶୂନ୍ୟ ବା ନିର୍ବାଣରେ ଉପନୀତ କରାଏ ନାହିଁ ।

"Heaven's touch fulfils but cancels not our earth :"

(*Savitri*, p. 719)

ପରିପୂର୍ଣ୍ଣତା ପୂର୍ଣ୍ଣଯୋଗୀର ଯେପରି ଆଦର୍ଶ, ସେହିପରି ଅନ୍ୟ ଯୋଗରେ ଭିନ୍ନ ଭିନ୍ନ ଦୃଷ୍ଟିରୁ ପୂର୍ଣ୍ଣତାକୁ ବୁଝାଯାଏ । ମାୟାବାଦୀ ପାଇଁ ପୁରୁଷ ଶୁଦ୍ଧ ସନ୍ମାତ୍ର, ନିର୍ଗୁଣ, ନିଷ୍କ୍ରିୟ, ବିଶ୍ୱାତୀତ, ଆବେଗଶୂନ୍ୟ, ନୈର୍ବ୍ୟକ୍ତିକ, ନିର୍ବିଶେଷ । ତା' ପାଇଁ ଏଇ ସାଧର୍ମ୍ୟଲାଭ ପୂର୍ଣ୍ଣସିଦ୍ଧି । ଏହା ହେଲା ବିଶ୍ୱାତୀତ ମଧ୍ୟରେ ନିମଜ୍ଜିତ ହେବା । ଦିବ୍ୟସତ୍ତା ବିଷୟରେ ବ୍ୟକ୍ତିର କଳ୍ପନା ଅନୁରୂପ ତା'ର ସିଦ୍ଧି ବା ପୂର୍ଣ୍ଣତା । ଏହି ପୂର୍ଣ୍ଣତାରେ ବିଶ୍ୱସତ୍ତା ଓ ବ୍ୟକ୍ତିସତ୍ତାକୁ ବର୍ଜନ କରାଯାଏ ଏବଂ ନିଶ୍ଚଳ ଓ ଆତ୍ମଜ୍ଞାନ ମଧ୍ୟରେ ବିଶ୍ରାନ୍ତିଲାଭ କରିବାକୁ ହୁଏ, ଯାହା ପୂର୍ଣ୍ଣଯୋଗର ପୂର୍ଣ୍ଣତା ନୁହେଁ ।

ବୌଦ୍ଧଧର୍ମୀ ଉଚ୍ଚତମ ସତ୍ୟ କହିଲେ ବା ପରମାର୍ଥ କହିଲେ କୌଣସି ପୁରୁଷକୁ ସଙ୍କେତ ଦିଏ ନାହିଁ । ସେ ସତ୍ତାକୁ ଅସ୍ୱୀକାର କରେ ଅର୍ଥାତ୍ ଆତ୍ମା ବୋଲି ତା' ପାଇଁ କିଛି ହେଲେ ବିଷୟ ନାହିଁ । ତା'ର ଲକ୍ଷ୍ୟ ଶୂନ୍ୟତା, ଅହଂତ୍ୱର ପରିନିର୍ବାଣ । ସତ୍ତାର କ୍ଷଣଭଙ୍ଗୁରତା ଓ ଦୁଃଖମୟତା ତଥା କାମନାର ବିନାଶକାରୀ ନିଃସାରତା ଓ ଅହଂକୈନ୍ଦ୍ରିକ କର୍ମଶୃଙ୍ଖଳତାର ବିଲୟ ତା' ପାଇଁ ପୂର୍ଣ୍ଣ ପରିପୂର୍ଣ୍ଣତାର ମାର୍ଗ । ଏମାନେ ନାମ-ରୂପର ପଥଚାରୀ ନୁହନ୍ତି । ଭକ୍ତିଯୋଗ ଭଳି ଅନ୍ୟ ଦର୍ଶନମାନଙ୍କରେ ଯିଏ ବି ନାମ-ରୂପକୁ ଅସ୍ୱୀକାର କରନ୍ତି ନାହିଁ, ତାଙ୍କର ଲକ୍ଷ୍ୟ ମଧ୍ୟ ଲୋକୋତ୍ତର ।

ସେମାନେ ହୋଇପାରନ୍ତି ଭକ୍ତି ଯୋଗର ସାଧକ । ନବଧାଭକ୍ତି ତାଙ୍କ ସାଧନାର ଧାରା । ସେମାନେ ତାଙ୍କ ପ୍ରେମିକ (ଈଶ୍ୱର)ଙ୍କ ସହ ଯୁକ୍ତ ହୁଅନ୍ତି । ସାଦୃଶ୍ୟ ବା ସାଧର୍ମ୍ୟ ସିଦ୍ଧି ତାଙ୍କର ଲକ୍ଷ୍ୟ । ଏ ସବୁ ସାଧନା ଦ୍ୱାରା ଆମେ ଇହଜୀବନ, କର୍ମ ଓ ସଂସାରରୁ ମୁକ୍ତ ବା ବିଚ୍ଛିନ୍ନ ହୋଇପଡ଼ିବା । କାରଣ ତାଙ୍କ ପାଇଁ ତାଙ୍କ ଇଷ୍ଟ ସ୍ଥୂଳ ପାର୍ଥିବତାରୁ ଭିନ୍ନ । କଳ୍ପନାର ବୃନ୍ଦାବନ ସେମାନେ ଗଢ଼ନ୍ତି । ଲୀଳା ସେଇଠି ହୁଏ ।

ପୂର୍ଣ୍ଣଯୋଗୀ ପାଇଁ ଏହା ଗ୍ରହଣୀୟ ନୁହେଁ । ଏ ଯୋଗରେ ଲୋକୋତ୍ତର ଏବଂ ଲୌକିକ ବା ଇହଲୋକ ସବୁ ଗ୍ରହଣୀୟ । ମୁକ୍ତି ଏହାର ଅର୍ଦ୍ଧପଥ । ଲକ୍ଷ୍ୟ ଜୀବନ ଓ ପ୍ରକୃତିର ପୂର୍ଣ୍ଣରୂପାନ୍ତର । ଏଥିରେ ଆନ୍ତରଜୀବନ ଓ ବାହ୍ୟଜୀବନର ଭିନ୍ନତା ନାହିଁ । ଏଠି ସବୁ ଏକ । ଏଥିରେ ଆତ୍ମା ଓ ପ୍ରକୃତି ଗୋଟିଏ ସତ୍ତାର ଦୁଇଟି ପାର୍ଶ୍ୱ, କେହି ଭିନ୍ନ ନୁହନ୍ତି । ଏଠାରେ ବହୁତ୍ୱ ବା ବୈଚିତ୍ର୍ୟ ମଧ୍ୟରେ ଏକତ୍ୱ (Unity in diversity) ଅନୁଭୂତ ହୁଏ ।

ଏହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ଛଅଟି ଉପାଦାନ ଗ୍ରହଣୀୟ, ଏହା ସାଧନାର ଷଡ଼ ଅଙ୍ଗ । ପ୍ରଥମଟି ହେଉଛି ସମତା (equality) । ଗୀତା କହିଲେ ''ସମତ୍ୱଂ ଯୋଗ ଉଚ୍ୟତେ'' । ସମତାହିଁ ଯୋଗ । ଏହା ବି ଆମ ଯୋଗର ଭିତ୍ତି ।

ଜୀବନରେ ସୁଖ-ଦୁଃଖ, ଭଲ-ମନ୍ଦ, ଆନନ୍ଦ-ନିରାନନ୍ଦ, ସୁବିଧା-ଅସୁବିଧା, ସୁଖକର-ଦୁଃଖଦାୟକ, ରୁଚିକର-ଅରୁଚିକର ପରିବେଶ ଓ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼େ । କିଛି ଆମର ଗ୍ରହଣୀୟ ଆଉକିଛି ଆଦୌ ଗ୍ରହଣୀୟ ନୁହେଁ । ଏଣୁ ଜୀବନ ଦ୍ୱନ୍ଦ୍ୱମୟ । ଏହା ମଧ୍ୟରେ ସମନ୍ୱୟ ଆଣିବା ଏତେ ସହଜ ନୁହେଁ । ଏଇ ସମନ୍ୱୟ ଆଣିବା ସମତ୍ୱର (equality) ବିଷୟ । ଏହା ଗୀତା ଯୋଗର ଶେଷକଥା । ମାତ୍ର ଏହା ପୂର୍ଣ୍ଣଯୋଗର ଭିତ୍ତି ବା ମୂଳଦୁଆ । ''ନିର୍ଦ୍ଦୋଷ ହି ସମଂ ବ୍ରହ୍ମ'' । ସମତ୍ୱ ବ୍ରହ୍ମର ସ୍ୱଭାବ ।

ସମତା ହେଉଛି ଶାନ୍ତିର ଆଧାର । ପ୍ରିୟ-ଅପ୍ରିୟ, ସୌଭାଗ୍ୟ-ଦୁର୍ଭାଗ୍ୟ, ସୁଖ-ଦୁଃଖ, ଯଶଃ-ଅପଯଶଃ, ପ୍ରଶଂସା-ନିନ୍ଦା, ମିତ୍ରତା-ଶତ୍ରୁତା, ପାପ-ପୁଣ୍ୟ ଆଦି ମନସ୍ତାତ୍ତ୍ୱିକ ଅବସ୍ଥା ଅଥବା ଶରୀର ସମ୍ବନ୍ଧୀୟ ଉଷ୍ଣତା-ଶୈତ୍ୟ – ଏଇସବୁ ଆସିଲେ ତାକୁ ଅବିଚଳିତ ଓ ଶାନ୍ତ ମନରେ ସମଭାବେ ସ୍ୱୀକାର କରିବାର ସାମର୍ଥ୍ୟ ହେଲା ସମତା ।

ଏହି ସମତା ସମ୍ପର୍କରେ ଶ୍ରୀଅରବିନ୍ଦ 'ସପ୍ତଚତୁଷ୍ଟୟ' ପୁସ୍ତିକାରେ 'ଶାନ୍ତି ଚତୁଷ୍ଟୟ' ଅଧ୍ୟାୟରେ କୁହନ୍ତି – ''ସମତା ଶାନ୍ତିଃ ସୁଖଂ ହାସ୍ୟମିତି ଶାନ୍ତିଚତୁଷ୍ଟୟମ୍'' । ସାମ୍ୟଭାବ, ଶାନ୍ତି, ସୁଖ ଓ ଆତ୍ମପ୍ରସାଦହିଁ ଶାନ୍ତିଚତୁଷ୍ଟୟ ।

ସମତା ଦ୍ୱିବିଧ । ନିଷ୍କ୍ରିୟ ସମତା ଓ ସକ୍ରିୟ ସମତା । ନିଷ୍କ୍ରିୟ ସମତା କ'ଣ ? ''ତିତିକ୍ଷୋଦାସୀନତା ନତିରତି ସମତା ।'' ଏହାର ଅର୍ଥ ତିତିକ୍ଷା, ଉଦାସୀନତା ଓ ନତି ହେଲା ନିଷ୍କ୍ରିୟ ସମତା ।

ତିତିକ୍ଷା କ'ଣ ? ଦୃଢ଼ତାର ସହ ସକଳ ଅପ୍ରିୟ ବସ୍ତୁ ସଙ୍ଗେ ଅଭିଭୂତ ନହୋଇ ସହିଯିବା ଓ ପ୍ରିୟ ବସ୍ତୁ ପାଇଁ ଆନନ୍ଦ ବିହ୍ୱଳ ହୋଇ ନଯିବା । ''ଦୁଃଖେଷୁ ନୋଦ୍‌ବିଗ୍ନମନାଃ, ସୁଖେଷୁ ବିଗତସ୍ପୃହଃ'' (ଗୀତା) । କିନ୍ତୁ ଆମେ ସାଧାରଣ ପରିସ୍ଥିତିରେ ଦୁଃଖରେ ଭାଙ୍ଗିପଡ଼ୁ । ସୁଖରେ ନାଚିଉଠୁ । ଯେ ତିତିକ୍ଷାରେ ସିଦ୍ଧ, ସେ ଏଥିର ବ୍ୟତିକ୍ରମ । ସେ ସବୁ ପରିସ୍ଥିତିକୁ ଏକାଭଳି ସହିଯାଏ ।

ଉଦାସୀନତା କ'ଣ ? ପରସ୍ପର ବିରୋଧୀ ଭାବ ଯଥା – ସୁଖ-ଦୁଃଖାଦିରେ ନିରପେକ୍ଷ ଭାବ ବହନ କରିବା । ଆକ୍ଷରିକ ଅର୍ଥରେ ଉତ୍-ଆସୀନ । ଏ ସବୁ ଭାବ ଯେପରି ସ୍ପର୍ଶ କରି ନପାରିବ ସେପରି ଉଚ୍ଚ ଚେତନାରେ ବାସ କରିବା, କାରଣ ଏସବୁ ଦ୍ୱନ୍ଦ୍ୱ ଦେହ, ପ୍ରାଣ, ମନକୁ ସିନା ସ୍ପର୍ଶ କରିବ, ଆତ୍ମାକୁ ତ କେବେ ସ୍ପର୍ଶ କରିପାରିବ ନାହିଁ । ଏଣୁ ଆତ୍ମାରେ ନିବାସ କରୁଥିବା ଯୋଗୀ ନିକଟରେ ଏସବୁ ପ୍ରବେଶ କରିବାକୁ ସମର୍ଥ ହେବେ ନାହିଁ ।

ବାକି ରହିଲା ନତି । ଯିଏ ସୁଖ, ଦୁଃଖାଦିର ସ୍ପର୍ଶକୁ ଈଶ୍ୱରଙ୍କ ଇଚ୍ଛା ଧରିନେଇଛି ବା ନିଶ୍ଚିତ ରୂପେ ଜାଣି ତାକୁ ସମର୍ପିତ ଭାବେ ଆନନ୍ଦରେ ଗ୍ରହଣ କରେ ତା' ପକ୍ଷରେ ଏସବୁ ଦ୍ୱନ୍ଦ୍ୱର ପ୍ରଭାବ ନିରର୍ଥକ । କାରଣ ଜୀବନରେ ଈଶ୍ୱରଙ୍କ ଲୀଳାର ଆନନ୍ଦହିଁ ଅନୁଭୂତ ହୁଏ ।

ସକ୍ରିୟ ସମତା କ'ଣ ? ''ରସଃ ପ୍ରୀତିରାନନ୍ଦ ଇତି ସର୍ବାନନ୍ଦଃ'' । ରସ କ'ଣ ? ''ରସ୍ୟତେ ଇତି ରସଃ'' । ଲୀଳାମୟ ଈଶ୍ୱର ବିଭିନ୍ନ ବିଷୟକୁ ସମଭାବେ ଆସ୍ୱାଦନ କରିଥା'ନ୍ତି । ଏହା ବାଦ୍ ପଦାର୍ଥ ରସ – ମିଠା, ଲୁଣି, ରାଗ, ତିକ୍ତ, ଖଟା, କଷା ଆଦି (ମଧୁରଃ, ଲବଣଃ, କଟୁଃ, ତିକ୍ତଃ, ଅମ୍ଳଃ, କଷାୟଃ) ପୁନଶ୍ଚ ନବ କାବ୍ୟରସ – ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ, ହାସ୍ୟ, ଭୟାନକ, ବୀଭତ୍ସ, ରୌଦ୍ର ଓ ଶାନ୍ତ । ଭଗବାନ୍ ସ୍ୱୟଂ ରସଗ୍ରାହୀ, ସ୍ୱୟଂ ରସ ମଧ୍ୟ । ''ରସୋ ବୈ

ସଃ'' (ତୈତ୍ତିରୀୟୋପନିଷଦ୍) । ଏହି ରସ ଲାଭରେ ବ୍ରହ୍ମାନନ୍ଦ ଉପଲବ୍ଧି ହୁଏ – ''ରସଂ ହ୍ୟେବାୟଂ ଲବ୍ଧ୍ୱାନନ୍ଦୀଭବତି'' (ତୈତ୍ତିରୀୟ ଉପନିଷଦ୍) । ଭଗବାନ୍ ଯେପରି ନିରପେକ୍ଷ ଭାବେ ସବୁ ବସ୍ତୁରୁ ରସ ଗ୍ରହଣ କରନ୍ତି ଏକ ଆନନ୍ଦରେ, ସାଧକ ସେହିପରି ରସ ଗ୍ରହଣ କରିବ ।

ପ୍ରୀତି କ'ଣ ? ପ୍ରିୟ-ଅପ୍ରିୟ, ମଧୁର-କଟୁ ପ୍ରଭୃତି ସ୍ୱାଦ (ରସ) ଏସବୁରେ ମନର ଆନନ୍ଦହିଁ ପ୍ରୀତି । ଏହି ଆନନ୍ଦ ଲାଭ ହେଲେ ଦୁଃଖ, ନିରାନନ୍ଦ, ପରାଜୟ ଆଦି ସମସ୍ତ ଦ୍ୱନ୍ଦ୍ୱ ସମ୍ପୂର୍ଣ୍ଣ ଲୋପ ହୋଇଯାଏ ।

ସମତ୍ୱର ସିଦ୍ଧି ଘଟିଲେ ଶାନ୍ତି ସମ୍ପୂର୍ଣ୍ଣ ହୁଏ । ତଥାପି ଯଦି ମନରେ ସାମାନ୍ୟ ଆନ୍ଦୋଳନ ବା ବିକ୍ଷୋଭ ଜାତ ହୁଏ ତେବେ ସମତାରେ କୌଣସି ତ୍ରୁଟି ରହିଯାଇଛି ଏହା ସୁନିଶ୍ଚିତ । ବ୍ୟକ୍ତିର ବୁଦ୍ଧି, ମନ, ହୃଦୟ, ପ୍ରାଣ ଓ ଶରୀର ଏସବୁରେ ସମତା ପ୍ରତିଷ୍ଠିତ ହେବା ଉଚିତ ।

ଶାନ୍ତିର ଯଥାର୍ଥ ସ୍ୱରୂପ ପୂର୍ଣ୍ଣଯୋଗରେ କିପରି ଉପଲବ୍ଧି ହୁଏ ଏପରି ପ୍ରଶ୍ନ ଆମ ମନରେ ଆସିପାରେ । ଉଦାସୀନତାକୁ ଆଶ୍ରୟ କରି, ସମର୍ପଣକୁ ଆଧାର କରି ଶାନ୍ତିର ପ୍ରତିଷ୍ଠା ଆମ ଯୋଗ ପାଇଁ ଆବଶ୍ୟକ କି ? ପ୍ରଥମ ପ୍ରକାର ସମତା ଶାନ୍ତିକୁ ନିଷ୍କ୍ରିୟ ପ୍ରକୃତି ସହ ଯୁକ୍ତ କରେ । ଏଣୁ ସମର୍ପଣକୁ ଆଧାର କରି ସମତାର ପ୍ରତିଷ୍ଠା ପୂର୍ଣ୍ଣଯୋଗର ବିଷୟ ।

ତେବେ ପ୍ରଶ୍ନ ଉଠେ ସୁଖ କ'ଣ ? ଦୁଃଖ ଓ ବିଷାଦରୁ ସମ୍ପୂର୍ଣ୍ଣ ମୁକ୍ତି ହେଲା ସୁଖ । ଶାନ୍ତି ସମ୍ପୂର୍ଣ୍ଣ ହେଲେ, ସମତାର ଭିତ୍ତିରେ ଏପରି ଶାନ୍ତି ପରିପୂର୍ଣ୍ଣ ରୂପେ ଅନୁଭବ ହେଲେ ସୁଖ ଅନୁଭବ ହୁଏ । ପୂର୍ଣ୍ଣଯୋଗୀ ସର୍ବଦା ଅନ୍ତରରେ ଆଲୋକ, ସ୍ଥିରତା ଅନୁଭବ କରେ । ଏହାର ବିପରୀତ ଭାବ ବା ଅନୁଭୂତିରୁ ସେ ଊର୍ଦ୍ଧ୍ୱରେ ।

ଯୋଗୀ ପାଇଁ କ'ଣ ଉଚ୍ଚହାସ୍ୟ କରିବା ହାସ୍ୟର ବିଷୟ । ମା' 'Smile' ବା ସ୍ମିତହାସ୍ୟ କଥା ଉପରେ ଗୁରୁତ୍ୱ ଦିଅନ୍ତି । ଏହା ସୁଖର ସକ୍ରିୟ ଦିଗ । ଏହା ଏପରି ସକ୍ରିୟ ଆନ୍ତରିକ ଆନନ୍ଦ ଓ ପ୍ରଫୁଲ୍ଲ ଅବସ୍ଥା ଯାହା କୌଣସି ମାନସିକ, ପ୍ରାଣିକ, ଶାରୀରିକ ବିରୋଧୀ ଅନୁଭୂତି ଦ୍ୱାରା କବଳିତ ବା ବିଚଳିତ ନୁହେଁ । ହାସ୍ୟର ପୂର୍ଣ୍ଣତା ହେଲା ସମତା ସିଦ୍ଧିରେ ଭଗବାନଙ୍କର ମୁଦ୍ରାଙ୍କିତ ଚିହ୍ନ । ଉଦାହରଣସ୍ୱରୂପ ଭଗବାନ୍ ଶ୍ରୀକୃଷ୍ଣଙ୍କ ସ୍ମିତହାସ୍ୟର ଛବି । ସିଦ୍ଧିର ପ୍ରଥମ ଅଙ୍ଗ **ସମତା** ହେଲେ ଦ୍ୱିତୀୟ ଅଙ୍ଗ **ଶକ୍ତି** । ମାନବର ପ୍ରକୃତିକୁ ଦୈବୀ ପ୍ରକୃତି ବା ଭାଗବତୀ ଶକ୍ତିରେ ଆମକୁ ରୂପାନ୍ତରିତ କରିବାକୁ ହେବ । ସମତା ଦିବ୍ୟପୁରୁଷର ସ୍ୱଭାବ ହେଲେ ଶକ୍ତି ଦିବ୍ୟପ୍ରକୃତିର ସ୍ୱଭାବ । ଉଭୟ ଅବିନାଭୂତ । ଶକ୍ତି ସେତେବେଳେ ପ୍ରତିଷ୍ଠିତ, ଯେତେବେଳେ ସମତ୍ୱ ପ୍ରତିଷ୍ଠିତ ହୁଏ । ଶକ୍ତିର **ଚାରିଗୋଟି ଉପାଙ୍ଗ** । ପ୍ରଥମଟି କରଣ, ଯନ୍ତ୍ର (instrument)ର ସାମର୍ଥ୍ୟ । ଏହା ହେଲା **ବୁଦ୍ଧି**, **ହୃଦୟ**, **ପ୍ରାଣ** ଆଉ **ଦେହ** । ଏମାନଙ୍କୁ(repression) କୃଚ୍ଛ୍ର ସାଧନା ଦ୍ୱାରା ଅନ୍ୟ ଯୋଗମାନେ ନିଗ୍ରହ କରିପାରନ୍ତି ମାତ୍ର ପୂର୍ଣ୍ଣଯୋଗର ପଦ୍ଧତି **ସଂଯମ** (control) ଓ **ଊର୍ଦ୍ଧ୍ୱଶକ୍ତି**ର ପ୍ରଭାବ ଓ ପ୍ରୟୋଗରେ ଏହାର ରୂପାନ୍ତର (transformation) । ଦ୍ୱିତୀୟ ଉପାଙ୍ଗ ହେଲା **ବୀର୍ଯ୍ୟ** । ଏହା ପୁରୁଷର ସ୍ୱଭାବ । ଏହା ବୃହତ୍ ଚେତନାର ଆବେଶରୁ ସୃଷ୍ଟ ଇଚ୍ଛାର ଅକୁଣ୍ଠ ସାମର୍ଥ୍ୟ । ତୃତୀୟ ଉପାଙ୍ଗ **ସମର୍ପଣ** । ଏଠାରେ ମନୋଭାବ ହେବ ସାଧନା ମୁଁ କରୁ ନାହିଁ, ଭଗବତୀ ସ୍ୱୟଂ କରୁଛନ୍ତି । ଏଥିପାଇଁ ସାଧନାର ସବୁକ୍ଷେତ୍ରରେ ଆସ୍ପୃହା ଓ ଗଭୀର ବିଶ୍ୱାସ ତଥା ଶ୍ରଦ୍ଧା ଆବଶ୍ୟକ । ଶ୍ରଦ୍ଧା ଓ ବିଶ୍ୱାସହିଁ ସଞ୍ଚାଳିତ ଶକ୍ତି । ଆମକୁ ପରମଙ୍କ ସମର୍ପିତ ସେବକ ଓ ଯନ୍ତ୍ର ହୋଇ ତାଙ୍କରି ପରିଚାଳନା (guidance)ରେ ଚାଲିବାକୁ ହେବ । ଚତୁର୍ଥ ଉପାଙ୍ଗ ହେଲା **ଆସ୍ତିକ ବୁଦ୍ଧି** । ସେଇ ପରମେଶ୍ୱର ଓ ତାଙ୍କ ଶକ୍ତି ସମ୍ପର୍କରେ ନିଶ୍ଚିତ ପ୍ରତ୍ୟୟ ମୁଖ୍ୟ କଥା । ଏହା ହୃଦୟରେ ଉଚ୍ଚତମ ଅତିମାନସ ଚେତନାର ଅରୁଣୋଦୟ । ସାଧନା ଓ ସିଦ୍ଧି ସମ୍ପର୍କରେ ସାଧକର ଦୃଢ଼ନିଶ୍ଚିତତା । ଆଲୋଚିତ ଏହି ଚାରିଗୋଟି କଥା The Synthesis of Yogaରେ କୁହାଯାଇଛି – "These four things are the essentials of this second element of perfection, the full powers of the members of the instrumental nature, the perfected dynamis of the soul nature, the assumption of them into the action of the divine Power, and a perfect faith in all our members to call and support that assumption, ´sakti, virya, daivi prakrti, sraddha." (*The Synthesis of Yoga*, p. 693 - 694)

ପୁନଶ୍ଚ ଆମ ସାଧାରଣ ପ୍ରକୃତିର ଊର୍ଦ୍ଧ୍ୱଭୂମିରେ ଯଦି ବିକାଶ ଘଟେ ତେବେ ଆମେ ଅନୁଭବ କରିବା ତା'ର ଏକ ଝଲକ, ଏକ ପ୍ରତିବିମ୍ବ ଓ ସୀମିତ ପ୍ରତିରୂପ । ସେହି ପ୍ରତିରୂପଟି

କେବଳ ଆମ ମନ, ପ୍ରାଣ ଓ ଦେହସ୍ଥ ଆତ୍ମାଟିର ନିମ୍ନତର ରୂପଗୁଡ଼ିକରେ ପରିଣତ ହୋଇଯାଇ ପାରୁଥିବ । ମାତ୍ର ବିଜ୍ଞାନ (ଅତିମାନସ) ଓ ତାହାର ଶକ୍ତିର ଉଚ୍ଚତମ ଅବସ୍ଥାଗୁଡ଼ିକର ରୂପରେ ଆମକୁ ଯେଉଁ ଦିବ୍ୟପୂର୍ଣ୍ଣତା ପ୍ରାପ୍ତ ହୋଇପାରନ୍ତା, ଆମେ ତା'ର ଅଧିକାରୀ ହୋଇପାରିବା ନାହିଁ । ଏଣୁ ପୂର୍ଣ୍ଣତାର ପରବର୍ତ୍ତୀ ପର୍ଯ୍ୟାୟ ମନର ଅତିମାନସରେ ବିବର୍ତ୍ତନ ବା ଉନ୍ନୟନ । The Synthesis of Yoga କହିଲେ ''...therefore the next step of perfection will be the evolution of the mental into the gnostic being.''

(*The Synthesis of Yoga*, p. 694)

କାରଣ ମନ ଗୁଣାଧୀନ । ମାନସୀ ସିଦ୍ଧି ମଧ୍ୟରେ ଜୁଆର ଭଟ୍ଟାର ସମ୍ଭାବନା ଅଛି । ଏଣୁ ପ୍ରକୃତିର ଅତିମାନସିକ ରୂପାନ୍ତର ଆବଶ୍ୟକ । ତା' ନହେଲେ ଚେତନା ସମ୍ପୂର୍ଣ୍ଣ ଊର୍ଦ୍ଧ୍ୱସ୍ରୋତା କିପରି ହେବ ? ମାନସୀ ପ୍ରକୃତିର ପରମା ବା ପରାପ୍ରକୃତିରେ ରୂପାନ୍ତର କିପରି ଘଟିବ ? ମନର ଉପରେ ଅଛି ଅତିମାନସ ବିଜ୍ଞାନ । ରୂପାନ୍ତର ସିଦ୍ଧି ଘଟିବ ତା'ରି ଆବେଗରେ । ଥରେ ବିଜ୍ଞାନକୁ ଆବାହନ କରି ଆଣି ତାକୁ କାର୍ଯ୍ୟକାରୀ କରିପାରିଲେ ତାହା ବୁଦ୍ଧି, ଇଚ୍ଛାଶକ୍ତି, ଇନ୍ଦ୍ରିୟ, ମନ, ହୃଦୟ ତଥା ପ୍ରାଣିକ ସମ୍ବେଦନାତ୍ମକ ସତ୍ତାସବୁକୁ ସ୍ୱତଃ ଗ୍ରହଣ କରିନେବ ଏବଂ ଜ୍ୟୋତିର୍ମୟ ତଥା ସୌଷମ୍ୟବିଧାୟକ ରୂପାନ୍ତର କରାଇନେବ । ଏହାଫଳରେ ଦିବ୍ୟ-ଅସ୍ତିତ୍ୱର ସତ୍ୟ, ଶକ୍ତିମତ୍ତା ଓ ଆନନ୍ଦ ପ୍ରତିଷ୍ଠିତ ହେବ । ସେହି ଜ୍ୟୋତିଃ ଆମର ସକଳ ସତ୍ତାକୁ ନିଜ ପ୍ରଭାବରେ ପ୍ରଭାବିତ ଓ ଜ୍ୟୋତିର୍ମୟ କରିଦେବ । ଏପରିକି ଆମ ସକଳ ବୁଦ୍ଧିଗତ, ଇଚ୍ଛାଗତ, ଗତ୍ୟାତ୍ମକ, ନୈତିକ, ସମ୍ବେଦନାତ୍ମକ, ପ୍ରାଣିକ, ସୌନ୍ଦର୍ଯ୍ୟଗ୍ରାହୀ ଦେହସତ୍ତା ସେହି ଆଲୋକ ଓ ଶକ୍ତିରେ ଉତ୍ତୋଳିତ ହୋଇଯିବେ । ଆଧ୍ୟାତ୍ମିକ ପ୍ରକୃତିର ଏହି ବିଜ୍ଞାନମୟ ସିଦ୍ଧିକୁ ଶରୀରରେହିଁ ଏଇ ସଂସାର ଜୀବନରେ ଉପଲବ୍ଧି କରିହେବ । ଏହି ବିଜ୍ଞାନ-ଚେତନାର କ୍ରିୟା ନିମ୍ନରୁ ଊର୍ଦ୍ଧ୍ୱକୁ ନୁହେଁ; ଊର୍ଦ୍ଧ୍ୱରୁ ନିମ୍ନଯାଏ ଅବଚେତନା, ନିଶ୍ଚେତନା ଯାଏ ଚାଲିବ । ବିଜ୍ଞାନହିଁ ଅଧ୍ୟାତ୍ମଜ୍ଞାନର ପୂର୍ଣ୍ଣତାକୁ ବହନ କରିଆଣିବ ଏବଂ ତା'ରି ଭିତ୍ତିରେ ଦିବ୍ୟକର୍ମ ପ୍ରତିଷ୍ଠିତ ହେବ । ଏଠି ସବୁ କ୍ରିୟା ହେବ ପରମ ପୁରୁଷଙ୍କ ଆନନ୍ଦ-ସଂକଳ୍ପ । ଏହା ହେଲା ସିଦ୍ଧିର ତୃତୀୟ ଅଙ୍ଗ ।

ସିଦ୍ଧିର ଚତୁର୍ଥ ଅଙ୍ଗ ହେଲା କାୟାସିଦ୍ଧି । ମନୁଷ୍ୟର ଅନ୍ନମୟ ସ୍ଥୂଳ ଶରୀରର ପଛରେ ଅଛି ପ୍ରାଣମନୋମୟ ସୂକ୍ଷ୍ମଶରୀର । ତା' ପଛରେ ଅଛି ବିଜ୍ଞାନ-ଆନନ୍ଦମୟ କାରଣ ଶରୀର । ତା'ର ବୀର୍ଯ୍ୟକୁ ଉନ୍ମୀଳିତ କରି ଏଇ ଦେହକୁ ତାହା ଦ୍ୱାରା ଗଢ଼ିବା ହେଲା କାୟିକ ସିଦ୍ଧି । ହଠଯୋଗର ଚକ୍ରଭେଦରେ, ରାଜଯୋଗର ଭୂତ ଜୟରେ, ତନ୍ତ୍ରରେ ଭୂତ ଶୁଦ୍ଧିରେ ତା'ର ଇଙ୍ଗିତ ରହିଛି । ପୂର୍ଣ୍ଣଯୋଗୀ ପକ୍ଷରେ ଏସବୁ ସମ୍ଭବ ହେଲେ ବି ତା' ପାଇଁ ଏହା ଅପରିହାର୍ଯ୍ୟ ନୁହେଁ । ନିମ୍ନ ଶକ୍ତିର ଊର୍ଦ୍ଧ୍ୱାୟନ ନୁହେଁ, ଊର୍ଦ୍ଧ୍ୱ ଅତିମାନସ ବିଜ୍ଞାନ ଶକ୍ତିକୁ ନିମ୍ନକୁ ଅବତରଣ କରାଇ ତାକୁ ଏଠାରେ କାର୍ଯ୍ୟକାରୀ କରିବା ପୂର୍ଣ୍ଣଯୋଗର ସ୍ୱତନ୍ତ୍ରତା । ଏଣୁ ଏଠି କାୟାସିଦ୍ଧି ଘଟେ ବିଜ୍ଞାନ-ସିଦ୍ଧିର ପରିଣାମ ଭାବେ । ବିଜ୍ଞାନମୟ ପୁରୁଷ ଏଠାରେ ଅନ୍ନମୟ ପୁରୁଷ ଭୂମିରେ ନିଜକୁ ପ୍ରକଟିତ କରନ୍ତି ।

ସିଦ୍ଧିର ପଞ୍ଚମ ଅଙ୍ଗ ହେଲା ବିଜ୍ଞାନଘନ ପୁରୁଷର ଚିନ୍ମୟ **ଭୋଗୈଶ୍ୱର୍ଯ୍ୟ**ର ସିଦ୍ଧି । ପରମ ପୁରୁଷ ପ୍ରକୃତିର କେବଳ ଦ୍ରଷ୍ଟା ନୁହନ୍ତି ସେ ତା'ର ଭର୍ତ୍ତା, ଭୋକ୍ତା, ମହେଶ୍ୱର ମଧ୍ୟ । ବିଶ୍ୱରୂପା ପ୍ରକୃତି ତାଙ୍କ ଆନନ୍ଦର ବିଭା ଓ ଶକ୍ତିର ଉଲ୍ଲାସ । ଐଶ୍ୱର୍ଯ୍ୟ ଆତ୍ମରୂପାୟଣର ଅନନ୍ତ ବୈଚିତ୍ର୍ୟ । ତା'ର ଭୋଗ ସେଇ ବୈଚିତ୍ର୍ୟ ମଧ୍ୟରେ ଆପଣାର ଆନନ୍ଦସ୍ୱରୂପର ଆସ୍ୱାଦନ । ବିଜ୍ଞାନଘନ ପୁରୁଷ ଏଇଠି ତା'ର ସମଧର୍ମୀ । ଏଠାରେ ସାନ୍ତ ମଧ୍ୟରେ ଅନନ୍ତର କ୍ରମୋର୍ଦ୍ଧ୍ୱ ଉଲ୍ଲାସରେ ଉଚ୍ଛଳନ ଅନୁଭୂତ ହୁଏ ।

ଶେଷ ଅଙ୍ଗ ହେଲା ଆନନ୍ଦସିଦ୍ଧି । ସିଦ୍ଧି ବା ପୂର୍ଣ୍ଣତାପ୍ରାପ୍ତ ଆତ୍ମା ଏହି ବ୍ରାହ୍ମୀ ଚେତନା ମଧ୍ୟରେହିଁ ପୁରୁଷୋତ୍ତମ ସଚ୍ଚିଦାନନ୍ଦଙ୍କ ସହ ଏକତ୍ୱ ଲାଭ କରି ତାଙ୍କ ମଧ୍ୟରେ ଅବସ୍ଥାନ କରିବ । ସେ ସର୍ବମୟ ବ୍ରହ୍ମ ଅର୍ଥାତ୍ 'ସର୍ବଂ ବ୍ରହ୍ମ'ର ଚେତନାମୟ ଦିଗ ହୋଇ ରହିବ । ସତ୍ତା ତଥା ଗୁଣରେ, ଅନନ୍ତଂ ବ୍ରହ୍ମରେ ଚେତନାମୟ ହେବ; ଜ୍ଞାନରେ 'ଜ୍ଞାନଂ ବ୍ରହ୍ମ', ଆନନ୍ଦରୂପୀ ବ୍ରହ୍ମରେ 'ଆନନ୍ଦଂ ବ୍ରହ୍ମ' ଚେତନାମୟ ହୋଇରହିବ । 'ପୁରୁଷ ଏବ ଇଦଂ ସର୍ବମ୍' 'ସର୍ବଂ ଖଲ୍ୱିଦଂ ବ୍ରହ୍ମ' । ସେ ରୂପ ଏବଂ ଅରୂପ । 'ରୂପଂ ରୂପଂ ପ୍ରତିରୂପଂ ବଭୂବ' ଏବଂ ଲୋକାନ୍ତରରେ ନିର୍ନାମ, ନୀରୂପ । ଏଇ ଆନନ୍ଦରେ ପ୍ରତିଷ୍ଠା ଆଧ୍ୟାତ୍ମିକ ସିଦ୍ଧିର ଚରମ ଅବସ୍ଥା । ଏଠାରେ ଆତ୍ମା **ପରମତତ୍**ଙ୍କ ସହ ଏକ । ଏହା ଆତ୍ମ ପରିପୂର୍ଣ୍ଣତାର ସର୍ବୋଚ୍ଚ ଉପଲବ୍ଧି ।

❑❑❑

# ବିରୋଧାଭାସର ଭୂମିକା

## ମାଧବ ପଣ୍ଡିତ

ଜୀବନ ବିରୋଧାଭାସରେ ପରିପୂର୍ଣ୍ଣ । ପୂର୍ବକାଳର ଋଷିମାନେ କହିଛନ୍ତି ଯେ ବିଶ୍ୱର ସର୍ବମୂଳରେ ରହିଛି ଆନନ୍ଦ । ଏହି ଆନନ୍ଦ ହେଉଛି ବିଶ୍ୱର ଅନ୍ତର୍ନିହିତ ସତ୍ୟ ଓ ଲକ୍ଷ୍ୟ । ତଥାପି ପୃଥିବୀ ଏପରି ବସ୍ତୁସବୁରେ ପରିପୂର୍ଣ୍ଣ ଯାହାକି ଆନନ୍ଦର ଠିକ୍ ବିପରୀତ । ଏଠାରେ କେତେ କେତେ କଷ୍ଟଭୋଗ ଓ ବେଦନା ରହିଛି । ଆନନ୍ଦ ଏକ ବିରଳ ଦ୍ରବ୍ୟ ହୋଇ ରହିଛି ଏବଂ ଏପରିକି ଯେତେବେଳେ ଜଣେ ଏହି ଆନନ୍ଦକୁ ପ୍ରାପ୍ତ ହୁଏ ତାହା ପୁଣି ଏତେ କ୍ଷଣସ୍ଥାୟୀ, ଏତେ ଅନିଶ୍ଚିତ ହୋଇଥାଏ ଯେ ତାହା ମହାନ୍ ଶାସ୍ତ୍ରଗୁଡ଼ିକରେ ପ୍ରଶସ୍ତି ଲାଭ କରିଥିବା ପରମ ଆନନ୍ଦର ଆଦୌ ସମକକ୍ଷ ହୋଇପାରେ ନାହିଁ । ସେହିଭଳି, ମହାପୁରୁଷଗଣ କହିଥା'ନ୍ତି, ପ୍ରେମ ହେଉଛି ଭଗବାନଙ୍କର ସର୍ବଶ୍ରେଷ୍ଠ ପରିପ୍ରକାଶ । ସେମାନେ ଏଇ ପ୍ରେମକୁ ଆଚରଣ କରିବା ପାଇଁ ତଥା ଚତୁର୍ଦ୍ଦିଗରେ ତାକୁ ପ୍ରସାରିତ କରିବା ପାଇଁ ଆମକୁ ପ୍ରେରିତ କରିଥା'ନ୍ତି । ଆମକୁ କୁହାଯାଇଛି ଯେ ପରମପ୍ରେମ ହେଉଛି ପୂର୍ଣ୍ଣ-କର୍ତ୍ତୃତ୍ୱଶାଳୀ (all-consuming) ଏବଂ ଯେତେବେଳେ ତାହା ଆମ ଭିତରେ ରୂପ ନିଏ, ତାହା ଆମକୁ ଭଗବାନଙ୍କ ପାଖକୁ ଯେପରି ଉତ୍ତୋଳିତ କରିନିଏ, ଅନ୍ୟ କୌଣସି ବସ୍ତୁ ସେପରି କରିପାରେ ନାହିଁ । କିନ୍ତୁ ଜୀବନରେ ଆମେ ଯାହାକିଛି ଦେଖୁଛୁ, ପ୍ରେମ କେଉଁଠିରେ ନାହିଁ । ଜୀବନରେ ଏତେ କ୍ରୂରତା ଓ ପୀଡ଼ନ ଭରି ରହିଛି ଯେ ପ୍ରେମ ପ୍ରବେଶ କରିବା ପାଇଁ ବାଟ ପାଉ ନାହିଁ । ପୁଣି ଆମର ମାନବୀୟ ସମ୍ବନ୍ଧଗୁଡ଼ିକରେ ପ୍ରେମ ନାମରେ ଯାହା ପରିଚିତ ତାହା ଦିବ୍ୟପ୍ରେମର ଏକ ବିଦ୍ରୂପାତ୍ମକ ଅନୁକରଣ ମାତ୍ର । ଏହି ପ୍ରେମ ସାଧାରଣତଃ ପାରସ୍ପରିକ ସୁବିଧା ପାଇଁ ଦିଆନିଆର ଏକ ହିସାବୀ ବ୍ୟାପାର । ଏହା ସ୍ୱତଃସ୍ଫୂର୍ତ୍ତ ଓ ଯଥାର୍ଥ ଆତ୍ମଦାନ ନୁହେଁ ଯଦିଓ ସେପରି ହେବା ପାଇଁ ତାହା ଅଭିପ୍ରେତ । ପୁନଶ୍ଚ କେଉଁ ସ୍ମରଣାତୀତ କାଳରୁ ଅମରତ୍ୱର ଏକ ପ୍ରତ୍ୟାଶା ବା ପ୍ରତିଶ୍ରୁତି ରହିଆସିଛି । ଆଧ୍ୟାତ୍ମିକ, ଗୁହ୍ୟ, ରାସାୟନିକ ପ୍ରଭୃତି ବିବିଧ ଉପାୟ ଦ୍ୱାରା ଶରୀରରେ ଅମରତ୍ୱ ପ୍ରାପ୍ତି ପାଇଁ ଯୁଗଯୁଗ ଧରି ବହୁ ଚେଷ୍ଟା ହୋଇଆସୁଛି । କିନ୍ତୁ ମୃତ୍ୟୁ ସବୁବେଳେ ସର୍ବତ୍ର ରହିଛି, ଦିନରାତି ଏହା ଜୀବନଧାରୀମାନଙ୍କୁ ଆଘାତ କରୁଛି । ଏହି ବିରୋଧାଭାସକୁ ଆମେ କିପରି ବ୍ୟାଖ୍ୟା କରିବା ?

ଏହି ବିଷୟଗୁଡ଼ିକୁ ଦୃଷ୍ଟିଦେବାର ଏକ ଧାରା ରହିଛି ଯାହାଦ୍ୱାରା ସେଗୁଡ଼ିକ ଆପାତତଃ ଯେତିକି ମନ୍ଦ ବୋଲି ଜଣାପଡୁଛି ସେତିକି ମନ୍ଦ ମନେ ହେବେ ନାହିଁ । ଯାହାକିଛି ଉପଲବ୍ଧି କରିବାକୁ ଅଛି ତା'ର ବିରୋଧରେ ବିରୋଧୀଟିଏ ଛିଡ଼ା କରାଇବା ହେଉଛି ବିଶ୍ୱପ୍ରକୃତିର ମାର୍ଗ ଯାହାଫଳରେ ଉଦ୍ୟମଟି ଆହୁରି ଅଧିକ ଆନ୍ତରିକ, ପ୍ରଗାଢ଼ ଓ ଐକାନ୍ତିକ ହେବ । ପ୍ରତ୍ୟେକଟି ପ୍ରତିରୋଧ ବ୍ୟକ୍ତି ଭିତରେ ଏକ ଲୁକ୍‌କାୟିତ ଶକ୍ତି ଓ ସଂକଳ୍ପକୁ ଜାଗ୍ରତ୍ କରି ଆଣେ । ଏପରି ଏକ ପ୍ରତିବନ୍ଧକ ନ ରହିଲେ ଉଦ୍ୟମହୀନତାର ଏକ ସ୍ୱାଭାବିକ ପ୍ରବୃତ୍ତି ଜନ୍ମ ନିଏ ତଥା ବସ୍ତୁସକଳର ବିକାଶକୁ ଆପଣା ଗତିଧାରାରେ ଛାଡ଼ି ଦେବାର ପ୍ରବୃତ୍ତି ବି ସୃଷ୍ଟି ହୁଏ ।

ଦୁଃଖ ଅଛି ବୋଲି ମନୁଷ୍ୟ ଦୁଃଖର କାରଣ ଖୋଜି ତା'ର ନିରାକରଣ ପାଇଁ ଚେଷ୍ଟା କରେ ଯାହାଫଳରେ ସୁଖ ଓ ଆନନ୍ଦର ପଥ ଖୋଲା ଯାଇପାରିବ । ଦୁଃଖ ଯେତେ ଅଧିକ ହୁଏ, ତା'ର ଅତିକ୍ରମଣ ଓ ମୂଳୋତ୍ପାଟନ ପାଇଁ ମାନବାତ୍ମାର ପ୍ରୟାସ ସେତେ ଦୃଢ଼ୀଭୂତ ହୋଇଥାଏ । ପ୍ରେମ କ୍ଷେତ୍ରରେ ବି ଏଭଳି ଘଟିଥାଏ । ଯେତେବେଳେ ପ୍ରେମର ସ୍ପନ୍ଦନକୁ ସ୍ୱୀକାର କରିବାକୁ ଅସମ୍ମତି ଦେଖାଦିଏ ସେତେବେଳେହିଁ ପ୍ରେମର ଶକ୍ତିକୁ ତୀବ୍ର କରିବା ପାଇଁ ସଂକଳ୍ପଶକ୍ତିକୁ ଦୃଢ଼ୀଭୂତ କରାଯାଏ । ପ୍ରେମର ପ୍ରତ୍ୟାଖ୍ୟାନ ଓ ନିଷ୍ଠୁରତା ପ୍ରକୃତ ପ୍ରେମର ଅଭ୍ୟୁଦୟ ପାଇଁ ଆସ୍ପୃହାକୁ ତୀବ୍ର କରିବାରେ ସାହାଯ୍ୟ କରିପାରେ । ମିଥ୍ୟାପ୍ରେମ ବିରକ୍ତି ସୃଷ୍ଟି କରେ ଏବଂ ସମ୍ବେଦନଶୀଳ ବ୍ୟକ୍ତିମାନଙ୍କୁ ବିଶୁଦ୍ଧ ପ୍ରେମର ଅନ୍ୱେଷଣ ପାଇଁ ପ୍ରେରିତ କରେ । ବିଫଳ ପ୍ରେମର ତାଡ଼ନା ବିନା ଓ କ୍ରୂରକର୍ମଘଟିତ ଘୃଣା ବ୍ୟତିରେକେ ମନୁଷ୍ୟ ବିଶୁଦ୍ଧ ପ୍ରେମର ପ୍ରାପ୍ତି ପାଇଁ ବ୍ୟାକୁଳ ହେବ ନାହିଁ । ପରମପ୍ରେମର ମୂଳଉତ୍ସରୁ ମଧ୍ୟ ଯେଉଁ ପ୍ରତ୍ୟୁତ୍ତର ମିଳିବ ତାହା ସେତେ ବିପୁଳ ଓ ପରିପୂର୍ଣ୍ଣ ହେବ ନାହିଁ ଯଦି କ୍ରୂରତାର ବିରୋଧୀ ଗତିବୃତ୍ତିର ଫଳସ୍ୱରୂପ ପ୍ରେମର ଅନ୍ୱେଷଣ ତୀବ୍ର ନ ହୁଏ । ଅମରତ୍ୱର ଲକ୍ଷ୍ୟ କ୍ଷେତ୍ରରେ ବି ସେଇୟା

ହୁଏ । ମୃତ୍ୟୁଜନିତ ବିଚ୍ଛେଦ ଓ ନିରାଶା ମନୁଷ୍ୟମାନଙ୍କୁ ଜୀବନରେ ନିତ୍ୟତାକୁ ଖୋଜିବା ପାଇଁ ପ୍ରଚୋଦିତ କରେ । ସେମାନେ ଅମରତ୍ୱର ରହସ୍ୟକୁ ଖୋଜିବା ପାଇଁ ଆଗେଇ ଯାଆନ୍ତି । ମୃତ୍ୟୁର ଦଂଶନହିଁ ସେମାନଙ୍କୁ ଶାଶ୍ୱତ ଜୀବନର ଅନ୍ୱେଷଣ ପାଇଁ ଜାଗୃତ କରେ ଏବଂ ମୃତ୍ୟୁ ଉପରେ ବିଜୟ ପାଇଁ ଅବିରତ ପ୍ରୟାସ କରିବାକୁ ପ୍ରବୃତ୍ତ କରେ ।

ଏକଥା ସତ୍ୟ ନୁହେଁ ଯେ ଏଗୁଡ଼ିକୁ ଓ ଏଇ ପ୍ରକାରର ବିରୋଧାଭାସଗୁଡ଼ିକୁ ବିଶ୍ୱପ୍ରକୃତି ଜାଣିଶୁଣି ସୃଷ୍ଟି କରିଛି । ଚେତନାର ବିବର୍ତ୍ତନଗତ ମନ୍ଥନ ପ୍ରକ୍ରିୟାରେହିଁ ଏଗୁଡ଼ିକ ଉତ୍ପନ୍ନ ହୁଅନ୍ତି ଏବଂ ବିଶ୍ୱପ୍ରକୃତି ତା'ର ନିଜସ୍ୱ ଉଦ୍ଦେଶ୍ୟ ସକାଶେ ସେଗୁଡ଼ିକୁ ଉପଯୋଗ କରେ । ବିଶ୍ୱପ୍ରକୃତି କିଛି ବି ବୃଥା ନଷ୍ଟ କରିଦିଏ ନାହିଁ । ବିବର୍ତ୍ତନର ପ୍ରାରମ୍ଭିକ ପର୍ଯ୍ୟାୟରେ ବିରୋଧାଭାସଗୁଡ଼ିକ ଶକ୍ତିଶାଳୀ ଓ ଅମାର୍ଜିତ ଅବସ୍ଥାରେ ଥାଏ କାରଣ କେବଳ ତଦ୍ଦ୍ୱାରା ସେଗୁଡ଼ିକ ଜଡ଼ତାକୁ ଭାଙ୍ଗିବା ପାଇଁ ଏକ ସ୍ୱଷ୍ଟ ଗତିବୃତ୍ତିକୁ ଉତ୍‌ପ୍ରେରିତ କରିପାରେ । ବିବର୍ତ୍ତନ ପ୍ରକ୍ରିୟାରେ ସାଧାରଣ ଚେତନା ଯେତେବେଳେ ଆଗକୁ ଆଗକୁ ଅଗ୍ରସର ହୁଏ, ବିରୋଧୀ ଉପାଦାନସବୁ ସେମାନଙ୍କ ଗୁଣଧର୍ମ ବଦଳାଇବାକୁ ବାଧ୍ୟ ହୁଅନ୍ତି । ସେଗୁଡ଼ିକ ଅପେକ୍ଷାକୃତ କମ୍ ସ୍ଥୂଳ ଓ ଅଧିକ ସୂକ୍ଷ୍ମ ହୋଇଯା'ନ୍ତି । ସେଗୁଡ଼ିକର ଉପଯୋଗିତା ରହିଥିବା ପର୍ଯ୍ୟନ୍ତ ସେଗୁଡ଼ିକ ତିଷ୍ଠି ରହିବେ ।

[Commentaries on the Mother's Ministry,
Part - III, ପୁସ୍ତକ ଅନ୍ତର୍ଗତ
"Role of Contraries" ପ୍ରସଙ୍ଗର ଅନୁବାଦ
ଭାଷାନ୍ତର : ଶେଖ ଅବଦୁଲ୍ କାଶମ]

❑❑❑

# ଆଲିଙ୍ଗନ

## ହୃଷୀକେଶ ପଣ୍ଡା

ଯଦି କିଛି ମାଗିବାକୁ ହୁଏ
ଆଉ କିଛି ନୁହେଁ ପ୍ରଭୁ !
ଆଲିଙ୍ଗନର ସେଇ ଚିତ୍ରଲିପି
ଦିଅ ମୋତେ କରୁଣାବଶରେ
ଯାହା ସାଇତି ରଖିବି ମୁଁ
ହୃଦୟର ନିଳ କନ୍ଦରରେ ।

ଆଙ୍କି ହୋଇ ରହିଥିବ
ଯେଉଁଥିରେ ତୁମ ହସ୍ତାକ୍ଷର
ଏ ଧରାରେ ଜିଇଁଥିବା ଯାଏଁ
ଘୋଷୁଥିବ ବାରଂବାର
ତୁମ ମୋ ପରିଚୟର
ନୂଆ ଇସ୍ତାହାର ।

ଜୁଇରେ ଶୋଇବାଠାରୁ
ପୁଣି ମା' କୋଳରେ
ଜନ୍ମନେବା ଯାଏଁ
ଯେତେବେଳେ ଯେଉଁ ଜନ୍ମରେ
ଦେଖିଦେଲେ ସେ ଛବିକୁ
ଲାଗୁଥିବ ଆକାଶଠୁଁ
ଆହୁରି ବିଶାଳ
ସାଗରଠୁଁ ଆହୁରି ଗଭୀର ।

ସେଇ ମୁହୂର୍ତ୍ତର ସ୍ପର୍ଶ,
ନା ସେଠି ପୃଥିବୀ ସରୁଥିବ
ନା ସରୁଥିବ ସୀମା ସରଗର
ଦିଗ୍‌ବଳୟ ସେପାରିରେ
ଦିଶୁଥିବ ସେଇ ଛବି
ଚେତନାର ଚିରନ୍ତନ ଦୃଶ୍ୟ ।



ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୪୪)

### 'ଲାଇବ୍ରେରୀ ହାଉସ୍'କୁ ଆଗମନ :

୧୯୨୧ରେ 'ଗେଷ୍ଟ ହାଉସ୍'ରେ ଶ୍ରୀଅରବିନ୍ଦ ରହୁଥିବା ସମୟରେ ଜନୈକ ଅନ୍ତେବାସୀ ଖାଇବା ସମ୍ବନ୍ଧରେ ବାରବାର ଅଭିଯୋଗ କରୁଥିଲେ, ବିଶେଷ କରି ଖାଦ୍ୟର ସ୍ୱାଦ ନେଇ । ସେତେବେଳେ ସ୍ଥାନୀୟ ରୋଷେୟାଙ୍କ ଦ୍ୱାରା ଭୋଜନ ପ୍ରସ୍ତୁତ ହେଉଥିବାରୁ ବେଳେବେଳେ ଖାଦ୍ୟର ସ୍ୱାଦ ଉତ୍କଟ ହେଉଥିଲା । ଏକଥା ଶ୍ରୀଅରବିନ୍ଦଙ୍କୁ ଜଣାଇବା ମାତ୍ରେ ସେ ସେହି ସାଧକଙ୍କୁ କହିଥିଲେ : ''ଖାଦ୍ୟର ଏକ ବିଶେଷ ଧରଣର ସ୍ୱାଦ ସକାଶେ ତୁମର ପସନ୍ଦ-ନାପସନ୍ଦ ରହିବା ଉଚିତ ନୁହେଁ । ଏହି ଧରଣର ଦାବି ଏବଂ ପସନ୍ଦ-ନାପସନ୍ଦରେ କୌଣସି ସତ୍ୟତା ନଥାଏ । ତୁମର ଏକ ଶରୀର ଅଛି, ଏବଂ ଏହାକୁ ତୁମକୁ ଭଲ ଅବସ୍ଥାରେ ରଖିବାକୁ ହେବ । କମ୍ ଗୁଣ ଥିବା ବା ଖାଦ୍ୟସାର-ରହିତ ଭୋଜନ ସ୍ୱାସ୍ଥ୍ୟରକ୍ଷା ସକାଶେ ହାନିକର, ତେଣୁ ତୁମେ ସୁଷମ ଖାଦ୍ୟ ଗ୍ରହଣ କରିବା ଉଚିତ । କିନ୍ତୁ ସୁଷମ ଖାଦ୍ୟ କହିଲେ ଶରୀର ସକାଶେ ପ୍ରୟୋଜନୀୟ ଖାଦ୍ୟସାମଗ୍ରୀକୁ ବୁଝାଏ – ଜିହ୍ୱା-ଲାଳସାକୁ ବୁଝାଏ ନାହିଁ ।''

ସେତେବେଳେ ଶ୍ରୀଅରବିନ୍ଦଙ୍କ ବାସଭବନରେ ଦୈନନ୍ଦିନ ଭୋଜନାଦିର କାର୍ଯ୍ୟକ୍ରମ ନିମ୍ନ ପ୍ରକାରର ଥିଲା : ସକାଳ ୭ଟା ସମୟରେ ପ୍ରାତଃଭୋଜନ ହିସାବରେ ଚା ସହିତ ଲହୁଣିମଖା ତିନୋଟି ସେକା ପାଉଁରୁଟି; ସ୍ନାନାଦି ପରେ ସାଢ଼େ ୧୧ଟାରୁ ସାଢ଼େ ୧୨ଟା ଭିତରେ ସମସ୍ତେ ମଧାହ୍ନ ଭୋଜନ କରି ନେଉଥିଲେ; ଉପରଓଳି ସାଢ଼େ ୩ଟାରେ ଚା-ପାନ ହେଉଥିଲା – ପାଳି କରି ଅନ୍ତେବାସିଗଣ ଚା ପ୍ରସ୍ତୁତ କରୁଥିଲେ; ରାତି ସାଢ଼େ ୯ଟା ସମୟରେ ରାତ୍ରିଭୋଜନ ହେଉଥିଲା । ପ୍ରତ୍ୟହ ସାଧାରଣତଃ ମାଛ ତରକାରି, ଭାତ, ରୁଟି ଓ ଦହି ରହୁଥିଲା । ୧୯୨୨ ଜାନୁଆରୀ ପହିଲାରୁ ମା' ସମ୍ପୂର୍ଣ୍ଣରୂପେ ବାସଭବନଟିର ଏବଂ ରୋଷେଇ ଘରର ଭାର ଗ୍ରହଣ କଲେ । ଏଥିରେ ପୂର୍ବବର୍ଣ୍ଣିତ ଦୈନନ୍ଦିନ କର୍ମସୂଚୀର ଆମୂଳଚୂଳ ପରିବର୍ତ୍ତନ ଘଟିଲା ।

ଏହି ବର୍ଷ ଭାବନଗରରୁ ନରଣ ଦାସ ସାଙ୍ଗାଣି ନାମରେ ଜଣେ ଦର୍ଶନାର୍ଥୀ ପଣ୍ଡିଚେରୀକୁ ଆସି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବା ସକାଶେ ନିର୍ଦ୍ଦିଷ୍ଟ ଦିନ ଓ ସମୟର ବନ୍ଦୋବସ୍ତ କରିବାକୁ ଚାହିଁଲେ । ଶ୍ରୀଅରବିନ୍ଦଙ୍କର ଅନୁମତି ପ୍ରାପ୍ତ ନହେବାରୁ ଦର୍ଶନାର୍ଥୀଟି ଖୁବ୍ କ୍ରୋଧାନ୍ୱିତ ହୋଇଉଠିଲେ । ସେ ସେଇଠୁ ସ୍ଥାନୀୟ ଗୁପ୍ତ ପୁଲିସ ଏଜେଣ୍ଟମାନଙ୍କ ସହିତ ମିଳାମିଶା କରି ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଏବଂ 'ଗେଷ୍ଟ ହାଉସ୍'ରେ ରହୁଥିବା ବାସିନ୍ଦାମାନଙ୍କ ସମ୍ବନ୍ଧେ ମିଥ୍ୟା ଉଡ଼ା ଖବରସବୁ ରଟାଇବାକୁ ଲାଗିଲେ । ଏମିତିକି ଆସନ୍ନ ଅମଙ୍ଗଳର ସଙ୍କେତ ଦେଇ ଭୟ ପ୍ରଦର୍ଶନ କରିବାରେ ଲାଗିଲେ । ମାତ୍ର ଅବଶେଷରେ ବିଫଳ ମନୋରଥ ହୋଇ ସେ ପଣ୍ଡିଚେରୀରୁ ପ୍ରସ୍ଥାନ କରିବାକୁ ବାଧ ହୋଇଥିଲେ । ଏଠାରୁ ଯାଇ ସେ ତିରୁବନ୍ନମଲାଇରେ ରମଣ ମହର୍ଷିଙ୍କୁ ଭେଟିଲେ ଏବଂ ବିଶେଷ କରି ଶ୍ରୀଅରବିନ୍ଦଙ୍କୁ ଉଲ୍ଲେଖ କରି ଆମିଷ-ଭୋଜନ ସମ୍ବନ୍ଧେ ତାଙ୍କୁ ନାନାଦି ପ୍ରଶ୍ନ କଲେ । ଆକସ୍ମିକ ଭାବରେ ବା ନୈମିତ୍ତିକ ଭାବରେ ଆସୁଥିବା ଦର୍ଶନାର୍ଥୀଙ୍କର ପ୍ରଶ୍ନସବୁରେ ମହର୍ଷି ଖୁବ୍ କ୍ୱଚିତ୍ ଉତ୍ତର ଦେଉଥିଲେ; କିନ୍ତୁ ନରଣ ଦାସଙ୍କୁ ସେ କହିଲେ : ''ଏହା ହେଉଛି କେବଳ ଅଭ୍ୟାସ ଓ ପ୍ରଥା ବା ଦେଶାଚାରର କଥା ।'' ମହର୍ଷିଙ୍କୁ ଦର୍ଶନ କରି ସାଙ୍ଗାଣି ଚାଲିଯିବା ପରେ ପାର୍ଶ୍ୱଦମାନଙ୍କୁ ମହର୍ଷି ମନ୍ତବ୍ୟ ପ୍ରକାଶ କଲେ : ''କେଡ଼େ ମୂଢ଼ଟାଏ !''

ଶ୍ରୀମା-ଶ୍ରୀଅରବିନ୍ଦଙ୍କ ସମେତ ସେତେବେଳେ ଏହି 'ଗେଷ୍ଟ ହାଉସ୍'ରେ ଅନ୍ତେବାସୀ ଥିଲେ ନଅ ଜଣ । ଅମୃତ ୧୯୧୯ରୁ ରହିଥିଲେ । ବାରୀନ୍ ଆଣ୍ଡାମାନରୁ ମୁକ୍ତି ପାଇବା ପରେ ଶ୍ରୀଅରବିନ୍ଦଙ୍କ ସହିତ ଚିଠିପତ୍ର ଯୋଗାଯୋଗ କରି ପଣ୍ଡିଚେରୀରେ ଆସି ରହିବାକୁ ଲାଗିଲେ । ଉପେନ୍, ହୃଷୀକେଶ ବି ଆସି ରହିଥିଲେ । ତେଣୁ ଅନ୍ୟ ଏକ ବାସଭବନର ଆବଶ୍ୟକତା ଅନୁଭୂତ ହେଲା ।

ବାରୀନ୍ଙ୍କର ଲେଖାରୁ ଉଦ୍ଧୃତି : ''ଦିନେ ଶୁଣିବାକୁ ପାଇଲି ଯେ ଆମର ଫ୍ରାଁସୁଆ ମାର୍ତ୍ୟାଁ ବାସଭବନର ଅନତିଦୂରରେ ର୍ୟୁ ଦ ଲା ମାରିନର ୯ ନଂ କୋଠାଟି ଭଡ଼ାରେ

ମିଳୁଛି । ସେହି ସୁନ୍ଦର କୋଠାଟି କୁଆଡ଼େ ଫରାସୀ ସରକାରଙ୍କର ଉପଯୁକ୍ତ କ୍ଷମତାପ୍ରାପ୍ତ ଜଣେ ମୁସଲମାନଙ୍କର କୋଠା । (ଏହି ନୂତନ ବାସଭବନଟି ଥିଲା ବର୍ତ୍ତମାନ ଆଶ୍ରମର ମୁଖ୍ୟ ପ୍ରବେଶ ପଥର ସମ୍ମୁଖରେ ଥିବା ଦ୍ୱିତଳ ପ୍ରାସାଦଟି ।) ସେହି କୋଠାରେ ମାଡ୍ରାଜ ପ୍ରେସିଡ଼େନ୍ସିର ଜନୈକ ରାଜାଙ୍କ ଭାଇଙ୍କର ସହଧର୍ମିଣୀ ଭଡ଼ାରେ ରହିଛନ୍ତି । ଘରମାଲିକ ତାଙ୍କୁ ସେଠାରୁ ଯେତେ ଶୀଘ୍ର ପାରନ୍ତି ବାହାର କରିଦେବାକୁ ଚାହାନ୍ତି । କଥା ପ୍ରସଙ୍ଗରେ ମୁଁ ଶ୍ରୀଅରବିନ୍ଦଙ୍କ ନିକଟରେ ସେହି ଘରଟିକୁ ଭଡ଼ାରେ ନେଇ ନେବାକୁ ପ୍ରସ୍ତାବ ଦେଲି । ଶ୍ରୀଅରବିନ୍ଦ ସମସ୍ତ କଥା ଶୁଣି ତତ୍‌କ୍ଷଣାତ୍ ନୀରବ ରହିଲେ, କିନ୍ତୁ ଦିନେ କି ଦୁଇଦିନ ପରେ ମୋତେ କହିଲେ ଯେ ନିଶ୍ଚିତରୂପେ ସେହି ଘରଟିକୁ ଯଥାଶୀଘ୍ର ନେଇନେବାକୁ ହେବ । ଆମର ଯୋଗସାଧନା ନିମିତ୍ତ ସେହି ବାସଭବନଟି ଅତ୍ୟାବଶ୍ୟକ । ଶ୍ରୀମାଶ୍ରୀଅରବିନ୍ଦ ନିଶ୍ଚିତରୂପେ ସେମାନଙ୍କ ସୂକ୍ଷ୍ମଦୃଷ୍ଟିରେ ଦେଖିପାରିଥିଲେ ଯେ ସେହି ନୂତନ ବାସଭବନଟି ଭବିଷ୍ୟତରେ ସେମାନଙ୍କର ଆଧ୍ୟାତ୍ମିକ କର୍ମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବା ସକାଶେ ବିଧିନିର୍ଦ୍ଦିଷ୍ଟ ।...

''ମୁଁ ସେହିଦିନହିଁ ଘର ମାଲିକଙ୍କୁ ସାକ୍ଷାତ୍ କଲି । ସେ ମାସକୁ ୧୦୦ଟଙ୍କା ଭଡ଼ା ନେବେ ବୋଲି ଦାବି କଲେ, ଯାହାକି ସେସମୟର ପଣ୍ଡିଚେରୀରେ ଏକ ଅସାଧାରଣ ଦାବି । ତଥାପି ଶ୍ରୀଅରବିନ୍ଦଙ୍କୁ ଏହା ଜଣାଇବାରୁ ସେ କହିଲେ ଟଙ୍କା କଥା ଆଦୌ ଭାବନି, ବାସଭବନଟି ଯଥାଶୀଘ୍ର ଆମ ହାତକୁ ଆସିବା ଏକାନ୍ତ ଜରୁରି ।...''

୧୯ ମେ ୧୯୨୨ରେ ଶ୍ରୀଅରବିନ୍ଦ ଘରମାଲିକ ଅବ୍‌ଦୁଲ୍ ଆଜିଜ୍ ଖାଁଙ୍କୁ ଏହି ସର୍ତ୍ତରେ ୩୬୦ ଟଙ୍କା ଅଗ୍ରିମ ଦେଲେ ଯେ ସେ ଯେମିତି ସେହି କୋଠାରେ ନିର୍ଦ୍ଦିଷ୍ଟ କେତୋଟି ମରାମତି କାର୍ଯ୍ୟ କରନ୍ତି । ମାସକୁ ଘରଭଡ଼ା ୧୦୦ ଟଙ୍କାରୁ ଊଣା ହେବ ନାହିଁ ବୋଲି ନିଧାର୍ଯ୍ୟ କରାଗଲା । ସେହି କୋଠାରୁ ଭଦ୍ରମହିଳା ଜଣକ ଅନ୍ୟତ୍ର ଚାଲିଯିବା ପାଇଁ ତିନି, ଚାରି ମାସ ଲାଗିଗଲା । ତା'ପରେ ଭଦ୍ରବ୍ୟକ୍ତି ଶ୍ରୀଅରବିନ୍ଦଙ୍କୁ ଖବର ଦେଲେ ଯେ ଆସନ୍ତା ବୁଧବାର, ଅକ୍‌ଟୋବର ୨୫ ତାରିଖରେ ସେ ବାସଭବନରେ ବସବାସ କରିବା ଆରମ୍ଭ କରିପାରନ୍ତି । ସେହି ମାସର ଶେଷ ଛ'ଦିନର ଭଡ଼ା ହିସାବରେ ମାଲିକଙ୍କୁ ୨୦ ଟଙ୍କା ଦିଆଯାଇଥିଲା ।''

୨୫ ଅକ୍‌ଟୋବର ଦିନ ଶ୍ରୀଅରବିନ୍ଦ, ମା', ଦତ୍ତା ଏବଂ ଆଉ କେତେଜଣ ଏହି ନୂତନ ବାସଭବନରେ ବସବାସ ଆରମ୍ଭ କଲେ । ୧୯୨୭ରୁ ଘର ମାଲିକ ଏହାର ଭଡ଼ା ବଢ଼ାଇ ଦେଇଥିଲେ । କିନ୍ତୁ ୧୯୨୯ ଏପ୍ରିଲ୍ ୬ ତାରିଖରେ ୨୧,୦୦୦ ଟଙ୍କାରେ ଶ୍ରୀଅରବିନ୍ଦଙ୍କ ନାମରେ ଏହି ବାସଭବନଟିକୁ ଖରିଦ କରି ନିଆଯାଇଥିଲା ।

ଏହି ବାସଭବନଟିର ନାମ ପରବର୍ତ୍ତୀ କାଳରେ 'ଲାଇବ୍ରେରି ହାଉସ୍' ହୋଇଥିଲା । ଏମିତି ନାମକରଣ ସମ୍ବନ୍ଧେ ନଳିନୀ ତାଙ୍କର 'ସ୍ମୃତିର ପାତା'ରେ ଉଲ୍ଲେଖ କରିଛନ୍ତି : ''ପଣ୍ଡିଚେରୀକୁ ଆସି ଆମ୍ଭମାନଙ୍କର ପ୍ରଥମରୁହିଁ ପ୍ରୟୋଜନ ବୋଧ ହେଲା ପୁସ୍ତକାବଳି ।... ସିଦ୍ଧାନ୍ତ ନିଆହେଲା ବହି ପାଇଁ ମାସକୁ ଦଶ ଟଙ୍କା କରି ଖର୍ଚ୍ଚ କରାଯାଇପାରେ ।... ପ୍ରଥମେ ବହିଗୁଡ଼ିକୁ ଚଟାଣରେ ରଖାଯାଉଥିଲା; କାରଣ ଚେୟାର, ଟେବୁଲ, ଆଲମାରି ବୋଲି ଆମମାନଙ୍କର କିଛି ବି ନଥିଲା ।... ଇଂରାଜୀ, ଫରାସୀ, ବଙ୍ଗଳା, ସଂସ୍କୃତ – ଏଇ ରକମର ଯେତେବେଳେ ବେଶ୍ କେତେ ଶହ ବହି ଜମିଗଲା, ସେତେବେଳେ ସେସବୁକୁ ରଖିବାର ସମସ୍ୟା ଉଠିଲା – 'ଗେଷ୍ଟ୍ ହାଉସ୍'ରେ ଥିବାବେଳେ ବାଉଁଶ ଭାଡ଼ି କରି କାନ୍ଥକୁ ଆଉଜାଇ ବହି ଥାକ ଥାକ କରି ରଖୁଥିଲୁ । ଏହି ନୂତନ ବାସଭବନକୁ ଆସିବା ପରେ ଆଲମାରି ଆସିଲା ଏବଂ ସେଥିରେ ବହିପତ୍ର ସବୁ ରହିଲା । ତେଣୁ ଏହି ନୂତନ ବାସଭବନଟିର ନାମ ହେଲା 'ଲାଇବ୍ରେରି ହାଉସ୍' ।''

ମା' ଶ୍ରୀଅରବିନ୍ଦ 'ଲାଇବ୍ରେରି ହାଉସ୍'କୁ ଚାଲିଆସିବା ପରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବା ଉଦ୍ଦେଶ୍ୟରେ ଆସୁଥିବା ଦର୍ଶନାର୍ଥୀମାନଙ୍କୁ ବା 'ଗେଷ୍ଟ୍'ମାନଙ୍କୁ ପୂର୍ବ ବାସଭବନରେ ରହିବାର ବନ୍ଦୋବସ୍ତ କରାଯାଉଥିବାରୁ ପରବର୍ତ୍ତୀ କାଳରେ ୪୧ନଂ ଫ୍ରାଁସୁଆ ମାର୍ତ୍ୟାଁ ବାସଭବନଟିର ନାମ 'ଗେଷ୍ଟ ହାଉସ୍' ରଖାଯାଇଥିଲା । (ବର୍ତ୍ତମାନ ପ୍ଲେ-ଗ୍ରାଉଣ୍ଡ୍ ଭିତରେ ଥିବା ଶ୍ରୀଅରବିନ୍ଦଙ୍କ ପୂର୍ବ ବାସଭବନ) ପୁରାଣୀ ପଣ୍ଡିଚେରୀକୁ ସ୍ଥାୟୀ ଭାବରେ ଆସିବା ପରେ ସେଇ 'ଗେଷ୍ଟ ହାଉସ୍'ର ଦାୟିତ୍ୱରେ ରହିଥିଲେ ।

୧୯୨୩ରେ ଗୁଜୁରାଟରୁ ପୁନମ ଚାନ୍ଦ ଆସି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରି ପ୍ରସ୍ତାବ ଦେଲେ ଯେ ତାଙ୍କ ସ୍ତ୍ରୀ ଚମ୍ପା ଏଠାକୁ ଆସିଲେ ଶ୍ରୀଅରବିନ୍ଦଙ୍କର ଏହି ସଂସ୍ଥାରେ ଚାଲୁଥିବା ରୋଷେଇ କାର୍ଯ୍ୟରେ ସେ ବହୁତ ସାହାଯ୍ୟ କରିପାରିବେ ।... ଶ୍ରୀଅରବିନ୍ଦ ଏହି ପ୍ରସ୍ତାବରେ ସମର୍ଥନ ଜଣାଇଥିଲେ ଏବଂ ପୁନମ ଚାନ୍ଦ ଫେରି ଯାଇ ଚମ୍ପାଙ୍କ ସହ ପୁଣି ଆସିବାର ବ୍ୟବସ୍ଥା

କଲେ । ସେ ଯେତେବେଳେ ଘରକୁ ଯିବାକୁ ବାହାରିଲେ ଶ୍ରୀଅରବିନ୍ଦ ତାଙ୍କୁ ପଚାରିଲେ : ''ଚମ୍ପକଲାଲ ସେଠାରେ କ'ଣ କରୁଛି ?'' ପୁନମ ଚାନ୍ଦ ସବୁ କଥା କହିଲେ । ସବୁ ଶୁଣି ସାରି ଶ୍ରୀଅରବିନ୍ଦ କହିଲେ : ''ଫେରିବା ବେଳେ ତାକୁ ମଧ୍ୟ ସାଙ୍ଗରେ ନେଇ ଆସିବ ।''

ବର୍ତ୍ତମାନ 'ଚମ୍ପକଲାଲ କହନ୍ତି' ପୁସ୍ତକରୁ ଉଦ୍ଧୃତି : ''୧୯୨୩ ମସିହାରେ ଯେତେବେଳେ ମୁଁ ସବୁଦିନ ଲାଗି ପଣ୍ଡିଚେରୀ ଚାଲିଆସିଲି ସେତେବେଳେ ମା' ଓ ଶ୍ରୀଅରବିନ୍ଦ ଉଭୟେ ଲାଇବ୍ରେରି ଗୃହରେ ରହୁଥିଲେ । ଶ୍ରୀଅରବିନ୍ଦ ଉପରମହଲାର ଖୋଲା ବାରଣ୍ଡାରେ ଲୋକମାନଙ୍କୁ ସକାଳେ ସାକ୍ଷାତ୍ କରୁଥିଲେ ।... ଏବଂ ଯେଉଁ ହଲ୍‌ରେ ମା' ପ୍ରସ୍ପରିଟି ଦିବସରେ ଆଶୀର୍ବାଦ ବିତରଣ କରୁଥିଲେ ସେଇଟି ଥିଲା ତାଙ୍କର ଷ୍ଟୋର୍ ଓ ସେଇ ଘରକୁ ଲାଗି ତା'ର ଉତ୍ତର ପାର୍ଶ୍ୱ ଘରଟି ଥିଲା ମା'ଙ୍କର କକ୍ଷ (ଯାହାକି ପରେ ମୋର ରହିବା ଘର ହେଲା) । ପୂର୍ବ ପାଖ କୋଣଘରଟି ଥିଲା ଶ୍ରୀଅରବିନ୍ଦଙ୍କର । (ବର୍ତ୍ତମାନର, 'ରିଡ଼ିଂ ରୁମ୍'ର ଠିକ୍ ଉପରେ ଥିବା କକ୍ଷଟି) ପ୍ରସ୍ପରିଟି ଗୃହରୁ ଶିଡ଼ି ଦେଇ ତଳକୁ ଓହ୍ଲାଇବାକୁ ଆରମ୍ଭ କରିବା ସମୟରେ ଡାହାଣ ପାଖରେ ଥିବା ଘରଟି ଥିଲା ଦତ୍ତାଙ୍କର ।

''ପ୍ରସ୍ପରିଟି ଘରର ତିନୋଟି ଦରଜା ଥିଲା । ମଝି ଦରଜାଟି ବାରଣ୍ଡାକୁ ପ୍ରବେଶ କରିବାର ଦ୍ୱାରରୂପେ ବ୍ୟବହୃତ ହେଉଥିଲା । ପୂର୍ବ ପାଖ ଦରଜାଟି ବନ୍ଦ ରହୁଥିଲା ଓ ସେଇଠାରେ ଶ୍ରୀଅରବିନ୍ଦଙ୍କ ଚେୟାର ପଡୁଥିଲା । ଚେୟାର ସାମନାକୁ ରଖା ଯାଉଥିଲା ଗୋଟିଏ ଛୋଟ ଟେବୁଲ । ଶ୍ରୀଅରବିନ୍ଦଙ୍କ ଚେୟାରର ବାମ ଓ ଡାହାଣ ଦୁଇ ପାଖରେ ଯଥେଷ୍ଟ ସ୍ଥାନ ଛାଡ଼ି ଅନ୍ୟ ଦୁଇଟି ଚେୟାର ପଡୁଥିଲା ।

''ଟେବୁଲ ସାମନାକୁ ଧାଡ଼ି ହୋଇ (ଗୋଟିଏ ଧାଡ଼ିରେ) ଚେୟାରସବୁ ରହୁଥିଲା । ମୁଁ ଏକଥା କହିଛି ଯେ ଏଇ ବାରଣ୍ଡାରେ ସକାଳେ ଶ୍ରୀଅରବିନ୍ଦ ଦର୍ଶନାର୍ଥୀମାନଙ୍କୁ ସାକ୍ଷାତ୍ ଦେଉଥିଲେ । ଏଠାରେ ଶ୍ରୀଅରବିନ୍ଦ ଖବରକାଗଜ ପଢ଼ିବା ସମୟରେ କେତେକ ସାଧକଙ୍କୁ ମଧ୍ୟ ଧ୍ୟାନ କରିବାକୁ ଅନୁମତି ମିଳିଥିଲା । ଅମୃତ ଖବରକାଗଜଟିଏ ଧରି ଉପରକୁ ଆସନ୍ତି ଓ ସେଦିନ କିଏ କିଏ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବେ ତାହା ତାଙ୍କୁ କହନ୍ତି । ତା'ପରେ ତଳକୁ ଯାଇ ଯେଉଁ କ୍ରମ ଅନୁସାରେ ଲୋକମାନେ ଦର୍ଶନ ଲାଗି ଆସିବେ ତାହା ଘୋଷଣା କରି ଦିଅନ୍ତି । ଦର୍ଶନାର୍ଥୀଙ୍କ ସହ ସାକ୍ଷାତ୍‌କାର ସରିଗଲେ ଶ୍ରୀଅରବିନ୍ଦ ଖବରକାଗଜ ପଢ଼ନ୍ତି । ଯେଉଁ ସାଧକମାନଙ୍କୁ ଅନୁମତି ମିଳିଥାଏ ସେମାନେ ଖବରକାଗଜ ପଢ଼ା ଶେଷ ହେବାପର୍ଯ୍ୟନ୍ତ ସେଠାରେ ବସି ଧ୍ୟାନ କରନ୍ତି । ସାଧାରଣତଃ ଆମେ ତିନି, ଚାରି ଜଣ ସେଠାରେ ଧ୍ୟାନ କରୁଥିଲୁ – ତିରୁପତି, ରାଜଙ୍ଗମ୍, କାନାଇ ଓ ମୁଁ । ଆମେ ସମସ୍ତେ ଚେୟାରରେ ବସୁଥିଲୁ ।

''ପାର୍ଶ୍ୱ ଦରଜା ଦୁଇଟିର ସଟର୍‌ସବୁ ଖୋଲା ରହୁଥିଲା । ପରେ ମୁଁ ମା'ଙ୍କଠାରୁ ଜାଣିବାକୁ ପାଇଲି ଯେ ସେ ଯେଉଁ ସମୟରେ ଷ୍ଟୋର୍ ଘରେ ଥାଆନ୍ତି ସେଇ ସମୟରେ ସେହି ଖୋଲା ସଟର୍ ଦେଇ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବା ପାଇଁ ଯାଉଥିବା ବ୍ୟକ୍ତିମାନଙ୍କୁ ଦେଖିପାରନ୍ତି । ସେଇଭଳି ଭାବରେ ସେ ମୋତେ ଦେଖିଥିଲେ ଓ ଶ୍ରୀଅରବିନ୍ଦଙ୍କୁ କହିଥିଲେ : 'ଏ ପିଲାଟି ମୋତେ ମୋର କାର୍ଯ୍ୟରେ ସାହାଯ୍ୟ କରିବ; ସେ ବହୁତ ପ୍ରୟୋଜନୀୟ ହୋଇଉଠିବ ।'

''ପବିତ୍ରଙ୍କ ସମ୍ପର୍କରେ ମଧ୍ୟ ମା' ସେହି ସମାନ କଥା କହିଥିଲେ । ତାଙ୍କୁ ଦେଖି ସେ ଶ୍ରୀଅରବିନ୍ଦଙ୍କୁ କହିଥିଲେ : 'ସେ ବହୁତ କାମରେ ଆସିବ, ମୋର ବିଦେଶ ସହ ସମସ୍ତ ଚିଠିପତ୍ର ଆଦାନପ୍ରଦାନ କାର୍ଯ୍ୟ ସେହିଁ କରିବ ।' ଠିକ୍ ସେଇଆ ମଧ୍ୟ ଘଟିଲା ।

''ଲାଇବ୍ରେରି ଗୃହର ତଳ ମହଲାରେ ଥିବା ଘରଗୁଡ଼ିକରୁ ଯେଉଁଟି ବର୍ତ୍ତମାନ ଅଭ୍ୟର୍ଥନା ଅଫିସ୍ ହୋଇଛି ସେଇଟି ସେତେବେଳେ ମଣିଙ୍କର ଘର ଥିଲା । ମଣି ଯେତେବେଳେ ସେ ଘର ଛାଡ଼ିଲେ ସେତେବେଳେ ସେ ଘରଟି ମୋତେ ଦିଆଗଲା । ଅଭ୍ୟର୍ଥନା ହଲ୍‌ଟି ଥିଲା ନଳିନୀଙ୍କର ଘର ଓ ଅଧ୍ୟୟନ ଗୃହ (Reading Room)ଟି ଥିଲା ଅମୃତଙ୍କର ଘର । ବର୍ତ୍ତମାନ ଯେଉଁଠି ପୃଥ୍ୱୀ ସିଂହଙ୍କର ଅଫିସ୍ (Publication Dept.) ଅଛି ସେଇଟି ଥିଲା ବିଜୟ ନାଗଙ୍କର ଘର । ପଛ ଅଗଣାର ଶିଡ଼ି ତଳେ ଯେଉଁଟି ବର୍ତ୍ତମାନ ପୃଥ୍ୱୀ ସିଂହଙ୍କର ଷ୍ଟୋର୍ ରୁମ୍ (Publication Office) ସେଇଟି ଥିଲା ବାରୀନ୍‌ଙ୍କର ଘର ।

''ଶ୍ରୀଅରବିନ୍ଦ ଯେତେବେଳେ ଭୋଜନଗୃହକୁ ଆସୁଥିଲେ ସେତେବେଳେ ସେ ପ୍ରସ୍ପରିଟି ଶିଡ଼ି ଦେଇ ତଳକୁ ଆସୁଥିଲେ ଏବଂ ପ୍ରଥମେ ନଳିନୀଙ୍କ ଘର ଓ ପରେ ବିଜୟଙ୍କର ଘର ଦେଇ ଭୋଜନଗୃହରେ ପହଞ୍ଚୁଥିଲେ । ଯେଉଁଠି ପରବର୍ତ୍ତୀ ସମୟରେ ଫଳସବୁ ବଣ୍ଟା ଯାଉଥିଲା (Fruit Room) ସେଇଟି ଥିଲା ଭୋଜନ ଗୃହ । ମୋତେ ବହୁତ ତାତ୍ପର୍ଯ୍ୟପୂର୍ଣ୍ଣ ଲାଗେ ଯେ ଯେଉଁ ରୁମ୍‌ରେ ଶ୍ରୀଅରବିନ୍ଦ ଭୋଜନ କରୁଥିଲେ ଠିକ୍ ସେଇ ରୁମ୍‌ରୁ ବର୍ତ୍ତମାନ ପ୍ରତିଦିନ ସମସ୍ତେ ଫଳସବୁ ଆଣୁଛନ୍ତି ।

''ଗାଈ ରଖୁଆଳମାନେ ଗାଈମାନଙ୍କୁ ଅଗଣା ଭିତରକୁ ଆଣି କ୍ଷୀର ଦୁହୁଁଥିଲେ । ମା' ନିଜେ ତଳକୁ ଆସି ସେମାନଙ୍କଠାରୁ କ୍ଷୀର ଗ୍ରହଣ କରୁଥିଲେ ।

''...ମୋର ପ୍ରଥମ ସେବାସ୍ୱରୂପ ମୁଁ ପାଇଥିଲି ଶ୍ରୀଅରବିନ୍ଦଙ୍କ ଧୋତି ସଫାକରିବା । କିପରି ମୁଁ ଏ ସେବା ଲାଗି ପ୍ରାର୍ଥନା କଲି ଏବଂ ତାହା ମୋତେ କିପରି ମିଳିଲା ସେ ସମ୍ବନ୍ଧରେ କହୁଛି : ଦିନେ ମୁଁ ମା'ଙ୍କୁ କହିଲି : 'ମା, ମୁଁ ମୋ ଗୁରୁଦେବଙ୍କ ଧୋତି ସଫା କରିବି ।' ମା' ହସିଲେ ଓ କହିଲେ : 'ମୁଁ ଶ୍ରୀଅରବିନ୍ଦଙ୍କୁ ପଚାରିବି ।' ପରଦିନ ମୁଁ ଯେତେବେଳେ ଶ୍ରୀଅରବିନ୍ଦଙ୍କ ପାଖକୁ ଗଲି ସେ ମୋତେ ଚାହିଁଲେ ଓ କହିଲେ : 'ତୁମେ ମୋ ଧୋତି ସଫା କରିବାକୁ ଚାହଁ ?'

ଚମ୍ପକ : ହଁ ।

ଶ୍ରୀଅରବିନ୍ଦ : ତୁମେ କ'ଣ ଏଥିଲାଗି ପ୍ରସ୍ତୁତ ?

ମୁଁ ତାଙ୍କ ଆଡ଼କୁ ଆଶ୍ଚର୍ଯ୍ୟ ଦୃଷ୍ଟିରେ ଚାହିଁରହିଲି ଓ ଭାବିଲି ଏପରି ପ୍ରଶ୍ନ ସେ କାହିଁକି ପଚାରୁଛନ୍ତି ?

ଶ୍ରୀଅରବିନ୍ଦ : ତୁମେ ଜାଣ; ଅନ୍ୟମାନେ ଏହା ଦେଖି ହସିବେ, ତୁମକୁ ଥଟ୍ଟା କରିବେ, ବିଦ୍ରୂପ କରିବେ । ଏଥିପାଇଁ ତୁମେ କ'ଣ ପ୍ରସ୍ତୁତ ?

''ଏହା ସତ୍ତ୍ୱେ ମୁଁ ଯେତେବେଳେ ଆନନ୍ଦରେ ଏ କାର୍ଯ୍ୟ କରିବା ଲାଗି ନିଜକୁ ଉତ୍ସର୍ଗ କଲି ସେତେବେଳେ ସେ ମୋ ଆଡ଼କୁ କୋମଳ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଚାହିଁ ଟିକିଏ ହସିଲେ ।

''ସେସମୟରେ ଆଶ୍ରମ ବାତାବରଣରେ ସେଇଭଳି କିଛି ରହିଥିଲା । କିନ୍ତୁ ଖୁବ୍ ଶୀଘ୍ର ମା' ତାଙ୍କର କୃପାବଳରେ ଏହାକୁ ସମ୍ପୂର୍ଣ୍ଣରୂପେ ବଦଳାଇ ଦେଇଥିଲେ । ପଛ କଥା ଟିକିଏ ମନେ ପକାଇଲେ ମୁଁ ସ୍ପଷ୍ଟ ଜାଣିପାରେ ଯେ ମା'ଙ୍କ ପ୍ରେରଣା ଓ ତାଙ୍କ ଅହେତୁକୀ କୃପାବଳରେ ମୁଁ ଏକଥା ଶ୍ରୀଅରବିନ୍ଦଙ୍କୁ ପଚାରି ପାରିଥିଲି ।...''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

---

**ବିଶେଷ ଦ୍ରଷ୍ଟବ୍ୟ :**

ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ବିଭିନ୍ନ ବାସଭବନର ପୂର୍ଣ୍ଣ ବିବରଣୀ

**(ପ୍ରତ୍ୟେକଟି ବାସଭବନର ପ୍ରତୀକାତ୍ମକ ନାମକରଣ ଶ୍ରୀମା'ଙ୍କ ଦ୍ୱାରା ପ୍ରଦତ୍ତ)**

**୧ମ** – (ଏପ୍ରିଲ ୪, ୧୯୧୦) **ତଦେକମ୍ ବ୍ରହ୍ମ** (The one – The Origin) : କମୋଟି ଷ୍ଟ୍ରୀଟ୍‌ରେ ଅବସ୍ଥିତ ଶଙ୍କର ଚେଟ୍ଟୀଙ୍କର ବାସଭବନ । ଏହି ବାସଭବନରେ ଶ୍ରୀଅରବିନ୍ଦ ଏପ୍ରିଲ ୪, ୧୯୧୦ରୁ ସେପ୍ଟେମ୍ବର ୧୯୧୦ ପର୍ଯ୍ୟନ୍ତ ବାସ କରିଥିଲେ ।

**୨ୟ** – (ଅକ୍ଟୋବର, ୧୯୧୦) **ନବସୃଷ୍ଟି ସର୍ଜନା ପାଇଁ ସିଦ୍ଧାନ୍ତ – କାର୍ଯ୍ୟକାରିଣୀ ଚେତନାର ଆବିର୍ଭାବ** (Decision for Creation – Appearance of Creative Consciousness) : ରୁ୍ୟ ଦ ଲା ପାଭିଓଁ(ରୁ୍ୟ ସ୍ୟୁଫ୍ରାଁ)ରେ ଅବସ୍ଥିତ ସୁନ୍ଦର ଚେଟ୍ଟୀଙ୍କର ବାସଭବନ । ଏଠାରେ ଶ୍ରୀଅରବିନ୍ଦ ଅକ୍ଟୋବର ୧୯୧୦ରୁ ମାର୍ଚ୍ଚ ୧୯୧୧ ପର୍ଯ୍ୟନ୍ତ ବାସ କରିଥିଲେ ।

**୩ୟ** – (ଏପ୍ରିଲ ୧୯୧୧) **ସଚ୍ଚିଦାନନ୍ଦ; ସୃଷ୍ଟିର ଆରମ୍ଭ** (Sachchidananda; beginning of Creation) : ରୁ୍ୟ ସାଁ ଲୁଇରେ ଅବସ୍ଥିତ ରାଘବ ଚେଟ୍ଟୀଙ୍କର ବାସଭବନ (ରାଘବନ୍ ହାଉସ୍) । ଏଠାରେ ଶ୍ରୀଅରବିନ୍ଦ ଏପ୍ରିଲ ୧୯୧୧ରୁ ମାର୍ଚ୍ଚ ୧୯୧୩ ପର୍ଯ୍ୟନ୍ତ ବାସ କରିଥିଲେ ।

**୪ର୍ଥ** – (ଏପ୍ରିଲ ୧୯୧୩) **ଅଭିବ୍ୟକ୍ତି** (Manifestation) : ରୁ୍ୟ ଦ ମିସିଓଁ ଏତ୍ରାଞ୍ଜେ(ମିସନ୍ ଷ୍ଟ୍ରୀଟ୍ – ରୁ୍ୟ ମାତାକୋଇଲ୍)ରେ ଅବସ୍ଥିତ ବାସଭବନରେ ଶ୍ରୀଅରବିନ୍ଦ ଏପ୍ରିଲ ୧୯୧୩ରୁ ସେପ୍ଟେମ୍ବର ୧୯୧୩ ପର୍ଯ୍ୟନ୍ତ ବାସ କରିଥିଲେ ।

**୫ମ** – (ଅକ୍ଟୋବର, ୧୯୧୩) **ଶକ୍ତି** (Power) : ରୁ୍ୟ ଫ୍ରାଁସୁଆ ମାର୍ଟ୍ୟାଁ('ଗେଷ୍ଟ ହାଉସ୍')ରେ ଅବସ୍ଥିତ ବାସଭବନରେ ଶ୍ରୀଅରବିନ୍ଦ ଅକ୍ଟୋବର ୧୯୧୩ରୁ ଅକ୍ଟୋବର ୨୫ ତାରିଖ ୧୯୨୨ ପର୍ଯ୍ୟନ୍ତ ବାସ କରିଥିଲେ ।

**୬ଷ୍ଠ** – (ଅକ୍ଟୋବର ୨୫, ୧୯୨୨) **ସୃଷ୍ଟି-ନବସୃଷ୍ଟି** (Creation - New Creation) : ରୁ୍ୟ ଦ ଲା ମାରିନ୍‌ରେ ଅବସ୍ଥିତ ବାସଭବନର ଦକ୍ଷିଣ-ପୂର୍ବାଂଶ('ଲାଇବ୍ରେରୀ ହାଉସ୍')ରେ ଶ୍ରୀଅରବିନ୍ଦ ଅକ୍ଟୋବର ୨୫, ୧୯୨୨ରୁ ଫେବ୍ରୁଆରୀ ୮, ୧୯୨୭ ପର୍ଯ୍ୟନ୍ତ ବାସ କରିଥିଲେ ।

**୭ମ** – (ଫେବ୍ରୁଆରୀ ୮, ୧୯୨୭) **ସିଦ୍ଧି** (Realisation) : ପୂର୍ବୋକ୍ତ ବାସଭବନର ଉତ୍ତର-ପୂର୍ବାଂଶରେ ଶ୍ରୀଅରବିନ୍ଦ ଫେବ୍ରୁଆରୀ ୮, ୧୯୨୭ରୁ ମହାସମାଧି ଡିସେମ୍ବର ୯, ୧୯୫୦ ପର୍ଯ୍ୟନ୍ତ ତାଙ୍କର ସ୍ଥୂଳ ଶରୀରରେ, ଭୌତିକ ଆବରଣରେ ଉପସ୍ଥିତ ଥିଲେ ।

# ଈଶୋପନିଷଦ୍
## (ମୂଳପାଠ)

୧. ଈଶା ବାସ୍ୟମିଦଂ ସର୍ବଂ ଯତ୍ କିଞ୍ଚ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜୀଥା ମା ଗୃଧଃ କସ୍ୟସ୍ୱିଦ୍ଧନମ୍ ॥

୨. କୁର୍ବନ୍ନେବେହ କର୍ମାଣି ଜିଜୀବିଷେଚ୍ଛତଂ ସମାଃ ।
ଏବଂ ତ୍ୱୟି ନାନ୍ୟଥେତୋଽସ୍ତି ନ କର୍ମ ଲିପ୍ୟତେ ନରେ ॥

୩. ଅସୂର୍ଯ୍ୟା ନାମ ତେ ଲୋକା ଅନ୍ଧେନ ତମସାବୃତାଃ ।
ତାଂସ୍ତେ ପ୍ରେତ୍ୟାଭିଗଚ୍ଛନ୍ତି ଯେ କେ ଚାତ୍ମହନୋ ଜନାଃ ॥

୪. ଅନେଜଦେକଂ ମନସୋ ଜବୀୟୋ
ନୈନଦ୍ଦେବା ଆପ୍ନୁବନ୍ ପୂର୍ବମର୍ଷତ୍ ।
ତଦ୍ଧାବତୋ ନ୍ୟାନତ୍ୟେତି ତିଷ୍ଠତ୍
ତସ୍ମିନ୍ନପୋ ମାତରିଶ୍ୱା ଦଧାତି ॥

୫. ତଦେଜତି ତନ୍ନୈଜତି ତଦ୍ ଦୂରେ ତଦନ୍ତିକେ ।
ତଦନ୍ତରସ୍ୟ ସର୍ବସ୍ୟ ତଦୁ ସର୍ବସ୍ୟାସ୍ୟ ବାହ୍ୟତଃ ॥

୬. ଯସ୍ତୁ ସର୍ବାଣି ଭୂତାନି ଆତ୍ମନ୍ୟେବାନୁପଶ୍ୟତି ।
ସର୍ବଭୂତେଷୁ ଚାତ୍ମାନଂ ତତୋ ନ ବିଜୁଗୁପ୍ସତେ ॥

୭. ଯସ୍ମିନ୍ ସର୍ବାଣି ଭୂତାନି ଆତ୍ମୈବାଭୂଦ୍ ବିଜାନତଃ ।
ତତ୍ର କୋ ମୋହଃ କଃ ଶୋକ ଏକତ୍ୱମନୁପଶ୍ୟତଃ ॥

୮. ସ ପର୍ଯ୍ୟଗାଚ୍ଛୁକ୍ରମକାୟମବ୍ରଣମସ୍ନାବିରଂ ଶୁଦ୍ଧମପାପବିଦ୍ଧମ୍ ।
କବିର୍ମନୀଷୀ ପରିଭୂଃ ସ୍ୱୟମ୍ଭୂର୍ଯ୍ୟାଥାତଥ୍ୟତୋଽର୍ଥାନ୍
ବ୍ୟଦଧାଚ୍ଛାଶ୍ୱତିଭ୍ୟଃ ସମାଭ୍ୟଃ ॥

୯. ଅନ୍ଧଂ ତମଃ ପ୍ରବିଶନ୍ତି ଯେଽବିଦ୍ୟାମୁପାସତେ ।
ତତୋ ଭୂୟ ଇବ ତେ ତମୋ ଯ ଉ
ବିଦ୍ୟାୟାଂ ରତାଃ ॥

୧୦. ଅନ୍ୟ ଦେବାହୁର୍ବିଦ୍ୟୟାଽନ୍ୟଦାହୁରବିଦ୍ୟୟା ।
ଇତି ଶୁଶ୍ରୁମ ଧୀରାଣାଂ ଯେ ନସ୍ତଦ୍‌ବିଚଚକ୍ଷିରେ ॥

୧୧. ବିଦ୍ୟାଞ୍ଚାବିଦ୍ୟାଞ୍ଚ ଯସ୍ତଦ୍ ବେଦୋଭୟଂ ସହ ।
ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟୟାଽମୃତମଶ୍ନୁତେ ॥

୧୨. ଅନ୍ଧଂ ତମଃ ପ୍ରବିଶନ୍ତି ଯେଽସମ୍ଭୂତିମୁପାସତେ ।
ତତୋ ଭୂୟ ଇବ ତେ ତମୋ ଯ ଉ ସମ୍ଭୂତ୍ୟାଂ ରତାଃ ॥

୧୩. ଅନ୍ୟଦେବାହୁଃ ସମ୍ଭବାଦନ୍ୟଦାହୁରସମ୍ଭବାତ୍ ।
ଇତି ଶୁଶ୍ରୁମ ଧୀରାଣାଂ ଯେ ନସ୍ତଦ୍‌ବିଚଚକ୍ଷିରେ ॥

୧୪. ସମ୍ଭୂତିଞ୍ଚ ବିନାଶଞ୍ଚ ଯସ୍ତଦ୍‌ବେଦୋଭୟଂ ସହ ।
ବିନାଶେନ ମୃତ୍ୟୁଂ ତୀର୍ତ୍ୱା ସମ୍ଭୂତ୍ୟାଽମୃତମଶ୍ନୁତେ ॥

୧୫. ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ ।
ତତ୍ ତ୍ୱଂ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ॥

୧୬. ପୂଷନ୍ନେକର୍ଷେ ଯମ ସୂର୍ଯ୍ୟ ପ୍ରାଜାପତ୍ୟ
ବ୍ୟୂହ ରଶ୍ମୀନ୍ ସମୂହ ।
ତେଜୋ ଯତ୍ ତେ ରୂପଂ କଲ୍ୟାଣତମଂ ତତ୍‌ତେ
ପଶ୍ୟାମି ଯୋଽସାବସୌ ପୁରୁଷଃ ସୋଽହମସ୍ମି ॥

୧୭. ବାୟୁରନିଲମମୃତମଥେଦଂ ଭସ୍ମାନ୍ତଂ ଶରୀରମ୍ ।
ଓଁ କ୍ରତୋ ସ୍ମର କୃତଂ ସ୍ମର କ୍ରତୋ ସ୍ମର କୃତଂ ସ୍ମର ॥

୧୮. ଅଗ୍ନେ ନୟ ସୁପଥା ରାୟେ ଅସ୍ମାନ୍ ବିଶ୍ୱାନି
ଦେବ ବୟୁନାନି ବିଦ୍ୱାନ୍ ।
ଯୁ ଯୁ ଧ୍ୟସ୍ମଜ୍ଜୁହୁରାଣମେନୋ ଭୂୟିଷ୍ଠାଂ
ତେ ନମଉକ୍ତିଂ ବିଧେମ ॥ ❑

# ଈଶୋପନିଷଦ୍

## (ମୁକ୍ତ ଅନୁବାଦ)

## ନଳିନୀକାନ୍ତ ଗୁପ୍ତ

୧. ଏହି ବିଶ୍ୱଗତି ମଧ୍ୟରେ ଯାହା କିଛି ଗତିଶୀଳ, ସେସବୁହିଁ ଈଶ୍ୱର ବା ଭଗବାନଙ୍କ ନିବାସ ପାଇଁ ।[୧] ସେସବୁକୁ ତ୍ୟାଗ କରି ସେଗୁଡ଼ିକ ମାଧ୍ୟମରେ ଭୋଗ କର[୨] – ଅନ୍ୟ କାହାର ଧନ ସମ୍ପତ୍ତିରେ ଲୋଭ କର ନାହିଁ ।

୨. ଏଇ ଏଠାରେ କର୍ମ କରିହିଁ ଶତାୟୁ ହେବାକୁ ହୁଏ । ତୁମକୁ ବି ତାହାହିଁ କରିବାକୁ ହେବ, ଭିନ୍ନ କିଛି ନୁହେଁ । କର୍ମ କେବେ ବି ମନୁଷ୍ୟ ସହିତ ଲିପ୍ତ ବା ଜଡ଼ିତ ହୋଇ ରହେ ନାହିଁ ।

୩. ସେହିସବୁ ଲୋକ ସୂର୍ଯ୍ୟହୀନ, ଅନ୍ଧ ଅନ୍ଧକାରରେ ଆବୃତ । ଯେଉଁମାନେ ନିଜ ଆତ୍ମାକୁ ହତ୍ୟା କରିଥା'ନ୍ତି ସେମାନେ ଏଠାରୁ (ଏଇ ମର୍ତ୍ତ୍ୟଲୋକରୁ) ଚାଲିଯାଇ ସେହି ଅନ୍ଧକାର ଲୋକସବୁରେ ପ୍ରବେଶ କରନ୍ତି ।

୪. ଏକ, ଗତିହୀନ ସିଏ, କିନ୍ତୁ ମନ ଅପେକ୍ଷା ବି ବେଗବାନ୍ ।[୨] ଦେବତାମାନେ ବି ତାଙ୍କୁ ଧରି ପାରନ୍ତି ନାହିଁ, ସେ ସର୍ବଦା ଆଗେ ଆଗେ ଚାଲନ୍ତି । ଛିଡ଼ା ହୋଇ ରହିଛନ୍ତି, ଅଥଚ ଅନ୍ୟ ଯାହାକିଛି ଗତିଶୀଳ ବା ଧାବମାନ ସେ ସମସ୍ତଙ୍କୁ ପଛେଇ ଦେଇ ଆଗରେ ଚାଲିଛନ୍ତି । ମାତରିଶ୍ୱା[୩] ଦେବତା ତାଙ୍କ ମଧ୍ୟରେ ଅପଃ ବା ଜଳଧାରା[୪] ବା ଚେତନା ସ୍ଥାପନ କରନ୍ତି ।

୫. ସିଏ ଚାଲନ୍ତି, ପୁଣି ଚାଲନ୍ତି ନାହିଁ । ସିଏ ଦୂରରେ ପୁଣି ନିକଟରେ ବି ଅଛନ୍ତି । ସିଏ ଏସବୁକିଛିର ଅନ୍ତରରେ ଅଛନ୍ତି ପୁଣି ଏସବୁକିଛିର ବାହାରେ ବି ଅଛନ୍ତି ।

୬. ଯିଏ ସମସ୍ତ ସତ୍ତାଙ୍କୁ ଆତ୍ମା ମଧ୍ୟରେ ଦେଖନ୍ତି, ପୁଣି ଆତ୍ମାଙ୍କୁ ସମସ୍ତ ସତ୍ତା ମଧ୍ୟରେ ଦେଖନ୍ତି, ତାଙ୍କର କୌଣସି କିଛିରେ ଘୃଣା ରହେ ନାହିଁ ।

୭. ଯାହା ମଧ୍ୟରେ ଆତ୍ମସତ୍ତା ସର୍ବସତ୍ତା ହୋଇ ଉଠିଛନ୍ତି, ତାଙ୍କରହିଁ ପୂର୍ଣ୍ଣଜ୍ଞାନ ହୋଇଛି ବା ସେହିଁ ପୂର୍ଣ୍ଣଜ୍ଞାନ ପ୍ରାପ୍ତ କରିଛନ୍ତି । ସେ ସର୍ବତ୍ର ଦେଖନ୍ତି ଏକତ୍ୱ, ତେଣୁ ତାଙ୍କର ଆଉ ମୋହ କାହିଁ ? ଶୋକ କେଉଁଠି ?

୮. ଚାରି ଦିଗରେ ସେ ପ୍ରବିଷ୍ଟ ହୋଇଛନ୍ତି : ସିଏ ଶୁଭ୍ର, ତାଙ୍କର ଦେହ ନାହିଁ, କ୍ଷତ ନାହିଁ, ନାହିଁ ମାଂସପେଶୀ; ସିଏ ଶୁଦ୍ଧ; ପାପ ତାଙ୍କୁ ବିଦ୍ଧ କରେ ନାହିଁ । ସିଏ କବି[୫], ସିଏ ମନୀଷୀ; ପୁଣି ଆତ୍ମଜ ସିଏ, ସର୍ବତ୍ର ଜାତ; ପ୍ରତ୍ୟେକ ବିଷୟକୁ ନିଜ ନିଜ ଧର୍ମ ଅନୁସାରେ ଚିରକାଳ ଧରି ସେ ବ୍ୟବସ୍ଥିତ କରି ଚାଲିଛନ୍ତି ।

୯. ଯେଉଁମାନେ ଅବିଦ୍ୟାର ପୂଜାରୀ (ଉପାସକ) ସେମାନେ ଅନ୍ଧ ତିମିରରେ (ଅନ୍ଧକାରରେ) ପ୍ରବେଶ କରନ୍ତି, ହେଲେ ଯେଉଁମାନେ କେବଳ ବିଦ୍ୟା[୬]ରେ ମଗ୍ନ ସେମାନେ ଆହୁରି ଗଭୀରତର ତିମିରରେ (ଅନ୍ଧକାରରେ) ପ୍ରବେଶ କରନ୍ତି ।

୧୦. ବିଦ୍ୟାରୁ ଲାଭ ହୋଇଥାଏ ଗୋଟିଏ ଜିନିଷ, ଆଉ ଅବିଦ୍ୟାରୁ ଲାଭ ହୋଇଥାଏ ଅନ୍ୟ ଏକ ଜିନିଷ । ଏକଥା ଆମେ ଜ୍ଞାନୀମାନଙ୍କଠାରୁ ଶୁଣିଛୁ । ସେମାନେ ଏହା ଆମ୍ଭମାନଙ୍କ ପାଖରେ ବ୍ୟକ୍ତ କରିଛନ୍ତି ।

୧୧. ଯିଏ ତତ୍‌ବସ୍ତୁକୁ ବିଦ୍ୟା ଓ ଅବିଦ୍ୟାର ଯୁଗ୍ମରୂପ ବୋଲି ଜାଣନ୍ତି ସିଏ ଅବିଦ୍ୟା ଦ୍ୱାରା ମୃତ୍ୟୁକୁ ପାର ହୁଅନ୍ତି ଆଉ ବିଦ୍ୟା ଦ୍ୱାରା ଅମୃତତ୍ୱ ଲାଭ କରନ୍ତି ।[୭]

୧୨. ସେହିମାନେହିଁ ଅନ୍ଧ ତିମିର ମଧ୍ୟରେ (ଅନ୍ଧକାରରେ) ପ୍ରବେଶ କରନ୍ତି ଯେଉଁମାନେ ଅସମ୍ଭୂତିର ପୂଜକ (ଉପାସକ), କିନ୍ତୁ ଆହୁରି ଅଧିକତର ତିମିରରେ ସେମାନେ ବୁଡ଼ି ଯାଆନ୍ତି ଯେଉଁମାନେ କେବଳ ସମ୍ଭୂତି[୮] ମଧ୍ୟରେ ମଗ୍ନ ।

୧୩. ସମ୍ଭୂତିରୁ ଲାଭ ହୋଇଥାଏ ଗୋଟିଏ ଜିନିଷ, ଆଉ ଅସମ୍ଭୂତି ମଧ୍ୟରୁ ଆସିଥାଏ ଆଉ ଏକ ଜିନିଷ । ଏକଥା ଆମେ ଜ୍ଞାନୀମାନଙ୍କଠାରୁ ଶୁଣିଛୁ; ଏହା ସେମାନେ ଆମ୍ଭମାନଙ୍କ ନିକଟରେ ବ୍ୟକ୍ତ କରିଛନ୍ତି ।

୧୪. ତତ୍-ବସ୍ତୁକୁ ଯିଏ ସୃଷ୍ଟି ଓ ବିନାଶର ଯୁଗ୍ମରୂପ ବୋଲି ଜାଣେ, ସେ ବିନାଶ ମଧ୍ୟ ଦେଇ ମୃତ୍ୟୁକୁ ପାର ହୁଏ ଆଉ ସୃଷ୍ଟି ମାଧ୍ୟମରେ ଅମୃତତ୍ୱ ଲାଭ କରେ ।

୧୫. ହିରଣ୍ମୟ (ସୁବର୍ଣ୍ଣ) ପାତ୍ର (ଢାଙ୍କୁଣୀ) ଦେଇ ସତ୍ୟର ମୁଖ ଆବୃତ ରଖା ହୋଇଛି । ହେ ପୂଷନ୍, ତୁମେ ତାହାକୁ ଅପସାରିତ କର (କାଢ଼ିଦିଅ) ଯଦ୍ଦ୍ୱାରା ସତ୍ୟ ଧର୍ମ ଏବଂ ସାକ୍ଷାତ୍ ଦୃଷ୍ଟି ଲାଭ କରି ହେବ ।

୧୬. ହେ ପୂଷନ୍, ହେ ଅଦ୍ୱିତୀୟ ଦ୍ରଷ୍ଟା, ହେ ଧର୍ମରାଜ ଯମ, ହେ ଜ୍ୟୋତିଃରାଜ ସୂର୍ଯ୍ୟ, ହେ ଲୋକପତି, ତୁମର

କିରଣରାଜିକୁ ବ୍ୟୂହବଦ୍ଧ କର, ଏକତ୍ରିତ କର । ତୁମର ଯେଉଁ କଲ୍ୟାଣତମ ରୂପ ତେଜଃସ୍ୱରୂପ ତାକୁ ମୁଁ ଦେଖୁଛି । ସେଇ ଯେଉଁ ପୁରୁଷ ସିଏ ବି ମୁଁ ।

୧୭. ପ୍ରାଣବାୟୁ ହେଲା ଅମର ଜୀବନଶ୍ୱାସ, କିନ୍ତୁ ଶରୀରର ଶେଷ ହେଉଛି ଭସ୍ମ । ହେ ତପୋବଳ ![୯] କୃତକର୍ମ ସ୍ମରଣ କର, ସ୍ମରଣ କର କୃତ କର୍ମ, ସ୍ମରଣ କର, ହେ ତପୋବଳ !

୧୮. ହେ ଅଗ୍ନିଦେବ ![୧୦] ତୁମେ ସମସ୍ତ ବ୍ୟକ୍ତିରୂପ ଜାଣ । ଆମ୍ଭମାନଙ୍କୁ ସୁନ୍ଦର ପଥ ମଧ୍ୟଦେଇ ଆନନ୍ଦ ଦିଗରେ ନେଇଚାଲ । ଆମ୍ଭମାନଙ୍କ ମଧ୍ୟରୁ କୁଟିଳଗତି ପାପକୁ ଦୂର କରି ଦିଅ । ଆମ୍ଭମାନଙ୍କ ପ୍ରଣତିର ପରିପୂର୍ଣ୍ଣ ବାଣୀ ତୁମକୁ ନିବେଦନ କରୁଛୁ ।

(ମୂଳ ବଙ୍ଗଳା ରଚନାବଳୀ, ୭ମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି ❑

---

(୧) କିଂବା, (କ) ପରିଧାନ ପାଇଁ – ଈଶ୍ୱର ବା ଭଗବାନ୍ ହେବେ ସେମାନଙ୍କର ବାସ ବା ପରିଧାନ ।

(୨) (କ) ତେନ ତ୍ୟକ୍ତେନ – ସେହି ତ୍ୟାଗ ଦ୍ୱାରା (ପ୍ରାଚୀନ ପ୍ରଚଳିତ ବ୍ୟାଖ୍ୟା, ଶଙ୍କରାଚାର୍ଯ୍ୟ ପ୍ରଭୃତିଙ୍କ କୃତ ।)
(ଖ) ତେନ ଅର୍ଥାତ୍ ଈଶ୍ୱର ବା ଭଗବାନଙ୍କ ଦ୍ୱାରା ପରିତ୍ୟକ୍ତ – ପ୍ରଦତ୍ତ । ରବୀନ୍ଦ୍ରନାଥ ଠାକୁର ଲେଖିଛନ୍ତି – ଭଗବାନ୍ ନିଜେ ଯାହା ତୁମ ପାଇଁ ଦାନ କରିବେ କେବଳ ତାହାହିଁ ତୁମେ ଉପଭୋଗ କରିବ ।

(୩) ମାତା ବା ଧାରଣ-କର୍ତ୍ତ୍ରୀଙ୍କ (ମା ଧାତୁ) ମଧ୍ୟରେ ଯାହା ପ୍ରସାରିତ (ଶ୍ୱସ୍ ଧାତୁ) । ମାତା ଅର୍ଥରେ ଆକାଶକୁ ଗ୍ରହଣ କରାଯାଇ ପାରେ ଯାହା ସବୁ ଜିନିଷକୁ ଧାରଣ କରି ରହିଛି । ନହେଲେ ସ୍ଥୂଳ ଜଡ଼ଶକ୍ତି, ବେଦ ଯାହାର ନାମ ଦେଇଛନ୍ତି ''ମାତା ପୃଥିବୀ'' । ବାୟୁର ଅନ୍ୟ ନାମ ବି ମାତରିଶ୍ୱା । ବାୟୁର ତତ୍ତ୍ୱ ବା ଅଧିଷ୍ଠାତ୍ରୀ ପ୍ରାଣଶକ୍ତି ଜଡ଼ ମଧ୍ୟରେ ନିହିତ ତଥା ପ୍ରସାରିତ ।

(୪) ଅପଃ = (କ) ଜଳ, ପାଣି = ଆଧ୍ୟାତ୍ମିକ ଅର୍ଥରେ ଚେତନାର ଧାରା (ସପ୍ତଲୋକ, ସପ୍ତଧାରା)
(ଖ) କର୍ମ, କର୍ମଧାରା ।

(୫) କବି = ସାକ୍ଷାତ୍ ଦ୍ରଷ୍ଟା ବା ଦିବ୍ୟଦ୍ରଷ୍ଟା । କବିଙ୍କ ଧର୍ମ 'ଦର୍ଶନ' ଆଉ ମନୀଷୀଙ୍କ ଧର୍ମ 'ମନନ' । ମନ ଚାଲେ ଆନ୍ତର ଦୃଷ୍ଟ ବସ୍ତୁର ପ୍ରଥମ ଆନ୍ତର ରୂପ ମାଧ୍ୟମରେ ଯଦ୍ଦ୍ୱାରା ସେ ରୂପ ସ୍ଥୂଳଭାବେ କ୍ରମଶଃ ମୂର୍ତ୍ତ ହୋଇ ଉଠିପାରେ ।

(୬) ବିଦ୍ୟା = ଆତ୍ମାର ଜ୍ଞାନ । ଅବିଦ୍ୟା = ଅନାତ୍ମାର ଜ୍ଞାନ । ଯାହାଙ୍କ ଜ୍ଞାନ ଆତ୍ମା ମଧ୍ୟରେ ନିବଦ୍ଧ, ଯାହାଙ୍କର ଅନାତ୍ମାର ଜ୍ଞାନ ନାହିଁ, ସେ ପୂର୍ଣ୍ଣଜ୍ଞାନୀ ନୁହେଁ – ତାଙ୍କର ଜ୍ଞାନ ସୀମାବଦ୍ଧ, ଏକଦେଶଦର୍ଶୀ । ପୂର୍ଣ୍ଣ ଜ୍ୟୋତିଃର ଦୃଷ୍ଟିରୁ ତାହା ଅନ୍ଧକାରର ନାମାନ୍ତର ମାତ୍ର ।

(୭) ମୃତ୍ୟୁକୁ ପାରି ହେବାକୁ ହେଲେ ଅର୍ଥାତ୍ ମୃତ୍ୟୁକୁ ଜୟ କରିବାକୁ ହେଲେ ମୃତ୍ୟୁର କ୍ଷେତ୍ର ଏଇ ଅବିଦ୍ୟାର ଜୀବନକୁ ନେଇହିଁ ଚାଲିବାକୁ ହେବ, ଆଉ ତା' ଭିତର ଦେଇ ଚାଲି ଚାଲି, ତା'ରି ଅଭିଜ୍ଞତା ଦ୍ୱାରା ଆତ୍ମସତ୍ତାକୁ ବର୍ଦ୍ଧିତ ତଥା ଉପଚିତ କରିବାକୁ ହେବ, ବିଶ୍ୱାତ୍ମ କରି ତୋଳିବାକୁ ହେବ ।
ଯେତେବେଳେ ମୋର ବ୍ୟକ୍ତିଗତ ସତ୍ତା, ମୋର ଅହଂ ଏଇଭଳି ଏକାନ୍ତ ବ୍ୟଷ୍ଟି ବା ବ୍ୟକ୍ତିର ଗଣ୍ଡି ମଧ୍ୟରୁ ବାହାରି ବିଶୁଦ୍ଧ ହୁଏ ସେତେବେଳେହିଁ ତାହା ମୃତ୍ୟୁର ହାତରୁ ମୁକ୍ତି ପାଏ, ତାକୁ ଆଉ ମୃତ୍ୟୁ ଗ୍ରାସ କରି ଲୋପ କରି ଦେଇପାରେ ନାହିଁ ।
କିନ୍ତୁ କେବଳ ମୃତ୍ୟୁକୁ ପାର ହୋଇଗଲେ ଅମରତ୍ୱ ବା ଅମୃତତ୍ୱ ଲାଭ ହୋଇଯାଏ ନାହିଁ; ଆତ୍ମା ଯେତେବେଳେ ତା'ର ବିଶ୍ୱାତୀତ ପଦବୀକୁ ଉଠିଯାଏ ସେତେବେଳେହିଁ ଯଥାର୍ଥ ଅମରତ୍ୱ ଲାଭ ହୋଇଥାଏ । ପୁଣି ଏଇ ଯଥାର୍ଥ ଅମରତ୍ୱ ଏକ କାଳଗତ ଜିନିଷ ନୁହେଁ । ଯାହା ସବୁବେଳେ ବର୍ତ୍ତି ରହିଥାଏ ତାହା ହେଲା ଏକ କାଳାତୀତ ନିତ୍ୟ ଧର୍ମ – ଅବ୍ୟୟ 'ଅସ୍ତି' । ଆଉ ତାହା ହେଲା ବିଦ୍ୟା ବା ଆତ୍ମଜ୍ଞାନର ଦାନ ।

(୮) ସମ୍ଭୂତି = ଜନ୍ମ, ବ୍ୟକ୍ତ ରୂପ ।

(୯) ସାଧାରଣ ଚେତନା କ୍ଷଣିକ ମଧ୍ୟରେ ବାସ କରେ । ପୂର୍ବାପରର ଜ୍ଞାନ ତା'ର ନାହିଁ । ପୂର୍ଣ୍ଣ ଚେତନାର ସେହି ସ୍ମୃତି ରହିଛି ଯାହା ଅତୀତ ଉପଲବ୍ଧିକୁ ବର୍ତ୍ତମାନର ମଧ୍ୟଦେଇ ଭବିଷ୍ୟତ୍ ସହିତ ସଂଯୁକ୍ତ କରି ରଖିଛି । ଏଥିପାଇଁ ଯଥାର୍ଥରେ ଜ୍ଞାନୀମାନଙ୍କୁ କୁହାଯାଏ ତ୍ରିକାଳଦର୍ଶୀ ।

(୧୦) ଅଗ୍ନି = ଭାଗବତ ତପୋବଳ । ମନ ସ୍ତରରେ ସେହି ଅଗ୍ନିଙ୍କର ବା ତପୋବଳର ପ୍ରକାଶ ହୋଇଛି ଇଚ୍ଛାଶକ୍ତି ବା ସ୍ଥିର ସଂକଳ୍ପ ରୂପରେ ।

**ଆରବ୍ୟ ରଜନୀର ଅଜଣା କାହାଣୀ :**

# ଭାଗ୍ୟର ଗତି-ବିଚିତ୍ରା

## ମନୋଜ ଦାସ

ବାଗ୍‌ଦାଦ୍ ନଗରୀରେ ଥିଲେ ଦୁଇ ଯୁବକ, ସାଜ୍ଜାଦ୍ ଏବଂ ସାହୀର୍ । ସାଜ୍ଜାଦ୍ ଧନୀ, ସାହୀର୍ ନିଜ ଚଳିବା ମୁତାବକ ଆୟ କରେ; ଅଧିକ କିଛି ନୁହେଁ । କିନ୍ତୁ ଦୁହେଁ ଥିଲେ ନିବିଡ଼ ବନ୍ଧୁ ।

ସାଜ୍ଜାଦ୍ କହେ, ‘‘ସାହୀର୍ ! ତୁମେ ଗୋଟାଏ ବ୍ୟବସାୟ କର । ମୁଁ ମୂଳଧନ ଯୋଗାଇ ଦେବି । ଅଧିକ ଉପାର୍ଜନ ନକଲେ ତୁମେ ସୁଖୀ ହେବ କେମିତି ?’’

‘‘ଆରେ ଭାଇ, ମୁଁ ତ ନିଜକୁ ଦୁଃଖୀ ବୋଲି ଭାବୁ ନାହିଁ, ଅଧିକ ବୋଝ କାହିଁ ପାଇଁ ମୁଣ୍ଡାଇବାକୁ ଯିବି ?’’ ସାହୀର୍ ଉତ୍ତର ଦିଏ ।

‘‘ତୁମେ ଅଳ୍ପବୁଦ୍ଧିଆ ଭଳି କଥା କହୁଛ । ଭବିଷ୍ୟତ୍ ଅଛି । ଅଧିକ ଉପାର୍ଜନର ସୁଯୋଗ ଥାଉ ଥାଉ ତୁମେ କାହିଁକି ତାକୁ ଅବଜ୍ଞା କରୁଛ ?’’

‘‘ଦେଖ ସାଜ୍ଜାଦ୍, ସୁଯୋଗ ବୋଇଲେ ତୁମେ ମୋତେ ଯେଉଁ ମୂଳଧନ ଯୋଗାଇଦେବ, ସେଇଆ ତ ? ଥରେ ଥରେ ଜଣେ ଜଣେ ସୁଯୋଗ ପାଇବା ସତ୍ତ୍ୱେ ସେଥିରୁ ଲାଭବାନ୍ ହୋଇପାରନ୍ତି ନାହିଁ । ପୁଣି ହଠାତ୍ ଜଣ ଜଣଙ୍କର କପାଳ ଖୋଲିଯାଏ । ଆକସ୍ମିକ ଭାବରେ ସେ ବିତ୍ତଶାଳୀ ହୋଇଉଠେ ।’’

‘‘ଅଯଥା କଥା କୁହ ନାହିଁ ସାହୀର୍ ! ଆକସ୍ମିକ ଭାବରେ କେହି ବିତ୍ତଶାଳୀ ହୋଇଯିବ, ଏହା ଅସମ୍ଭବ । ମୂଳଧନ ଦରକାର ।’’

‘‘ତୁମେ ଯଦି କହୁଛ ଆକସ୍ମିକ ଭାବେ କେହି ବିତ୍ତଶାଳୀ ହୋଇପାରେ ନାହିଁ, ମୁଁ କହୁଛି ଆକସ୍ମିକ ଭାବେ ଜଣକର ମୂଳଧନ ମଧ୍ୟ ଉଡ଼ିଯାଇପାରେ ।’’ ସାହୀର୍ କହିଲା ।

‘‘ସତେ ? ଚାଲ, ପରୀକ୍ଷା କରି ଦେଖିବା ।’’ ପ୍ରସ୍ତାବ ଦେଲା ସାଜ୍ଜାଦ୍ ।

ସାହୀର୍ ହସିଦେଇ ରାଜି ହେଲା । ଦୁଇ ବନ୍ଧୁ ନଈକୂଳ ବନ୍ଦର ଆଡ଼େ ବାହାରି ଗଲେ । ସେଠାରେ କେତେ କୁଲି ମଜଦୁର୍‌ଙ୍କ ଘର । ଜାହାଜ ସବୁ ପାଇଁ ସେମାନେ ଭିନ୍ନ ଭିନ୍ନ କାମ କରନ୍ତି ।

ଗୋଟାଏ କୁଡ଼ିଆ ଭିତରେ ଲୋକଟିଏ ବସି ଦଉଡ଼ି ବଳୁଥାଏ । ପାଲ ଟଣା ହେବା ପାଇଁ ସେ ଦଉଡ଼ି ଦରକାର ।

‘‘ଆରେ ଭାଇ, ତୁମ ନାମ କ’ଣ ? ତୁମେ ସୁଖରେ ଅଛଟି ?’’ ଦୁଇ ବନ୍ଧୁ ତା’ କୁଡ଼ିଆ ଭିତରକୁ ପଶିଯାଇ ପ୍ରଶ୍ନ କଲେ ।

ଲୋକଟି ଉଠିପଡ଼ି ଆଗନ୍ତୁକମାନଙ୍କୁ ଅଭିବାଦନ ଜଣାଇଲା ଓ କହିଲା, ‘‘ମୋ ନାମ ହାସାନ୍ । ସୁଖରେ ରହିବା ମୋ ଭାଗ୍ୟରେ ନାହିଁ । ଠିକାଦାର ମୋତେ ଝୋଟ ଯୋଗାଇଦିଏ । ଦିନଯାକ ପରିଶ୍ରମ କରି ଯେତିକି ଦଉଡ଼ି ତିଆରି କରେ, ସନ୍ଧ୍ୟାବେଳେ ସେ ଆସି ସେତକ ମୋ’ଠାରୁ ନେଇଯାଏ । ମଜୁରି ଦିଏ, କିନ୍ତୁ ତାହା ଯଥେଷ୍ଟ ନୁହେଁ । ମୋ ସ୍ତ୍ରୀ ଓ ଦୁଇ ଟିକି ପୁଅଙ୍କୁ ମୁଁ ଦିନେ ସେମାନଙ୍କ ମନ ପୂରାଇ ଖାଇବାକୁ ଦେଇପାରି ନାହିଁ ।’’

‘‘ତୁମେ ନିଜେ କିଛି ବ୍ୟବସାୟ କରୁନା ?’’ ସାଜ୍ଜାଦ୍ ପଚାରିଲା ।

ହାସାନ୍ ହସିଲା ଓ କହିଲା, ‘‘ଆଜ୍ଞା, ମୋ ପାଖରେ ମୂଳଧନ କାହିଁ ଯେ ବ୍ୟବସାୟ କରିବି ?’’

ସାଜ୍ଜାଦ୍ ତତ୍‌କ୍ଷଣାତ୍ ଦୁଇ ଶହ ମୁଦ୍ରା ବାହାର କରି ତା’ ଆଗରେ ଥୋଇଦେଇ କହିଲା, ‘‘ହେଇଟି ମୂଳଧନ । ତୁମକୁ ଯାହା ସହଜ ମନେ ହେବ, ସେହି ଧରଣର ବ୍ୟବସାୟ ଆରମ୍ଭ କର । ମାସକ ପରେ ଆସି ଆମେ ତୁମ ଅବସ୍ଥା ଦେଖିବା ।’’

ହାସାନ୍ ଅବାକ୍ ହୋଇ ଅନାଇଥାଏ । ତା’ ପାଖରୁ ଧନ୍ୟବାଦ ପାଇବାକୁ ଅପେକ୍ଷା ନକରି ଦୁଇ ବନ୍ଧୁ ସେଠାରୁ ଅପସରି ଗଲେ ।

ହାସାନ୍ ଭଗବାନଙ୍କୁ ଧନ୍ୟବାଦ ଦେଲା । କୁଡ଼ିଆରେ ସେତେବେଳେ ତା’ ସ୍ତ୍ରୀ ବା ପିଲାମାନେ ନଥିଲେ । ଜୀବନରେ ହାସାନ୍ ସେମାନଙ୍କୁ କେବେ ଭଲ ଭାବରେ ଖୁଆଇ ପାରି ନାହିଁ । ସେ ସ୍ଥିର କଲା, ଗୋଟାଏ ଯୋଡ଼ାଏ ମୁଦ୍ରା ବ୍ୟୟ କରି ଆଜି ବଜାରରୁ କିଛି ଭଲ ମାଂସ କିଣି ଆଣିବ । କିନ୍ତୁ ବାକିତକ

ଅର୍ଥ ରଖିଯିବ କେଉଁଠି ? ଘରେ ଗୋଟାଏ ମାତ୍ର ପେଟୀ ଥିଲା । କିନ୍ତୁ ସେ ଗୋଟିକର ଚାବିକାଠି ତା' ସ୍ତ୍ରୀ ପାଖରେ ।

ହାସାନ୍ ମୁଦ୍ରାତକ ଖଣ୍ଡିଏ କନାରେ ବାନ୍ଧି ନିଜ ପଗଡ଼ି ଖୋଲି ତହିଁ ଭିତରେ ତାକୁ ରଖି ପଗଡ଼ି ସହ ଗଣ୍ଠି ପକାଇ-ଦେଲା ଏବଂ ତାକୁ ପୁଣି ମୁଣ୍ଡରେ ବାନ୍ଧି ବାହାରିଲା ।

ଉତ୍ତମ ଧରଣର ମାଂସ କିଣି ତାକୁ ଦୋକାନୀ ଦେଇଥିବା ଖଣ୍ଡିଏ ପତ୍ର ଖୋଳରେ ଧରି ଘରକୁ ଫେରୁଛି, ଗୋଟାଏ ଛଞ୍ଚାଣ ତୀବ୍ର ଗତିରେ ତଳକୁ ଝପଟି ଆସି ସେ ଖଣ୍ଡିକ ଛଡ଼ାଇ ନେବାକୁ ଚେଷ୍ଟା କଲା । ହାସାନ୍ ତଳେ ପଡ଼ିଗଲା । ତା' ପଗଡ଼ି ଗୋଟିକ ମୁଣ୍ଡରୁ ଅଲଗା ହୋଇଗଲା । ଛଞ୍ଚାଣ ତତ୍‌କ୍ଷଣାତ୍ ସେହି ପଗଡ଼ି ଖଣ୍ଡିକ ଟେକି ନେଇ ପଳାଇଗଲା । ରାସ୍ତାର ଲୋକେ ପାଟି-କଲେ; ତା' ଆଡ଼େ ଟେକା ଫୋପାଡ଼ିଲେ; କିନ୍ତୁ ଛଞ୍ଚାଣ ଅଦୃଶ୍ୟ ହୋଇଗଲା ।

ହାସାନ୍ ତା' କୁଡ଼ିଆକୁ ଫେରି ଆସିବା ବେଳକୁ ସ୍ତ୍ରୀ ଓ ପୁଅ ଦୁଇଟି ଆସି ଗଲେଣି । ବିମର୍ଷ କଣ୍ଠରେ ହାସାନ୍ ତା' ସ୍ତ୍ରୀକୁ ସବୁ ଜଣାଇଲା । ସ୍ତ୍ରୀ କନ୍ଦାକଟା କଲା । ଦୁଃଖରେ ଦୁହେଁ ଖିଆପିଆ କରି ପାରିଲେ ନାହିଁ ।

ମାସକ ପରେ ସାଜ୍ଜାଦ୍ ଓ ସାହୀର୍ ଆସି ପହଞ୍ଚିଲେ ।

''କଥା କ'ଣ ହାସାନ୍ ! ତୁମ ଅବସ୍ଥା ତ ସୁଧୁରିଥିବା ଭଳି ମନେ ହେଉ ନାହିଁ !'' ସାଜ୍ଜାଦ୍ କହିଲା ।

ହାସାନ୍ କାନ୍ଦି ପକାଇଲା ଓ ତା'ର ଦୁର୍ଭାଗ୍ୟ କଥା ଗପିଲା ।

''ମୁଁ ବିଶ୍ୱାସ କରୁ ନାହିଁ । ତୁମେ ଟଙ୍କାତକ ଉଡ଼ାଇ ଦେଇଛ !'' ସାଜ୍ଜାଦ୍ କହିଲା ।

''ନା, ନା, ସାଜ୍ଜାଦ୍ !'' ସାହୀର୍ ତା' ବନ୍ଧୁକୁ ରୋକି ଦେଇ କହିଲା, ''ଛଞ୍ଚାଣମାନେ ସେମିତି କାମ କରିପାରନ୍ତି । ହାସାନ୍ ମିଛ କହୁଥିବା ଭଳି ମୋର ମନେ ହେଉ ନାହିଁ ।''

''ବେଶ୍ ! ତୁମ କଥା ସତ ହୋଇଥାଉ ।'' ଏହା କହି ସାଜ୍ଜାଦ୍ ଆଉ ଦୁଇ ଶହ ମୁଦ୍ରା ବାହାର କରି ହାସାନ୍ ଆଗରେ ଥୋଇଦେଲା ଓ ତାକୁ କହିଲା, ''ଏହାକୁ ବିନିଯୋଗ କରି ତୁମ ଭାଗ୍ୟ ବଦଳାଇବାର ଚେଷ୍ଟା କର ।''

ହାସାନ୍ କିଛି କହିପାରିବା ପୂର୍ବରୁ ଦୁଇ ବନ୍ଧୁ ବିଦାୟ ନେଲେ ।

କୁଡ଼ିଆରେ କେହି ନଥିଲେ । ହାସାନ୍ ନିଜ ବୁଣା ଦଉଡ଼ିତକ ନେଇ ଠିକାଦାର ଜିମା ଦେବା ସମୟ ହୋଇ ଯାଇଥିଲା । ତା' କୁଡ଼ିଆ କୋଣରେ ବହୁ ଦିନରୁ ଗୋଟାଏ ହାଣ୍ଡି ପଡ଼ିଥାଏ । ଦଉଡ଼ି ତିଆରି କଲାବେଳେ ସେଥିରୁ ଛିଡ଼ି ଯାଉଥିବା ଝୋଟଖିଅସବୁ ସେହିଥିରେ ଜମା ହୋଇ ରହୁଥା'ନ୍ତି । ସେସବୁ ଅଦରକାରୀ । ହାସାନ୍ ମୁଦ୍ରାତକ ଗୋଟାଏ ଛୋଟିଆ ଥଳିରେ ପୂରାଇ ସେହି ହାଣ୍ଡିରେ ରଖି ଦେଲା ।

ହାସାନ୍ ବାହାରି ଯିବାର କିଛି ସମୟ ପରେ ତା' ସ୍ତ୍ରୀ ଲେଉଟି ଆସିଲା । ଜଣେ ଫେରିବାଲା ଘର ଘର ବୁଲି ପୁରୁଣା ଚିଜ ସବୁ ବଦଳରେ ଲୁଗାପଟା ସଫା କରିବା ପାଇଁ ବ୍ୟବହାର ହେଉଥିବା ଏକ ପ୍ରକାର ଗୁଣ୍ଡ ଦେଇ ଦେଇ ଯାଉଥାଏ । ହାସାନ୍‌ର ସ୍ତ୍ରୀ ଦେଖିଲା, ନିଜ ଘରେ ଏକମାତ୍ର ବର୍ଜନୀୟ ବସ୍ତୁ ସେହି ପୁରୁଣା ହାଣ୍ଡି ଗୋଟିକ । ସେ ଫେରିବାଲାଠୁଁ ଦୁଇ ଗିନା ଗୁଣ୍ଡ ନେଇ ସେ ଗୋଟିକ ଦେଇଦେଲା ।

ହାସାନ୍ ଘରକୁ ଫେରିବାମାତ୍ରେ ପ୍ରଥମେ ସେ ହାଣ୍ଡି ଥିବା କୋଣକୁ ଯାଇ ଦେଖିବା ବେଳକୁ ସେ ଗୋଟିକ ଗାଏବ୍ ହୋଇଯାଇଛି ।

''ହଠାତ୍ ସେ ଅଦରକାରୀ ଚିଜଟି କଥା କାହିଁକି ମନେ ପଡ଼ିଲା ? ମୁଁ ତାକୁ ଦେଇ କିଛି ଦରକାରୀ ଜିନିଷ ପାଇଛି ।'' ହାସାନ୍‌ର ସ୍ତ୍ରୀ ଗର୍ବଭରେ କହିଲା ।

ହାସାନ୍ ଚିତ୍କାର କଲା, ନିଜ କେଶ ଛିଣ୍ଡାଇଲା । ତା'ପରେ ରାସ୍ତାକୁ ବାହାରିଯାଇ ସେ ଫେରିବାଲାର ସନ୍ଧାନ କଲା । କିନ୍ତୁ ଫଳ କିଛି ହେଲା ନାହିଁ ।

ଦୁଇ ଘଣ୍ଟା ପରେ ଫେରି ଆସି ସେ ତା' ସ୍ତ୍ରୀକୁ ସବୁ କହିଲା । ସ୍ତ୍ରୀ ଚଟାଣରେ ମୁଣ୍ଡ ପିଟିଲା । ହାସାନ୍ ତାକୁ ସାନ୍ତ୍ୱନା ଦେଇ କହିଲା, ''ଭଗବାନଙ୍କର ଇଚ୍ଛା ଆମେ ଏମିତି ଗରିବ ହୋଇ ରହିବା । ନହେଲେ ଦୁଇ ଦୁଇ ଥର ଏଭଳି ଆକସ୍ମିକ ଘଟଣା ଘଟନ୍ତା ?''

ମାସକ ପରେ ତା' କୁଡ଼ିଆରେ ଦୁଇ ବନ୍ଧୁ ଉପସ୍ଥିତ ହେବାବେଳକୁ ମଧ୍ୟ ସେମାନେ ବିମର୍ଷ ଦିଶୁଥିଲେ ।

ଏଥର ହାସାନ୍ କିଛି ନକହି ମୁଣ୍ଡ ପୋତି ଠିଆ ହୋଇ ରହିଲା । ତା' ସ୍ତ୍ରୀ ସେ ଦୁର୍ଭାଗ୍ୟଜନକ ଘଟଣା ବର୍ଣ୍ଣନା କଲା । ସାଜ୍ଜାଦ୍ କିଛି ନକହିଲେ ମଧ୍ୟ ସେ ଯେ କଥାଟି ବିଶ୍ୱାସ କରୁ ନାହିଁ, ତା' ମୁହଁ ଭାବରୁ ସେକଥା ସ୍ପଷ୍ଟ ହୋଇ ଯାଉଥାଏ ।

କିନ୍ତୁ ସାହୀର୍ କହିଲା, ''ମୁଁ ତୁମ କଥା ବିଶ୍ୱାସ କରୁଛି । ଥରେ ଥରେ ଏମିତି ହୁଏ । ସେ ଯାହାହେଉ, ଥରେ ଥରେ

ଏମିତି ବି ହୁଏ ଯେ ଗୋଟାଏ ମାମୁଲି ଚିଜ ଜଣକର ସୌଭାଗ୍ୟର ହେତୁ ହୋଇପାରେ ।''

ଏହା କହି ସେ ନିଜ ପକେଟରୁ ଖଣ୍ଡିଏ ସୀସା ବାହାର କରି ହାସାନ୍‌ର ସ୍ତ୍ରୀ ହାତରେ ଦେଇ କହିଲା, ''ଏଠାକୁ ଆସିବା-ବେଳେ ଏ ଖଣ୍ଡିକ ବାଟରୁ ପାଇଲି । ଏହାର ଅବଶ୍ୟ ଏମିତି କୌଣସି ମୂଲ୍ୟ ନାହିଁ । କିନ୍ତୁ ଏହାକୁ ତଳୁ ଉଠାଇ ନେବାବେଳେ ମୋର ମନେ ହେଲା, ଏହା ଦ୍ୱାରା କାହାରି ବିଶେଷ ହିତ ସାଧିତ ହେବ ।''

ହାସାନ୍‌ର ସ୍ତ୍ରୀ ଦେଖିଲା, ସେମିତି ସୀସାମାନ ନଈ ଭିତରକୁ ଜାଲ ଛାଟିବା ପୂର୍ବରୁ ତହିଁରେ ବନ୍ଧା ହୁଏ । ତା' ଦ୍ୱାରା ଜାଲ ସହଳ ବୁଡିଯାଏ । ସେ ଧନ୍ୟବାଦ ଦେଇ ସୀସା ଖଣ୍ଡିକ ଯତନରେ ରଖିଲା ।

ରାତି ଅଧରେ କେହି ସେମାନଙ୍କ କୁଡ଼ିଆର କବାଟ ବାଡ଼େଇଲା ଓ ହାସାନ୍‌ର ସ୍ତ୍ରୀର ନାମ ଧରି ଡାକିଲା । ଦେଖିବା ବେଳକୁ ସେ ଜଣକ ସେମାନଙ୍କ ପଡ଼ୋଶୀ ଧୀବରର ସ୍ତ୍ରୀ ।

ଆଗନ୍ତୁକା ମହିଳାଟି ହାସାନ୍‌ର ସ୍ତ୍ରୀକୁ କହିଲା, ''ଭଉଣି ! କାଲି ସକାଳେ ନବାବଙ୍କ ଘରେ କିଛି ମାଛ ଯୋଗଇ ଦେବାକୁ ମୋ ସ୍ୱାମୀ ଜବାବ ଦେଇଛନ୍ତି । ଏଇ ରାତିରେ ତାଙ୍କୁ ମାଛ ଧରିବାକୁ ହେବ । ତାଙ୍କ ଜାଲର ସୀସାଟି କୁଆଡ଼େ ହଜି ଯାଇଛି । ଆଖପାଖ କାହାରି ଘରେ ସୀସା ଖଣ୍ଡିଏ ପାଉ ନାହିଁ । ଦୈବାତ୍ ତୁମଠି ସେମିତି କିଛି ଥିବ କି ?''

ହାସାନ୍‌ର ସ୍ତ୍ରୀ ସାହୀରଠୁଁ ପାଇଥିବା ସୀସା ଖଣ୍ଡିକ ତାକୁ ଦେଇଦେଲା । ଭାବିଲା, ସେହି ଗୋଟିକ ଆଗନ୍ତୁକାଙ୍କ ସ୍ୱାମୀଙ୍କର ହୋଇଥିବ ।

''ଭଉଣି ! ମୋ ସ୍ୱାମୀ ପ୍ରଥମ ଥର ଜାଲ ପକାଇ ଯେତିକି ମାଛ ଧରି ପାରିବେ, ସେତକ ତୁମର ।'' ମହିଳାଟି ଏହା କହି ସୀସାଟି ନେଇ ଆନନ୍ଦରେ ଚାଲିଗଲା ।

ଭୋର ବେଳକୁ ସେ ଗୋଟାଏ ବିରାଟ ମାଛ ଧରି ହାସାନ୍ ଘରେ ପହଞ୍ଚିଲା ଓ ସେ ଗୋଟିକୁ ହାସାନ୍‌ର ସ୍ତ୍ରୀକୁ ହସ୍ତାନ୍ତର କରି କହିଲା, ''ଭଉଣି, ପ୍ରଥମ ଥର ମୋ ସ୍ୱାମୀଙ୍କ ଜାଲରେ ଏହି ଗୋଟିଏ ମାତ୍ର ମାଛ ପଡ଼ିଲା; କିନ୍ତୁ ଏଡ଼େ ବଡ଼ ମାଛ ମୁଁ କେବେ ଦେଖି ନାହିଁ । ମୋ ସ୍ୱାମୀ କହୁଥିଲେ ଏହା ଏକ ବିରଳ ଜାତିର ମାଛ ଏବଂ ଖୁବ୍ ସୁସ୍ୱାଦୁ ।''

ହାସାନ୍‌ର ସ୍ତ୍ରୀ କିଛି ସମୟ ଉତ୍ତାରୁ ମାଛଟିକୁ ଦୁଇ ଖଣ୍ଡ କରିବାମାତ୍ରେ ତାହା ଭିତରୁ ମସୃଣ ଉଜ୍ଜ୍ୱଳ କାଚଖଣ୍ଡ ଭଳି ଚିଜଟିଏ ବାହାରିଲା । ତା'ର ଦୁଇ ଟିକି ପୁଅ ତାକୁ ନେଇ ଘର ସାମନା ବାଡ଼ିରେ ଖେଳିବାକୁ ଲାଗିଲେ ।

ଅଦୂରରେ ଜଣେ ହୀରା ବ୍ୟବସାୟୀର ଘର । ତା' ସ୍ତ୍ରୀ ସେ ବାଟେ ଯାଉଥିଲା, ତା' ଆଖିରେ ସେ ଚିଜଟି ପଡ଼ିଲା । ପିଲାମାନଙ୍କଠାରୁ ନେଇ ସେ ତାକୁ ଭଲ କରି ଲକ୍ଷ୍ୟ କଲା ଓ ହାସାନ୍‌ର ସ୍ତ୍ରୀକୁ କହିଲା, ''ଭଉଣି, ମୁଁ ଏ ଗୋଟିକ ନେଇ-ଯାଉଛି । କଥା କ'ଣ କି, ମୋର ଏମିତି ଖଣ୍ଡିଏ କାଚ ରହିଛି । ଆଉ ଖଣ୍ଡିଏ ପାଇଲେ ସେ ହଳକ ଆମ ବୈଠକଖାନାରେ ଶୋଭା ପାଇବ । ବଦଳରେ ମୁଁ ଗୋଟିଏ ରୁପା ଟଙ୍କା ଦେବି ।''

''ନା, ନା !'' ଚିତ୍କାର କରି ପିଲା ଦୁଇଟି ସେ ଚିଜକୁ ହସ୍ତାନ୍ତର କରିବାକୁ ଦେଲେ ନାହିଁ ।

କିଛି ସମୟ ପରେ ହୀରା ବ୍ୟବସାୟୀ ନିଜେ ଆସି ହାସାନ୍‌କୁ କହିଲା, ''ଆରେ ଭାଇ, ଶୁଣିଲି ତୁମ ପିଲା ଦୁଇଟି ଖଣ୍ଡିଏ କାଚ ଧରି ଖେଳୁଥିଲେ । ମୁଁ ସେ ଖଣ୍ଡିକ ଦେଖିପାରେ ?''

''ନିଶ୍ଚୟ !''

ହାସାନ୍ ଚିଜଟି ଦେଖାଇଲା । ହୀରା ବ୍ୟବସାୟୀର ଆଖିରେ ଫୁଟି ଉଠିଲା ଚାଞ୍ଚଲ୍ୟ । ସେ କହିଲା, ''ଭାଇ ହାସାନ୍, ମୁଁ ତୁମକୁ ଠକିବାକୁ ଚାହେଁନା । ଏହା ଗୋଟାଏ କିସମର ହୀରା । ମୁଁ ଶହେ ସ୍ୱର୍ଣ୍ଣମୁଦ୍ରା ଦେବି । ମୋତେ ଦେଇଦିଅ ।''

''ନା, ଭାଇ, ଏ ଗୋଟିକ ଭଗବାନ୍ ମୋ ପାଖକୁ ପଠାଇଛନ୍ତି । ଶହେ ହଜାର ସ୍ୱର୍ଣ୍ଣ ମୁଦ୍ରାରୁ ଗୋଟିଏ କମ୍ ହେଲେ ମୁଁ ଏହାକୁ ଦେଇଦେବା ଉଚିତ ହେବ ନାହିଁ ।'' କୌଣସି ଅପୂର୍ବ ଧାରଣାର ବଶବର୍ତ୍ତୀ ହୋଇ କହିଦେଲା ହାସାନ୍ ।

''ତୁମେ ହୀରାର ମୂଲ୍ୟ ଜାଣ, ଦେଖୁଛି । ମୁଁ ଅଧିକ ଦର ଦସ୍ତୁର କରିବି ନାହିଁ । ପାଞ୍ଚ ହଜାର ସ୍ୱର୍ଣ୍ଣମୁଦ୍ରା ଦେବି ।''

''ଶହେ ହଜାରରୁ ଗୋଟାଏ ବି କମ୍‌ରେ ଚଳିବ ନାହିଁ ।''

ଅବଶେଷରେ ହୀରା ବ୍ୟବସାୟୀ ହାସାନ୍‌ର ଦାବି ମୁତାବକ ମୂଲ୍ୟ ଦେଇ ସେ ଦୁର୍ମୂଲ୍ୟ ହୀରା ଖଣ୍ଡିକ ନେଇଗଲା ।

ସେହିଦିନ ହାସାନ୍ ଗୋଟାଏ ସଦ୍ୟ ନିର୍ମିତ ବଡ଼ କୋଠା ଭଡ଼ା ସୂତ୍ରରେ ନେଇ ସେଠାକୁ ନିଜ ପରିବାର ଉଠାଇ ନେଲା । ଜଗୁଆଳ ରଖିଲା । ସପ୍ତାହେ ଭିତରେ ପାଖରେ ଗୋଟାଏ ଦଉଡ଼ି ତିଆରି ପ୍ରତିଷ୍ଠାନ ବସାଇଲା । ସହରର ସବୁଠାରୁ ଦକ୍ଷ ଦଉଡ଼ି ପ୍ରସ୍ତୁତକାରୀମାନଙ୍କୁ ଏକତ୍ର କରି ଭଲ ପାରିଶ୍ରମିକ ଦେଇ କାମ

କରାଇଲା ଏବଂ ଉତ୍ପାଦିତ ଦଉଡ଼ିତକ ଜାହାଜମାନଙ୍କୁ ଯୋଗଇ ବର୍ଷକ ଭିତରେ ବିପୁଳ ବିତ୍ତଶାଳୀ ବନିଗଲା ।

ଯେଉଁ ଧୀବର ସୌଜନ୍ୟରୁ ସେ ମାଛଟି ପାଇଥିଲା, ତାକୁ ଅବଶ୍ୟ ସେ ବହୁତ ଟଙ୍କା ଦେଲା, କିନ୍ତୁ ଯେଉଁ ଦୁଇ ବନ୍ଧୁ ତା' ଭାଗ୍ୟାକାଶରେ ଇନ୍ଦ୍ରଧନୁ ଭଳି ଦେଖା ଦେଇଥିଲେ, ସେମାନଙ୍କ ଠିକଣା ତାକୁ ଜଣା ନଥାଏ । ତେବେ ସେ ସନ୍ଧାନ କରି ଚାଲିଥାଏ ।

ଦିନେ ସାଜ୍ଜାଦ୍ ଏବଂ ସାହୀର୍ ତା' କୁଡ଼ିଆ ପାଖକୁ ଆସି ପ୍ରତିବେଶୀମାନଙ୍କଠାରୁ ତା'ର ହାଲ୍‌ଚାଲ୍ ଶୁଣିଲେ ଏବଂ ତା' ନୂଆ କୋଠାରେ ଆସି ତାକୁ ଭେଟିଲେ । ହାସାନ୍ ଗଭୀର ଶ୍ରଦ୍ଧାଭରେ ସେମାନଙ୍କୁ ସ୍ୱାଗତ କଲା ଏବଂ ସାହୀର୍‌ଠାରୁ ପ୍ରାପ୍ତ ସୀସା ଖଣ୍ଡିକ ଯୋଗୁଁ କିପରି ତା'ର ଭାଗ୍ୟ ବଦଳିଗଲା, ସେକଥା ବର୍ଣ୍ଣନା କଲା ।

''ମୋର ବିଶ୍ୱାସ ହେଉ ନାହିଁ । ତୁମକୁ ମୁଁ ଦୁଇ ଦୁଇ ଥର ଦେଇଥିବା ଅର୍ଥ ଖଟାଇ ତୁମେ ଏଡ଼େ ଉନ୍ନତି କରିଛ !'' ସାଜ୍ଜାଦ୍ କହିଲା ।

''ମୁଁ କିନ୍ତୁ ତୁମ କଥା ସମ୍ପୂର୍ଣ୍ଣ ବିଶ୍ୱାସ କରୁଛି ।'' କହିଲା ସାହୀର୍ ।

''ଆପଣ ଦୁହେଁ ଦେବଦୂତ । ମୁଁ ଯଦି ମିଛ କହୁଥିବି, ଭଗବାନ୍ ସହିବେ ନାହିଁ ।'' ଉପରକୁ ବାହୁ ଯୋଡ଼ିକ ଟେକି ହାସାନ୍ କହିଲା । ତା'ପରେ ସେ ତା'ର ସେ ଦୁଇ ଅତିଥିଙ୍କୁ ଥରେ ନଈ ସେପାରିରେ ଥିବା ଗୋଟାଏ ପଲ୍ଲିଗ୍ରାମରେ ସେ ନିକଟରେ କିଣିଥିବା ଘର ଥରେ ବୁଲି ଆସିବାକୁ ଅନୁରୋଧ କଲା । ଦୁଇ ବନ୍ଧୁ ରାଜି ହେଲେ । ତା'ର ସୁଶୋଭିତ ନିଜସ୍ୱ ନୌକାଯୋଗେ ହାସାନ୍ କିଛି ସମୟ ଭିତରେ ସେମାନଙ୍କୁ ନେଇ ସେଠାରେ ପହଞ୍ଚିଲା ।

ଜଣେ ଜମିଦାରଙ୍କଠାରୁ କୋଠାଟି କିଣି ନେଇ ତା'ର ବହୁତ ଉନ୍ନତି ସାଧନ କରି ତାକୁ ଗୋଟାଏ ପ୍ରାସାଦ ଭଳି ରୂପ ଦେଇଥାଏ ହାସାନ୍ । ପ୍ରାସାଦ ପଛପଟେ ଫଳ ଫୁଲର ବିରାଟ ଉଦ୍ୟାନ । ହାସାନ୍‌ର ପୁଅ ଦୁଇଟି ସେଠାରେ ଖେଳୁଥା'ନ୍ତି । ଗୋଟାଏ ବଡ଼ ଗଛର ପତ୍ର ଗହଳରେ ଛଞ୍ଚାଣଟିଏ ବସା ଦେଇଥାଏ । ଅବଶ୍ୟ ସେ ବସାରେ ସେ ଆଉ ରହୁ ନଥାଏ । ହାସାନ୍ ତା'ର ଅତିଥିମାନଙ୍କୁ ନେଇ ଉଦ୍ୟାନ ଦେଖାଇବା ବେଳେ ଦୁଇ ପୁଅ ଏବଂ କେତେ ଜଣ ପରିଚାରକଙ୍କ ବିସ୍ମୟସୂଚକ ଧ୍ୱନି ଶୁଣି ସେମାନଙ୍କ ପାଖକୁ ଯାଇ ଦେଖିଲେ, ପିଲାଙ୍କ ବରାଦରେ ଜଣେ ମାଳୀ ଗଛ ଚଢ଼ି ସେ ବସାଟି ତଳକୁ ନେଇ ଆସିଛି । ବସା ଭିତରେ ଗୋଟାଏ ପଗଡ଼ି ।

ବିସ୍ମିତ ତଥା ପୁଲକିତ ହାସାନ୍ ସେ ପଗଡ଼ିଟିକୁ ଉଠାଇ-ଆଣି ଅତିଥି ଦୁହିଙ୍କ ସମ୍ମୁଖରେ ଖୋଲିଲା । ତହିଁ ଭିତରୁ ବାହାରିଲା ଟଙ୍କା ପୁଡ଼ିଆ । ପ୍ରାୟ ଦେଢ଼ ବର୍ଷ ଆଗରୁ ଦିନେ ହାସାନ୍‌ର ସେହି ପଗଡ଼ିଟିକୁ ଝାମ୍ପିନେଇ ଯାଇଥିଲା ଗୋଟାଏ ଛଞ୍ଚାଣ ।

ସାଜ୍ଜାଦ୍ ଏଥର ବୁଝିଲା ଯେ ହାସାନ୍ କଦାଚ ମିଛ କହି ନାହିଁ । ବାସ୍ତବିକ ଏ ଦୁନିଆରେ କିସ ପୁଣି ଦେଖା ନଯାଏ !

ଅତିଥିମାନଙ୍କୁ ଘର ଭିତରେ ବସାଇ, ସେମାନଙ୍କୁ ନାନାଦି ସୁଖାଦ୍ୟ ଏବଂ ପାନୀୟ ଯୋଗେ ଆପ୍ୟାୟିତ କରିବା ଅବସରରେ ହାସାନ୍ ସେମାନଙ୍କ ପାଖରେ ବାରଂବାର କୃତଜ୍ଞତା ଜଣାଉଥାଏ । ସେମାନେ ତାକୁ ସାହାଯ୍ୟ କଲାଭଳି ସେ ମଧ୍ୟ ଅନ୍ୟମାନଙ୍କୁ ଯଥାସାଧ୍ୟ ସାହାଯ୍ୟ କରିବ ବୋଲି ଶପଥ ନେଉଥାଏ ।

କିଛି ସମୟ ନିରବ ରହିବା ଉତ୍ତାରୁ ସାଜ୍ଜାଦ୍ ତା' ବନ୍ଧୁ ସାହୀର୍‌କୁ କୁଣ୍ଢାଇ ପକାଇ କହିଲା, ''ଭାଇ, ଆଜି ମୋ ଦୃଷ୍ଟିକୋଣ ବଦଳିଗଲା । ଜଣେ ମୂଳଧନ ଖଟାଇବା ଭଳି ଅବସ୍ଥାରେ ଥିଲେ ବ୍ୟବସାୟ ଜରିଆରେ ବିତ୍ତଶାଳୀ ହୋଇପାରିବ – ଏହା ସାଧାରଣ ନିୟମ । କିନ୍ତୁ ତାହାହିଁ ଏକମାତ୍ର ସତ୍ୟ ନୁହେଁ । ହାସାନ୍ ଦୁଇ ଦୁଇ ଥର ମୂଳଧନ ପାଇ ମଧ୍ୟ ଯେଉଁ ଗରିବକୁ ସେହି ଗରିବ ହୋଇ ରହିଥିଲା । କିନ୍ତୁ ଆକସ୍ମିକ ଯୋଗାଯୋଗ ଫଳରେ ଖଣ୍ଡିଏ ସାମାନ୍ୟ ସୀସା ତାକୁ ଏଡ଼ିକି ସମୃଦ୍ଧ କରିପାରିଲା ! କୌଣସି ଗୋଟାଏ ନିୟମହିଁ ଏକମାତ୍ର ନିୟମ ନୁହେଁ ।''

ସାହୀର୍ ଖାଲି କହିଲା, ''ବୁଝିଲ ଟି ?''

❑❑❑

# ଉଜ୍ଜ୍ୱଳ ଅତୀତ

## (୨୪)

## ପ୍ରମୀଳା ଦେବୀ

ଆମମାନଙ୍କର ଜୀବନ ସୁନ୍ଦର ଛନ୍ଦରେ ଗଡ଼ିଚାଲିଲା । ନଳିନୀଦା' ଧୀରେ ଧୀରେ ନିଜକୁ ପ୍ରତ୍ୟାହୃତ କରି ନେଲା ଭଳି ବୋଧହେଉ ଥା'ନ୍ତି । ଅବଶ୍ୟ ବିଭିନ୍ନ କାର୍ଯ୍ୟୋପଲକ୍ଷେ ତାଙ୍କର ଆଶୀର୍ବାଦ ଓ ସହାୟତା ଶେଷ ପର୍ଯ୍ୟନ୍ତ ପାଇଛି । ନଳିନୀଦା'ଙ୍କ ପରିକଳ୍ପନାରେ ଶ୍ରୀମାଙ୍କର ଜନ୍ମଶତବାର୍ଷିକୀ ଲାଗି ବିରାଟ ଆୟୋଜନ ଚାଲିଛି । ଶ୍ରୀମା ଦେବମାତା ଅଦିତି । ତେଣୁ ସଜାସଜିରେ ବେଶୀଭାଗ ଶୁଭ୍ରରଙ୍ଗ — ଏଇ ଶତବାର୍ଷିକୀ ଉତ୍ସବରେ ଯେମିତି ଏକ ପବିତ୍ର, ସ୍ୱର୍ଗୀୟ ପରିବେଶ ସୃଷ୍ଟି ହୋଇଛି ସାଦାସିଧା ନିରାଡ଼ମ୍ବର ଆୟୋଜନର କଲ୍ୟାଣରେ । ଆମମାନଙ୍କ ଅନ୍ତରରେ ବି ଏକ ପବିତ୍ରତାର ଛାପ ପଡ଼ିଲା ଶ୍ରୀମାଙ୍କ କଲ୍ୟାଣରୁ । ଯେଉଁ ଡାକ୍ତରଙ୍କୁ ଏତେଦିନଯାଏଁ ଏଡ଼ାଇ ଚାଲୁଥିଲି, ମା'ଙ୍କର ଶତବର୍ଷ ପୂର୍ତ୍ତିରେ ତାଙ୍କ ସହ ଯୋଗାଯୋଗ ହେଲା । ମୋର ଦାନ୍ତର କଷ୍ଟ ହେଉଥିଲା ଏଣୁ ତାଙ୍କ ପାଖକୁ ଗଲି । ସେ ନିର୍ମଳ ହସ ହସ ମୁହଁରେ ମୋ ହାତରେ ଏକ ଚିଟ୍ କାଗଜରେ ଚିଟ୍‌ଖଣ୍ଡିଏ ଲେଖି ଦେଇ ଚିରପରିଚିତ ବଡ଼ ଭାଇ ଭଳି କହିଲେ, ''ଏଇଟି ନେଇ ଦାନ୍ତ ଡାକ୍ତରଙ୍କ ପାଖକୁ ଯାଅ, ଯାହା ଔଷଧ ଲେଖିଦେବେ ଏଇଠାରୁ ନେଇଯିବ । ସେଠାରେ ଔଷଧପତ୍ରର ବ୍ୟବସ୍ଥା ନାହିଁ । ମା'ଶ୍ରୀଅରବିନ୍ଦଙ୍କର ଏହିପରି ଆଦର୍ଶ ଥିଲା, କାହା ପ୍ରତି ମନ୍ଦଭାବ ପୋଷଣ କରିବ ନାହିଁ । ଆମେ ସମସ୍ତେ ମା'ଙ୍କର ଭକ୍ତସନ୍ତାନ, ପରସ୍ପରର ସହଯୋଗୀ, ସତୀର୍ଥ ।'' ନୂତନ ଡାକ୍ତର ଆଗେଇ ଆସି କହିଲେ, ''ନର୍ସିଂ-ହୋମ୍ ହୋଇଛି, କେହି ବେମାର ହେଲେ ସେଠାକୁ ପଠାଇଦେବେ । ପୁରୁଣା ମତାନ୍ତରକୁ ଭୁଲିଯାଇ ମା'ଙ୍କର ଶତବାର୍ଷିକୀକୁ ପୂରଣ କର ।'' ମା' ଯାହା କହିଥିଲେ ପିଲାଙ୍କ ସକାଶେ ମୋ'ର ମନେ ପଡ଼ିଲା । ସେ କହିଥିଲେ : ''କର୍ନରହାଉସ୍ ଛାତ୍ର-ଛାତ୍ରୀଙ୍କ ପାଇଁ, ସେମାନଙ୍କ ସ୍ୱାସ୍ଥ୍ୟ ଠିକ୍ ରଖିବା ପାଇଁ ଏଠାରେ ବ୍ୟବସ୍ଥା କରାଯାଇଛି ।'' ସେଇ ନିୟମ ଅନୁଯାୟୀ ଶତବାର୍ଷିକୀ ପୂର୍ବରୁହିଁ ମୁଁ ଆମ ଝୁନ୍‌ଝୁନ୍ ହୋମ୍‌ର ବୋର୍ଡ଼ରମାନଙ୍କର (ଝିଅମାନଙ୍କର) ମତାମତ ନେଇ ସେମାନଙ୍କର ଖାଇବା ବ୍ୟବସ୍ଥା ସେଇଠାରେ କରାଇଦେଲି । ମା'ଙ୍କର ଆଶୀର୍ବାଦ ଥିବାରୁ ସବୁ ବ୍ୟବସ୍ଥା ନିଖୁଣ ଭାବେ ସମ୍ପନ୍ନ ହେଲା ।

*

ନଳିନୀଦା'ଙ୍କର ପ୍ରତ୍ୟେକ ଜନ୍ମଦିନ ପୂର୍ବରୁ ଜାନୁଆରୀ ୧୨ତାରିଖ ସନ୍ଧ୍ୟାରେ ମୁଁ ଯାଇ ତାଙ୍କୁ ପ୍ରଣାମ କରି ଆସେ । ୧୯୮୪ ମସିହାରେ ଶେଷଥର ପାଇଁ ଯେତେବେଳେ ଯାଇ ପହଞ୍ଚିଲି ଅଣିମା ଦି' କହିଲେ, ''ନଳିନୀଦା'ଙ୍କ ସହ ସାକ୍ଷାତ୍ ହୋଇ ପାରିବନି, ସେ କ୍ଳାନ୍ତ ଅଛନ୍ତି, ବିଶ୍ରାମ କରୁଛନ୍ତି, ଆପଣ ପଅରଦିନ ସକାଳେ ଆସନ୍ତୁ ।'' ସେଦିନ ଫେରି ଆସିଲି । ୧୪ ତାରିଖ ଜାନୁଆରୀ ଦିନ ସକାଳେ ପହଞ୍ଚିଲି, ସେ ଖୁବ୍ କ୍ଳାନ୍ତ ଦେଖା ଯାଉଥିଲେ, ମୁଁ ପ୍ରଣାମ କରି ଉଠିଲି । ଅଣିମାଦି ତାଙ୍କ ହାତରେ ଲଫାପାଟିଏ ଦେଲେ । ଶ୍ରଦ୍ଧେୟ ନଳିନୀଦା' ତାଙ୍କର ସ୍ନିଗ୍ଧ ଦୃଷ୍ଟିରେ ଚାହିଁଲେ ଆସ୍ତେ କରି ମୋ ହାତକୁ ଲଫାପାଟି ବଢ଼ାଇଦେଇ । ଟିକିଏ ହସିଲେ ଓ ସାଙ୍ଗେ ସାଙ୍ଗେ ଚକ୍ଷୁ ବନ୍ଦ କରି ବୁଲି ପଡ଼ିଲେ ଆରପଟକୁ । ବାହାରକୁ ଆସି ଲଫାପାଟି ଖୋଲି ଦେଖିଲି, ସେଥିରେ ତାଙ୍କ ନିଜ ଦସ୍ତଖତ ସହ ତାଙ୍କର ଫଟୋ ଥିଲା ଆଉ ଶ୍ରୀଅରବିନ୍ଦଙ୍କ ଗାୟତ୍ରୀ ମନ୍ତ୍ର ଲେଖାଥିବା ଏକ ଫର୍ଦ ବି ଥିଲା, ନଳିନୀଦା'ଙ୍କ ଫଟୋଟି ଦୀପ୍ତ ଓ ରଙ୍ଗୀନ ଥିଲା — ତାହାହିଁ ତାଙ୍କର ଶେଷ ସ୍ପର୍ଶ । ତାଙ୍କ ପାଖରୁ କେତେ କ'ଣ ଜିନିଷ ପାଇଛି — ସ୍ନେହ, ଆଶୀର୍ବାଦ, ପରାମର୍ଶ-ଉପଦେଶ । ସେସବୁର ତୁଳନା ନାହିଁ । ଏବେ ଯାହା ଦେଲେ ତାହା ମଧ୍ୟ ଅକ୍ଷୟ ସମ୍ପଦ । ମୋ ହୃଦୟର ଗଭୀରରେ ଏଇ ଦାନ ଏକ ଅନିର୍ବାଣ ଆଲୋକ ବର୍ତ୍ତିକା ପରି ପ୍ରଜ୍ୱଳିତ କଲା । ତାଙ୍କର ଜନ୍ମଶତବାର୍ଷିକୀ ଦିନ ତାଙ୍କ ଘରକୁ ଗଲି ପ୍ରଣାମ କରିବାକୁ, ମନେପଡ଼ିଲା ସିଏ ଦେଇଥିବା ଛବି ଖଣ୍ଡିକ ସେମିତି ରଖା ହୋଇଛି, ବାନ୍ଧିବାକୁ ଦେଇ ନାହିଁ ସଜାଇ ରଖିବା ପାଇଁ । ବୋଡ଼ିଂକୁ ଫେରିଆସି ହରପାଗନ୍‌କୁ ଫଟୋଟି ପଠାଇଦେଲି ପାଣୁଙ୍କ ପାଖକୁ ଫ୍ରେମ୍‌ରେ ବନ୍ଧାଇ ଦେବା ପାଇଁ । ଯା' ହେଉ କରୁଣାମୟୀ ମା'ଙ୍କର ଅପାର କୃପାରୁ ୧୯୮୯ ଜାନୁଆରୀ ୧୩ ତାରିଖ ସନ୍ଧ୍ୟାରେ ହରପାଗନରୁ ଫ୍ରେମ୍‌ରେ ବନ୍ଧାହୋଇ

ଛବିଟି ମୋ ପାଖକୁ ଆସିଲା । ଛବିଟିକୁ ଫୁଲ ଓ ଧୂପ ଦେଇ ସଜାଇ ଶ୍ରଦ୍ଧାରେ ଶତବର୍ଷର ପ୍ରଣାମ ଜଣାଇଲି ।

*

ନଳିନୀଦା'ଙ୍କ ଦେହତ୍ୟାଗର ପରେ ଅନେକଥର ତାଙ୍କୁ ସ୍ୱପ୍ନରେ ଦେଖିଛି । ସେଗୁଡ଼ିକ ସ୍ୱପ୍ନ ଭଳି ମନେ ହୋଇନି, ବାସ୍ତବ ଭଳି ଜୀବନ୍ତ ମନେ ହୋଇଛି । ୧୯୮୪ ଡିସେମ୍ବର ୫ ତାରିଖରେ ଏହି ଭଳି ଏକ ସ୍ୱପ୍ନ-ଦର୍ଶନ ହୋଇଥିଲା । ବୋର୍ଡ଼ିଂର ପିଲାମାନେ ଭୋରରୁହିଁ ନିତ୍ୟକର୍ମ ଶେଷ କରି ଆଶ୍ରମରେ ଲାଇନରେ ଯୋଗଦେଇଥିଲେ ଶ୍ରୀଅରବିନ୍ଦଙ୍କ ରୁମକୁ ଯିବା ପାଇଁ । ମୁଁ ଶ୍ୱାସକଷ୍ଟ ଭୋଗିଛି ସାରାରାତି, ଶୋଇପାରିନି, ପ୍ରଭାତରୁ ନିଦ ଲାଗିଯାଇଛି । ସ୍ୱପ୍ନ ଦେଖିଲି ନଳିନୀଦା' ମୋ ବିଛଣା ପାଖରେ ଛିଡ଼ା ହୋଇଛନ୍ତି । ପିନ୍ଧିଛନ୍ତି ଶ୍ରୀଅରବିନ୍ଦଙ୍କ ମୁଗା ଧଡ଼ିର ଧୋତି, ଦେହରେ ସାଦା-ଧଳା ଚାଦର । ମୋତେ ଡାକି କହୁଛନ୍ତି, ପ୍ରମୀଳା, ତୁମର ଡେରି ହୋଇଯାଉଛି । ଶୀଘ୍ର ଉଠିପଡ଼ । ସ୍ନାନ ସାରି ଆଶ୍ରମକୁ ଯାଅ, ଶ୍ରୀଅରବିନ୍ଦଙ୍କ ମନ୍ଦିରରେ ବସି ଧ୍ୟାନ କଲେ ଦେହ ସୁସ୍ଥ ହୋଇଯିବ ।'' ମୁଁ ସ୍ୱପ୍ନରେ ଏହା ବି ଦେଖିଲି ସେ ମୁହଁ ବୁଲାଇ ମୋ କୋଠରିରୁ ବାହାରିଗଲେ । ସଙ୍ଗେ ସଙ୍ଗେ ମୋର ନିଦ ଭାଙ୍ଗିଗଲା ପୂରାପୂରି, ମୁଁ ଚାରିଆଡ଼କୁ ଚାହିଁ ଦେଖିଲି, ସେତେବେଳ ଯାଏଁ ମୋର ସ୍ମୃତିରେ ଆସି ନଥିଲା ଯେ ନଳିନୀଦା' ଆଉ ଜୀବିତ ନାହାନ୍ତି । ବାସ୍ତବକୁ ଫେରିଆସି ଶୀଘ୍ର ଶୀଘ୍ର ମୋ କାମ ଶେଷ କରି ଦର୍ଶନକୁ ଗଲି । ସେତେବେଳକୁ ଶ୍ରୀଅରବିନ୍ଦଙ୍କ ରୁମ ଦର୍ଶନ ବନ୍ଦ ହୋଇଯାଇଛି । ସ୍ୱେଚ୍ଛାସେବକ ପିଲାଏ ମୋତେ କହିଲେ ଶିଡ଼ିରେ ବସି ରହିବାକୁ, ଉପରୁ ଡାକ ଆସିଲେ ଧ୍ୟାନ ପାଇଁ ଯିବେ । ମୁଁ ଶିଡ଼ିରେ ବସିରହିଲି, କିଛି ସମୟ ପରେ ଭାବିଲି ଉପରକୁ ଯିବାକୁ ଅନୁମତି ପାଇବି ତ ? ଧ୍ୟାନ ପାଇଁ ସେଠାକୁ ଯିବାକୁ ହେଲେ ଆଗତୁରା ଅନୁମତି ନେବାକୁ ପଡ଼େ । ଭାବିଲି : ତଳେ ବସିହିଁ ଧ୍ୟାନ କରେ ତା'ହେଲେ । ମାତ୍ର ପିଲାମାନେ ସେକଥା ବୁଝିବାକୁ ପ୍ରସ୍ତୁତ ନୁହନ୍ତି । ସେମାନେ ମୋତେ ଶିଡ଼ିରେହିଁ ବସାଇ ରଖିଲେ ।

ଉପରୁ ଡାକ ଆସିଲା, ନିର୍ବାଚିତ ବ୍ୟକ୍ତିମାନେ ଶିଡ଼ି ଦେଇ ଉପରକୁ ଉଠିଲେ । ନଳିନୀଦା'ଙ୍କ ଆଦେଶ ଉପରେ ନିର୍ଭର କରି ସେଇସବୁ ବ୍ୟକ୍ତିଙ୍କ ସାଙ୍ଗରେ ଯାଇ ଶ୍ରୀଅରବିନ୍ଦଙ୍କ ମନ୍ଦିରରେ ପ୍ରବେଶ କଲି । ଦେଖିଲି ନୀରଦଦା' ମୋର ବାମ ପାଖରେ ଆସନରେ ବସି ଧ୍ୟାନରତ । ମୁଁ ମଧ୍ୟ ଧ୍ୟାନ କରିବାକୁ ବସିଲି । ଏକ ସ୍ଥାନରେ ଏକାଗ୍ର ହୋଇ ପ୍ରାୟ ୪୫ ମିନିଟ ବସି ରହିଲି । ସେ ଧ୍ୟାନ ଅନନ୍ୟ । ଧ୍ୟାନରେ ସବୁକିଛି ଭୁଲିଗଲି ସ୍ଥାନ, କାଳ, ପାତ୍ର । ମନ ଏକବାରେ ଶୂନ୍ୟ ହୋଇଗଲା, ଅପାର ଶାନ୍ତି ଅନୁଭବ କଲି । ଶାନ୍ତି, ଆଉ ଶାନ୍ତି ଓହ୍ଲାଇ ଆସିଲା, ରୋଗ-ଅବସାଦ-କ୍ଷୁଧା, କ୍ଲାନ୍ତି କେଉଁଆଡ଼େ ଚାଲିଗଲା । ଧ୍ୟାନ ଶେଷରେ ଯୁକ୍ତକରରେ ନମସ୍କାର କରି ଭୂମିରେ ମୁଣ୍ଡ ଲଗାଇ ପ୍ରଣାମ କଲି ପ୍ରାଣଭରି । ଫେରିଲା ବେଳେ ଅନୁଭବ କଲି ଦେହ ପୂର୍ଣ୍ଣ ସୁସ୍ଥ । ମୁକ୍ତିର ଆନନ୍ଦ ନେଇ ତଳକୁ ଓହ୍ଲାଇ ଆସିଲି ।

ତଳକୁ ଆସି ସମାଧିରେ ଧୂପ, ପୁଷ୍ପାଞ୍ଜଳି ଦେଲି ମା'ଶ୍ରୀଅରବିନ୍ଦଙ୍କ ଉଦ୍ଦେଶ୍ୟରେ । ତାଙ୍କର ଯୁଗଳ ଆଶୀର୍ବାଦ ଗ୍ରହଣ କଲି ଅନ୍ତର ଭରି । ଏଇ ମହାସମାଧି ଆମର ଶାନ୍ତି ଓ ମୁକ୍ତିର ପୀଠସ୍ଥଳୀ । ଆମ ସାଧନାର କେନ୍ଦ୍ରସ୍ଥାନ । ଏଇଠାରୁହିଁ ଆମେ ପାଉ ସତ୍ୟର ପ୍ରେରଣା, ମୁକ୍ତିର ସ୍ୱାଦ । ଏଇ ପବିତ୍ର ସମାଧିସ୍ଥଳ ହେଉଛି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ପୂର୍ଣ୍ଣ ମିଳନର ତୀର୍ଥ, ପୂତସ୍ଥଳୀ । ସାଧନା-ଜୀବନର ସତ୍ୟଦୀକ୍ଷା ଏଇଠାରୁହିଁ ମିଳିଥାଏ । ମିଳିଥାଏ ତ୍ରିକାଳ-ତାରଣ ଶ୍ରୀମା-ଶ୍ରୀଅରବିନ୍ଦଙ୍କର ପୁଣ୍ୟନାମର ମହାମନ୍ତ୍ର ।

(ସମାପ୍ତ)

ଅନୁବାଦ : କୃଷ୍ଣା ଦେବୀ

❑❑❑

ପୃଥିବୀ ଉପରେ ସ୍ଥୂଳ ଓ ଜଡ଼ରେ ଆନନ୍ଦର ବିଶୁଦ୍ଧତମ ଉତ୍ସ ହେଲା କୃତଜ୍ଞତା ।

୪. ୪. ୧୯୬୨ — ଶ୍ରୀମା

# ଭାରତର ସ୍ୱଧର୍ମ ଆଧ୍ୟାତ୍ମିକତା

## ରାମକୃଷ୍ଣ ଦାସ

ପ୍ରତ୍ୟେକ ମନୁଷ୍ୟର ଯେପରି ସ୍ୱଭାବ ଏବଂ ଆତ୍ମାର ଉନ୍ନତିର ମାର୍ଗ ଭିନ୍ନ ଭିନ୍ନ ସେହିପରି ପ୍ରତ୍ୟେକ ଦେଶର । ଦେଶ କେବଳ ପାହାଡ଼-ପର୍ବତ, ନଦନଦୀ, ଗ୍ରାମ, ସହର ବିଶିଷ୍ଟ ଜଡ଼ଭୂମି ବା ଜଡ଼ବସ୍ତୁ ନୁହେଁ । ତା'ର ଜୀବନ୍ତ, ଜାଗ୍ରତ୍ ଆତ୍ମା ଅଛି । ମନୁଷ୍ୟ ଯେପରି ସଂସାରର ସମସ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତ ହେଲେ ବି ଆତ୍ମବିକାଶ ବିନା କୌଣସି ଉପାୟରେ ସୁଖ, ଶାନ୍ତି ଲାଭ କରିପାରେ ନାହିଁ, ସେହିପରି ଦେଶ । ଦେଶରେ ବହୁବିଧ ଶସ୍ୟ ଉତ୍ପାଦନ, ବହୁ ବାଣିଜ୍ୟ-ବ୍ୟାପାର, ବହୁପ୍ରକାର କଳକାରଖାନା ହେଉ; ଆଶ୍ଚର୍ଯ୍ୟଜନକ, ଜଡ଼ବିଜ୍ଞାନ ଦ୍ୱାରା ଚମତ୍କାର ବସ୍ତୁ ଆବିଷ୍କୃତ ହେଉ; ଭୋଗବିଳାସର ବହୁପ୍ରକାର ଭୌତିକ ବସ୍ତୁ – ରେଳଗାଡ଼ି, ମୋଟର, ଟେଲିଫୋନ, ଟେଲିଭିଜନ, ସିନେମା, ରେଡ଼ିଓ ଆଦି ଆବିଷ୍କୃତ ହେଉ, ତଥାପି ଯେପର୍ଯ୍ୟନ୍ତ ତା' ଆତ୍ମା ଜାଗ୍ରତ୍ ନ ହୁଏ ସେପର୍ଯ୍ୟନ୍ତ ସେ ସୁଖଶାନ୍ତିରେ ରହିପାରେ ନାହିଁ । ସବୁ ସମୟରେ ସଂଘର୍ଷ ଲାଗିରହିଥାଏ । ମନୁଷ୍ୟର ଯେପରି ଗୋଟିଏ ଦିଗରେ କର୍ମ, ଅନ୍ୟ ଦିଗରେ ଆତ୍ମାର ବିକାଶରେ ପୂର୍ଣ୍ଣତା ହୁଏ, ସେହିପରି ଦେଶର । ଦେଶର ଭୌତିକ ଉନ୍ନତି ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଉନ୍ନତିର ଆବଶ୍ୟକ ।

ଆତ୍ମା ଏବଂ କର୍ମ ଏହି ଉଭୟର ବିକାଶ ବିନା ଦେଶ ଏବଂ ବ୍ୟକ୍ତି ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ କିଂବା ସୁଖଶାନ୍ତିରେ ରହିବାର ପ୍ରଶ୍ନ ଉଠିପାରେ ନାହିଁ । କ୍ରମବିକାଶ ପ୍ରଣାଳୀ ଅନୁସାରେ ଏହି ବିକାଶର ପୂର୍ଣ୍ଣତାର ସମୟ ଆସି ନଥିବାରୁ ବ୍ୟକ୍ତି ଏହି ରହସ୍ୟ ହୃଦୟଙ୍ଗମ କରିପାରି ନଥିଲା କିଂବା ଦେଶ ଏବଂ ବ୍ୟକ୍ତି ଏହି ଉଭୟ ବସ୍ତୁକୁ ପୂର୍ଣ୍ଣ ରୂପେ ପ୍ରାପ୍ତ ହୋଇ ପାରି ନଥିଲା । ତଥାପି ଆଦିମକାଳରୁ ଭାରତର ଆଧାର ଥିଲା ଅଧ୍ୟାତ୍ମ ସତ୍ୟ । ଯଦ୍ୟପି ଏହା ପୂର୍ଣ୍ଣ ରୂପେ ଗ୍ରହଣ କରି ନଥିଲା ତଥାପି ମୁଖ୍ୟ ରୂପେ ଗ୍ରହଣ କରିଥିଲା । ପରମ୍ପରାକ୍ରମେ ଭାରତର ସାଧୁସନ୍ଥ, ମୁନିଋଷି ଅଧ୍ୟାତ୍ମ ସତ୍ୟକୁ ଧରି ରଖିଆସୁଛନ୍ତି । ମାତ୍ର ଏହି ସତ୍ୟ ପୂର୍ଣ୍ଣ ରୂପେ ଗ୍ରହଣ କରି ନ ଥିବାରୁ ଏହା ସହିତ କର୍ମର ସାମଞ୍ଜସ୍ୟ ସ୍ଥାପନ ହୋଇପାରିଲା ନାହିଁ । ସେହି କାରଣରୁ ଭାରତ ଯଥାର୍ଥ ସୁଖଶାନ୍ତି ଉପଲବ୍ଧି କରିପାରିଲା ନାହିଁ; ବାରଂବାର ବିଦେଶୀ ଆକ୍ରମଣରେ ଆକ୍ରାନ୍ତ ହେଉଥିଲା; କେବେ କେବେ ଆଭ୍ୟନ୍ତରୀଣ ପରସ୍ପର ସଂଘର୍ଷ ଯୋଗୁଁ ଦେଶର ସର୍ବନାଶ ହେଉଥିଲା ତଥା ବିଦେଶୀର ଅଧୀନ ହେଉଥିଲା । କିନ୍ତୁ ତା' ମୂଳଭିତ୍ତି ଅଧ୍ୟାତ୍ମ ସତ୍ୟ ଥିବାରୁ ବିଧର୍ମୀମାନଙ୍କର ବାରଂବାର ଆକ୍ରମଣ ସତ୍ତ୍ୱେ ସେ ତିଷ୍ଠି ପାରିଥିଲା ।

ଅନ୍ୟାନ୍ୟ ଦେଶ ଅଧ୍ୟାତ୍ମ ସତ୍ୟକୁ ଯଦ୍ୟପି ସାମୟିକ ରୂପେ ଗ୍ରହଣ କରିଥିଲେ ତଥାପି ଭାରତ ସଦୃଶ ସ୍ଥାୟିରୂପରେ ଧରି ରଖିପାରି ନଥିଲେ । ସେହି ସକାଶେ ସେହିସବୁ ଦେଶ ଆତ୍ମ-ବିକାଶକୁ ଏକେବାରେ ବାଦ୍ ଦେଲେ । ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର ନ କରି ଭୌତିକ କର୍ମ ବା ଭୌତିକ ବସ୍ତୁକୁ ଜୀବନର ଲକ୍ଷ୍ୟ ରୂପେ ଗ୍ରହଣ କଲେ । ତାହା ପ୍ରାପ୍ତ ହେବାକୁ ସମସ୍ତ ଶକ୍ତି ପ୍ରୟୋଗ କଲେ । ଭୌତିକ ବସ୍ତୁର ଯେତେ ବିକାଶ ହେଲା, ଅନ୍ତରାତ୍ମା ସେତେ ଆବରଣରେ ରହିଲା ତଥା ଜୀବନରେ ସୁଖଶାନ୍ତି ପରିବର୍ତ୍ତେ ଅନ୍ତରରେ ଦୁଃଖ, ଦ୍ୱନ୍ଦ୍ୱ, ଭୟ, ଉଦ୍‌ବେଗ, ଅଶାନ୍ତି ବଢ଼ିବାକୁ ଲାଗିଲା । ଆତ୍ମାରୁ ସେମାନେ ପୂର୍ଣ୍ଣ ରୂପେ ସମ୍ବନ୍ଧ ତ୍ୟାଗ କରିବାରୁ ସେମାନଙ୍କୁ ସତ୍ୟ ପ୍ରତୀତ ହେଲା ଭୌତିକ ଜଡ଼ବାଦ ।

ବିଦେଶୀ ଜଡ଼ବାଦର ପ୍ରଭାବ ଆସି ପଡ଼ିଲା ଆମର ଅଧ୍ୟାତ୍ମ ଆଧାରିତ ଭାରତରେ । ଦେଶ ପରାଧୀନ ହେବାରୁ ନିଜସ୍ୱ କିଛି ରହିଲା ନାହିଁ । ଶିକ୍ଷାଦୀକ୍ଷା ହେଲା ଜଡ଼ବାଦକୁ ଭିତ୍ତି କରି । ଶିକ୍ଷାବିତ୍ ମଧ୍ୟ ନିଜ ଦେଶର ଆତ୍ମଧର୍ମ ଅଧ୍ୟାତ୍ମ ସତ୍ୟକୁ ଏକେବାରେ ଭୁଲିଗଲେ, ପାଶ୍ଚାତ୍ୟର ଜଡ଼ବାଦକୁ ନକଲ କଲେ । ଦେଶ ସ୍ୱତନ୍ତ୍ର ହେଲା, ମାତ୍ର ସ୍ୱଧର୍ମରେ ପ୍ରତିଷ୍ଠିତ ହୋଇପାରିଲା ନାହିଁ, ସମ୍ମୁଖରେ ଆଦର୍ଶ ରହିଲା ୟୁରୋପୀୟ ସଭ୍ୟତାର । ଭାରତର ନେତାଗଣ ଏହି ବିଷୟ ହୃଦୟଙ୍ଗମ କରିପାରିଲେ ନାହିଁ । ସ୍ୱତନ୍ତ୍ର ଭାରତରେ ବିଦେଶୀ ଶିକ୍ଷା ଓ ବିଦେଶୀ ନୀତି କାଏମ ରଖିଲେ । ନିଜ ଆତ୍ମ-ଧର୍ମ ଅଧ୍ୟାତ୍ମ ସତ୍ୟର ସନ୍ଧାନ ନ କରି ଇଉରୋପର ଅର୍ଥନୀତିକୁ ନିଜର କରିନେଲେ । ବିଦେଶୀ ପ୍ରଣାଳୀରେ କେବଳ ଭୌତିକ କର୍ମ ଦ୍ୱାରା ଦେଶ ଉନ୍ନତିର ପ୍ରଯତ୍ନ କଲେ । ତାହାଫଳରେ ଅଭାବ-ଅନଟନ, ଅନ୍ୟାୟ-

ଅସତ୍ୟ, ଅଶାନ୍ତି ଓ ଦ୍ୱନ୍ଦ୍ୱ ବଢ଼ିଲା । ଉଦରପୂର୍ଣ୍ଣ ଅନ୍ନ ମିଳିଲା ନାହିଁ । ଉଦରଜ୍ୱାଳା ନିବୃତ୍ତି ସକାଶେ ଅନ୍ୟ ଦେଶର ମୁଖ ଦେଖିବାକୁ ପଡ଼ିଲା । ତଳୁ ଉପର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଅଜ୍ଞାନ, ସ୍ୱାର୍ଥ, ମିଥ୍ୟାଚାରର ରାଜ୍ୟ ହେଲା । ଏହାର ସୁଧାର ସକାଶେ ଯେତେ ପ୍ରଯତ୍ନ କରାହେଲା ତାହା ସବୁ ବ୍ୟର୍ଥରେ ପରିଣତ ହେଲା । ଏହି ବିଫଳତା ଦେଖୁଥିବା ସତ୍ତ୍ୱେ ଆମ ଦେଶନେତାମାନଙ୍କର ନିଦ ଭାଙ୍ଗିଲା ନାହିଁ ।

ଯେପର୍ଯ୍ୟନ୍ତ ଭାରତ ଆତ୍ମାର ବିକାଶ ସହିତ କର୍ମର ମିଳନ ନ ହୋଇଛି, ଯେପର୍ଯ୍ୟନ୍ତ ବ୍ୟକ୍ତିର ଆତ୍ମ୍ ଉପଲବ୍ଧି ସହିତ କର୍ମର ସମନ୍ୱୟ ନ ହୋଇଛି ତେତେ ଦିନ ପର୍ଯ୍ୟନ୍ତ କୌଣସି ବାହ୍ୟ ଉପାୟରେ ବର୍ତ୍ତମାନ ସମସ୍ୟାର ସମାଧାନ ହେବ ନାହିଁ କିଂବା ଦେଶ ତଥା ବ୍ୟକ୍ତି ସୁଖଶାନ୍ତି ଲାଭ କରିପାରିବ ନାହିଁ । ଏହି ପରିବର୍ତ୍ତନର ଏକ ବିଶେଷ ଭାଗ ହେଉଛନ୍ତି ଛାତ୍ରମାନେ । ସେହିମାନେ ହେବେ ଭବିଷ୍ୟତରେ କର୍ମୀ । ସେମାନଙ୍କର ଶିକ୍ଷାର ପରିବର୍ତ୍ତନ ବର୍ତ୍ତମାନର ନେତାମାନଙ୍କ ଦ୍ୱାରା ହେବା ହଠାତ୍ ସମ୍ଭବ ନୁହେଁ । ସେମାନେ ସ୍ୱୟଂ ବିଚାର କରିବେ ଏବଂ ଜାଗ୍ରତ୍ ହେବେ ନିଜର ମନ-ପ୍ରାଣ-ଶରୀର ତଥା ଆତ୍ମା-ଶିକ୍ଷାକୁ ଗ୍ରହଣ କରିବେ । ତେବେ ହେବ ନିଜର ଯଥାର୍ଥ ଉନ୍ନତି, ଦେଶର ଭବିଷ୍ୟତ୍ ଉଜ୍ଜ୍ୱଳ । ମନ, ପ୍ରାଣ, ଶରୀର ଥାଆନ୍ତି ଅଜ୍ଞାନ ଦ୍ୱାରା ଆବୃତ । କେବଳ ଆତ୍ମା ଥାଏ ମୋହମାୟା, ଅଜ୍ଞାନରୁ ମୁକ୍ତ । ଆତ୍ମା ଜାଗ୍ରତ୍ ହେଲେ ମନ, ପ୍ରାଣ, ଶରୀରକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ ଏବଂ ଜୀବନର ଏକମାତ୍ର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ବୁଝାଇଦିଏ । ଭଗବତ୍ ପ୍ରାପ୍ତିରେ ବ୍ୟକ୍ତିର ଜୀବନ ଏବଂ କର୍ମ ହୁଏ ପୂର୍ଣ୍ଣ । ସେ ନିବାସ କରେ ପରମାନନ୍ଦରେ । ମନୁଷ୍ୟ ପରମାନନ୍ଦରେ ନିବାସ କରିବାର ସମୟ ଆସିଛି ।

ଏହାହିଁ ଭଗବାନଙ୍କର ସଂକଳ୍ପ । କ୍ରମ-ବିବର୍ତ୍ତନ ନିୟମ ଅନୁସାରେ ମନର ବିକାଶ ଶେଷ ହୋଇଅଛି । ଆସିଛି ନୂତନ ସତ୍ୟଯୁଗର ଅତିମାନସ ସତ୍ୟ । ଏହାରି ପ୍ରତିଷ୍ଠାରେ ସଂସାର ହେବ ସ୍ୱର୍ଗରେ ପରିଣତ । ଏହି ସତ୍ୟକୁ ସମଗ୍ର ସଂସାରରେ ପ୍ରସାର କରିବା ସକାଶେ ଭାରତ ବିଦେଶୀ ଆକ୍ରମଣ ସତ୍ତ୍ୱେ ବଞ୍ଚି ରହିଛି । ଯେଉଁ ଭାରତବାସୀ ଏହି ସତ୍ୟକୁ ଗ୍ରହଣ କରିବେ ସେହିମାନେ ହେବେ ଆଗାମୀ ସତ୍ୟଯୁଗର ଅଗ୍ରଦୂତ । ସବୁକାଳରେ ନୂତନ ସତ୍ୟ ବିକୀର୍ଣ୍ଣ କରିବା ସକାଶେ ଭଗବାନ୍ ଭାରତକୁହିଁ ବାଛି ନେଇଥାଆନ୍ତି । ଯେଉଁ ନୂତନ ଧର୍ମ ସମଗ୍ର ସଂସାରରେ ପ୍ରସାରିତ ହୁଏ, ତାହାର ଆବିର୍ଭାବ ହୁଏ ଭାରତରେ । ତାହାର ପ୍ରମାଣ ସ୍ୱରୂପ ଭଗବାନ୍ ବାରଂବାର ଭାରତରେ ଅବତାର ନିଅନ୍ତି । ଋଷି, ମୁନି, ସାଧୁ, ସନ୍ଥ, ଆଚାର୍ଯ୍ୟ ଓ ମହାପୁରୁଷମାନଙ୍କର ନିବାସ ସ୍ଥାନହିଁ ଭାରତ । ଯଦାକଦା ଅନ୍ୟ ଦେଶରେ କୌଣସି ମହାପୁରୁଷ କେବେ ଜନ୍ମ ଗ୍ରହଣ କରିଛନ୍ତି, କିନ୍ତୁ ସେମାନେ ଅଧ୍ୟାତ୍ମ ଶିକ୍ଷା ପ୍ରାପ୍ତ ହୋଇଛନ୍ତି ଭାରତୀୟ ମହାପୁରୁଷଙ୍କଠାରୁ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,ଦ୍ୱିତୀୟ ଖଣ୍ଡ ୧୪୦ -୧୪୧)

❑❑❑

ଶ୍ରୀଅରବିନ୍ଦଙ୍କୁ କିଏ ବୁଝି ପାରିବ ? ସେ ବିଶ୍ୱ ଭଳି ବିଶାଳ ଓ ସୀମାହୀନ ତାଙ୍କର ଶିକ୍ଷା ।

ତାଙ୍କର ସାମାନ୍ୟ ସଂସ୍ପର୍ଶ ଲାଭ କରିବାର ଏକମାତ୍ର ଉପାୟ ହେଉଛି ତାଙ୍କୁ ଏକନିଷ୍ଠଭାବେ ଭଲ ପାଇବା ଓ ତାଙ୍କରି କର୍ମ ନିମନ୍ତେ ନିଜକୁ ଅକୁଣ୍ଠିତ ଭାବେ ଉତ୍ସର୍ଗ କରିବା । ଏହାହିଁ ହେଉଛି ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ସର୍ବୋତ୍ତମ କର୍ତ୍ତବ୍ୟ ଓ ଶ୍ରୀଅରବିନ୍ଦ ଭବିଷ୍ୟଦ୍‌ବାଣୀ କରିଯାଇଥିବା ଏହି ଜଗତର ରୂପାନ୍ତର ଲାଗି ତା'ର ଯଥାସାଧ୍ୟ ଅବଦାନ ।

— ଶ୍ରୀମା

# ଅଦ୍ୱିତୀୟ ଏ ପୃଥିବୀ – ଶ୍ରୀଅରବିନ୍ଦଙ୍କ ପୃଥିବୀ

## ଆର୍ତ୍ତତ୍ରାଣ ମିଶ୍ର

ଆମ ନିଜର ଏଇ ପୃଥିବୀଟିକୁ ଆମେ କେତେ ଜାଣିଛୁ ଓ ଚିହ୍ନିଛୁ ? ଏହାକୁ ଟିକିନିଖି ମାପଚୁପ କରି ମାନଚିତ୍ର ବନାଇ ଦେଶ ଦେଶ ଭିତରେ ବାଣ୍ଟି ନେଇଛୁ । ପୁଣି ଏଇ ବଣ୍ଟା ହୋଇଥିବା ଅରାକୁ ନେଇ କେତେ ଯୁଦ୍ଧ, କେତେ ରକ୍ତପାତ ନ ଘଟାଇଛୁ ଏବଂ ଏବେ ନ ଘଟାଉଛୁ ! ବିଜ୍ଞାନର ସାହାଯ୍ୟ ନେଇ ଆମେ ଏହାକୁ ଲଣ୍ଡଭଣ୍ଡ କରିଛୁ । ପରମାଣୁ ବୋମା ଫୁଟାଇ ଏହାର ଅନ୍ତରକୁ ବିଦୀର୍ଣ୍ଣ କରିଛୁ, ବିକାଶ ନାମରେ ଧନଲୋଭ ଚରିତାର୍ଥ କରିବାକୁ ଯାଇ ଏହାର ବନ, ପର୍ବତ, ନଦନଦୀ, ପ୍ରାନ୍ତରକୁ ଛିନ୍ନ ଭିନ୍ନ, ବିପର୍ଯ୍ୟସ୍ତ କରି ଦେଇଛୁ ।

ବିଜ୍ଞାନ ଆମକୁ ନିଶ୍ଚୟ ଏହାର ପରିଚୟ ଅନେକ ଭାବରେ ଦେଇଛି । ରକେଟ୍ ସାହାଯ୍ୟରେ ଚନ୍ଦ୍ରପୃଷ୍ଠକୁ ଯାଇ ଆମେ ଏହାର ଇନ୍ଦ୍ରନୀଳମଣି ଶୋଭାକୁ ଦେଖିଛୁ । ଏହାର ଗଠନ ବିଷୟରେ ଅନେକ କିଛି ଜାଣିଛୁ – ଜାଣିଛୁ ଏହାର ଉତ୍ତପ୍ତ ଅନ୍ତର ବିଷୟରେ, ଜାଣିଛୁ ଏହାର ପୃଷ୍ଠଭାଗ ବିଷୟରେ ଯାହା ଖଣ୍ଡ ଖଣ୍ଡ ପ୍ଲେଟ୍ ଭଳି ଭାସି ବୁଲି ସୃଷ୍ଟି କରୁଛି ମହାଦେଶ, ବିଶାଳ ପର୍ବତମାଳା, ଆଗ୍ନେୟ ଗିରି ଓ ସାଗର ଗହ୍ୱର, ଆଉ ମଧ୍ୟ ଜାଣିଛୁ କେଉଁଠି କେତେ ପରିମାଣରେ ଏହା ଲୁଚାଇ ରଖିଛି ଖଣିଜ ସମ୍ପଦ । ଆମେ ଜାଣିଛୁ ଏହି ଅନନ୍ତ ଅଥଚ ସସୀମ ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରେ (boundless, but finite) ପୃଥିବୀ ଗୋଟିଏ ସାମାନ୍ୟ ଧୂଳିକଣାଠାରୁ ମଧ୍ୟ ନଗଣ୍ୟ । ଏହି ବିଶ୍ୱ-ବ୍ରହ୍ମାଣ୍ଡରେ ଭାସି ବୁଲୁଛି କୋଟି କୋଟି ବ୍ରହ୍ମାଣ୍ଡ (Galaxy) – ଭାଗବତକାରଙ୍କ ଭାଷାରେ 'ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ତୋ ଲୋମକୂପେ ବିରାଜଇ' । ପୁଣି ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଅଛନ୍ତି କୋଟି କୋଟି ସୂର୍ଯ୍ୟ ଭଳି ବା ତା'ଠାରୁ ଛୋଟ ବଡ଼ ନକ୍ଷତ୍ରମାନ । ଏହି ବିଶ୍ୱବ୍ରହ୍ମାଣ୍ଡର କାହିଁ ଏକ କୋଣରେ Milky way ବା ଛାୟାପଥ ନାମରେ ଆମେ ନାମିତ କରୁଥିବା ଆମର ବ୍ରହ୍ମାଣ୍ଡ, ପୁଣି ତା'ର କାହିଁ ଏକ ପ୍ରାନ୍ତଦେଶରେ ସୂର୍ଯ୍ୟ ନାମଧେୟ ଆମ ନକ୍ଷତ୍ରଟି ଯାହାକୁ ଘେରି ଚକା ଚକା ଭଉଁରି ଖେଳୁଛନ୍ତି ନଅଟି ଗ୍ରହ, ଯହିଁ ମଧ୍ୟରୁ ଆମ ପୃଥିବୀଟି ଗୋଟିଏ ଛୋଟ ଗ୍ରହ । ବିଜ୍ଞାନର ଦୃଷ୍ଟିକୋଣରୁ ହିସାବ କଲେ ବିଶ୍ୱବ୍ରହ୍ମାଣ୍ଡର ଏହି କୋଟି କୋଟି ନକ୍ଷତ୍ରମାନଙ୍କ ମଧ୍ୟରୁ ଅନେକ ନକ୍ଷତ୍ରମାନଙ୍କର ପୃଥିବୀ ଭଳି ଗ୍ରହମାନ ଅଛି ଏବଂ ପୃଥିବୀର ଆଦି ସମୁଦ୍ରରେ ଅଙ୍ଗାରର ଅଣୁବଳୟକୁ (Carbon molecule ring) ଆଶ୍ରୟ କରି ରାସାୟନିକ ପ୍ରକ୍ରିୟା ଫଳରେ ଯେପରି ଜୀବନର ସୃଷ୍ଟି ହେଲା, ଅନେକ ଗ୍ରହରେ ସେହିପରି ଜୀବନ ସୃଷ୍ଟି ହେବାର ସମ୍ଭାବନା ଅଛି । ଗୋଟିଏ ଅନୁମାନ ଅନୁସାର ବିଶ୍ୱବ୍ରହ୍ମାଣ୍ଡରେ ତିରିଶ ହଜାର କୋଟି ପୃଥିବୀ ଭଳି ଗ୍ରହ ଥାଇପାରେ ଯେଉଁଥିରେ ଜୀବନ ସୃଷ୍ଟିର ସମ୍ଭାବନା ଅଛି । ବିଜ୍ଞାନ ଆହୁରି ଅନୁମାନ କରେ ଏଥି ମଧ୍ୟରୁ ଅନେକ ଗ୍ରହରେ ମନୁଷ୍ୟଠାରୁ ଅଧିକ ଉନ୍ନତ ସଭ୍ୟତାର ଉଦ୍ଭବ ହୋଇ ଥାଇପାରେ, ଯେଉଁମାନେ କି ବିଶ୍ୱବ୍ରହ୍ମାଣ୍ଡରେ ଅନ୍ୟ କେଉଁଠି ଜୀବନ ଅଛି ତାହା ଜାଣିବା ପାଇଁ ବେତାର ସଂକେତମାନ ପଠାଉ ଥାଇ ପାରନ୍ତି । ଏହି ଆଶା ନେଇ ବୈଜ୍ଞାନିକମାନେ ବିଶାଳକାୟ ରେଡ଼ିଓ ଟେଲିସ୍କୋପମାନ ତିଆରି କରି ଏହାକୁ ଶୁଣିବା ପାଇଁ ଚେଷ୍ଟା କରୁଛନ୍ତି ।

ଏତିକି ହେଉଛି ଜଡ଼ବିଜ୍ଞାନର ପୃଥିବୀ ବିଷୟରେ ପରିଚୟ – ଏକ ଜଡ଼ପିଣ୍ଡର ପରିଚୟ । କିନ୍ତୁ ଅଧ୍ୟାତ୍ମ ବିଜ୍ଞାନ ଦିଏ ଏକ ଜୀବନ୍ତ ପୃଥିବୀର ପରିଚୟ – ଯେଉଁ ପୃଥିବୀର ଅଛି ସ୍ପନ୍ଦିତ ହୃଦୟ, ଯିଏ ଅନୁଭବ କରେ ଯନ୍ତ୍ରଣା ଓ ଆନନ୍ଦ, ଯାହାର ଅଛି ଏକ ଅନ୍ତରାତ୍ମା । ଅଥର୍ବବେଦରେ ଭୂମିସୂକ୍ତରେ ଅଛି ପୃଥିବୀର ଏକ ଅପରୂପ ବର୍ଣ୍ଣନା, ଯେଉଁଠି ମାନବ ସନ୍ତାନ ବିହ୍ୱଳିତ ଭାବରେ ଗାଇଛି ''ମାତା ଭୂମିଃ ପୁତ୍ରୋ ଅହଂ ପୃଥିବ୍ୟାଃ''– ଏହି ପୃଥିବୀ ମୋର ମାତା, ମୁଁ ତା'ର ସନ୍ତାନ । ସେ ପ୍ରାର୍ଥନା କରୁଛି, ହେ ପୃଥିବୀ, ମୁଁ ତୋ ମଧ୍ୟରୁ ଯାହା ଖନନ କରିବି ସେ କ୍ଷତ ଯେପରି ଶୀଘ୍ର ପୂରଣ ହୋଇଯାଉ ଏବଂ ମୁଁ ଯେପରି ତୋର ମର୍ମଦେଶକୁ ଆଘାତ ନ କରେ । ଅତ୍ୟାଚାରୀ ଅସୁରର ପାଦଭାରାରେ ବ୍ୟଥିତ ପୃଥିବୀ ଭଗବାନଙ୍କ ନିକଟରେ ଆକୁଳ କ୍ରନ୍ଦନ କରିବାର ଯେଉଁ ବର୍ଣ୍ଣନା ପୁରାଣରେ ଅଛି ତାହା ଆଦୌ ମିଥ୍ୟା ନୁହେଁ ।

ଶ୍ରୀଅରବିନ୍ଦ ଓ ଶ୍ରୀମା ସ୍ପଷ୍ଟ ଭାବରେ କହନ୍ତି ଯେ ସମଗ୍ର ବିଶ୍ୱସୃଷ୍ଟିରେ ଏ ପୃଥିବୀ ଅଦ୍ୱିତୀୟ ସ୍ଥଳୀ । କାରଣ ସମଗ୍ର ବିଶ୍ୱ-ବ୍ରହ୍ମାଣ୍ଡ ମଧ୍ୟରେ କେବଳ ପୃଥିବୀ ଉପରେହିଁ ସଂଘଟିତ ହେଉଛି

ଆଧ୍ୟାତ୍ମିକ ବିବର୍ତ୍ତନର ସେହି ଅଦ୍ଭୁତ ରୂପାନ୍ତର ଲୀଳା ଯାହାଫଳରେ ଜଡ଼ର ଘୋର ନିଦ୍ରା ମଧ୍ୟରୁ ଚେତନା ଧୀରେ ଧୀରେ ଉତ୍ଥିତ ହେଉଛି ଏବଂ ଏହି ଚେତନାର ଅଭିଯାନ (Adventure of the Consciousness) ମନୁଷ୍ୟଠାରେ ଶେଷ ନ ହୋଇ ଆଗେଇ ଚାଲିଛି ଧରା ଉପରେ ସ୍ୱର୍ଗରାଜ୍ୟର ପ୍ରତିଷ୍ଠା ପାଇଁ ।

"This earthly life become the life divine."

(Savitri)

ଏଥି ନିମନ୍ତେ ଭଗବାନଙ୍କ ମଧ୍ୟରୁ ଦିବ୍ୟସ୍ଫୁଲିଙ୍ଗ ଅନ୍ତରାତ୍ମା ଭାବରେ ପୃଥିବୀରେ ପ୍ରବେଶ କରିଛି ଏବଂ ବିବର୍ତ୍ତନଧାରାକୁ ଅବ୍ୟାହତ ରଖିଛି । ଏହାକୁ ଆଶ୍ରୟ କରି ମନୁଷ୍ୟମାନଙ୍କ ମଧ୍ୟରେ ଚୈତ୍ୟପୁରୁଷ ରୂପରେ ପରମଙ୍କର ଯେଉଁ ପ୍ରତ୍ୟକ୍ଷ ଆବିର୍ଭାବ ଘଟେ, ଯାହାଫଳରେ ବିଶ୍ୱସୃଷ୍ଟିର ଇତିହାସ ଏକ ନୂଆ ମୋଡ଼ ନେଇଛି । ପରମେଶ୍ୱରଙ୍କ ପ୍ରତି ଏକ ଭକ୍ତିପୂତ ସମ୍ପର୍କ କେବଳ ମନୁଷ୍ୟ ମଧ୍ୟରେହିଁ ସମ୍ଭବ; କାରଣ ମନୁଷ୍ୟ ବିଶ୍ୱ ଇତିହାସରେ ଏକ ବିଶିଷ୍ଟ ସତ୍ତା ଯାହା ମଧ୍ୟରେ ଏହି ଦିବ୍ୟ-ଉପସ୍ଥିତି ବିଦ୍ୟମାନ । ବିଶ୍ୱ ସୃଷ୍ଟିରେ ମନୁଷ୍ୟ ଭିନ୍ନ ଆହୁରି ଅନେକ ପ୍ରକାର ସତ୍ତା ବିଦ୍ୟମାନ – ଯଥା ଅସୁର କିଂବା ଦେବତାଗଣ । କିନ୍ତୁ ଏ ସମସ୍ତେ ବିବର୍ତ୍ତନଧାରାର ବାହାରେ । ଅନେକ ମହାନ୍ ଦେବତାଗଣ ଚୈତ୍ୟପୁରୁଷର ଅନୁଭୂତି ପାଇଁ ମନୁଷ୍ୟ ରୂପ ଗ୍ରହଣ କରିଥା'ନ୍ତି । ଏଦୃଷ୍ଟିରୁ ଦେଖିଲେ ଏ ପୃଥିବୀ ଏକ ଦୁର୍ଲଭ ସ୍ଥଳ ଏବଂ ମାନବ ଜନ୍ମ ଏକ ଦୁର୍ଲଭ ଜନ୍ମ ।

ଅତୀତରେ ଭଗବାନ୍ ବାରଂବାର ଅବତାର ନେଇ ଏହି ପୃଥିବୀକୁ ଆସିଛନ୍ତି ବିବର୍ତ୍ତନର ଶିଡ଼ିରେ ଗୋଟିଏ ଗୋଟିଏ ନୂଆ ପାହାଚ ଯୋଡ଼ିବାକୁ । ଏଥର ମଧ୍ୟ ଶ୍ରୀଅରବିନ୍ଦ ପୃଥିବୀକୁ ଆସିଛନ୍ତି ଅତିମାନସ ରୂପକ ପାହାଚଟିକୁ ଯୋଡ଼ିବାକୁ । ସେଥିପାଇଁ ମା' କହିଛନ୍ତି –

"What Sri Aurobindo represents in the world history is not a teaching, not even a revelation; it is a decisive action direct from the Supreme."

ବିଶ୍ୱ ଇତିହାସରେ ଶ୍ରୀଅରବିନ୍ଦ କୌଣସି ଏକ ଶିକ୍ଷା ବା ସନ୍ଦେଶ ଆଣି ଆସି ନାହାନ୍ତି । ସେ ଆସିଛନ୍ତି ସିଧାସଳଖ ପରମଙ୍କଠାରୁ ଏକ ନିର୍ଣ୍ଣୟାତ୍ମକ କ୍ରିୟା ହିସାବରେ, ଯାହା ବର୍ତ୍ତମାନ ସଂଘଟିତ ହେଉଛି ଏ ପୃଥିବୀରେ । ଶ୍ରୀଅରବିନ୍ଦ ନିଜେ ପୃଥିବୀର ଏହି ଅଦ୍ୱିତୀୟତା କଥାଟି ପ୍ରତିପାଦନ କରିଛନ୍ତି ତାଙ୍କର କବିତା 'The Infinitesimal Infinite' ରେ । ଏହାର ଭାବାନୁବାଦଟି ଏହିପରି –

### କ୍ଷୁଦ୍ରାଦପି କ୍ଷୁଦ୍ର ଅଥଚ ଅନନ୍ତ

ଏକ ନିଶ୍ଚଳ ମହାନ୍ ବିଶାଳତା ମଧ୍ୟର
ଉଦ୍ଭବ ସମସ୍ତ କିଛି,
ଏହି ଲକ୍ଷ୍ୟ କୋଟି ବ୍ରହ୍ମାଣ୍ଡ ଏହାପାଇଁ ଏକ ତୁଚ୍ଛ ଖେଳ,
ଅନନ୍ତ ମଧ୍ୟରେ ଏକ କ୍ଷଣଭଙ୍ଗୁର କ୍ଷୀଣ ଆଲୋକ ବୁଦ୍‌ବୁଦର
ଏହି ବିଶାଳ ସୃଷ୍ଟି ମଧ୍ୟରେ ଏହା ଖୋଜି ପାଇ ପାରିଲା ।
ନାହିଁ ଆତ୍ମା ତା'ର ।
କ୍ଷୁଦ୍ରାଦପି କ୍ଷୁଦ୍ର ଗୋଟିଏ ଛୋଟ ଧୂଳିକଣା ପ୍ରତି
ହେଲା ଆକର୍ଷିତ ।
ବାମନ ପରି ଏକ ସୂର୍ଯ୍ୟର ମଣ୍ଡଳ ମଧ୍ୟରେ
ଗୋଟିଏ କ୍ଷୁଦ୍ର ଗୋଲକ ଉପରେ
ପୃଥିବୀର ହୀନ ପଙ୍କ କାଦୁଅ ମଧ୍ୟରୁ
ଜାଗି ଉଠିଲା ଏକ ଅତି କ୍ଷୁଦ୍ର ପ୍ଲାଜମ୍
ମାଂସର ବସନରେ ପରିହିତ ଗୋଟିଏ ଛୋଟ ଜୀବନ,
ବିଶାଳ ବିସ୍ତୃତି ମଧ୍ୟରେ ଧାଇଁ ବୁଲିବା ପାଇଁ
ଗୋଟିଏ ଛୋଟ ମନ ।
ଏହା ବଞ୍ଚିଲା, ଏହା ଜାଣିଲା, ଦେଖିଲା
ନିଜ ଆତ୍ମା ମହାନ୍,
ଯାହା ମହାକାଶଠାରୁ ବଳି ବୃହତ୍, କାଳହୀନ, ମୃତ୍ୟୁହୀନ ।

(Collected poems, p. 164)

ପୃଥିବୀର ଏହି ଅଦ୍ୱିତୀୟତା ଉପରେ ଆଧାରିତ ମେଧାନନ୍ଦଙ୍କର ଗୋଟିଏ ଛୋଟ କାହାଣୀ, ଯାହା ପ୍ରକାଶ ପାଇଥିଲା =୧ (Equals One) ପତ୍ରିକାରେ, ଶ୍ରୀଅରବିନ୍ଦଙ୍କର ଜନ୍ମ-ଶତବାର୍ଷିକୀ ସଂଖ୍ୟାରେ ଏବଂ ଯାହା ପରବର୍ତ୍ତୀ ସମୟରେ 'Mother India' (ଅଗଷ୍ଟ ସଂଖ୍ୟା)ରେ ମଧ୍ୟ ପ୍ରକାଶିତ । ଏହା ମେଧାନନ୍ଦଙ୍କର ଗୋଟିଏ ବାସ୍ତବ ଅନୁଭୂତି ଉପରେ ଆଧାରିତ ।

ପ୍ରଶାନ୍ତ ମହାସାଗର ମଧ୍ୟସ୍ଥ ଟାହିଟି ଦ୍ୱୀପର ଅଧିବାସୀ ମେଧାନନ୍ଦ ୧୯୫୨ରେ ଶ୍ରୀଅରବିନ୍ଦ ଆଶ୍ରମକୁ ଆସି ମା'

ଶ୍ରୀଅରବିନ୍ଦଙ୍କୁ ଆବିଷ୍କାର କରିବା ଆଗରୁ ଜାଣିଥିଲେ ଜଗନ୍ମାତାଙ୍କୁ । ତାଙ୍କରି ଆଦେଶରେ ସେ ଦେହ-ଚେତନାରୁ ବାହାରି ମହାବିଶ୍ୱ ମଧ୍ୟରେ ଘୂରି ବୁଲି ଖେଳୁଥିଲେ ଗ୍ରହ, ନକ୍ଷତ୍ର, ନେବୁଲାମାନଙ୍କ ସହିତ । ଆଶ୍ରମକୁ ଆସିବା ପରେ ସେ ଏକ ନୂତନ ଜୀବନ ଆବିଷ୍କାର କଲେ ଏବଂ =୧ (Equals One) ପତ୍ରିକା ପ୍ରତିଷ୍ଠା କଲେ ଯାହା ତାଙ୍କର ଅନବଦ୍ୟ ସୃଜନଶୀଳତାରେ ପରିପୁଷ୍ଟ ହୋଇଥିଲା । ତାଙ୍କର ଲେଖାଟିର ନାମ ଥିଲା 'Sri Aurobindo's Planet' ଯାହାର ଗୋଟିଏ ସାରାଂଶମୂଳକ ଅନୁବାଦ ତଳେ ଦିଆଗଲା : —

''ଗୋଟିଏ ମୁହୂର୍ତ୍ତ ପାଇଁ ଦେହ-ଚେତନାକୁ ହଜାଇ ବସି ମୁଁ ବାଟବଣା ହୋଇଗଲି । ଏଇକ୍ଷଣି ମୁଁ ଠିଆ ହୋଇଥିଲି ବ୍ୟସ୍ତତା ଓ କୋଳାହଳପୂର୍ଣ୍ଣ ବଜାର ଭିତରେ ଏବଂ ତା'ପର ମୁହୂର୍ତ୍ତରେ ମୁଁ ହୋଇଗଲି ଏକୁଟିଆ । ମୋର ସେହି ଦୃଢ଼ ନିଦା ଶରୀରଟି ଆଉ ନଥିଲା । ଖାଲି ଥିଲା ଝିଲ୍‌ମିଲ୍ କରୁଥିବା ଏକ କ୍ଷୀଣ ଛାୟା ମୂର୍ତ୍ତି ଯାହାକୁ 'ମୁଁ' ବୋଲି କହି ପାରିବିନି । ମୁଁ ବି ଜାଣି ପାରିଲି ନାହିଁ କେଉଁ ଦେଶକାଳ ମଧ୍ୟରେ ମୁଁ ଅଛି । ମନେହେଲା ଚାରିଆଡ଼େ ଅନେକ ଶୂନ୍ୟତା, ତା'ପରେ କିଛି ଉଜ୍ଜ୍ୱଳ ନେବୁଲା, କିଛି ନକ୍ଷତ୍ର, ପୁଣି ଅନ୍ଧକାରମୟ ମନାଶୂନ୍ୟ ଯାହା ଭିତରେ ବେଳେ ବେଳେ ଦେଖା ଯାଉଥିଲା କିଛିଟା ବାଇଗଣୀ ଓ ନୀଳ ଆଲୋକ । ମୁଁ ବ୍ୟସ୍ତ ହୋଇ ନିଜକୁ ପଚାରିଲି, 'ମୁଁ କେଉଁଠି ? ବଜାର ଭିତରେ ଛାଡ଼ି ଆସିଥିବା ମୋର ଆପଣାର ଅତି ପରିଚିତ ଦେହର ଅବସ୍ଥା କ'ଣ ହେବ ?' ସେତିକି ବେଳେ ଲକ୍ଷ୍ୟ କଲି ମୋ ପାଖରେ ବିରାଟକାୟ କେହି ଜଣେ ଠିଆ ହୋଇଛି । ସେ କହିଲା, 'କିରେ, ଟିକି !' ଯଦିଓ ମୋର ଶରୀର ଥିଲାବେଳେ ମୁଁ ବେଶ୍ ବଡ଼ ମଣିଷଟିଏ ଥିଲି, କିନ୍ତୁ ଏବେ ମୋ ନିକଟରେ ଯେଉଁ ବିରାଟକାୟଟି ଅଛି ତା' ଆଗରେ ମୁଁ ସତରେ 'ଟିକି' ଟିଏ ।

ସେ ପଚାରିଲା, 'କ'ଣ ବାଟ ହରାଇଛୁ ? କେଉଁଠୁ ଆସିଛୁ ?'

ମୁଁ କହିଲି, 'ପୃଥିବୀରୁ' ।

ସେ ହସିଦେଇ କହିଲା, 'ପୃଥିବୀରୁ ? ଜାଣିଛୁ କେତେଟା ପୃଥିବୀ ଅଛି ?'

ମୁଁ କହିଲି, 'ମୁଁ ଜାଣିଛି କେବଳ ଗୋଟିଏ ।'

ସେ କହିଲା, 'ଆଚ୍ଛା, ତୁ ଜାଣିଛୁ ଛାୟାପଥ ବ୍ରହ୍ମାଣ୍ଡର କେଉଁ ଅଂଶରେ ଅଛି ?'

ମୁଁ କହିଲି, 'ନାଁ ।'

ସେ କହିଲା, 'ତେବେ ସେ ପୃଥିବୀ ବିଷୟରେ କିଛି କହ ।'

ମୁଁ ତାକୁ କହିଲି ଆମ ପୃଥିବୀର ସାଗର, ମହାଦେଶ, ମେରୁ ପ୍ରଦେଶର ତୁଷାର ଆବରଣ ଇତ୍ୟାଦି କଥା । ସେ ଯେତେବେଳେ ମୁଣ୍ଡ ହଲାଇଲା, ମୁଁ ତାକୁ କହିଲି ଆମ ପୃଥିବୀର ଜିରାଫ୍, କଙ୍ଗାରୁ, ସିଂହ, ତିମିମାଛମାନଙ୍କ କଥା । ସେ କିନ୍ତୁ କହିଲା, ''ଏସବୁ ତ କୋଟି କୋଟି ଗ୍ରହମାନଙ୍କରେ ଅଛି । ଗୋଟିଏ ଅଙ୍ଗାରର ଅଣୁବଳୟକୁ ଏହି ବ୍ରହ୍ମାଣ୍ଡର କୌଣସି ଗ୍ରହରେ ଥିବା ଆଦି ସମୁଦ୍ରରେ ନିକ୍ଷେପ କରି କିଛି କୋଟି ବର୍ଷ ଅପେକ୍ଷା କଲେ ଏହିଭଳି ଜୀବସବୁ ବାହାରିବେ । ତେଣୁ ତୋ'ର ନିର୍ଦ୍ଦିଷ୍ଟ ପୃଥିବୀଟିକୁ ପାଇବାର ସମ୍ଭାବନା ତିରିଶ ହଜାର କୋଟିରେ ଗୋଟିଏ ।'' ମୁଁ ଅତି ବ୍ୟସ୍ତ ହୋଇ ମୋ ପୃଥିବୀର ଆଉ କିଛି ବିଶେଷତ୍ୱ କଥା ମନେ ପକାଇବାକୁ ଚେଷ୍ଟା କଲି । କିଛି ସମୟ ନୀରବତା ପରେ କହିଲି, 'ପୃଥିବୀରେ ଅଛନ୍ତି ମୋର ଗୁରୁ ଶ୍ରୀଅରବିନ୍ଦ ।'

ସେ ପାଟିକରି କହି ଉଠିଲା, 'ଓଃ, ଶ୍ରୀଅରବିନ୍ଦ ! ପ୍ରଥମରୁ କହିଲୁ ନାହିଁ କାହିଁକି ? ଶ୍ରୀଅରବିନ୍ଦଙ୍କ ପୃଥିବୀ ! ତେବେ ଆ, ସେଇଟା ହେଇ ଏଇଠି ।'

ବଜାର ଭିତରେ ମୋ ଦେହଟା ସେହିପରି ଠିଆ ହୋଇଥିଲା । ଆମେ ଦୁହେଁ ପୁଣି ଖୁବ୍ ଆନନ୍ଦର ସହିତ ଏକାଠି ହୋଇଗଲୁ ।''

❑❑❑

ପଣ୍ଡିଚେରୀ ହେଉଛି ମୋର ନିଭୃତ ଆଶ୍ରୟସ୍ଥଳ **ମୋର ତପସ୍ୟାର ଗୁହା**, — ବୈରାଗ୍ୟ ସୁଲଭ ତପସ୍ୟା ନୁହେଁ, କିନ୍ତୁ ସେହି ତପସ୍ୟା ଯାହା ମୋ ନିଜ ଉଦ୍ଭାବନର ସଂକେତ ବହନ କରିଥାଏ ।

— ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୨୯)

## ସାହାନା ଦେବୀ

**ସାହାନା :** ଅତୀତକୁ ପୋଛି ଦେଇ ଯେଉଁ ମନୁଷ୍ୟ ଭବିଷ୍ୟତ୍ ବୁକୁରେ ବସା ବାନ୍ଧିବାକୁ ଯାଉଛି ତୁମମାନଙ୍କୁ ଦିଶାରୀ କରି, ତା'ର ପୁଣି ଅତୀତର ଏଇ ଝରିଯିବା ଜିନିଷ ଉପରେ ଏତେ ଦରଦ, ଏତେ ମାୟା କାହିଁକି ? ଏତେସବୁ ବୁଝି ମଧ୍ୟ ସ୍ମୃତି କ'ଣ ବନ୍ଧନ ହୋଇ ରହିଯିବ ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହାର କାରଣ ତୁମର ବର୍ତ୍ତମାନ ପର୍ଯ୍ୟନ୍ତ ପୁରୁଣା ଅଭ୍ୟାସଗତ ଚିନ୍ତା ଏବଂ ଅନୁଭବ ତୁମ ଶରୀର-ମନ-ପ୍ରାଣରେ ଏବଂ ଅବଚେତନରେ ଚେର ମାଡ଼ି ରହିଛି, ତୁମକୁ ହୁଏତ ତାକୁ ନିର୍ମୂଳ କରିବାକୁ ହେବ, ଅଥବା କ୍ରମଶଃ ପ୍ରୟାସ ଦ୍ୱାରା ତାକୁ ଦୂର କରିବାକୁ ପଡ଼ିବ ।

୨୨.୦୫.୩୩

**ସାହାନା :** ମୋତେ ଏକାକୀ ରହିବାକୁ ଖୁବ୍ ଭଲ ଲାଗୁଛି । ତୁମେ କ'ଣ ଅନୁମତି ଦେଇଛ ଏହା ମୁଁ ଚାହିଁଛି ବୋଲି ? ଅବା ଭାବିଛ ଏହା ମୋର ପ୍ରୟୋଜନ, ସେଥିପାଇଁ ଦେଇଛ ? ମୁଁ ଯଦି ଭୁଲ୍ କରିଥାଏ କିଂବା ନିଜକୁ ଏଇଭାବେ ଏକାନ୍ତ କରି ନେବାର ଭୁଲ୍ ପଥ ଧରିଥାଏ, ତା'ହେଲେ ତୁମେ ଯେପରି କହିବ ମୁଁ ଆନନ୍ଦର ସହ ତାହା ପାଳନ କରିବି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମ ସାଧନା ନିମନ୍ତେ ସ୍ୱତନ୍ତ୍ର ରହିବାଟା ସବୁଠାରୁ ଭଲ ।

୦୨.୦୬.୩୩

**ସାହାନା :** ମାଗୋ, ଏଇ ଦୁଇଦିନ ଧରି ରାତ୍ରିରେ ନିଦ୍ରା ଅବସ୍ଥାରେ ଛାତିରେ ଏକ ଅସ୍ୱସ୍ତିକର ଯନ୍ତ୍ରଣାରେ ନିଦ ଭାଙ୍ଗି ଯାଉଛି – ସେତେବେଳର ଅନୁଭବଟା ଠିକ୍ ଏହିପରି – ଏ କ'ଣ ହେଲା ? କାହିଁକି ବା ଏପରି ହେଲା ? ସବୁ କିପରି ଅଦ୍ଭୁତ ମନେ ହେଉଛି । ଚେତନାର ଜାଗ୍ରତ୍ ଅବସ୍ଥାରେ ସେ ପ୍ରକାର କଷ୍ଟ ଇତ୍ୟାଦିର କିଛି ବି ଅନୁଭବ ନଥାଏ । ନିଦ୍ରାରେ ରାତ୍ରିରେ ଶୋଇ ପଡ଼ିଲେହିଁ ହେଉଛି, ଉଠିବା ମାତ୍ରେ ତାକୁ ତତ୍‌କ୍ଷଣାତ୍ ତଡ଼ି ମଧ୍ୟ ଦିଏ, କିନ୍ତୁ ସଙ୍ଗେ ସଙ୍ଗେ ମନଟା ବିଷଣ୍ଣ ହୋଇପଡ଼େ ଏହା ଭାବିନେଇ ଯେ ତା'ହେଲେ କ'ଣ ଅବଚେତନାରେ ଏତେବେଳ ପର୍ଯ୍ୟନ୍ତ କେଉଁଠି ଆସକ୍ତି ରହିଯାଇଛି ? – ଏହା ଭାବିବା ପରେ ମନରେ ପୁଣି ଆସିଯାଏ ଯେ ଏବେ ବି ଆସକ୍ତି ସମ୍ପୂର୍ଣ୍ଣ ଯାଇ ନାହିଁ – ଏହା ଜାଣିପାରି ଏକ ଅବସାଦ ମନରେ ଆସିଯାଏ ଅନ୍ତତଃ କିଛି ସମୟ ପାଇଁ । ଏପରି କାହିଁକି ହେଉଛି ବୁଝି ପାରୁନି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମର ଏଥିରେ ବିଶେଷ କିଛି ପ୍ରାଧାନ୍ୟ ଦେବା ଅନାବଶ୍ୟକ । ଏହାର ଅବଚେତନାରେ କିଛି ଛାପ ରହିଯାଇଛି – ଛାପଟା କିନ୍ତୁ ଅନେକ ଗଭୀର, କାରଣ ଅନୁଭୂତିଗୁଡ଼ିକ ଅତ୍ୟନ୍ତ ତୀବ୍ର ଥିଲା – ଯାହା ଜାଗ୍ରତ୍ ଅବସ୍ଥାରେ କୌଣସି ପ୍ରକାର କ୍ଷତି ନକରିପାରିବାରୁ ନିଦ୍ରା ଅବସ୍ଥାରେ ସ୍ୱପ୍ନ ମାଧ୍ୟମରେ ଆସି ପହଞ୍ଚି ଯାଉଛି । ଏହା ଏକ ସାଧାରଣ ଅଭିଜ୍ଞତା, ଯାହା ଏସବୁ ବିଷୟରୁ ବହୁକାଳ ପର୍ଯ୍ୟନ୍ତ ମୁକ୍ତ ରହି ମଧ୍ୟ, ଯେପରିକି ଯୌନ ବ୍ୟାପାର, ପାରିବାରିକ ଆସକ୍ତି, କିଂବା ଅତୀତର କୌଣସି ମନକୁ ଆଚ୍ଛନ୍ନ କରିବାର ଭାବ ଇତ୍ୟାଦିର ଅସ୍ତିତ୍ୱ ନଥିଲେ ମଧ୍ୟ, ସେମାନେ ସ୍ୱପ୍ନରେ ବେଳେବେଳେ ଆସି ଯାଆନ୍ତି । ତୁମର ଆତ୍ମ-ମୁକ୍ତି ନିଶ୍ଚିତ ରୂପେ ହୋଇଛି, ତେଣୁ ଏଇ ଧରଣର ଛାପ ଏ ଭାବରେ ଆସିବାଟା କିଛି ଆଶ୍ଚର୍ଯ୍ୟର କଥା ନୁହେଁ । ତୁମେ ଅତ୍ୟନ୍ତ ଧୀର ସ୍ଥିର ମନରେ ତାକୁ ପରିବର୍ଜନ କର; ନିଜକୁ ତା' ମଧ୍ୟରେ ସଂଶ୍ଳିଷ୍ଟ ନରଖ । ଜାଗ୍ରତ୍ ଅବସ୍ଥାରେ ଯଦି ସେ ଖୋରାକ ନପାଏ ତେବେ ଆପଣାଛାଏଁ ଶେଷ ହୋଇଯିବ ।

୦୬.୦୬.୩୩

**ସାହାନା :** ପ୍ରତ୍ୟେକଟି ବିଷୟରେ ମୋର ଅହଂକାର ଏତେଟା ପ୍ରଶ୍ରୟ ପାଇଛି ଯେ ସେ ବର୍ତ୍ତମାନ ଆଉ ସହଜରେ ଯିବାକୁ ଚାହେଁନା । ସେ ସର୍ବଦାହିଁ ଆସ୍ଥାନ ଜମେଇ ରଖିଛି ସାମନା ପଟେ ଅବା ପଛପଟେ, ପ୍ରକାଶ୍ୟରେ ଅବା ଗୋପନରେ । ଯାହା ମୁଁ ଖୁବ୍ ସ୍ପଷ୍ଟ ରୂପେ ବୁଝିପାରୁଛି ବା ଯେଉଁ ସବୁ ବିଷୟରେ ସଚେତନ ହୋଇଛି ଏବଂ ଯାହାସବୁ

ନେଇ ସନ୍ଦେହର ଅବକାଶ ଆଉ ନାହିଁ, ତା' ଭିତରେ ବି — ''ବୁଝି ପାରିଛି'' ଅବା ''ସଚେତନ ହୋଇଛି'' — ଏଇସବୁ ଉଙ୍କି ମାରିବାକୁ ମଧ୍ୟ ଛାଡ଼େ ନାହିଁ । କି ଅଦ୍ଭୁତ ମନୁଷ୍ୟ ଚରିତ୍ରର ଏଇ ଦିଗଟି ?

**ଶ୍ରୀଅରବିନ୍ଦଙ୍କ ପତ୍ର** : ସମସ୍ତଙ୍କର ପ୍ରାୟ ଏହି ଏକା ପ୍ରକାରର ହୋଇଥାଏ । କାରଣ ମାନବ ଚେତନା ଏପରି ପରିବ୍ୟାପ୍ତ ଯେ ତା'ର ଅତୀତର ସମସ୍ତ ଧାରଣା ମଧ୍ୟରେ ଅହଂକାରହିଁ କେବଳ ସାରବସ୍ତୁ । ଅବିରାମ ସ୍ଥିର ସଜାଗତା ଏବଂ ଚେତନାର ବିକାଶ ଦ୍ୱାରାହିଁ କେବଳ ଏଥିରୁ ମୁକ୍ତି ମିଳିଥାଏ — କାରଣ ଏହାକୁ ଖୋଲାଖୋଲି ଭାବରେ ଯଦି ଖେଳିବାକୁ ନଦିଆଯାଏ, ତେବେ ଏହା ନିଜକୁ ସୂକ୍ଷ୍ମରେ ଏବଂ ଛଦ୍ମବେଶ ଧାରଣ କରି ଲୁଚାଇ ରଖେ ।

୦୮.୦୬.୩୩

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

For enquiry and Home Delivery contact: Kanti Enterprises, Bhubaneswar
PH: 7894465420 / 7894465416
Buy online at www.ayurlabsindia.com/indshop

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଅଜ୍ଞାନ ଅନ୍ଧକାରନାଶକ – ଗୁରୁ

## ସନ୍ତୋଷ କୁମାର ଯୋଗାଣିଆ

'ଗୁ'ର ଅର୍ଥ ଅନ୍ଧକାର, 'ରୁ'ର ଅର୍ଥ ଦୂର କରିବା । ଯେ ଅନ୍ଧକାରକୁ ନାଶ କରନ୍ତି ସେହିଁ 'ଗୁରୁ' । ଅନ୍ଧକାରର ନିଜସ୍ୱ ସ୍ଥିତି କିଛି ନାହିଁ । ଆଲୋକର ଅନୁପସ୍ଥିତିହିଁ ଅନ୍ଧକାର । ଆମେ ଯେତେ ବଡ଼ ପହିଲମାନ ହେଲେ ବି ଅନ୍ଧକାର ସହିତ ଯୁଦ୍ଧ କରି ତାକୁ ପରାଜିତ କରିପାରିବା ନାହିଁ । ଅନ୍ଧକାରକୁ ଦୂର କରିବା ପାଇଁ କେବଳ ଦୀପଟିଏ ଜାଳିବାହିଁ ଆବଶ୍ୟକ ପଡ଼େ । ସେ ଦୀପଟିକୁ ଯିଏ ଆମ ଭିତରେ ଜାଳିଦିଏ ସେହିଁ 'ଗୁରୁ' ।

ଜୀବନ ପ୍ରବାହରେ ଯାହା ଆସେ ତାକୁ ଠିକ୍ ସେହିପରି ଦେଖିବା ବା ଜାଣିବା ହେଉଛି ସ୍ୱଷ୍ଟତା । ସବୁକିଛି ସ୍ୱଷ୍ଟ ହୋଇଉଠେ ବୋଲି ଆମେ ଆଲୋକକୁ ପ୍ରାଧାନ୍ୟ ଦେଉ । ଗୋଟିଏ ଅନ୍ଧକାର ଘର ଭିତରେ ଯେପରି ଆମେ ଏକାକୀ ଅନୁଭବ କରୁ, କିଛିହିଁ ଦୃଶ୍ୟ ହୁଏ ନାହିଁ କିନ୍ତୁ ହଠାତ୍ ଆଲୋକର ଆଗମନିରେ ସବୁକିଛି ସ୍ୱଷ୍ଟ ହୋଇଉଠେ, ପୃଥିବୀଟା ନିଜର ନିଜର ଲାଗେ, ଆମ ସହିତ ଅଛି ବୋଲି ଲାଗେ । ଯାହା ଯେଉଁଠି ଥିଲା ତାହା ଠିକ୍ ସେଇଠି ଅଛି; କିନ୍ତୁ ଅନୁଭବରେ ସବୁକିଛି ବଦଳିଗଲା, ସବୁକିଛି ସ୍ୱଷ୍ଟ ହୋଇଉଠିଲା ।

ଗୁରୁ ବାହାରୁ କିଛି ଜିନିଷ ନେଇ ଶିଷ୍ୟର ଅନ୍ତରରେ ଥାପି ଦିଅନ୍ତି ନାହିଁ । ଶିଷ୍ୟ ମଧ୍ୟରେ ଥିବା ଅକ୍ଷୟ ସତ୍ତାକୁ କେବଳ ଜାଗରୂକ କରନ୍ତି । ଏହା କରିବାକୁ ଗଲାବେଳେ ଅଜ୍ଞାନ ଅନ୍ଧକାରରେ ବିମୂଢ଼ ଶିଷ୍ୟକୁ ଦୃଷ୍ଟି ସକ୍ଷମ କରନ୍ତି । ହୃଦୟରେ ଆଧ୍ୟାତ୍ମିକ ବିଶ୍ୱାସ ଓ ଅନୁରାଗ ଅଙ୍କୁରିତ କରନ୍ତି ବୋଲି ସେ ଶିଷ୍ୟ ପାଇଁ ବ୍ରହ୍ମା । ନାନା ଭାବରେ ବିମୂଢ଼ତାକୁ ଧ୍ୱଂସ କରନ୍ତି ବୋଲି ସେ ଶିଷ୍ୟ ପାଇଁ ଶିବ । ତା'ର ଆଧ୍ୟାତ୍ମିକ ଜ୍ଞାନ ସଂବର୍ଦ୍ଧିତ କରନ୍ତି ବୋଲି ଶିଷ୍ୟ ପାଇଁ ସେ ବିଷ୍ଣୁ । ଶିଷ୍ୟକୁ ପଥ-ପ୍ରଦର୍ଶନ କରାଇବା ନିମନ୍ତେ ଈଶ୍ୱରହିଁ ଗୁରୁ ରୂପ ଧାରଣ କରିଥା'ନ୍ତି । ଭଗବତ୍ କୃପାହିଁ ଗୁରୁ ରୂପ ଧାରଣ କରିଥାଏ ।

ସେଥିପାଇଁ ଜଗତରେ ଯେତେ ମହାମାନବ ଜନ୍ମଗ୍ରହଣ କରିଥିଲେ, ସେ ସମସ୍ତଙ୍କର ଗୁରୁ ଥିଲେ । ଯେତେ ଋଷି, ମୁନି, ଯେତେ ମହାତ୍ମା, ଅବତାର ତଥା ଯେତେ ଆଚାର୍ଯ୍ୟ ଜନ୍ମଗ୍ରହଣ କରିଛନ୍ତି ସେମାନେ ସମସ୍ତେ ନିଜର ସକଳ ମହାତ୍ମ୍ୟ ସତ୍ତ୍ୱେ ଜଣେ ଜଣେ ଗୁରୁ କରିଥିଲେ । ସେହିପରି ଶ୍ୱେତକେତୁ ଉଦ୍ଧାଳକଙ୍କଠାରୁ, ମୈତ୍ରେୟୀ ଯାଜ୍ଞବଲ୍କ୍ୟଙ୍କଠାରୁ, ଭୃଗୁ ବରୁଣଙ୍କଠାରୁ, ନାରଦ ସନତ୍ କୁମାରଙ୍କଠାରୁ, ନଚିକେତା ଯମଙ୍କଠାରୁ, ଇନ୍ଦ୍ର ପ୍ରଜାପତିଙ୍କଠାରୁ, ଶ୍ରୀକୃଷ୍ଣ ଗୁରୁ ସନ୍ଦୀପନଙ୍କଠାରୁ, ପ୍ରଭୁ ରାମ ଗୁରୁ ବଶିଷ୍ଠଙ୍କଠାରୁ ଉପଦେଶ ଗ୍ରହଣ କରିଥିଲେ । ଦେବତାମାନେ ମଧ୍ୟ ବୃହସ୍ପତିଙ୍କୁ ଗୁରୁ କରିଥିଲେ । ସେହିପରି ରାମକୃଷ୍ଣ ତୋତାପୁରୀଙ୍କୁ ଓ ଶ୍ରୀଅରବିନ୍ଦ ଲେଲେଙ୍କୁ ନିଜର ଗୁରୁ ବୋଲି ମାନିଥିଲେ ।

ସମସ୍ତ ଗୁରୁ ବାସ୍ତବରେ ଅଭିନ୍ନ, କାରଣ ଗୁରୁ ଏକ ପ୍ରତୀକ । ଗୁରୁ ଗୋଟିଏ ତତ୍ତ୍ୱ ଓ ବିଭାବ, ସେ ଜଣେ ବ୍ୟକ୍ତି ନୁହନ୍ତି । ସେ କୌଣସି ରୂପ ବା ଅବଲୋକରେ ସୀମିତ ନୁହନ୍ତି । ଭଗବାନ୍ ଓ ଗୁରୁ ମହାଚେତନା ରୂପରେ ଆମର ପ୍ରତି ପଦକ୍ଷେପରେ ବିଦ୍ୟମାନ ଅଛନ୍ତି । କେବଳ ଶିଷ୍ୟର ପ୍ରସ୍ତୁତିରେ ଗୁରୁଙ୍କ ଆବିର୍ଭାବ । ଶିଷ୍ୟ ପ୍ରସ୍ତୁତ ହୋଇଗଲେ ଗୁରୁ ଦେଖା ଦିଅନ୍ତି । ସେ ଆମ ଭିତରେ ଥିବା ଦୁଃଖ, ଆମ ଭିତରେ ଥିବା ଅସୁବିଧାମାନ ଦୂର କରିବାକୁ ଆସନ୍ତି ନାହିଁ, – ''ମୁଁ ଏଠାରେ ତୁମ ସହିତ ଅଛି, ଭୟ କରିବାର କାରଣ ନାହିଁ, ସବୁକିଛି ଠିକ୍ ହୋଇଯିବ ।'' ବରଂ ପ୍ରତ୍ୟେକଙ୍କ ଭିତରେ ଥିବା ଅନ୍ଧକାରକୁ ନାଶ କରି ପ୍ରଜ୍ଞାକୁ ସେ ଆବାହନ କରନ୍ତି, ବ୍ୟକ୍ତିକୁ ଜାଗ୍ରତ୍ କରାନ୍ତି ଓ ଶେଷରେ ବନ୍ଧନ ମୁକ୍ତ କରି ରୂପାନ୍ତରିତ କରନ୍ତି ।

ଆମେ ଉପନିଷଦର ସେଇ ବିବରଣୀ ସ୍ମରଣ କରିବା – ଯୁବକ ଶ୍ୱେତକେତୁ ନିଜ ଗୁରୁକୁଳ ଆଶ୍ରମରୁ ଗୁରୁଙ୍କଠାରୁ ସମସ୍ତ ବିଦ୍ୟା ଶିକ୍ଷା କରି ଫେରି ଆସିଲା ନିଜ ରାଜମହଲକୁ । ପ୍ରତ୍ୟେକ ବିଦ୍ୟାରେ ଶ୍ୱେତକେତୁ ପାରଦର୍ଶିତା ହାସଲ କରିଥାଏ । ସେ ଯେତେବେଳେ ନିଜ ପିତାଙ୍କ ଗୃହରେ ପାଦ ଦେଲା ପ୍ରଥମ ଦେଖାରେ ପିତା ପ୍ରଶ୍ନ କଲେ ତୁମେ ଜ୍ଞାନରେ ଆଜି ପରିପୂର୍ଣ୍ଣ ହୋଇଯାଇ ପାରିଛ ତାହା ଜଣା ପଡୁଛି ଏବଂ ତୁମର ଜ୍ଞାନ ତୁମକୁ ଅହଂକାରୀ କରି ଦେଇଛି ତାହା ମଧ୍ୟ ତୁମର ଚାଲିଚଳନରୁ ସ୍ୱଷ୍ଟ ବାରି ହୋଇପଡୁଛି । ମୋର କିନ୍ତୁ ତୁମକୁ ଗୋଟିଏ ପ୍ରଶ୍ନ ପଚାରିବାର ଅଛି, ''କ'ଣ ତୁମେ ତାହାକୁ ଜାଣିଛ, ଯାହାକୁ ଜାଣିଗଲା ପରେ ସବୁକିଛି ଜାଣି ହୁଏ ? କ'ଣ ତୁମେ ସ୍ୱୟଂକୁ ଜାଣିଛ ??''

ଉତ୍ତରରେ ଶ୍ୱେତକେତୁ କହିଲା, ‘‘ଏସବୁ କଥା ଗୁରୁ ଆଦୌ କେବେ ଚର୍ଚ୍ଚା କରି ନାହାନ୍ତି । ମୁଁ ସବୁକିଛି ଜାଣିଛି ଯାହାସବୁ ଶିକ୍ଷା ଗ୍ରହଣ କରାଯାଇପାରେ । ଆପଣ ଯାହା ପ୍ରଶ୍ନ ପଚାରିବେ ମୋତେ ପଚାରି ପାରନ୍ତି ।’’ ଶ୍ୱେତକେତୁର ଉତ୍ତର ଶୁଣିବା ପରେ ପିତା କହିଲେ, ‘‘ତା’ହେଲେ ତୁମେ ପୁନର୍ବାର ଗୁରୁଙ୍କ ପାଖକୁ ଫେରିଯାଅ ଆଉ ଯେତେଦିନଯାଏଁ ତୁମେ ତାହାକୁ ଜାଣି ନାହଁ ଯାହାକୁ ଜାଣିଗଲା ପରେ ଆଉ କିଛି ଜୀବନରେ ଜାଣିବା ରହିଯାଏ ନାହିଁ, ସେପର୍ଯ୍ୟନ୍ତ ତୁମେ ଏ ଘରକୁ ପ୍ରତ୍ୟାବର୍ତ୍ତନ କରିବ ନାହିଁ । ପ୍ରଥମେ ତୁମେ ସ୍ୱୟଂକୁ ଜାଣ ।’’

ଶ୍ୱେତକେତୁ ଫେରିଗଲା । ଫେରିଯାଇ ଗୁରୁଙ୍କୁ କହିଲା, ‘‘ମୋ ପିତା ମୋତେ ଘରେ ପ୍ରବେଶ କରିବାକୁ ଦେଲେ ନାହିଁ । କହିଲେ – ଆମ କୁଳରେ ଆମେ ଜନ୍ମରୁ ବ୍ରାହ୍ମଣ ନୋହୁଁ । ଆମେ ବ୍ରହ୍ମକୁ ଜାଣି ବ୍ରାହ୍ମଣ । ଯେତେଦିନ ପର୍ଯ୍ୟନ୍ତ ମୁଁ ସ୍ୱୟଂକୁ ଜାଣି ନାହିଁ ସେତେଦିନ ପର୍ଯ୍ୟନ୍ତ ମୋ ପାଇଁ ପିତାଙ୍କର ଦ୍ୱାର ବନ୍ଦ । ଗୁରୁଦେବ, କୃପା କରି ମୋତେ ଆପଣ ବ୍ରହ୍ମ ସହ ପରିଚୟ କରାଇ ଦିଅନ୍ତୁ ।’’

ଗୁରୁ କହିଲେ – ଯାହା ବି ଶିକ୍ଷା ଦିଆଯାଇପାରେ ସେସବୁ ମୁଁ ତୁମକୁ ଶିଖାଇ ଦେଇଛି । କିନ୍ତୁ ତୁମେ ଯାହା ସମ୍ବନ୍ଧରେ ମୋତେ କହୁଛ ତାହା ଶିକ୍ଷା ଦିଆଯାଇ ପାରେନା ।

ତା’ହେଲେ ମୁଁ ବର୍ତ୍ତମାନ କେଉଁଆଡ଼େ ଯିବି – ପଚାରିଲେ ଶ୍ୱେତକେତୁ ।

ଗୁରୁ କହିଲେ, ‘‘ତୁମେ ଗୋଟିଏ କାମ କର । ତୁମେ କେବଳ ନିଜକୁ ଖୋଲା ରଖ । ତା’ ପ୍ରତି ସଜାଗ ରୁହ । ଦିନେ ନା ଦିନେ ଘଟଣା ଘଟିଯିବ । ତୁମେ ଏବେ ଆଶ୍ରମର ସମସ୍ତ ଗାଈଙ୍କୁ ନେଇ ଜଙ୍ଗଲକୁ ଚାଲିଯାଅ । ଗାଈମାନଙ୍କୁ ଜଙ୍ଗଲକୁ ନେଇଯାଇ ସେଇମାନଙ୍କ ସହ ରୁହ । ମନ ଭିତରେ ବିଚାର କରିବା ବନ୍ଦ କରିଦିଅ । ଶାସ୍ତ୍ର, ଶବ୍ଦ ସବୁ ମନ ଭିତରୁ ବାହାର କରିଦିଅ । ଗାଈଙ୍କ ସହ ରୁହ । ତାଙ୍କ ସେବା କର । ଆଉ ତୁମେ ଏପରି ମୌନ ହୋଇଯାଅ ଯେପରି ଗାଈମାନେ । କିନ୍ତୁ ମନେରଖ, ଯେବେ ଏ ଚାରି ଶହ ଗାଈ ଏକ ହଜାର ହୋଇଯିବେ ତେବେ ତୁମେ ଆଶ୍ରମକୁ ଫେରି ଆସିବ ।’’

କୁହାଯାଏ, ଆଶ୍ରମରେ ଚାରି ଶହ ଗାଈ ଥିଲେ ।

ଶ୍ୱେତକେତୁ ଚାରି ଶହ ଗାଈଙ୍କୁ ନେଇ ବହୁତ ଦୂର ଜଙ୍ଗଲକୁ ଚାଲିଗଲା, ଯେଉଁଠାରେ କୌଣସି ମନୁଷ୍ୟ ନଥିଲେ କିଂବା ମଣିଷର ବିଚାର ନଥିଲା । କେବଳ ସେ ଆଉ ଗାଈ । କିଛିଦିନ ହୁଏତ ଘର, ପରିବାର, ଆଶ୍ରମ, ପୋଥି, ଶାସ୍ତ୍ର, ଜ୍ଞାନର ବିଚାର ମନ ଭିତରେ ଚାଲିଥିବ । କିନ୍ତୁ ବିଚାରକୁ ଯଦି ନୂଆ ନୂଆ ଖାଦ୍ୟ ନମିଳେ ତେବେ ବିଚାର ଆପେ ଆପେ ମନ ଭିତରୁ ବିଲୀନ ହୋଇଯାଏ । ପୁରୁଣା ବିଚାର ସ୍ଥାନରେ ନୂଆ ବିଚାର ସ୍ଥାନ ନେଇଯାଏ । ତୁମେ କେବେ ମନେ ପକାଇଛ ଦଶବର୍ଷ ତଳେ ତୁମ ଭିତରେ ଯେଉଁ ବିଚାର ଚାଲୁଥିଲା, ଏବେ ଆଉ ତାହା ଚାଲୁ ନାହିଁ ନିଶ୍ଚୟ । କାଲି ଯାହା ଭାବୁଥିଲ ଆଜି ହୁଏତ ଆଉ କ’ଣ ଭାବିଲଣି । କିନ୍ତୁ ମନ ଏପରି ଭାବରେ ଗଢ଼ା ହୋଇଛି ପୁରୁଣା ତ ଚାଲିଯାଏ କିନ୍ତୁ ନୂଆ ଭାବନା, ନୂଆ ବିଚାର ସେ ସ୍ଥାନ ନେଇଯାଏ । କିନ୍ତୁ ଶ୍ୱେତକେତୁ ପାଇଁ ଜଙ୍ଗଲ ଭିତରେ ବିଚାର ବିମର୍ଶର କୌଣସି ଉପଯୋଗ ନଥିଲା । ସେଠାରେ କେହି ନଥିଲେ ଯାହା ସହ ବିଚାର ଆଲୋଚନା କରାଯାଇପାରେ । ଶ୍ୱେତକେତୁର ହୃଦୟ ଧୀରେ ଧୀରେ ଗାଈ ପରି ହୋଇଗଲା । ବୃକ୍ଷ ତଳେ ସେ ଚୁପ୍‌ଚାପ୍ କେବଳ ମୌନ ଭାବରେ ବସି ରୁହେ । ଏଇମିତି ଦିନ, ମାସ, ବର୍ଷ ବିତି ଯିବାରେ ଲାଗିଲା । କାରଣ ସେତିକିବେଳେ ଫେରିପାରିବ ଯେବେ ଗାଈ ସଂଖ୍ୟା ଏକ ହଜାରରେ ପହଞ୍ଚିବେ । ଧୀରେ ଧୀରେ ତା’ ମନରୁ ଭାଷା ବିଲୀନ ହୋଇଗଲା । ଧୀରେ ଧୀରେ ସେ ମଧ୍ୟ ଆଉ ମଣିଷ ହୋଇ ରହିଲା ନାହିଁ । ତା’ ଆଖି ଗାଈଙ୍କ ଆଖି ପରି ସରଳ ହୋଇଗଲା । ସେ ନିଜେ ସତେ ଯେମିତି ଗାଈଟିଏ ହୋଇଗଲା । କାହାଣୀ କୁହେ ଶ୍ୱେତକେତୁ ସଂଖ୍ୟା ଗଣିବା ମଧ୍ୟ ଭୁଲିଗଲା । କାହିଁକିନା ଯଦି ଭାଷା ବିଲୀନ ହୋଇଯାଏ, ଶବ୍ଦର ଜାଲ ଛାଡ଼ିଯାଏ ତେବେ ଗଣିବ କିପରି ? ସେ ମଧ୍ୟ ଭୁଲି ଗଲା ଯେ ତାକୁ ଆଶ୍ରମ ଫେରିବାକୁ ଅଛି ଦିନେ ନା ଦିନେ ।

ଆଗକୁ କାହାଣୀ ଆହୁରି ସୁନ୍ଦର ଅଛି । କାହାଣୀ କୁହେ ଦିନେ ଗାଈମାନେ ଆସି ଶ୍ୱେତକେତୁକୁ କହିଲେ – ଶ୍ୱେତକେତୁ, ଏବେ ଆମେ ଏକ ହଜାରରେ ପହଞ୍ଚି ସାରିଲୁଣି । ଏବେ ତୁମେ ଆମକୁ ନେଇ ଗୁରୁଙ୍କ ଆଶ୍ରମକୁ ଫେରିଚାଲ । ଗୁରୁ ତୁମର ପ୍ରତୀକ୍ଷା କରୁଥିବେ ।

ଶ୍ୱେତକେତୁ ଆଶ୍ରମକୁ ଫେରି ଆସିଲା । ଗୁରୁଙ୍କ ସାମନାରେ ହଜାରେ ଗାଈଙ୍କ ମେଳରେ ଶ୍ୱେତକେତୁ ଛିଡ଼ା ହୋଇଥାଏ – ମୌନ, ଶାନ୍ତ । ନା କିଛି ବିଚାର ଥିଲା, ନା ମନ ଥିଲା । ବିଲ୍‌କୁଲ୍ ଗାଈଙ୍କ ଭଳି ଶୁଦ୍ଧ, ସରଳ ଏବଂ ନିର୍ଦ୍ଦୋଷ । ଗୁରୁ ଆଶ୍ରମର ଅନ୍ୟାନ୍ୟ ଶିଷ୍ୟମାନଙ୍କୁ ନିର୍ଦ୍ଦେଶ ଦେଲେ ଗାଈମାନଙ୍କର ଗଣତି କର । ଗଣିଲା ପରେ ଶିଷ୍ୟମାନେ

କହିଲେ – ଏକ ହଜାର ଗାଈ । ଗୁରୁ କହିଲେ – ଏକ ହଜାର ନୁହେଁ, ଏକ ହଜାର ଏକ । ସେ ଏକ ହେଉଛି ଶ୍ୱେତକେତୁ । ଅନ୍ୟ ଶିଷ୍ୟମାନଙ୍କୁ ଗୁରୁ କହିଲେ – ଦେଖୁଛ ବ୍ରହ୍ମଜ୍ଞାନୀ କିପରି ମଣିଷ । ଶ୍ୱେତକେତୁ ବ୍ରହ୍ମଙ୍କୁ ଜାଣି ଫେରିଛି । ଶିଷ୍ୟମାନେ ପଚାରିଲେ କିନ୍ତୁ ଜନଶୂନ୍ୟ ଜଙ୍ଗଲ ଭିତରେ ଶ୍ୱେତକେତୁକୁ ବ୍ରହ୍ମ କିଏ ଶିଖାଇଲେ ?

ଗୁରୁ କହିଲେ – 'ବ୍ରହ୍ମ' କ'ଣ କେବେ ଶିଖାଇ ଦିଆଯାଇପାରେ ? ଯାହାକୁ ଶିକ୍ଷା ଦିଆ ଯାଇପାରେ ତାହା କେବେ 'ବ୍ରହ୍ମ' ହୋଇ ନପାରେ । ଯାହା ଶିଖାଇ ଦିଆଯାଇପାରେ ତାହା କେବେ ବି ସତ୍ୟ ମଧ ହୋଇ ପାରେନା । ଶ୍ୱେତକେତୁ ଶିଖି କରି ଫେରି ନାହିଁ, 'ଜାଣିକରି' ଫେରିଛି । ଅନ୍ୟଠାରୁ ଶିଖା ଯାଇପାରେ । କିନ୍ତୁ ସ୍ୱୟଂ ଜାଣିବାକୁ ହୋଇଥାଏ ।

ଶ୍ୱେତକେତୁକୁ ଗୁରୁ କହିଲେ – ତୁମର ଆଉ ଏଠାରେ ରହିବାର ଆବଶ୍ୟକତା ନାହିଁ । ତୁମେ ପିତାଙ୍କ ପାଖକୁ ଫେରିଯାଅ । ତୁମେ ଜାଣିଯାଇଛ । ଘଟଣା ଘଟିଯାଇଛି । ତୁମର ଉପଲବ୍ଧି ହୋଇସାରିଛି । ଏବେ ତୁମେ ଫେରିଯାଅ ।

ଶ୍ୱେତକେତୁ ପିତାଙ୍କ ନିକଟକୁ ଫେରି ଯାଇଥିଲେ ।

ସେହିପରି ରାମକୃଷ୍ଣଙ୍କ ଜୀବନରେ ତୋତାପୁରୀଙ୍କ ଆବିର୍ଭାବ । ଏହି ବିବରଣୀକୁ ସ୍ମରଣ କରିବା – ରାମକୃଷ୍ଣ ମା' କାଳୀଙ୍କ ଉପାସକ ଥିଲେ । ମା' କାଳୀଙ୍କୁ ସେ ନିଜର ମା'ଭାବେ ପ୍ରଗାଢ଼ ଭକ୍ତି କରୁଥିଲେ । ତାଙ୍କ ପାଇଁ ମା' କାଳୀ ଜଣେ ଦେବୀ ନୁହନ୍ତି, ଜଣେ ଜୀବନ୍ତ ଚିନ୍ମୟସତ୍ତା ଥିଲେ । ଯେତେବେଳେ ସେ ଆବାହନ କରୁଥିଲେ, ମା' କାଳୀ ଆବିର୍ଭୂତା ହେଉଥିଲେ । ତାଙ୍କ ସହ ସେ କଥା ହେଉଥିଲେ, ସମ୍ମୁଖରେ ନୃତ୍ୟ କରୁଥିଲେ ଏବଂ ତାଙ୍କୁ ନେଇ ପରମାନନ୍ଦରେ ବୁଡ଼ି ରହୁଥିଲେ । ଏମିତି ବି ସେ ମା' କାଳୀଙ୍କୁ ନିଜ ହାତରେ ଖୁଆଇ ଦେଉଥିଲେ । ଏହା ଏକ ଅପଭ୍ରାନ୍ତି ନଥିଲା – ପ୍ରକୃତରେ ଏସବୁ ଘଟୁଥିଲା ଏବଂ ସତ୍ୟ ଥିଲା । ମଣିଷର ଏପରି ଏକ ସୁନ୍ଦର ଅବସ୍ଥା ଅଛି, ତା' ଭିତରେ ସେ ବାସ କରିପାରେ । ରାମକୃଷ୍ଣଙ୍କର ଶରୀର, ମନ ଓ ଭାବ ଉଲ୍ଲାସରେ ବୁଡ଼ି ରହୁଥିଲେ ବି ତାଙ୍କର ସତ୍ତା ଏହାକୁ ଅତିକ୍ରମ କରିବାକୁ ଚାହୁଁଥିଲା । ସତ୍ତାର କେଉଁଠି ଗୋଟେ ସଚେତନତା ଥିଲା, ଯେମିତି ଏହି ଉଲ୍ଲାସ ସ୍ୱୟଂ ଏକ ବନ୍ଧନ ରୂପେ ବୋଧ ହେଉଥିଲା ।

ଦିନକର କଥା, ରାମକୃଷ୍ଣ ହୁଗୁଳି ନଦୀତଟରେ ବସିଥା'ନ୍ତି । ଜଣେ ପ୍ରଖ୍ୟାତ ଓ ବିରଳ ସନ୍ଥ ତୋତାପୁରୀ ସେଇ ବାଟରେ ଆସୁଥିଲେ । କୁହାଯାଏ ଦୀର୍ଘ ଚାଳିଶ ବର୍ଷକାଳ ସେ କଠୋର ସାଧନା କରି ଆଲୋକଦୀପ୍ତ ହୋଇଥିଲେ । ନାଗା ସମ୍ପ୍ରଦାୟର ହୋଇଥିବାରୁ ସର୍ବଦା ସେ ନିବସ୍ତ୍ର ରହୁଥିଲେ । ଭ୍ରମଣଶୀଳ ହେବା କାରଣରୁ ସେ ଏଣେତେଣେ ବୁଲୁଥିଲେ, ଯେଉଁଠି ରହୁଥିଲେ ସର୍ବଦା ଧୁନି ଜାଳି ଏହା ସମ୍ମୁଖରେ ବସୁଥିଲେ । ସେ ସବୁ ପ୍ରକାର ନୀତି, ନିୟମ, ଉପଚାର ଓ ବନ୍ଧନରୁ ମୁକ୍ତ ଥିଲେ, ଏମିତିକି ନିଜ ଜୀବନରୁ । ସେ ଥିଲେ ପରମହଂସ, ଏକ ଜୀବନ ମୁକ୍ତ ଏବଂ ସମ୍ପୂର୍ଣ୍ଣଭାବେ ସ୍ୱାଧୀନ ।

ତୋତାପୁରୀ ରାମକୃଷ୍ଣଙ୍କ ପାଖକୁ ଆସିଲେ – ଦେଖିଲେ ବ୍ୟକ୍ତି ଭିତରେ ଏତେ ପ୍ରଗାଢ଼ତା, ଏହା ଭିତରେ ତ ଆଲୋକଦୀପ୍ତ ଓ ଜ୍ଞାନାଲୋକ ପ୍ରାପ୍ତିର ସମ୍ଭାବନା ଭରି ରହିଛି । କିନ୍ତୁ ଅସୁବିଧାଟି ତ ଅଛି... ! ଚୁପ୍‌ଚାପ୍ ତାଙ୍କ ପାଖରେ ଠିଆ ହୋଇରହିଲେ । ରାମକୃଷ୍ଣ ପ୍ରଣାମ ଜଣାଇଲେ । ତୋତାପୁରୀ କହିଲେ, ''କାହିଁକି ତୁମେ ତଥାପି ବନ୍ଧନରେ ପଡ଼ିଛ ? ଏହାକୁ ଅତିକ୍ରମ କରିବାର ପ୍ରଚ୍ଛନ୍ନ ଶକ୍ତି ତୁମ ଭିତରେ ନିହିତ ଅଛି । ରାମକୃଷ୍ଣ କହିଲେ, ''ମୁଁ କେବଳ ମା' କାଳୀଙ୍କୁ ଚାହେଁ, ତାଙ୍କୁହିଁ ଜାଣେ, ତାହାହିଁ ମୋର ସବୁକିଛି ।'' ପ୍ରକୃତରେ ସେ ଛୋଟ ଶିଶୁ ପରି ମା'ଙ୍କୁ ଭଲ ପାଉଥିଲେ । ମା' କାଳୀଙ୍କ ଛଡ଼ା ଅନ୍ୟ କିଛିର ଅସ୍ତିତ୍ୱ ତାଙ୍କ ପାଖରେ ନଥିଲା । କିନ୍ତୁ ତୋତାପୁରୀଙ୍କ ମହାନ୍ ଉପସ୍ଥିତି ଏପରି ଥିଲା – ରାମକୃଷ୍ଣ ତୋତାପୁରୀଙ୍କୁ ଛାଡ଼ି ପାରୁ ନଥିଲେ, ତାଙ୍କ ପାଖରେ ବସି ରହୁଥିଲେ ।

ତୋତାପୁରୀଙ୍କୁ ରାମକୃଷ୍ଣ ଅନାଇ ରହିଥିଲେ । ଏପରି କରୁଣା, ଏପରି ସୌନ୍ଦର୍ଯ୍ୟ, ଏପରି ସ୍ୱାଧୀନତା ସେ କେବେ ବି ଦେଖି ନଥିଲେ ଏବଂ ଶେଷରେ କହିଲେ, ''ପ୍ରଭୁ, ମୋତେ ସାହାଯ୍ୟ କରନ୍ତୁ'' ।

ତୋତାପୁରୀ, ରାମକୃଷ୍ଣଙ୍କୁ ଚାହିଁଲେ ଏବଂ କହିଲେ, ''ହଁ, ମୁଁ ତୁମକୁ ସାହାଯ୍ୟ କରିବି, କିନ୍ତୁ ସଚେତନତାର ସହ ତୁମକୁ ଆଗକୁ ବଢ଼ିବାକୁ ପଡ଼ିବ ।'' ରାମକୃଷ୍ଣ ହଁ ଭରିଲେ । କିନ୍ତୁ ମା' କାଳୀ ଦୃଷ୍ଟିରେ ଆସିବାରୁ ସେ ସବୁକିଛି ଭୁଲିଗଲେ, ପ୍ରେମ ଓ ଆନନ୍ଦ ଅବସ୍ଥାକୁ ଚାଲିଗଲେ । ଯେତେଥର ସେ ତୋତାପୁରୀଙ୍କ ପାଖରେ ଧ୍ୟାନରେ ବସିବାକୁ ଚେଷ୍ଟା କଲେ ସେତେଥର ମା' କାଳୀଙ୍କୁ ନେଇ ଅନିୟନ୍ତ୍ରିତ ହୋଇ ଯାଉଥା'ନ୍ତି ।

ତେଣୁ ତୋତାପୁରୀ କହିଲେ, ''ଏଥର ମା' କାଳୀ

ଦେଖା ଦେଲେ ତୁମେ ଏକ ତରବାରି ନେବ ଓ ମା' କାଳୀଙ୍କୁ ଦୁଇ ଖଣ୍ଡ କରିଦେବ ।

ରାମକୃଷ୍ଣ ଥରିଗଲେ, ଭୟ ପାଇଗଲେ, କହିଲେ, ''କ'ଣ ଆପଣ କହୁଛନ୍ତି ସେ ମୋ ମା', ସେ ମୋତେ ଏପର୍ଯ୍ୟନ୍ତ ସାହାଯ୍ୟ କରି ଆସିଛି, ସେ ମୋର ସବୁକିଛି, ସେ ମୋର ଆତ୍ମା, ସେ ମୋର ହୃଦୟ । ତା' ବିନା ମୁଁ ବଞ୍ଚି ପାରିବି ନାହିଁ ।''

ତୋତାପୁରୀ କହିଲେ, ''ତୁ ମରିଯିବା ଭଲ । କିନ୍ତୁ ମା' କାଳୀଙ୍କୁ ହତ୍ୟା କରିବାକୁ ପଡ଼ିବ । ଯଦି ତୁ ସ୍ୱାଧୀନତା ଚାହୁଁ, ସବୁ ପ୍ରକାର ବନ୍ଧନରୁ ମୁକ୍ତ ହେବାକୁ ଚାହୁଁ, ମୋ କଥା ତୋତେ ମାନିବାକୁ ପଡ଼ିବ । ଦେଖ, ତୁ ତୋ' ପତ୍ନୀ ସହ ଜଡ଼ିତ ନୋହୁଁ, ତେଣୁ ତାହା ତୋ' ପାଇଁ ଅସୁବିଧା ନୁହେଁ, ତୁ ଧନ ସହ ଜଡ଼ିତ ନୋହୁଁ, ତେଣୁ ତାହା ତୋ ପାଇଁ ଅସୁବିଧା ନୁହେଁ, ତୁ ଏ ପୃଥିବୀ ସହ ଜଡ଼ିତ ନୋହୁଁ, ତେଣୁ ତାହା ତୋ' ପାଇଁ ଅସୁବିଧା ନୁହେଁ । ତୋ'ର ସବୁ ବନ୍ଧନ, ସବୁ ଅନୁରକ୍ତି କେବଳ ଏହି ମା' କାଳୀଙ୍କ ପାଇଁ । ସବୁ ଭାବନା, ଧାରଣା, କଳ୍ପନା ଏହି ମା' କାଳୀଙ୍କ ପାଇଁ । ମୁଁ ଜାଣେ, ଏହା ଖୁବ୍ ସୁନ୍ଦର କିନ୍ତୁ ତୋତେ ସତ୍ୟଠାରୁ ଜ୍ଞାନାଲୋକ ପ୍ରାପ୍ତିଠାରୁ ଦୂରେଇ ରଖିବ ।

ରାମକୃଷ୍ଣ ପୁଣି ତୋତାପୁରୀଙ୍କ ଆଗରେ ଧ୍ୟାନରେ ବସିଲେ । ଯେଉଁ ମୁହୂର୍ତ୍ତରେ ସେ ଆଖି ବନ୍ଦ କଲେ, ପୁଣି ସେଇ ଏକା ଅବସ୍ଥା । ମା' କାଳୀ ତାଙ୍କର ସମସ୍ତ ମହିମା ନେଇ ଉପସ୍ଥିତ ହୁଅନ୍ତି । ରାମକୃଷ୍ଣ ବିହ୍ୱଳ ହୋଇ ଉଠନ୍ତି, ତାଙ୍କ ଆଖିରୁ ଲୋତକ ଝରି ପଡ଼େ । ସେ ଭୁଲିଯା'ନ୍ତି, ତୋତାପୁରୀ ଏବଂ ତାଙ୍କର ସ୍ୱାଧୀନ ଅବସ୍ଥା । ସେଇ ମୁହୂର୍ତ୍ତରେ ତୋତାପୁରୀ ତାଙ୍କୁ ହଲାଇ ଦେଇ କହିଲେ, ''ରାମକୃଷ୍ଣ, ତୁ ପୁଣି ସେଇ ଏକ ଅବସ୍ଥାକୁ ଯାଉଛୁ । କାହିଁକି ତୁ ତରବାରି ନେଇ, କାଳୀଙ୍କୁ ଦୁଇଖଣ୍ଡ କରୁ ନାହୁଁ, ଧ୍ୱଂସ କର ତାଙ୍କୁ ।''

ରାମକୃଷ୍ଣ କହିଲେ, ''କେଉଁଠୁ ଏ ତରବାରି ମୁଁ ଆଣିବି '' ? ତୋତାପୁରୀ କହିଲେ, ''ଯେଉଁଠୁ ତୁ ଏ ମା' କାଳୀଙ୍କୁ ସୃଷ୍ଟି କରିଛୁ, ସର୍ଜନା କରିଛୁ । ଯଦି ତୁ ପୂର୍ଣ୍ଣଭାବେ ମା' କାଳୀଙ୍କୁ ସୃଷ୍ଟି କରିପାରିଲୁ ଗୋଟିଏ ତରବାରି କାହିଁକି ସୃଷ୍ଟି କରିପାରିବୁ ନାହିଁ । ତୁ ପାରିବୁ । ତୁ ଦେବୀ ସୃଷ୍ଟି କରିବାର ଯଦି କ୍ଷମତା ରଖିଛୁ, କାହିଁକି ଏକ ତରବାରି ସୃଷ୍ଟି କରି ତାଙ୍କୁ ଛିନ୍ନ କରିପାରିବୁ ନାହିଁ ? ପ୍ରସ୍ତୁତ ହୁଅ ।''

ରାମକୃଷ୍ଣ ପୁଣି ଧ୍ୟାନରେ ବସିଲେ । ମା' କାଳୀ ଆସିବାରୁ ହଠାତ୍ ପରିଦୃଷ୍ଟ ଉଲ୍ଲାସ ଭିତରକୁ ଚାଲିଗଲେ ରାମକୃଷ୍ଣ । ମା' କାଳୀ – ସେ କେତେ ସୁନ୍ଦର, କେତେ ଜୀବନ୍ତ, ଆଲୋକରେ ପୂର୍ଣ୍ଣ – ଏହା ଏକ ସାଧାରଣ ଅବସ୍ଥା ବା ଅନୁଭବ ନୁହେଁ : ରୂପର ଚରମ ଦୃଷ୍ଟି, ଦେବୀଙ୍କ ରୂପ ମଧ୍ୟ ଦେଇ ଯାହା ଅତିକ୍ରମ କରିଯାଇଛି ତାହା କେବଳ ରୂପାତୀତ ।

ଏଥର ତୋତାପୁରୀ କହିଲେ, ''ଏଥର ତୁ ବସ୍, ଆଉ ଥରେ ଚେଷ୍ଟା କର । ମୁଁ ଗୋଟିଏ କାଚଖଣ୍ଡ ଆଣିଛି । ଯେତେବେଳେ ତୁ ବିହ୍ୱଳ ହୋଇ ଆଖିରୁ ଲୁହ ଝରାଇବୁ ଠିକ୍ ସେତିକିବେଳେ ମୁଁ ତୋ କପାଳର ତୃତୀୟ ନୟନକୁ କାଟି ଦେବି । ରକ୍ତ ଝରି ଆସିବ । ଗଭୀରଭାବେ ମୁଁ କ୍ଷତ କରିବି । ତୋତେ ମନେ ପକାଇ ଦେବାକୁ ଯେ ତରବାରି ନେଇ ମା' କାଳୀଙ୍କୁ ଦୁଇ ଖଣ୍ଡ କରିବା ପାଇଁ ।''

ଏବଂ ସେଇଦିନ ରାମକୃଷ୍ଣ ଚେଷ୍ଟା କଲେ । ଯେତେବେଳେ ରାମକୃଷ୍ଣ ମହାନନ୍ଦର ପ୍ରାନ୍ତଦେଶରେ ପହଞ୍ଚିଛନ୍ତି, ମା' କାଳୀ ତାଙ୍କ ପାଖକୁ ଆସିଛନ୍ତି, ଠିକ୍ ସେଇ ମୁହୂର୍ତ୍ତରେ ତୋତାପୁରୀ ସେଇ କାଚ ଖଣ୍ଡକୁ ନେଇ ରାମକୃଷ୍ଣଙ୍କ କପାଳର ତୃତୀୟ ନୟନକୁ କାଟି ଦେଇଛନ୍ତି । ଗଭୀରଭାବେ କ୍ଷତ ହୋଇଛି, ରକ୍ତ ଝରି ଆସିଛି । ସେଇ କ୍ଷଣିକ ସଚେତନତାରେ ରାମକୃଷ୍ଣ ତରବାରି ନେଇ ମା' କାଳୀଙ୍କୁ ଦୁଇ ଖଣ୍ଡ କରି ଦେଇଛନ୍ତି । ମା'ଙ୍କ ଅସ୍ତିତ୍ୱ ଲୋପ ପାଇଗଲା, ରୂପାତୀତର ଦ୍ୱାର ଅନାବୃତ ହେଲା । କୁହାଯାଏ ପ୍ରଥମ ଥର ପାଇଁ ଛଅ ଦିନ ଧରି ରାମକୃଷ୍ଣ ସମାଧିସ୍ଥ ହୋଇ ରହିଲେ । ଆଲୋକଦୀପ୍ତ ପ୍ରାପ୍ତି ହେଲେ । ରାମକୃଷ୍ଣରୁ ରାମକୃଷ୍ଣ ପରମହଂସ ହେଲେ । ଯେତେବେଳେ ଛଅ ଦିନ ପରେ ସମାଧିରୁ ଫେରି ଆସିଲେ, ପ୍ରଥମ ବାକ୍ୟ କହିଲେ, "The last barrier has fallen I am infinitely grateful to you, Master Totapuri – Infinitely grateful to you. The last barrier has fallen. (ଶେଷ ବାଧା ଅନ୍ତର୍ହିତ ହେଲା, ମୋର ଅସୀମ କୃତଜ୍ଞତା ଆପଣଙ୍କୁ, ଗୁରୁ ତୋତାପୁରୀ – ଅସୀମ କୃତଜ୍ଞତା ଆପଣଙ୍କୁ । ଶେଷ ବାଧା ଅନ୍ତର୍ହିତ ହେଲା ।)

❑❑❑

# ଶ୍ରୀଅରବିନ୍ଦଙ୍କ ସହିତ ପ୍ରଥମ ଦର୍ଶନ ଓ ଅନୁଭୂତି

## ଶାନ୍ତି ଜୋଶୀ

### (ନଭେମ୍ବର, ୧୯୩୦)

ମୁଁ ସକାଳ ଟ୍ରେନରେ ପ୍ରାୟ ୬ଟା ସମୟରେ ପଣ୍ଡିଚେରୀରେ ପହଞ୍ଚିଥିଲି ନଭେମ୍ବର ମାସରେ । ସେହିଦିନ ମୋର ସନ୍ଧ୍ୟା ୫ଟା ସମୟରେ ଶ୍ରୀମା'ଙ୍କ ସହିତ ଆଶ୍ରମର ଲାଇବ୍ରେରୀ ରୁମରେ ସାକ୍ଷାତ୍ ହେବା ପାଇଁ ଆଗରୁ ସ୍ଥିର ହୋଇଥିଲା, ତାହା ମଧ୍ୟ ମୋତେ ଜଣାଇ ଦିଆ ଯାଇଥିଲା । ଠିକ୍ ସେହି ସମୟରେ ମୁଁ ମୋ ବାପାଙ୍କ ସହିତ ସେଠାକୁ ଗଲି । ସେଠାରେ ପହଞ୍ଚି ଯେଉଁ ଦୃଶ୍ୟ ଦେଖିଥିଲି ତାହା ମୁଁ ସୁସ୍ପଷ୍ଟ ଭାବରେ ଏପର୍ଯ୍ୟନ୍ତ ମନେ ରଖିଛି । ଶ୍ରୀମା ଏକ ଧୋବ ଫରଫର ଧଳା ଶାଢ଼ି, ଧଳା ବ୍ଲାଉଜ ପିନ୍ଧିଥିଲେ । ତାଙ୍କର ମସ୍ତକରେ ଏକ ଶୁଭ୍ର ରାଜମୁକୁଟ ଶୋଭା ପାଉଥିଲା । ଶ୍ରୀମା ଏକ ଉଚ୍ଚା ଚୌକିରେ ଉପବିଷ୍ଟ ହୋଇଥିଲେ । ଯେତେବେଳେ ସେ ମୋତେ ସ୍ମିତହାସ୍ୟ ସହ ନିରୀକ୍ଷଣ କରୁଥିଲେ, ସେତେବେଳେ ମୋ ହୃଦୟରେ ଏକ ସ୍ୱତଃସ୍ଫୂର୍ତ୍ତ ସ୍ପନ୍ଦନ ଜାଗ୍ରତ୍ ହେଉଥିଲା ଓ ମୋର ମନେ ହେଲା ଯେ – ଶ୍ରୀମା ହେଉଛନ୍ତି ମୋର ଅଧିଷ୍ଠାତ୍ରୀ ଦେବୀ । ମୁଁ ଶ୍ରୀମାଙ୍କୁ କହିଲି ''ମା' ମୁଁ ଆଉ ଏଠାରୁ ଫେରିଯିବାକୁ ଚାହେଁନି ।'' ଶ୍ରୀମା ଉତ୍ତରରେ ମୋତେ କହିଥିଲେ ଯେ ''ସେ ଶ୍ରୀଅରବିନ୍ଦଙ୍କୁ ଏ ବିଷୟରେ ପଚାରିବେ ।'' ମୁଁ ଶ୍ରୀମାଙ୍କ ଚରଣରେ ଭୂମିଷ୍ଠ ପ୍ରଣାମ କରି ଚାଲି ଆସିଲି ।

ନଭେମ୍ବର ୨୪ ତାରିଖ ଦିନ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ଦର୍ଶନ ଦିବସ ଥିଲା । ସେଦିନ ଶ୍ରୀଅରବିନ୍ଦ ଓ ଶ୍ରୀମା ଗୋଟିଏ ସୋଫା ଉପରେ ବସିଥିଲେ । ମୁଁ ବାପାଙ୍କ ପରେ ପରେ ଯେତେବେଳେ ତାଙ୍କ ପାଖକୁ ଗଲି, ଶ୍ରୀଅରବିନ୍ଦ ମୋତେ ଦେଖି ମୃଦୁ ହାସ୍ୟ କଲେ । ସ୍ୱାଭାବିକ ଭାବେ ଯେ ଅଦ୍ଭୁତ ପ୍ରତୀୟମାନ ହେଉଥିଲେ । ମୁଁ ଏବେ ବି ଠିକ୍‌ଭାବେ ବର୍ଣ୍ଣନା କରିପାରୁନି ଶ୍ରୀଅରବିନ୍ଦ କେଉଁ ପରି ଦେଖା ଯାଉଥିଲେ । ମୁଁ ଯେତେବେଳେ ତାଙ୍କ ପାଦ ଧରି ଭୂମିଷ୍ଠ ପ୍ରଣାମ କଲି, ସେ ତଳକୁ ନଇଁପଡ଼ି ମୋତେ ଆଶୀର୍ବାଦ କଲେ । ତାଙ୍କର ଏପରି ଆଶୀର୍ବାଦ ପାଇ ମୁଁ ନିଜକୁ ଧନ୍ୟ ମନେ କଲି । ମୁଁ ପରେ ଯେତେଥର ତାଙ୍କୁ ତାଙ୍କ ପାଦ ତଳେ ପ୍ରଣାମ କରିଛି, ସେ ପ୍ରତିଥର ନଇଁପଡ଼ି ମୋତେ ଆଶୀର୍ବାଦ ଦେଉଥିଲେ । ମୁଁ ଏକଥା ଏଠାରେ ଉଲ୍ଲେଖ କରୁଛି କାରଣ ମୁଁ ଏବେ ଜାଣିବାକୁ ପାଇଲି ଯେ ଶ୍ରୀଅରବିନ୍ଦଙ୍କର ସମସ୍ତଙ୍କୁ ଆଶୀର୍ବାଦ ଦେବାର ଏପରି ପ୍ରଥା ବା ଅଭ୍ୟାସ ନଥିଲା । ଏକଥା ଶୁଣି ମୁଁ ଆହୁରି ଅଭିଭୂତ ହୋଇଗଲି ।

ଦର୍ଶନ ପରଦିନ ଲାଇବ୍ରେରୀଆନ ପ୍ରେମାନନ୍ଦବାବୁ ମୋ ପାଖକୁ ଆସି ମୋତେ କହିଲେ : ''ଶ୍ରୀମା କହିଛନ୍ତି ଯେ ଶ୍ରୀଅରବିନ୍ଦ ତୁମକୁ ଦେଖି ଅତ୍ୟନ୍ତ ସନ୍ତୁଷ୍ଟ ହୋଇଛନ୍ତି । ତୁମେ ଏଥର ଏଠାରେ ଫ୍ରେଞ୍ଚ୍ ପଢ଼ିବା ପାଇଁ ଆରମ୍ଭ କରିପାର ।'' ମୁଁ ଏଇ କେଇପଦ କଥା ଶୁଣି ଖୁବ୍ ଉଲ୍ଲସିତ ହୋଇଗଲି । ମୋ ମନରେ ଅଟଳ ପ୍ରତ୍ୟୟ ସୃଷ୍ଟି ହେଲା । ମୁଁ ଏଠାରେ ରହିବାର ଓ ପଢ଼ିବାର ସୁଯୋଗ ପାଇବା ମୋ ଜୀବନର ଏକ ପରମ ସାର୍ଥକତା ବୋଲି ମନେକଲି ଓ ସେହିଦିନଠାରୁ ଶ୍ରୀମାଙ୍କର କୃପା ଓ ଅନୁକମ୍ପା ପାଇ ସେହି ଅନୁଯାୟୀ ପ୍ରେମାନନ୍ଦବାବୁଙ୍କଠାରୁ ଫ୍ରେଞ୍ଚ୍ ଶିକ୍ଷା ଆରମ୍ଭ କରିଦେଲି ।

(କ୍ରମଶଃ)

(Ref : First Darshan of Lord Sri Aurobindo & Divine Mother, Part- II, P. 42 )

ଅନୁବାଦ : ପ୍ରୀତି ପଟ୍ଟନାୟକ

# ମହାଜାଗତିକ ସପ୍ତତତ୍ତ୍ୱ

## (୨)

## ସୂର୍ଯ୍ୟକାନ୍ତି ମହାନ୍ତି

''ପାବକା ନଃ ସରସ୍ୱତୀ ବାଜେଭିର୍ବାଜିନୀବତୀ
ଯଜ୍ଞଂ ବଷ୍ଟୁ ଧିୟାବସୁଃ ।'' (ଋଗବେଦ-୧-୩-୧୦)

ଅର୍ଥାତ୍ : ଅନ୍ତଃପ୍ରେରଣାର ଶକ୍ତିରୂପିଣୀ ଦେବୀ ସରସ୍ୱତୀ ଯିଏ କି ପାବୟିତ୍ରୀ, ପୂର୍ଣ୍ଣ ସମୃଦ୍ଧି ସମ୍ପନ୍ନା, ଐଶ୍ୱର୍ଯ୍ୟଶାଳିନୀ ଆମ୍ଭମାନଙ୍କର ଯଜ୍ଞକୁ ଧାରଣ କରନ୍ତୁ । ଋଗବେଦର ପବିତ୍ର ମନ୍ତ୍ରରେ ଦେବୀ ତଥା ନଦୀ ସରସ୍ୱତୀଙ୍କୁ ଏହିପରି ଭାବରେ ଆବାହନ କରାଯାଇଛି ।

ଭାରତୀୟମାନଙ୍କ ମନରେ, ହୃଦୟରେ ଓ ଆତ୍ମାରେ ନଦୀ ଦେବୀ ରୂପେ ପୂଜିତା ହୁଅନ୍ତି । ଏକଦା ଏ ଦେଶରେ ପ୍ରବାହିତ ନଦୀସମୂହ ଏହାର ମାଟିକୁ ସ୍ପନ୍ଦିତ କରି ଏହା ପାଇଁ ଆଣି ଦେଇଥିଲେ ସମୃଦ୍ଧି ଓ ସଂସ୍କୃତି, କଳା ଓ କିଂବଦନ୍ତୀ, ନୃତ୍ୟ ଓ ସଂଗୀତ, ପ୍ରେମ ଓ ବିସ୍ମୟ, ଇତିହାସ ଓ ସ୍ଥାପତ୍ୟ ଏବଂ ସର୍ବୋପରି ଗୌରବୋଜ୍ଜ୍ୱଳ ଆଧାତ୍ମିକ ପରମ୍ପରା । ଭାରତୀୟ ନଦୀ ହେଉଛି ଏକ କ୍ଷୁଦ୍ର ବିଶ୍ୱର ପ୍ରତୀକ । ତା'ର ଜଳରୂପକ ହୃଦୟରେ ସମଗ୍ର ମାନବ ଜାତି, ଜୀବ ଜଗତ୍, ଜଡ଼ ଜଗତ୍, ଗ୍ରହ ଓ ନକ୍ଷତ୍ର ଆଦିଙ୍କୁ ଆଶ୍ରୟ ଦେଇଥାଏ ।

ଏହି ମାଟିର ପବିତ୍ର ଓ ନମସ୍ୟ ସପ୍ତନଦୀମାନଙ୍କର କିଞ୍ଚିତ୍ ପରିଚୟ ନିମ୍ନରେ ଦିଆଗଲା –

୧. ଗଙ୍ଗା – ଏହାର ରଙ୍ଗ ଶୁଭ୍ର ଓ ସୁବର୍ଣ୍ଣ । ଏହି ନଦୀ ପବିତ୍ରତାକୁ ସୂଚିତ କରେ । ଏହା ମୋକ୍ଷ ପ୍ରଦାନ କରିଥାଏ ବୋଲି ବିଶ୍ୱାସ କରାଯାଏ ।

୨. ଯମୁନା – ଶ୍ରୀକୃଷ୍ଣଙ୍କ ଦେହର ରଙ୍ଗ ସଦୃଶ ନୀଳବର୍ଣ୍ଣ ଯାହା ପ୍ରେମକୁ ସୂଚିତ କରେ । ଏହି ନଦୀକୂଳରେ ପବିତ୍ର ନଗରୀ ମଥୁରା ଅବସ୍ଥିତ ।

୩. ସରସ୍ୱତୀ – ଏହାର ବର୍ଣ୍ଣ ରାଜହଂସ ପରି ଶୁଭ୍ର । ଏହା ବର୍ତ୍ତମାନ ଲୁପ୍ତ ଅବସ୍ଥାରେ । ଏହା ଜ୍ଞାନ ନଦୀ ବା ବିଦ୍ୟାନଦୀ ଭାବରେ ପରିଚିତ । ସରସ୍ୱତୀ ହେଉଛନ୍ତି ଉଭୟ ନଦୀ ଓ ପ୍ରେରଣାଦାୟିନୀ ଦେବୀ ବୋଲି ଭାରତୀୟମାନେ ଗ୍ରହଣ କରନ୍ତି ।

୪. ନର୍ମଦା – ଏହାର ରଙ୍ଗ କୃଷ୍ଣ । ଏହା ବୈରାଗ୍ୟ ଓ ସମର୍ପଣ ଭାବକୁ ସୂଚିତ କରେ ।

୫. ଗୋଦାବରୀ – କମଳା ରଙ୍ଗର ଏହି ନଦୀ ଭକ୍ତିଭାବକୁ ସୂଚିତ କରେ । ଏହାର ତଟଦେଶରେ ଶ୍ରୀରାମ, ସୀତା ଓ ଲକ୍ଷ୍ମଣଙ୍କ ଉପସ୍ଥିତି ଏହି ନଦୀକୁ ପବିତ୍ର କରିଥିଲା ।

୬. କ୍ରିଷ୍ଣା – ଏହା ସବୁଜ ରଙ୍ଗର ଏବଂ ଏହା ସାହସ ଓ ଶୌର୍ଯ୍ୟକୁ ସୂଚିତ କରେ । (ଭାରତର ସ୍ୱାଧୀନତା ପରେ ସିନ୍ଧୁନଦୀ ପାକିସ୍ତାନରେ ରହିଯିବାରୁ ତା' ସ୍ଥାନରେ କ୍ରିଷ୍ଣାନଦୀକୁ ସାମିଲ କରାଯାଇଛି ।)

୭. କାବେରୀ – ରୌପ୍ୟ ରଙ୍ଗର ଏହି ନଦୀ ଜ୍ଞାନକୁହିଁ ସୂଚିତ କରେ ।[୧]

ଏହି ନଦୀମାନଙ୍କର ରଙ୍ଗ ବା ବର୍ଣ୍ଣ ହେଉଛି ଏହାର ପ୍ରତୀକାତ୍ମକ ପରିପ୍ରକାଶ । ବାସ୍ତବରେ ଏହି ସପ୍ତନଦୀ ସ୍ୱର୍ଗୀୟ ମହାସାଗରଠାରୁ ଉତ୍ପନ୍ନ ଏବଂ ଅସୀମ ଚେତନାର ସ୍ତରରେ ଶାଶ୍ୱତ ଶକ୍ତିର ଧାରା ରୂପେ ପ୍ରବହମାନ ।

ହିନ୍ଦୁ ଶାସ୍ତ୍ରରେ ସପ୍ତଦ୍ୱୀପର ଉଲ୍ଲେଖ ଅଛି । ସେଗୁଡ଼ିକ ହେଲେ –

(୧) ଜମ୍ବୁଦ୍ୱୀପ – ଲବଣ ସାଗର (୨) ପ୍ଲାକ୍ଷା ଦ୍ୱୀପ – ଆଖୁରସ ସାଗର (୩) ସାଲ୍ମଳୀ ଦ୍ୱୀପ– ମଦ ସାଗର (୪) କୁଶ ଦ୍ୱୀପ– ଘୃତ ସାଗର (୫) କ୍ରୌଞ୍ଚଦ୍ୱୀପ– ଦଧି ସାଗର (୬) ଶାକ ଦ୍ୱୀପ– ଦୁଗ୍ଧ ସାଗର ଏବଂ (୭) ପୁଷ୍କର ଦ୍ୱୀପ – ମଧୁର ଜଳ ସାଗର ଦ୍ୱାରା ପରିବେଷ୍ଟିତ । ଏସବୁର ମଧ୍ୟ ଭାଗରେ ଜମ୍ବୁଦ୍ୱୀପ ଏବଂ ଏଇ ଦ୍ୱୀପର ମଧ୍ୟ ଭାଗରେ ସୁବର୍ଣ୍ଣ ପର୍ବତ 'ମେରୁ' ବିଦ୍ୟମାନ ।[୨]

ପୁନଶ୍ଚ ସପ୍ତମାତୃ ହେଲେ (୧) ବ୍ରହ୍ମାଣି (୨) ବୈଷ୍ଣବୀ (୩) ମହେଶ୍ୱରୀ (୪) କୌମାରୀ (୫) ବରାହୀ (୬) ଇନ୍ଦ୍ରାଣୀ ଏବଂ (୭) ଚାମୁଣ୍ଡି ।[୩]

ଶ୍ରୀକୃଷ୍ଣ ନିଜର ବିଭିନ୍ନ ଦିବ୍ୟବିଭୂତି ବିଷୟରେ ଅର୍ଜୁନଙ୍କୁ କହିବାକୁ ଯାଇ କିପରି ସ୍ୱୟଂ ସେ ଶ୍ରେଷ୍ଠ ସପ୍ତନାରୀ, ତାହା ପ୍ରକାଶ କରିଛନ୍ତି । ସେ କହୁଛନ୍ତି – ମୁଁ ନାରୀମାନଙ୍କ ମଧ୍ୟରେ କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଓ କ୍ଷମା ଅଟେ । ଏହି ସାତଜଣ ପ୍ରଜାପତି ଦକ୍ଷଙ୍କର କନ୍ୟା ଥିଲେ ।[୪] ହିନ୍ଦୁ ଶାସ୍ତ୍ର

ଅନୁଯାୟୀ ସାତୋଟି ପୁଣ୍ୟ ଅଛି । ଯଥା :– ବିନମ୍ରତା, ବିଶୁଦ୍ଧତା, ଅନୁକମ୍ପା, ସହିଷ୍ଣୁତା, ବିରତି (ମଦରୁ), ଅଧ୍ୟବସାୟ ଏବଂ ଉଦାରତା ।

ସେହିପରି ସପ୍ତନାଗ ମଧ୍ୟ ଅଛନ୍ତି । ସେସବୁ ହେଲେ : ଅନନ୍ତ, ତକ୍ଷକ, କରକ, ପଦ୍ମ, ମହାପଦ୍ମ, ଶଙ୍ଖ ଓ ଗୁଳିକ । ସେହିପରି ସମଗ୍ର ବିଶ୍ୱରେ ପ୍ରଚଳିତ 'ସପ୍ତାହ'ର ସାତ ଦିନ ପୁନଶ୍ଚ ସଂଗୀତ ଶାସ୍ତ୍ରରେ ସପ୍ତସ୍ୱର ରହିଛି ।

ଶ୍ରୀଅରବିନ୍ଦଙ୍କ 'Record of Yoga' ଗ୍ରନ୍ଥର ଅଂଶ ବିଶେଷ 'ସପ୍ତଚତୁଷ୍ଟୟ' ଗ୍ରନ୍ଥରେ ୨୮ଟି ତତ୍ତ୍ୱ ବା ଉପାଦାନର ବର୍ଣ୍ଣନା ଅଛି । ସେଗୁଡ଼ିକ ହେଲେ –

୧. ଶାନ୍ତି ଚତୁଷ୍ଟୟ – ସମତା, ଶାନ୍ତି, ସୁଖ ଓ ହାସ୍ୟ
୨. ଶକ୍ତି ଚତୁଷ୍ଟୟ – ବୀର୍ଯ୍ୟ, ଶକ୍ତି, ଚଣ୍ଡୀଭାବ, ଶ୍ରଦ୍ଧା
୩. ବିଜ୍ଞାନ ଚତୁଷ୍ଟୟ – ଜ୍ଞାନ, ତ୍ରିକାଳ ଦୃଷ୍ଟି, ଅଷ୍ଟସିଦ୍ଧି, ସମାଧି
୪. ଶରୀର ଚତୁଷ୍ଟୟ – ଆରୋଗ୍ୟ, ଉତ୍‌ଥାପନା, ସୌନ୍ଦର୍ଯ୍ୟ, ବିବିଧାନନ୍ଦ
୫. କର୍ମ ଚତୁଷ୍ଟୟ – କୃଷ୍ଣ, କାଳୀ, କର୍ମ, କାମ
୬. ବ୍ରହ୍ମ ଚତୁଷ୍ଟୟ – ସର୍ବଂ ବ୍ରହ୍ମ, ଅନନ୍ତଂ ବ୍ରହ୍ମ, ଜ୍ଞାନଂ ବ୍ରହ୍ମ, ଆନନ୍ଦଂ ବ୍ରହ୍ମ
୭. ସଂସିଦ୍ଧି ଚତୁଷ୍ଟୟ – ଶୁଦ୍ଧି, ମୁକ୍ତି, ଭୁକ୍ତି, ସିଦ୍ଧି

ପୁନଶ୍ଚ ହିନ୍ଦୁଧର୍ମ ଅନୁଯାୟୀ ଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ୧୪ଟି ଲୋକର ଅବସ୍ଥିତି ଅଛି । ସେଥିମଧ୍ୟରୁ ସାତୋଟି ଊର୍ଦ୍ଧ୍ୱସ୍ଥ ଏବଂ ଅନ୍ୟ ସାତୋଟି ନିମ୍ନସ୍ଥ । ମନୁଷ୍ୟ ଶରୀର ଏକ ଅଣୁ ଜଗତ୍ (microcosm) ହୋଇଥିବାରୁ ଏହି ସମସ୍ତ ଲୋକକୁ ଶରୀର ନିଜ ମଧ୍ୟରେ ଧରି ରଖିଛି ।

ଊର୍ଦ୍ଧ୍ୱସ୍ଥ ସପ୍ତଲୋକର ବିବରଣୀ ଏହିପରି –

୧. ସତ୍ୟଲୋକ (ବ୍ରହ୍ମଲୋକ) – ଏହା 'ମହାକାଶ' ବା 'ବ୍ରହ୍ମାକାଶ' ବା 'ଜ୍ଞାନାକାଶ' ଭାବରେ ପରିଚିତ । ମନୁଷ୍ୟ ମସ୍ତକର ଉପରିଭାଗ ବା ସହସ୍ରାର ଚକ୍ରକୁ ଏହା ସୂଚୀତ କରେ ଏବଂ ଏହାର ଅଧିପତି ହେଉଛନ୍ତି ସୂର୍ଯ୍ୟ ।

୨. ତପୋଲୋକ – ଏହା ଦୁଇ ଚକ୍ଷୁର ମଧ୍ୟ ଭାଗରେ ମସ୍ତକର କେନ୍ଦ୍ରରେ ଅବସ୍ଥିତ । ଏହା ଆଜ୍ଞାଚକ୍ରକୁ ସୂଚିତ କରେ ଏବଂ ଏହା 'ଚିଦାକାଶ' ଭାବରେ ପରିଚିତ । ଏହାର ଅଧିପତି ହେଉଛନ୍ତି ଚନ୍ଦ୍ର ।

୩. ଜନଲୋକ – ଏହାର ଅବସ୍ଥିତି ଗ୍ରୀବାରେ । ଏହା ବିଶୁଦ୍ଧ ଚକ୍ରକୁ ସୂଚିତ କରେ । ଏହାର ଅଧିପତି ହେଉଛନ୍ତି ବୃହସ୍ପତି ।

୪. ମହର୍ଲୋକ – ଏହାର ଅବସ୍ଥିତି ହୃଦୟରେ ଏବଂ ଏହା ବାୟୁ ମହାଭୂତ ସହିତ ସମ୍ପର୍କିତ । ଏହା ଅନାହତ ଚକ୍ରକୁ ସୂଚିତ କରେ । ଏହାର ଅଧିପତି ହେଉଛନ୍ତି ବୁଧ ।

୫. ସ୍ୱର୍ଲୋକ – ଏହାର ଅବସ୍ଥିତି ନାଭିର ଊର୍ଦ୍ଧ୍ୱରେ ଏବଂ ଏହା ଅଗ୍ନି ମହାଭୂତ ସହିତ ସମ୍ପର୍କିତ । ଏହା ମଣିପୁର ଚକ୍ରକୁ ସୂଚିତ କରେ । ଏହାର ଅଧିପତି ହେଉଛନ୍ତି ମଙ୍ଗଳଗ୍ରହ ।

୬. ଭୁବର୍ଲୋକ – ଏହାର ଅବସ୍ଥିତି ନାଭିକେନ୍ଦ୍ରର ନିମ୍ନଦେଶରେ ଏବଂ ଏହା ସ୍ୱାଧିଷ୍ଠାନ ଚକ୍ରକୁ ସୂଚିତ କରେ । ଏହା ଜଳ ମହାଭୂତ ସହିତ ସମ୍ପର୍କିତ । ଏହାର ଅଧିପତି ହେଉଛନ୍ତି ଶୁକ୍ର ।

୭. ଭୂର୍ଲୋକ – ଏହାର ଅବସ୍ଥିତି ଗୁହ୍ୟଦ୍ୱାର ଓ ଯୌନାଙ୍ଗର ମଧ୍ୟ ଭାଗରେ । ଏହା ପୃଥିବୀ ମହାଭୂତକୁ ସୂଚିତ କରେ ଏବଂ ମୂଳାଧାର ଚକ୍ର ସହିତ ସମ୍ପର୍କିତ । ଏହାର ଅଧିପତି ହେଉଛନ୍ତି ଶନିଗ୍ରହ ।

ସେହିପରି ନିମ୍ନସ୍ଥ ସପ୍ତଲୋକକୁ 'ତଳ' ବୋଲି କୁହାଯାଏ । ଏସବୁର ବିବରଣୀ ଏହିପରି –

୧. ପାତାଳ – ସୁବର୍ଣ୍ଣ ରଙ୍ଗର ପାତାଳର ଅବସ୍ଥିତି ଯୌନାଙ୍ଗରେ । ଏହା ପୃଥିବୀ ମହାଭୂତକୁ ସୂଚିତ କରେ ଏବଂ ମୂଳାଧାର ଚକ୍ର ସହିତ ସମ୍ପର୍କିତ । ଏହାର ଅଧିପତି ଶନି ।

୨. ତଳାତଳ – ହଳଦୀରଙ୍ଗର ଏହି 'ତଳ'ର ଅବସ୍ଥିତି ନିତମ୍ବରେ । ଏହା ଜଳ ମହାଭୂତକୁ ସୂଚିତ କରେ ଏବଂ ସ୍ୱାଧିଷ୍ଠାନ ଚକ୍ର ସହିତ ସମ୍ପର୍କିତ । ଏହାର ଅଧିପତି ଶୁକ୍ର ।

୩. ରସାତଳ – ଏହା ପ୍ରସ୍ତର ରଙ୍ଗ ସଦୃଶ ଯାହାର ଅବସ୍ଥିତି ଜଂଘରେ । ଏହା ଅଗ୍ନି ମହାଭୂତକୁ ସୂଚିତ କରେ ଏବଂ ମଣିପୁର ଚକ୍ର ସହିତ ସମ୍ପର୍କିତ । ଏହାର ଅଧିପତି ହେଉଛନ୍ତି ମଙ୍ଗଳ ।

୪. ମହାତଳ – ବାଦାମୀ ରଙ୍ଗର ଏହି ତଳର ଅବସ୍ଥିତି ଆଣ୍ଠୁରେ । ଏହା ବାୟୁ ମହାଭୂତକୁ ସୂଚିତ କରେ ଏବଂ ଅନାହତ ଚକ୍ର ସହିତ ସମ୍ପର୍କିତ । ଏହାର ଅଧିପତି ହେଉଛନ୍ତି ବୁଧ ।

୫. ସୁତଳ – ଆକର୍ଷଣୀୟ ନୀଳାଭ ଲୋହିତ ରଙ୍ଗର ସୁତଳର ଅବସ୍ଥିତି ଗୋଡ଼ ପେଣ୍ଡାରେ । ଏହା ଚିତ୍ତାକାଶ ବା ଭୂତାକାଶକୁ ସୂଚିତ କରେ ଏବଂ ବିଶୁଦ୍ଧ ଚକ୍ର ସହିତ ସମ୍ପର୍କିତ । ଏହାର ଅଧିପତି ହେଉଛନ୍ତି ବୃହସ୍ପତି ।

୬. ବିତଳ – ଏହା କୃଷ୍ଣ ବର୍ଣ୍ଣ ଓ ଏହାର ଅବସ୍ଥିତି ପାଦରେ । ଏହା ଚିଦାକାଶକୁ ସୂଚିତ କରେ ଏବଂ ଆଜ୍ଞା ଚକ୍ର ସହିତ ସମ୍ପର୍କିତ । ଏହାର ଅଧିପତି ହେଉଛନ୍ତି ଚନ୍ଦ୍ର ।

୭. ଅତଳ – ଶୁଭ୍ରରଙ୍ଗ ବିଶିଷ୍ଟ ଅତଳର ଅବସ୍ଥିତି ପାଦର ତଳିପା । ମହାକାଶ ବା ବ୍ରହ୍ମାକାଶ ବା ଜ୍ଞାନାକାଶକୁ ଏହା ସୂଚିତ କରେ ଏବଂ ସହସ୍ରାର ଚକ୍ର ସହିତ ସମ୍ପର୍କିତ । ଏହାର ଅଧିପତି ହେଉଛନ୍ତି ସୂର୍ଯ୍ୟ ।(୫)

–୧୪ ଲୋକର ପରସ୍ପର ମଧ୍ୟରେ ସମ୍ପର୍କ –

| ୧ | ୨ | ୩ | ୪ | ୫ | ୬ | ୭ | ୧ | ୨ | ୩ | ୪ | ୫ | ୬ | ୭ |
|---|---|---|---|---|---|---|---|---|---|---|---|---|---|
| ସତ୍ୟଲୋକ | ତପୋଲୋକ | ଜନଲୋକ | ମହର୍ଲୋକ | ସ୍ୱର୍ଲୋକ | ଭୁବର୍ଲୋକ | ଭୂର୍ଲୋକ | ପାତାଳ | ତଳାତଳ | ରସାତଳ | ମହାତଳ | ସୁତଳ | ବିତଳ | ଅତଳ |

ପୁନଶ୍ଚ ଖ୍ରୀଷ୍ଟଧର୍ମ ଓ ଇହୁଦୀ ଧର୍ମରେ ସପ୍ତ ସଂଖ୍ୟାକୁ ପବିତ୍ର ବୋଲି ଗ୍ରହଣ କରାଯାଇଛି । ଖ୍ରୀଷ୍ଟଧର୍ମର ବଡ଼ଦିନ (X-mas) ପର୍ବରେ କେତେକ ସ୍ଥାନରେ ମିନୋରା (Menorah) କ୍ୟାଣ୍ଡଲ୍‌ର ବ୍ୟବହାର ଦେଖାଯାଏ, ଯେଉଁଥିରେ ସାତଟି ଶିଖାଥାଏ । ବାଇବେଲରେ ଅଛି – ଭଗବାନ୍ ପୃଥିବୀ ସୃଷ୍ଟି କରିବା ପରେ ସପ୍ତମ ଦିନରେ ବିଶ୍ରାମ ନେଇଥିଲେ । ଯିଶୁ କ୍ରୁଶବିଦ୍ଧ ହେବା ସମୟରେ ସାତୋଟି ଶବ୍ଦ ଉଚ୍ଚାରଣ କରିଥିଲେ ।

ଜୁଡ଼ାଇଜିମ୍‌ରେ ଅଛି ସମଗ୍ର ବିଶ୍ୱବ୍ରହ୍ମାଣ୍ଡ 'ସପ୍ତସ୍ୱର୍ଗ'କୁ ନେଇ ଗଠିତ । ଭଗବାନ୍ ସପ୍ତମ ସ୍ୱର୍ଗର ଉର୍ଦ୍ଧ୍ୱରେ ନିବାସ କରନ୍ତି । ଜାପାନୀ କିଂବଦନ୍ତୀରେ ଅଛି – ସପ୍ତ ଦେବତା ମଣିଷର ସାତଟି ବିଭିନ୍ନ ଅବସ୍ଥା ପ୍ରତି ଉତ୍ତରଦାୟୀ ରହନ୍ତି । ସାତଟି ଅବସ୍ଥା ହେଲେ– ସୁସ୍ଥତା, ଦୀର୍ଘଜୀବନ, ଆନନ୍ଦ, ଜ୍ଞାନ, ସମୃଦ୍ଧି, ଯୋଦ୍ଧା ଏବଂ ମତ୍ସ୍ୟଜୀବୀ ।

ବୌଦ୍ଧଧର୍ମରେ ଉଲ୍ଲେଖ ଅଛି ଯେ ଗୌତମବୁଦ୍ଧ ଜନ୍ମ ହେବା ପରେ ଛିଡ଼ାହୋଇ ସାତପାଦ ଚାଲିଥିଲେ ।

ପୃଥିବୀର ବହୁସ୍ଥାନରେ ଏହି ପ୍ରଚଳିତ ବିଶ୍ୱାସ ଅଛି ଯେ ଜଣେ ସପ୍ତମପୁତ୍ରର ସପ୍ତମପୁତ୍ର ଅଲୌକିକ ଶକ୍ତିର ଅଧିକାରୀ ହୋଇଥାଏ । ଏପରିକି ଆଇରିସ୍ ଜନଶ୍ରୁତି ଅନୁଯାୟୀ ଏହି ପୁତ୍ର ଆରୋଗ୍ୟକାରୀ ଶକ୍ତିର ଅଧିକାରୀ ହୋଇଥାଏ ।

ପୁନଶ୍ଚ ପୃଥିବୀର ବିଭିନ୍ନ ଦେଶରେ ସୁଶୃଙ୍ଖଳିତ ଗୋଇନ୍ଦା ବା ଗୁପ୍ତଚର ବ୍ୟବସ୍ଥା ଅଛି । ଏହି ବ୍ୟବସ୍ଥାରେ ବିଭିନ୍ନ ପ୍ରକାର ଗୁପ୍ତନମ୍ବର ବ୍ୟବହାର କରାଯାଇଥାଏ । ଯେପରି ଜେମ୍‌ସ ବଣ୍ଡଙ୍କର ନମ୍ବର ଥିଲା ୦୦୭ । ସେହିପରି ବ୍ରିଟେନର କୂଟନୈତିକ କାର ପ୍ଲେଟ୍‌ର ନମ୍ବର ଥିଲା ୦୦୧ ଏବଂ ଫ୍ରାନ୍‌ସର ଥିଲା ୦୦୭ ।

ମନସ୍ତତ୍ତ୍ୱବିତ୍‌ମାନେ ଦେଖିଛନ୍ତି ଯେ ମନୁଷ୍ୟର ସପ୍ତତତ୍ତ୍ୱ ପ୍ରତି ଅଧିକ ଆକର୍ଷଣ ରହିଛି । ଚିକିତ୍ସା ବିଜ୍ଞାନରେ ଦେଖାଯାଏ ଯେ ମନୁଷ୍ୟର ନିଦ୍ରା ଗୋଟିଏ ଦିନରେ ସାତଘଣ୍ଟା ଆବଶ୍ୟକ । ପଶ୍ଚିମ ଭର୍ଜିନିଆର ଏକ ମେଡ଼ିକାଲ ସ୍କୁଲରେ ୩୦,୦୦୦ ଲୋକଙ୍କୁ ନେଇ ଏକ ପରିସଂଖ୍ୟାନ (Statistics) ନିଆଯାଇଥିଲା । ଏଥିରୁ ଜଣାଯାଇଥିଲା ଯେ ସାତଘଣ୍ଟାରୁ ଖୁବ୍ ଅଧିକ ବା ଖୁବ୍ କମ୍ ଶୋଉଥିବା ଲୋକଙ୍କର ସାଧାରଣତଃ ହୃଦ୍‌ରୋଗର ସମ୍ଭାବନା ଥାଏ ।

ସାତ ସଂଖ୍ୟାଟି ପୃଥିବୀର ସବୁଠାରୁ ଅଧିକ ମଙ୍ଗଳ ସୂଚକ ଅଙ୍କ । ବିଶ୍ୱ ଇତିହାସରେ ଏବଂ ବିଭିନ୍ନ ସଭ୍ୟତାରେ ସପ୍ତତତ୍ତ୍ୱ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।

(କ୍ରମଶଃ)

❑❑❑


ତଥ୍ୟ ନିର୍ଦ୍ଦେଶିକା

୧. Internet; ୨. Puranic Encyclopaedia, by Vettam Mani Published by Motilal Banarsidass Publishers Pvt. Ltd. Delhi, Page – 690; ୩. ତତ୍ରୈବ – p.691; ୪. ଶ୍ରୀମଦ୍ ଭଗବଦ୍‌ଗୀତା – ୧୦-୩୪; ୫. The Revelation in the Wilderness-Vol-2 by Dr. G. H. Mees, Published by Kanvashram Trust, Tiruvanamalai – page-1-15

**ପୂର୍ଣ୍ଣାଙ୍ଗ ଜୀବନରେ ପୂର୍ଣ୍ଣାଙ୍ଗ ଶିକ୍ଷା :**

# ଯୁଗପଦ୍ ଓ ଆନୁକ୍ରମିକ ଶିକ୍ଷାଦାନ

[Simultaneous and Successive Teaching]

## ଶ୍ରୀଅରବିନ୍ଦ

ଆଧୁନିକ ତାଲିମର ଏକ ଉଲ୍ଲେଖଯୋଗ୍ୟ ବିଷୟ ଯାହାକି ଭାରତରେ ପ୍ରମାଣ ବ୍ୟତିରେକେ ଅନୁମୋଦିତ, ତାହାହେଲା ବିଭିନ୍ନ ବିଷୟର କିଛି କିଛି ଅଂଶ ଶିକ୍ଷା ଦେବାର ଅଭ୍ୟାସ (practice of teaching by snippets) । ଅନ୍ୟ ବହୁ ବିଷୟ ସହିତ କୌଣସି ବିଷୟର ସାମାନ୍ୟ ଅଂଶ ଶିକ୍ଷା ଦିଆଯାଏ, ତାହାର ଫଳସ୍ୱରୂପ ଦେଖାଯାଏ ଯେ ଯେଉଁ ବିଷୟ ଗୋଟିଏ ବର୍ଷରେ ଖୁବ୍ ଭଲଭାବେ ଶିକ୍ଷା କରାଯାଇ ପାରନ୍ତା, ତାହାକୁ ସାତବର୍ଷରେ ଅତି ଖରାପ ଭାବରେ ଶିକ୍ଷା କରାଯାଏ ଏବଂ ଖଣ୍ଡିତ ଓ ଅପୂର୍ଣ୍ଣ ଜ୍ଞାନ ଦ୍ୱାରା ପରିବେଶିତ ହୋଇ ଛାତ୍ର ବିଶୃଙ୍ଖଳିତ ହୋଇଯାଏ, ମାନବ ଜ୍ଞାନର କୌଣସି ବିଶିଷ୍ଟ ବିଭାଗରେ ଦକ୍ଷ ହୋଇପାରେ ନାହିଁ । ଜାତୀୟ ସଭା ଦ୍ୱାରା ଗୃହୀତ ଶିକ୍ଷା ପଦ୍ଧତି ହେଲା ଏକ ଉଭୟଚର ଦ୍ୱି-ପ୍ରକୃତି ବିଶିଷ୍ଟ ପ୍ରାଣୀ ସଦୃଶ । ଏହି ପଦ୍ଧତିରେ ଶିକ୍ଷାଦାନର ପ୍ରାରମ୍ଭରେ ଓ ମଝିରେ ଏକ ସଙ୍ଗେ ବିଭିନ୍ନ ବିଷୟର କିଛି କିଛି ଅଂଶ ଶିକ୍ଷା ଦେବାର ଅଭ୍ୟାସକୁ ଅଭିବୃଦ୍ଧି କରିବାର ଏବଂ ଶେଷରେ ହଠାତ୍ ଏହାକୁ ପରିବର୍ତ୍ତନ କରି ଉଚ୍ଚଧରଣର ବିଶେଷଜ୍ଞତା ପ୍ରଦାନ କରିବାର ପ୍ରୟାସ କରାଯାଏ । ଏହା ଠିକ୍ କୌଣସି ତ୍ରିଭୁଜର ଶୀର୍ଷ ବିନ୍ଦୁ (apex)କୁ ଭୂମିରେ ରଖି ତାହା ଛିଡ଼ା ହୋଇ ରହିବ ବୋଲି ଆଶା କରିବା ସଦୃଶ ଏକ ବିଷୟ ।

ଶିକ୍ଷାଦାନର ପ୍ରାଚୀନ ପଦ୍ଧତି ଥିଲା ଏକ ସଙ୍ଗେ ଗୋଟିଏ ବା ଦୁଇଟି ବିଷୟରେ ଉତ୍ତମ ଓ ପୁଙ୍ଖାନୁପୁଙ୍ଖ ଜ୍ଞାନଦାନ କରିବା ଏବଂ ତତ୍ପରେ ଅନ୍ୟ ବିଷୟ ଦିଗରେ ଅଗ୍ରସର ହେବା ଯାହାକି ନିଶ୍ଚିତ ରୂପେ ଆଧୁନିକ ପଦ୍ଧତି ଅପେକ୍ଷା ଏକ ଅଧିକ ଯୁକ୍ତିସଙ୍ଗତ ପଦ୍ଧତି ଥିଲା । ଯଦିଓ ଏହା ଏକସଙ୍ଗେ ବହୁ ବିଭିନ୍ନ ବିଷୟରେ ଜ୍ଞାନଦାନ କରିପାରୁ ନଥିଲା ତଥାପି ଏହା ଏକ ଗଭୀରତର, ମହତ୍ତର ଏବଂ ବାସ୍ତବତର ସଂସ୍କୃତି ଥିଲା । ସାଧାରଣ ଆଧୁନିକ ମନର ଅଗଭୀରତା, ଅପ୍ରାସଙ୍ଗିକ ଲଘୁତା ଏବଂ ଚପଳ ପରିବର୍ତ୍ତନଶୀଳତାର ଆଧିକ୍ୟର କାରଣ ହେଲା ଏକସଙ୍ଗେ ବିଭିନ୍ନ ବିଷୟରୁ କିଛି କିଛି ଅଂଶ ଶିକ୍ଷା ଦେବାର ଦୋଷଯୁକ୍ତ ପଦ୍ଧତି । ପୁରାତନ ପଦ୍ଧତି ବିରୋଧରେ ନିଶ୍ଚିତ ରୂପେ ଯେଉଁ ଗୋଟିଏ ଦୋଷ ଆରୋପ କରାଯାଇପାରେ ତାହା ହେଲା ଏହି ଯେ ଅତି ଅଳ୍ପ ବୟସରେ ଛାତ୍ର ଦ୍ୱାରା ଯାହା ଶିକ୍ଷା କରାଯାଏ, ପରବର୍ତ୍ତୀ ବିଷୟଗୁଡ଼ିକରେ ଦକ୍ଷତା ନିମିତ୍ତ ଅଧ୍ୟୟନ ବେଳେ ତାହା ମନରୁ ବିସ୍ମୃତ ହୋଇଯାଇ ପାରେ । କିନ୍ତୁ ପ୍ରାଚୀନ ଶିକ୍ଷାବିତ୍‌ମାନେ ଛାତ୍ରମାନଙ୍କ ସ୍ମୃତିଶକ୍ତିର ଅଭିବୃଦ୍ଧି ନିମିତ୍ତ ଯେଉଁ ଚମତ୍କାର ତାଲିମ ଦେଉଥିଲେ, ତାହା ସେହି ଦୋଷକୁ ଦୂରୀଭୂତ କରି ପାରୁଥିଲା । ଭବିଷ୍ୟତର ଶିକ୍ଷାରେ ଆମେ ଆମକୁ ପ୍ରାଚୀନ କିଂବା ଅଧୁନାତନ ପଦ୍ଧତିରେ ଆବଦ୍ଧ କରି ରଖିବୁ ନାହିଁ, କିନ୍ତୁ ଜ୍ଞାନରେ ଦକ୍ଷତା ହାସଲ ନିମିତ୍ତ କେବଳ ପୂର୍ଣ୍ଣତମ ତଥା ଦ୍ରୁତତମ ଉପାୟ ମନୋନୟନ କରିବୁ ।

(କ୍ରମଶଃ)

[A System of National Education ପୁସ୍ତିକାରୁ]

❑❑❑

# ନୂଆ ଦୁନିଆ ଓ ନୂଆ ମଣିଷର ସ୍ୱପ୍ନ

## ପ୍ରପତ୍ତି

ବହୁକାଳରୁ ଆମେ ନୂଆ ଦୁନିଆର ସ୍ୱପ୍ନ ଦେଖି ଆସିଛୁ । ଏଇ ପୃଥିବୀ, ଏଇ ସଂସାର ଓ ତା' ସଙ୍ଗେ ସଙ୍ଗେ ଏଇ ଜୀବନଧାରାରେ ଯେ ଆମେ ସନ୍ତୁଷ୍ଟ ନୋହୁଁ – ଏ ବିଷୟରେ ଆଲୋଚନା କରିବା ଅନାବଶ୍ୟକ । ଏହି ଅସନ୍ତୋଷ, ଅତୃପ୍ତ ଓ ଅପୂର୍ଣ୍ଣତା ମଧ୍ୟରୁ ଗୋଟାଏ ନୂଆ ଦୁନିଆ, ନୂତନ ପୃଥିବୀର କଥା ବରାବର ମନରେ ଉଠେ । ଏପରି ଦୁନିଆ ଆମେ ଖୋଜୁ ଯେଉଁଠାରେ ସବୁକିଛି ସୁନ୍ଦର, ମହାନ୍, ପବିତ୍ର, ଦିବ୍ୟ ହୋଇଥିବ; ଜରା, ରୋଗ, ମୃତ୍ୟୁ, ଦୁଃଖ, ଅବସାଦ, ଭୟ, ପ୍ରବଞ୍ଚନାର ଅବସାନ ଘଟିଥିବ । ଅମୃତ, ଜ୍ୟୋତିଃ, ଶକ୍ତି, ଜ୍ଞାନ, ଆନନ୍ଦ, ଶାନ୍ତି, ସମତା, ପୂର୍ଣ୍ଣତା ଯେଉଁଠାରେ କାର୍ଯ୍ୟକାରୀ ହେଉଥିବ ଏବଂ ମନୁଷ୍ୟ ଏସବୁର ବୋଧ ଓ ଉପଲବ୍ଧି ମଧ୍ୟରେ ଧୀରେ ଧୀରେ ଅଗ୍ରସର ହେଉଥିବ । ଏହା ଛଡ଼ା ସମଗ୍ର ବିଶ୍ୱଜଗତରେ ଯେପରି ଗୋଟାଏ ଅଭୂତପୂର୍ବ ଶୃଙ୍ଖଳା ଓ ସମନ୍ୱୟ ଦେଖା ଦେଉଥିବ । ଧୀରେ ଧୀରେ ଚିନ୍ତାକଲେ ଆମ ମନ ସ୍ୱପ୍ନିଳ ହୋଇଉଠେ ଏବଂ ଏପରି ଏକ ପୃଥିବୀ କେବେ ଯେ ସମ୍ଭବ ନୁହେଁ ଏହାହିଁ ଶେଷ ସିଦ୍ଧାନ୍ତ ବୋଲି ମନେହୁଏ । ଏପରିକି ଖ୍ରୀଷ୍ଟଙ୍କ ଭାବଧାରା ଗ୍ରହଣ କରି ଯଦି ଆମେ କଳ୍ପନା କରୁ ଯେ ପୃଥିବୀରେ ସ୍ୱର୍ଗରାଜ୍ୟ ସମ୍ଭବ, ତଥାପି ତାହାର କୌଣସି ବାସ୍ତବସୂତ୍ର ଆମ୍ଭେମାନେ ପାଉ ନାହୁଁ । ଗାନ୍ଧିଜିଙ୍କ 'ରାମରାଜ୍ୟ' ବା ଖ୍ରୀଷ୍ଟଙ୍କ 'ସ୍ୱର୍ଗରାଜ୍ୟ' କବିକଳ୍ପିତ ଦେବଲୋକ ହୋଇପାରେ, ମାତ୍ର ଏହି ପୃଥିବୀରେ ତା'ର ପ୍ରତିଷ୍ଠା ଅସମ୍ଭବ, କାର୍ଯ୍ୟକାରିତା ତ ଏକେବାରେ ଅସମ୍ଭବ ।

ସୁତରାଂ ପ୍ରଶ୍ନହେବ, ମନୁଷ୍ୟର ଏପରି କଳ୍ପନା ଜଳ୍ପନା ବରାବର ତା' ଚେତନାର ବିକାଶ ସଙ୍ଗେ ସଙ୍ଗେ ରହି ଆସିଛି କାହିଁକି ? ସେ ମୃତ୍ୟୁମୁଖରେ ପଡ଼େ ମାତ୍ର ଅମରତ୍ୱର ପିପାସୀ, ଅନ୍ଧକାରରେ ଥାଏ ମାତ୍ର ଜ୍ୟୋତିଃର ସନ୍ଧାନ କରେ, ବନ୍ଧନରେ ଥାଏ ମାତ୍ର ମୁକ୍ତିର ବରାବର ସ୍ୱପ୍ନ ଦେଖେ, ଦୁଃଖ, କଷ୍ଟ, ଯନ୍ତ୍ରଣା, ଭୟ, ଅବସାଦରେ ବୁଡ଼ି ରହିଥିଲେ ମଧ୍ୟ କେଉଁଠାରେ ଗୋଟାଏ ଅବିମିଶ୍ର ଆନନ୍ଦ ଓ ସୁଖର ଇଙ୍ଗିତ ଲାଭକରି ସେଥିପାଇଁ ଆଶାୟୀ ହୋଇଥାଏ । ଦୁଇ ବିବଦମାନ ଓ ବିରୋଧୀ ବସ୍ତୁ ମଧ୍ୟରେ ମନୁଷ୍ୟର ଜୀବନ ଗତିକରୁଛି । ତା'ର ମୃତ୍ୟୁର ପଶ୍ଚାତରେ ଅମୃତର ସନ୍ଧାନ, ଅନ୍ଧକାରର ପଶ୍ଚାତରେ ଆଲୋକର ଆକାଙ୍କ୍ଷା, ବନ୍ଧନର ପଶ୍ଚାତରେ ମୁକ୍ତିର ଆଶା, ଦୁଃଖ, ବିପଦ ଓ କଷାଘାତର ପଶ୍ଚାତରେ ସୁଖ ଓ ଆନନ୍ଦର ବୋଧ ବରାବରହିଁ ରହି ଆସୁଛି । ହୁଏତ ଏହି ଆଶା, ଆକାଙ୍କ୍ଷା, ବିଶ୍ୱାସ, ସନ୍ଧାନ ଓ ଅଭୀପ୍ସା ତାକୁ ସୀମାହୀନ କାଳ ବକ୍ଷରେ ଏକ ଅନନ୍ତ ପଥଯାତ୍ରାରେ ସହାୟତା କରୁଛି । ସେ ଯେପରି ଏକ ଅନାଗତ ଭବିଷ୍ୟତ୍ ଆଡ଼କୁ ଅପେକ୍ଷା କରି ରହିଛି – ଯେଉଁ ସ୍ୱପ୍ନର ଭବିଷ୍ୟତ୍ ତାକୁ ଅମୃତ, ଆଲୋକ, ଜ୍ଞାନ, ଶକ୍ତି, ପ୍ରେମ ଓ ଦିବ୍ୟତା ପ୍ରଦାନ କରିବ; ମହାନ୍ ଓ ଦୁରନ୍ତ କାଳ ବକ୍ଷରେ କୋଟି କୋଟି ବର୍ଷର ଉତ୍‌ଥାନ ପତନ ମଧ୍ୟରେ, ସଂଶୟାକୁଳ ମନର ଦ୍ୱନ୍ଦ୍ୱ, ସନ୍ଦେହ, ପଛଘୁଞ୍ଚା ଓ ମୂହ୍ୟମାନତା ମଧ୍ୟରେ କେବେହେଲେ ମନୁଷ୍ୟ ଏହି ସ୍ୱପ୍ନରୁ ବିରତ ହୋଇ ନାହିଁ । ସୀମାକୁ ଭାଙ୍ଗି ଅସୀମ ଆଡ଼କୁ, ଦୁଃଖକୁ ଦୂରକରି ଶାନ୍ତି ଓ ସୁଖ ଆଡ଼କୁ, ଅବସାଦ ଓ ଭୟକୁ ଦୂରକରି ପ୍ରସନ୍ନତା ଓ ନିର୍ଭୟତା ଆଡ଼କୁ, ଘୃଣା ଓ ବିଦ୍ୱେଷକୁ ଲୋପ କରି ପ୍ରେମ ଓ ଶ୍ରଦ୍ଧାକୁ ସେ ବାରଂବାର ଆବାହନ କରିଛି । ଗଭୀର ଅନ୍ତର୍ଦୃଷ୍ଟି ଦେଇ ଦେଖିଲେ ମନେହେବ ମନୁଷ୍ୟ କେବଳ ଏଇ ଆଶା, ପିପାସା, ଅଭୀପ୍ସା ଓ ସଂକଳ୍ପକୁ ଧରି ବଞ୍ଚି ରହିଛି, ସକଳ ଦୁଃଖ, ଅନ୍ଧକାର, ମିଥ୍ୟା ଓ ମୂଢ଼ତାର ସମୁଦ୍ରକୁ ପହଁରି ଭବିଷ୍ୟତର ସେ ପୂର୍ଣ୍ଣ ଜ୍ଞାନମୟ ଦିବ୍ୟ ଉପକୂଳ ଆଡ଼କୁ ଚାଲିଛି ।

ତେବେ ମନୁଷ୍ୟର ଏହି ଆଶା କ'ଣ କେବେ ପୂର୍ଣ୍ଣ ହେବ ନାହିଁ ? ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦ ସ୍ପଷ୍ଟଭାବରେ ଘୋଷଣା କରିଛନ୍ତି ଯେ ମନୁଷ୍ୟର ଏହି ଅଭୀପ୍ସା ଯେ କେବଳ ପୂର୍ଣ୍ଣ ହେବ ତାହା ନୁହେଁ, ପୂର୍ଣ୍ଣ ହେବା ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ । ଶ୍ରୀଅରବିନ୍ଦ ଯେଉଁ ଯୁକ୍ତି ଓ ସିଦ୍ଧାନ୍ତ ଏ ସମ୍ବନ୍ଧରେ ଦେଖାଇଛନ୍ତି ତାହା ଖୁବ୍ ସରଳ, ପ୍ରାଞ୍ଜଳ ଓ ଅକାଟ୍ୟ ।

ପ୍ରଧାନତଃ ଦୁଇଟି ସୂତ୍ର ଉପରେ ଏହି ସିଦ୍ଧାନ୍ତ ପର୍ଯ୍ୟବସିତ । ପ୍ରଥମତଃ, ମନୁଷ୍ୟ ଏକ ମଧ୍ୟବର୍ତ୍ତୀକାଳୀନ ଜୀବ । ସେ ଅପରିଣତ, ଅସମ୍ପୂର୍ଣ୍ଣ ବା ଅର୍ଦ୍ଧ ସମାପ୍ତ । ସେ ପରିପୂର୍ଣ୍ଣତା, ଅର୍ଥାତ୍ ପୂର୍ଣ୍ଣ ସଜ୍ଞାନତା, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣ

ଆନନ୍ଦର ଦିଗରେ ଅଗ୍ରଗତି କରୁଅଛି । ବର୍ତ୍ତମାନ ମନୁଷ୍ୟ ଏକ ମଧ୍ୟବର୍ତ୍ତୀ ସ୍ତରରେ ରହିଛି । ନିମ୍ନରେ ଘୋର ଅଜ୍ଞାନତା, ନିଘଞ୍ଚ ଅନ୍ଧକାରର ଭୂମି, ଊର୍ଦ୍ଧ୍ୱରେ ପୂର୍ଣ୍ଣଜ୍ୟୋତିଃ, ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣ ଆନନ୍ଦର ଭୂମି ସକଳ – ଏହି ଉଭୟ ଭୂମିର ମଧ୍ୟରେ ଅର୍ଦ୍ଧସ୍ଫୁଟ ଚେତନ ଶକ୍ତିକୁ ଧାରଣ କରି ମନୁଷ୍ୟ ଦଣ୍ଡାୟମାନ । ଯାହା ମୂଳତତ୍ତ୍ୱ ଓ ସତ୍ୟ, ଯାହା ଧ୍ରୁବ ଓ ସତ୍ୟ-ଚେତନା, ଯାହାହିଁ ଏ ସୃଷ୍ଟିର ନିଗୂଢ଼ ସତ୍ୟ, ତାହା ନିଶ୍ଚୟ ପରିସ୍ଫୁଟ ହେବ, ନିଶ୍ଚୟହିଁ ପ୍ରକାଶିତ ହେବ, ନିଶ୍ଚୟହିଁ ବିକଶିତ ହେବ । ଏହି ପ୍ରସ୍ଫୁଟନ, ବିବର୍ତ୍ତନ ଓ ଅଭ୍ୟୁତ୍ଥାନ ଅନିବାର୍ଯ୍ୟ, ଅବଶ୍ୟମ୍ଭାବୀ । ମନୁଷ୍ୟର ଚେତନା, ଶକ୍ତି, ସାମର୍ଥ୍ୟ, ଦେହ, ପ୍ରାଣ, ମନ ସବୁଗୁଡ଼ିକ ଅପୂର୍ଣ୍ଣ, ସୀମିତ ଓ ସ୍ୱଚ୍ଛ,– ତାହା ପୂର୍ଣ୍ଣତା, ଅନନ୍ତତା, ବୃହତ୍ ଓ ବ୍ୟାପକତା ଦିଗରେ ନିଶ୍ଚୟହିଁ ଗତି କରିବ । ଏହାହିଁ ସୃଷ୍ଟିଧର୍ମର, ବିକାଶଶୀଳ ପୃଥିବୀର ଗତିଧାରା । ଯଦି ମନୁଷ୍ୟର ଅନ୍ତଃ ସ୍ଥଳରେ ଭ୍ରୁଣ ରୂପେ ସେହି ମହାସତ୍ୟ, ଜ୍ୟୋତିଃ, ଜ୍ଞାନ ଓ ଆନନ୍ଦ ବିଦ୍ୟମାନ, ତେବେ ଏହା ଦିନେ ନା ଦିନେ ବିକଶିତ ହେବ । ମନୁଷ୍ୟ ନିଶ୍ଚୟହିଁ ପରିପୂର୍ଣ୍ଣତା ପ୍ରାପ୍ତ ହେବ ଏବଂ ଯେଉଁ ଆଶା, ଅଭୀପ୍ସା ଓ ଦୁର୍ନିବାର ପିପାସା ଧରି ଚାଲିଛି – ସତ୍ୟ, ଜ୍ୟୋତିଃ, ଜ୍ଞାନ ଓ ଆନନ୍ଦ ନିମିତ୍ତ – ତାହା ନିଶ୍ଚୟହିଁ ପୂର୍ଣ୍ଣହେବ ।

ଏହି ଉପପାଦ୍ୟରୁ ଅନ୍ୟ ଏକ ଅନୁଶୀଳନ ଏହି ଯେ ମନୁଷ୍ୟ ତା'ର ଅଭିଳଷିତ ବସ୍ତୁ ଲାଭ କରିପାରୁ ନାହିଁ, କାରଣ ସେ ଦ୍ୱୈତ ପ୍ରକୃତିବିଶିଷ୍ଟ ଜୀବ । ଅର୍ଥାତ୍ ତାହା ମଧ୍ୟରେ ଦୁଇଟା ପ୍ରକୃତି କାର୍ଯ୍ୟ କରୁଛି, ଗୋଟାଏ ଉଚ୍ଚତର ପ୍ରକୃତି ଓ ଅନ୍ୟଟି ନିମ୍ନତର ପ୍ରକୃତି । ତା'ର ଉଚ୍ଚ ପ୍ରକୃତିରେ ଯାହା ସେ ସଂକଳ୍ପ କରୁଛି, ତାହାର ନିମ୍ନ ପ୍ରକୃତି ସେହି ସଂକଳ୍ପକୁ ଧ୍ୱଂସ କରୁଛି । ଉଚ୍ଚତର ପ୍ରକୃତି ଜ୍ଞାନ, ଜ୍ୟୋତିଃ, ଆନନ୍ଦ, ଶାନ୍ତି, ସମତା, ସୌହାର୍ଦ୍ଦ୍ୟ, ପ୍ରେମ ଓ ସମନ୍ୱୟ ଚାହେଁ, ଆଉ ନିମ୍ନ ପ୍ରକୃତି ହିଂସା, ଦ୍ୱେଷ, କ୍ରୋଧ ଓ ଅହଂକାରରେ ପରିପୂର୍ଣ୍ଣ । ଏହି ଦୁଇଟି ପ୍ରକୃତିକୁ ଧରି ମନୁଷ୍ୟ ଚାଲୁଥିବାରୁ ତାହାର ଦୁର୍ଭାଗ୍ୟ । ସେଥିପାଇଁ ତା' ସତ୍ତାରେ ଦ୍ୱନ୍ଦ୍ୱ, ବିରୋଧ ଓ ବିଭେଦ । ମନୁଷ୍ୟ ଯଦି ଏକକ ପ୍ରକୃତିର ଜୀବ ହୋଇଥା'ନ୍ତା, ତେବେ ଏହି ବିଭେଦ ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳା ତାହା ମଧ୍ୟରେ ଦେଖାଦିଅନ୍ତା ନାହିଁ । ପୂରାପୂରି ପଶୁତୁଲ୍ୟ ହୋଇଥିଲେ ସୁଖ, ଶାନ୍ତି, ନିର୍ଦ୍ଦ୍ୱନ୍ଦ୍ୱ ଅବସ୍ଥାରେ ରହି ହୁଅନ୍ତା, କିଂବା ଦେବତା ତୁଲ୍ୟ, ପୂର୍ଣ୍ଣଜ୍ଞାନ ଓ ପୂର୍ଣ୍ଣଜ୍ୟୋତିଃ ମଧ୍ୟରେ ଥିଲେ ସୁଖ, ଶାନ୍ତି ଓ ସୁଷମା ମଧ୍ୟରେ ଥାଆନ୍ତା । ମାତ୍ର ମନୁଷ୍ୟ ଏକେବାରେ ପଶୁ ନୁହେଁ, ବା ପୂର୍ଣ୍ଣରୂପେ ଦେବତା ମଧ୍ୟ ନୁହେଁ । ସେ ପଶୁତ୍ୱ ଓ ଦିବ୍ୟତ୍ୱର ସମ୍ମିଶ୍ରଣରେ ଗଢ଼ା – ଦୁଇ ବିପରୀତ ବସ୍ତୁର ସମାହାର – ଅର୍ଦ୍ଧଦେବତା ଓ ଅର୍ଦ୍ଧପଶୁ । ସୁତରାଂ ସୁଖଶାନ୍ତିରେ ରହିବା, ପୂର୍ଣ୍ଣଜ୍ଞାନ ଓ ପୂର୍ଣ୍ଣଜ୍ୟୋତିଃ ଲାଭ କରିବା ମନୁଷ୍ୟ ପକ୍ଷରେ ଏକେବାରେ ଅସମ୍ଭବ । ଯେପର୍ଯ୍ୟନ୍ତ ମନୁଷ୍ୟର ପଶୁପ୍ରକୃତିର ପରିବର୍ତ୍ତନ ନ ହୋଇଛି ଏବଂ ତାହାର ନିମ୍ନ ପ୍ରକୃତିର ରୂପାନ୍ତର ନ ଘଟିଛି, ସେପର୍ଯ୍ୟନ୍ତ ମନୁଷ୍ୟ ଜୀବନରେ ସମତା, ସମନ୍ୱୟ ଓ ସୁଖଶାନ୍ତି ଦେଖାଦେବ ନାହିଁ । ଆଉ ମନୁଷ୍ୟ ଯେ ଏକକ ପ୍ରକୃତିରେ ପରିପୂର୍ଣ୍ଣ ହେବ ଏହାହିଁ ନିଶ୍ଚିତ । ଅବଶ୍ୟ ଏଥିପାଇଁ ସମୟ ଆବଶ୍ୟକ । ଆମେ ଯେଉଁ ନୂତନ ମନୁଷ୍ୟର କଥା କଳ୍ପନା କରୁଛୁ, ପ୍ରକୃତରେ ତାହାହିଁ ରୂପାନ୍ତରିତ, ଏକକ ପ୍ରକୃତି ବିଶିଷ୍ଟ ଦିବ୍ୟମାନବ । ଏହାର ବହୁବିଧ ସ୍ତର ଓ ବହୁବିଧ ବିଧାନ ଅଛି । ମନୁଷ୍ୟ ପ୍ରକୃତିର ରୂପାନ୍ତର ହେବା ଏକ ଅତି କଠିନ ବ୍ୟପାର ଏବଂ ମନୁଷ୍ୟକୁ ଏହି ନିମ୍ନଭୂମିରୁ ଊର୍ଦ୍ଧ୍ୱଭୂମିକୁ ଉଠାଇ ନେବା ମଧ୍ୟ ଏକ କଠିନ ସମସ୍ୟା ।

ଶ୍ରୀଅରବିନ୍ଦ ଏହି କ୍ଷେତ୍ରରେ ଅନନ୍ୟ କୃତିତ୍ୱ ଦେଖାଇଛନ୍ତି । ସ୍ୱୀୟ ଦୁରଧିଗମ୍ୟ ସାଧନା ଓ ସିଦ୍ଧି ବଳରେ ଊର୍ଦ୍ଧ୍ୱଭୂମିରୁ ସେ ଅତିମାନସ ଜ୍ୟୋତିଃ, ଶକ୍ତି ଓ ଆନନ୍ଦକୁ ଉତାରି ଆଣି ବିଶ୍ୱବିବର୍ତ୍ତନର ଧାରାକୁ ତ୍ୱରାନ୍ୱିତ କଲେ ଏବଂ ଏହି ଘୋର ଦୁର୍ଦ୍ଦିନରେ ମନୁଷ୍ୟଜାତି ନିମିତ୍ତ ସୂର୍ଯ୍ୟଦୀପ୍ତ ପଥ ପରିଷ୍କାର କଲେ । ଯେଉଁ ନୂଆ ଦୁନିଆର ସେ ନକ୍ସା ଦେଇଛନ୍ତି ତାହା ଏହି ନୂତନ ତତ୍ତ୍ୱ, ନୂତନ ଶକ୍ତି ଓ ନୂତନ ଚେତନା ଉପରେ ପ୍ରତିଷ୍ଠିତ । ଏହି ତତ୍ତ୍ୱ ଓ ଶକ୍ତିହିଁ ପୃଥିବୀ ବିବର୍ତ୍ତନର ମୂଳ ରହସ୍ୟ । ପ୍ରତ୍ୟେକ ବସ୍ତୁର ନିଗୂଢ଼ ସତ୍ୟହିଁ ଏହି 'ସତ୍ୟଚେତନା', 'ବିଜ୍ଞାନ', ଋତ-ଚିତ୍ । ଏହାରି ପ୍ରସ୍ଫୁରଣ ଓ ପ୍ରକାଶ ଫଳରେ ପୃଥିବୀରେ ନବୀନ ସୃଷ୍ଟିର ସମ୍ଭାବନା ଦେଖାଦେଲା, ନୂତନ ମନୁଷ୍ୟ, ନୂତନ ମାନବଜାତିର ପ୍ରତିଷ୍ଠାର ଉପାୟ ଖୋଲିଗଲା ।

ମନୁଷ୍ୟ ଯୁଗ ଯୁଗ ଧରି ଯେଉଁ ଅନବଦ୍ୟ ଅକଳ୍ପନୀୟ, ନୂତନ ସୃଷ୍ଟି ଓ ଦିବ୍ୟ-ବିଧାନର ପ୍ରତିଷ୍ଠା ଓ ପରିଚାଳନା ନିମିତ୍ତ ଅପେକ୍ଷା କରୁଥିଲା ତାହା ଶ୍ରୀଅରବିନ୍ଦଙ୍କ ସାଧନାରେ ପୂର୍ଣ୍ଣାଙ୍ଗତା ପ୍ରାପ୍ତ ହେଲା । ସମୟ ଓ ସୁଯୋଗ କ୍ରମେ ପାର୍ଥିବ ଜୀବନଧାରା ପରିବର୍ତ୍ତିତ ହେବ ଏବଂ ଏହି ପରିବର୍ତ୍ତନରେ ମନୁଷ୍ୟର ଭାଗ୍ୟଚକ୍ର ଘୂରିଯିବ, ସୃଷ୍ଟିର ଏକ ନୂତନ ପର୍ଯ୍ୟାୟ ଖୋଲିଯିବ । ଆଗାମୀ କାଳର ନୂଆ ଦୁନିଆ ଓ ନୂଆ ମଣିଷର ସ୍ୱପ୍ନ ସଫଳ ହେବ । ❑

# ଆମ ସ୍ୱାସ୍ଥ୍ୟ

## (୧୨)

## ଭୋଳେଶ୍ୱର ଭୂୟାଁ

### ପେଟର ଆସନ ବ୍ୟାୟାମ

ଆମ ସ୍ୱାସ୍ଥ୍ୟକୁ ବଜାୟ ରଖିବା ପାଇଁ ଏବଂ ଏହାକୁ ଦୀର୍ଘସ୍ଥାୟୀ କରିବା ପାଇଁ ଆମକୁ ଅବଶ୍ୟ ପ୍ରକୃତିର ସାହାଯ୍ୟ ନେବାକୁ ହେବ ଏବଂ ତା' ହାତରେ ଆମକୁ ଛାଡ଼ି ଦେବାକୁ ହେବ । କାରଣ ପ୍ରକୃତି ରୂପକ ମା' ଆମକୁ ଜନ୍ମ ଦେଇଛି ଏବଂ ସେହିଁ କେବଳ ଆମର ଯଥାର୍ଥ ଲାଳନପାଳନ କରିପାରିବ । କିନ୍ତୁ ମଣିଷ ଆଜି ପ୍ରକୃତି ହାତରୁ ନିଜକୁ ଦୂରେଇ ନେଇ ଏକ ଅପ୍ରାକୃତିକ ଜୀବନଯାପନ କରୁଛି । ତେଣୁ ତା'ର ଜୀବନ କାଳ ଜଟିଳ ଓ କ୍ଷୁଦ୍ର ହୋଇଯାଇଛି । ଆମ ସ୍ୱାସ୍ଥ୍ୟର ଏହି ସମସ୍ୟାକୁ ଆମକୁ ପ୍ରଥମେ ସମାଧାନ କରିବାକୁ ହେବ । ଏ ବିଷୟରେ ମା' କହୁଛନ୍ତି : ''ଆମକୁ ଏକ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ହେବ ଯଦ୍ୱାରା ଶରୀରକୁ ପ୍ରକୃତି ହାତରେ ଛାଡ଼ିଦେବାକୁ ହେବ ଏବଂ ତା'ର ନିୟମ କାନୁନକୁ ମାନିବାକୁ ହେବ ଯାହା ଦ୍ୱାରା ଏହି ମଣିଷ ଜାତିର ଅସ୍ତିତ୍ୱକୁ ବଜାୟ ରଖାଯାଇପାରେ ଏବଂ ମଣିଷ-ଶରୀରକୁ ଏକ ନୂତନ ଜୀବଜାତିର ସୃଷ୍ଟି ଦିଗରେ ପ୍ରସ୍ତୁତ କରିବାକୁ ହେବ ।... ପ୍ରତ୍ୟେକ ମୁହୂର୍ତ୍ତରେ ଆମକୁ ନିର୍ଦ୍ଧାରିତ କରିବାକୁ ହେବ ଆମେ ଏହି ପୁରୁଣା ପୃଥିବୀରେ ମଣିଷ ଭାବେ ବାସ କରିବୁ ନା ଭବିଷ୍ୟତର ଅତିମାନବତ୍ୱର ବାସିନ୍ଦା ହେବୁ ।

(*On Physical Education*, p. 98) — ଶ୍ରୀମା

ଆମେ ଯଦି ଅତିମାନବତ୍ୱକୁ ସ୍ୱୀକାର କରୁ, ସର୍ବଦା ଆଶା ଓ ଆସ୍ପୃହା କରୁ ତେବେ ଆମକୁ ଏ ପୁରୁଣା ପୃଥିବୀର ରୀତିନୀତିକୁ ଅମାନ୍ୟ କରିବାକୁ ହେବ ଏବଂ ନିଜକୁ ଏକ ବିରାଟ ଶକ୍ତିଶାଳୀ ସତ୍ୟ ଚେତନା ଅତିମାନସ ହାତରେ ଛାଡ଼ି ଦେବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । ବିଶେଷ କରି ଆବହମାନ କାଳରୁ ଭଗବତ୍ ଓ ଆଧାତ୍ମ୍ ପଥରୁ ଅବହେଳିତ ହୋଇ ଆସୁଥିବା ଏହି ଶରୀରକୁ ଅଜ୍ଞାନ ଅନ୍ଧକାରରୁ ମୁକ୍ତ କରି ଏହାକୁ ପରିଚାଳିତ କରି ଆସୁଥିବା ବିକୃତିପୂର୍ଣ୍ଣ ମନ ଓ ପ୍ରାଣ ହାତରୁ ମୁକ୍ତ କରି ଅତିମାନସର ସତ୍ୟ ଶକ୍ତି ଓ ମା'ଙ୍କ ଶକ୍ତି ଓ କରୁଣା ମାଧ୍ୟମରେ ରୂପାନ୍ତର କରି ଅତିମାନବର ଜନ୍ମ ପାଇଁ ପ୍ରଚେଷ୍ଟା କରିବା ଆବଶ୍ୟକ ।

ଏହି ପ୍ରଚେଷ୍ଟା ଯଥାର୍ଥ ହେବ ଯଦି ଆମେ ପ୍ରଥମେ ଶାରୀରିକ ବ୍ୟାୟାମ, ଆସନ ଓ ପ୍ରାଣାୟାମ ମାଧ୍ୟମରେ ଏହାକୁ ଯଥାର୍ଥ ସ୍ୱାସ୍ଥ୍ୟ ପ୍ରଦାନ କରିବା । ଶରୀରଚର୍ଚ୍ଚା ମାଧ୍ୟମରେ ଆମେ ଯେଉଁ ସ୍ୱାସ୍ଥ୍ୟ ଲାଭ କରିଥାଉ ତାହା ସମ୍ପୂର୍ଣ୍ଣ ପ୍ରାକୃତିକ, ଯାହା ଔଷଧ ବା ଦାମୀ ଖାଦ୍ୟପେୟ ପ୍ରଦାନ କରିପାରି ନଥାଏ । ଆଜି ଆମେ ପେଟ ପାଇଁ କେତେକ ଆସନ ଓ ବ୍ୟାୟାମ ବିଷୟରେ ଆଲୋଚନା କରିବୁ ।

**ମୟୂରାସନ :** ମୟୂର ଆକୃତିରେ କରାଯାଇଥିବା ଆସନକୁ ମୟୂରାସନ କୁହାଯାଏ । ଇଂରାଜୀରେ ଏହି ଆସନକୁ 'Bird' ବୋଲି କହୁ । ଏହି ଆସନ କରିବା ପାଇଁ ପ୍ରଥମେ ଆଣ୍ଠୁମାଡ଼ି ବସ । ହାତର ପାପୁଲି ଏପରି ସ୍ଥାପନ କର ଯେପରି ହାତର ଅଙ୍ଗୁଳି ପଛକୁ ରହିବ । ଦୁଇ ପାପୁଲି ଏବଂ କହୁଣି ପର୍ଯ୍ୟନ୍ତ ହାତ ଯୋଡ଼ି ହୋଇ ରହିବ । ଏଥର ପାଦ ଦୁଇଟିକୁ ପଛକୁ ଲମ୍ବା ଓ ସିଧାକରି ରଖ । ଦୁଇ କହୁଣିକୁ ପେଟର ଦୁଇ ପାର୍ଶ୍ୱରେ ଲଗାଇ ରଖ । ଏଥର କହୁଣି ଉପରେ ଶରୀରର ସମସ୍ତ ଭାର ରଖି ଆସ୍ତେ ଆସ୍ତେ ଆଗକୁ ଝୁଙ୍କ ଓ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ଶରୀରକୁ ଶକ୍ତ କରି ରଖ । ଶେଷରେ ଆଗକୁ ଯଥେଷ୍ଟ ଝୁଙ୍କିଲେ ପାଦ ଆପେ ଆପେ ଉପରକୁ ଉଠିଯିବ । ପ୍ରଥମ ଅଭ୍ୟାସ ପାଇଁ ମୁହଁ ପାଖରେ ଏକ ତକିଆ ରଖ, ଯଦ୍ୱାରା ସାମନାକୁ ପଡ଼ିଗଲେ ମଧ୍ୟ କିଛି ଅନିଷ୍ଟ ହେବ ନାହିଁ । ଶରୀରକୁ ଯେତେ ପାର ସିଧା ରଖ । ଯଦି ପାର ପାଦ ଓ ମୁଣ୍ଡକୁ ଉପରକୁ ଉଠାଇ Arch ଅବସ୍ଥାରେ ଅବସ୍ଥାନ କର । କିନ୍ତୁ ତଳକୁ ବଙ୍କାଇବା ଉଚିତ ନୁହେଁ । ଶରୀର ଭିତରକୁ ବାୟୁ ନେଇ ଶ୍ୱାସ ବନ୍ଦ ଅବସ୍ଥାରେ ଏହି ଆସନ କରିବାକୁ ହେବ । ଏହି ଆସନ ୧୦ରୁ ୩୦ ସେକେଣ୍ଡ ପାଇଁ କରିପାର ।

**ଉପକାରିତା :** ଏହି ଆସନ ସମସ୍ତେ କରିପାରବା ସହଜ ନୁହେଁ । ପେଟର ମାଂସପେଶୀ ଶକ୍ତିଶାଳୀ ହେଲେ ଏହି ଆସନ ସହଜରେ କରାଯାଇପାରେ । ଏହି ଆସନ କଲେ ପେଟର ଆବରଣ



ମାଂସପେଶୀ ଅବଶ୍ୟ ଶକ୍ତିଶାଳୀ ହୁଏ । ଖାଦ୍ୟ ହଜମ କରିବାର ଶକ୍ତି ବଢ଼େ । ଶୁଣାଯାଏ ଏହି ଆସନ କରୁଥିବା ବ୍ୟକ୍ତି ବିଷ ଖାଇ ମଧ୍ୟ ହଜମ କରିଦେଇ ପାରେ । ପେଟ ଭିତରେ ଥିବା ବିଭିନ୍ନ ଯନ୍ତ୍ର ଯଥା କିଡ଼ନି, ମଧୁରକୋଷ, ପ୍ଲୀହା, ପାକସ୍ଥଳୀ ଆଦି ସୁସ୍ଥ ସବଳ ରହି ତାଙ୍କର କାର୍ଯ୍ୟକାରୀ କ୍ଷମତାକୁ ବଢ଼ାଇ ଥାଏ । ଏହି ଆସନ କରିପାରିଲେ ପେଟରେ କୌଣସି ରୋଗ ହୁଏ ନାହିଁ – ଅମ୍ଳରୋଗ, ଗ୍ୟାସ, ବଦହଜମ, ପତଳା ପାଇଖାନା, କୋଷ୍ଟବଦ୍ଧତା ଆଦି ରୋଗ ଭଲ ହୋଇଥାଏ, ବିଶେଷ କରି ପେଟର ଅନ୍ତ୍ରବୃଦ୍ଧି (Harnia), ପେଟଘା' (Ulcer), ଅନ୍ତନଳୀର କ୍ୟାନସର ଆଦି ରୋଗ ହୋଇ ନଥାଏ ଓ ହଜମ ଶକ୍ତି ବୃଦ୍ଧି ହୁଏ । ଏହି ଆସନ ଦ୍ୱାରା ବାତ, ପିତ୍ତ, କଫର ଦୋଷ ଦୂର ହୋଇଥାଏ ।

**ଉଡ୍ଡୀୟାନ :** ସାଧାରଣତଃ ସମସ୍ତ ରୋଗଜୀବାଣୁର ବାସସ୍ଥାନ ହେଲା ଆମ ଅନ୍ତନଳୀ । କୌଣସି ରୋଗର ଜୀବାଣୁର ବଂଶ ବିସ୍ତାର ହେଲେ ଆମକୁ ସେହି ରୋଗ ହୋଇଥାଏ । ଏହିସବୁ ଶତ୍ରୁ ଜୀବାଣୁକୁ ନାଶ କରିବାର ଏକ ବିଶେଷ ଉପାୟ ରହିଛି – ତାହା ହେଲା ଉଡ୍ଡୀୟାନ ବନ୍ଧ । ଶ୍ୱାସ ବନ୍ଦ କରି ଉଡ୍ଡୀୟାନ ବନ୍ଧ ପ୍ରତିଦିନ ଅଭ୍ୟାସ କଲେ ଅନ୍ତ୍ରନଳୀରେ ଥିବା ସମସ୍ତ ଶତ୍ରୁ ଜୀବାଣୁ ନାଶ ହୋଇଥାଏ । ଏହି ଆସନ ଦ୍ୱାରା ପ୍ରାୟ ସମସ୍ତ ରୋଗର ପ୍ରତିରୋଧ ବ୍ୟବସ୍ଥା କରାଯାଇପାରେ । ଏବଂ ଜଣେ ସୁସ୍ଥ, ସବଳ, ନୀରୋଗ ତଥା ଦୀର୍ଘଜୀବୀ ହେବାକୁ ସକ୍ଷମ ହୋଇଥାଏ ।



ଉଡ୍ଡୀୟାନ ବନ୍ଧ କରିବା ପାଇଁ ଦୁଇ ଗୋଡ଼କୁ ଅଳ୍ପ ଫାଙ୍କ କରି ଛିଡ଼ା ହୁଅ । ଦୁଇ ହାତକୁ ଜଙ୍ଘ ଉପରେ ରଖ । ଟିକିଏ ଆଗକୁ ଝୁଙ୍କି ଛିଡ଼ା ହୁଅ । ଏଥର ଧୀରେ ଧୀରେ ଶ୍ୱାସ ତ୍ୟାଗ କର ଯେପରି ଫୁସ୍‌ଫୁସ୍‌ରେ ଆଦୌ ପବନ ରହିବ ନାହିଁ । ଏହିପରି ଶ୍ୱାସ ବନ୍ଦ ଅବସ୍ଥାରେ ପେଟକୁ ଭିତରକୁ ଏପରି ଟାଣ ଯେପରି ପେଟ ଓ ପିଠି ମିଶିଗଲା ପରି ଲାଗିବ । ଏହି ଅବସ୍ଥାରେ ୧୦ ସେକେଣ୍ଡରୁ ୨୦ ସେକେଣ୍ଡ ରୁହ । ଏହିପରି ଭାବେ ଏହାକୁ ଚାରି, ପାଞ୍ଚ ଥର କର । ଉଡ୍ଡୀୟାନ ଖାଲି ପେଟରେ କରାଯାଏ । ଉଡ୍ଡୀୟାନ ବଜ୍ରାସନ ବା ପଦ୍ମାସନରେ ବସି ମଧ୍ୟ କରାଯାଇପାରେ ।

**ଉପକାରିତା :** ଉଡ୍ଡୀୟାନ ମୁଦ୍ରା ଅଗ୍ନିଗ୍ରନ୍ଥି ଓ ବରୁଣଗ୍ରନ୍ଥିକୁ ସବଳ ଓ ସୁସ୍ଥ ରଖେ । ତେଣୁ ଏହା ଦ୍ୱାରା କୋଷ୍ଠକାଠିନ୍ୟ, ଅଜୀର୍ଣ୍ଣ, ପିତ୍ତଶୂଳ, ଅମ୍ଳଶୂଳ, ହାର୍ନିୟା, ଏପେଣ୍ଡିସାଇଟିକ୍‌ସ୍, ଅନ୍ତ୍ରକ୍ଷତ, ଅନ୍ତ୍ରପଥୁରୀ ପ୍ରଭୃତି ରୋଗରୁ ଶରୀରକୁ ରକ୍ଷାମିଳେ । ସ୍ତ୍ରୀ ଲୋକଙ୍କ ଋତୁର ଗୋଳମାଳ ଓ ପ୍ରଦର ଆଦି ସ୍ତ୍ରୀରୋଗରୁ ମୁକ୍ତି ମିଳିଥାଏ । ପୁରୁଷଙ୍କ ସ୍ୱପ୍ନଦୋଷ ନିବାରଣ ପାଇଁ ଉଡ୍ଡୀୟାନ ବିଶେଷ ଭାବରେ ସାହାଯ୍ୟ କରେ । ଉଡ୍ଡୀୟାନ ଅଭ୍ୟାସ କଲେ ପେଟର ମାଂସପେଶୀ ଓ ସ୍ନାୟୁ ସୁସ୍ଥ ସବଳ ହୁଏ ଏବଂ ଯକୃତ୍ ମଧ୍ୟ ସୁସ୍ଥ ସବଳ ରହିବା ସଙ୍ଗେ ସଙ୍ଗେ ଏହାର କ୍ରିୟାଶୀଳତାକୁ ଅକ୍ଷତ ରଖେ । ଏହି ମୁଦ୍ରାଭ୍ୟାସ କରୁଥିବା ବ୍ୟକ୍ତିକୁ କେବେ ବି କଲେରା, ବସନ୍ତ ଆଦି ମାରାତ୍ମକ ରୋଗ ହୁଏ ନାହିଁ । ଯୋଗଶାସ୍ତ୍ରରେ ଏହି ମୁଦ୍ରାକୁ ମୃତ୍ୟୁଞ୍ଜୟୀ ମୁଦ୍ରା କୁହାଯାଏ ଅର୍ଥାତ୍ ଯାହା ଅକାଳ ମୃତ୍ୟୁରୁ ମଣିଷକୁ ରକ୍ଷାକରେ । ଏହି ମୁଦ୍ରାକୁ ଧାରାବାହିକ ଅଭ୍ୟାସ କରି ଚାଲିଲେ ବୃଦ୍ଧବୟସରେ ମଧ୍ୟ ଶରୀରର ଯୌବନ ଅତୁଟ ରହେ । ଉଡ୍ଡୀୟାନ ମୁଦ୍ରା ଆମ ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଦରକାରୀ । ଆମ ପାଠକ ବୃନ୍ଦ ଏହାକୁ ଅଭ୍ୟାସ କରିବାକୁ କେବେହେଲେ ଯେପରି ଭୁଲି ନ ଯାଆନ୍ତି ।

**ବଜ୍ରାସନ :** ଏହି ଆସନ କରିବା ଦ୍ୱାରା ଶରୀରର ନିମ୍ନାଂଶ ବଜ୍ର ସଦୃଶ ସୁଦୃଢ଼ ହୋଇଥାଏ । ସେଥିପାଇଁ ଏହାର ନାମ ବଜ୍ରାସନ ରଖାଯାଇଛି । ଏହି ଆସନ କରିବା ପାଇଁ ଆଣ୍ଠୁମାଡ଼ି ବସ । ଦୁଇ ଗୋଡ଼ରେ ଗୋଇଠିକୁ ଟିକିଏ ଫାଙ୍କ କରି ତାହାରି ଉପରେ ପିଚାକୁ ରଖ । ଦୁଇ ହାତକୁ ଦୁଇ ଆଣ୍ଠୁ ଉପରେ ସିଧା ଭାବରେ ରଖ । ମେରୁଦଣ୍ଡ ସିଧା ରଖ । ଏହି ଆସନକୁ ପ୍ରଥମେ ଅଭ୍ୟାସ କଲେ ଆଣ୍ଠୁରେ ସାମାନ୍ୟ ଦରଜ ହୁଏ । କିଛିଦିନ ଅଭ୍ୟାସ କଲେ ଆଉ ବ୍ୟଥା ହୁଏ ନାହିଁ । ସେତେବେଳେ ଏହି ଆସନରେ ତୁମେ ସହଜରେ ଦୀର୍ଘ ସମୟ ବସିପାରିବ । କେହି କେହି ଏହି ଆସନରେ ବସି ଅଧ ଘଣ୍ଟା ପର୍ଯ୍ୟନ୍ତ ଧ୍ୟାନ କରିପାରନ୍ତି ।



**ଉପକାରିତା :** ଏହି ଆସନକୁ ଅଭ୍ୟାସ କଲେ ଆମକୁ ସାୟାଟିକା ବାତ, ଗୋଡ଼ ବାତ ହୁଏ ନାହିଁ । ଗୋଡ଼ର ମାଂସପେଶୀ ଓ ସ୍ନାୟୁ ଆଦି ସବଳ ହୋଇଥାଆନ୍ତି । ମଧ୍ୟାହ୍ନ ଭୋଜନ କରିବା ପରେ ଏହି ଆସନରେ ୧୦/୧୫ ମିନିଟ କାଳ ବସିଲେ ଖାଦ୍ୟ ସହଜରେ ଜୀର୍ଣ୍ଣ ହୋଇଥାଏ ।

(କ୍ରମଶଃ) ❑

# ତୁମ ଶୁଭ ଜନ୍ମଦିନେ

## ଯଦୁ ନନ୍ଦନ ସାମଲ

ତୁମେ ତ ଦେବତା ନୁହଁ, ସ୍ୱର୍ଗପୁର ନୁହେଁ ତୁମ ବାସ,
ପଙ୍କର ପଙ୍କଜ ତୁମେ, ଏ ମାଟିର ଆଗ୍ନେୟ ପୁରୁଷ ।
ଛିନ୍ନବସ୍ତ୍ର ପରିଧାନ କରି ମଧ୍ୟ ତୁମେ ଭଗବାନ୍,
ଦଳିତ ଲାଞ୍ଛିତ ହୋଇ କର ସଦା ବିଜୟର ଗାନ ।
ନୂତନର ବାର୍ତ୍ତାବହ, ଗନ୍ଧବହ ନବ ଜୀବନର,
ବହୁଥାଅ ମନ୍ତ୍ର ହୋଇ ପ୍ରତିଶ୍ୱାସେ ନବୀନ ସୃଷ୍ଟିର ।
ନଥାଅ କେବେ ତ ତୁମେ ସଙ୍କୁଚିତ ସୀମିତ ସୀମାରେ,
ଅବା କାହା ଦ୍ୱାରା ଗଢ଼ା ରୁଦ୍ଧ ଦ୍ୱାର, ପ୍ରାଚୀର ମଧ୍ୟରେ ।

ତୁମେ ଏକ ନିମନ୍ତ୍ରଣ ବିପ୍ଳବର ବଳିଷ୍ଠ ଆହ୍ୱାନ,
ଝଡ଼ର ଈଶ୍ୱର ତୁମେ ଶିଖରୀର ପ୍ରଭୁ ବଳୀୟାନ ।
ତୁମ ବାଣୀର ଝଙ୍କାର ଶୁଭେ ଗିରି, ବନ, ପାହାଡ଼ରେ,
ଆଲୋଡ଼ନ ସୃଷ୍ଟି କରେ ତନୁ, ମନ, ଚିନ୍ତା, ଚେତନାରେ,
'ସର୍ବୋଚ୍ଚକୁ ପାଇବାକୁ ହେଲେ ସର୍ବନିମ୍ନ ମଧ୍ୟେ
କରିବାକୁ ହେବ କିନ୍ତୁ ତାହାର ସନ୍ଧାନ'–
ଏ ଯେଉଁ ଦୁରୂହ ତଥା ଦୁର୍ବାର ଆହ୍ୱାନ
ଦେଇଛ, ତାହାକୁ ନେଇ ଚାଲିବାକୁ ଦିଅ ବଳ ବେଗ,
ସୀମାର ବନ୍ଧନେ ତାରେ କରିବାକୁ ସଦା ଉପଯୋଗ ।
ହୋଇଯାଅ ମୋ ପାଇଁ ତୁମେ ଏକ ସଂଯୋଗର ସୂତ୍ର
ଖୋଜିବାକୁ, ପାଇବାକୁ ତୁମକୁ ସର୍ବତ୍ର ।

ହେ ପରମ ପ୍ରିୟତମ, ହୃଦୟର ଅସୀମ ପ୍ରତୀତି,
ତୁମ ଶୁଭ ଜନ୍ମଦିନେ ତୁମ ଶ୍ରୀଚରଣେ
ଏ ସତ୍ତାର ବିନମ୍ର ପ୍ରଣତି । ❑



(୧୫.୮.୧୬ – ୧୪୪ତମ ଜନ୍ମଦିବସରେ
ଯୁଗପୁରୁଷ ଶ୍ରୀଅରବିନ୍ଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି)

ପୃଥିବୀର କେତେକ ବିଶିଷ୍ଟ ଦାର୍ଶନିକ :

# ଇସଲାମୀୟ କେତେକ ବିଶିଷ୍ଟ ଦାର୍ଶନିକ
# (୩)


## ଶ୍ରୀପତି ଦାସ


[ଏହି ପ୍ରବନ୍ଧଗୁଡ଼ିକ Clifford Sawhneyଙ୍କ ଲିଖିତ "The World's Greatest Seers & Philosophers" ପୁସ୍ତକର ଅବଲମ୍ବନରେ ଲିଖିତ । — ଲେଖକ ।]

### ଅଲ୍-ଘାଜଲି
(AL-GHAZALI - 1058-1111 AD)

### ସୁଫି ରହସ୍ୟବାଦୀ :

ଏକ ଇସଲାମୀୟ ବ୍ରହ୍ମତତ୍ତ୍ୱବିତ୍, ରହସ୍ୟବାଦୀ ଓ ଦାର୍ଶନିକ ଅଲ୍-ଘାଜଲି ୧୦୫୮ ଖ୍ରୀଷ୍ଟାବ୍ଦରେ ପୂର୍ବ ଇରାନ୍‌ର ମାଶାଦ ନିକଟରେ ପାରସ୍ୟର ଟାସ୍ ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ସମ୍ପୂର୍ଣ୍ଣ ନାମ ଥିଲା — ଅବୁ ହମିଦ୍ ମହମ୍ମଦ ଇବ୍‌ନ୍ ମହମ୍ମଦ ଅଟ୍-ଟୁସି ଅଲ୍-ଘାଜଲି । ସେ ଯେତେବେଳେ ଅଳ୍ପ ବୟସର ଥିଲେ, ସେତେବେଳେ ତାଙ୍କ ପିତାଙ୍କର ମୃତ୍ୟୁ ଘଟିଥିଲା ।

ଯାହାହେଉ, ତାଙ୍କର ଅଭିଭାବକମାନେ କହନ୍ତି ଯେ ଅଲ୍-ଘାଜଲି ଅତି ଚମତ୍କାରଭାବେ ଶିକ୍ଷାଲାଭ କରିଥିଲେ । ସେ ପ୍ରଥମେ ଟାସ୍ ନାମକ ସ୍ଥାନରେ, ତତ୍ପରେ ଜାର୍‌ଜୋନ୍‌ରେ ଏବଂ ପରିଶେଷରେ ନିଶାପୁର ନାମକ ସ୍ଥାନରେ ତତ୍କାଳୀନ ପ୍ରସିଦ୍ଧ ବ୍ରହ୍ମତତ୍ତ୍ୱବିତ୍ ଅଲ୍-ଜୁଏନିଙ୍କ ତତ୍ତ୍ୱାବଧାନରେ ଶିକ୍ଷାଲାଭ କରିଥିଲେ ।

ତେତିଶ ବର୍ଷ ବୟସରେ ତାଙ୍କର ବୁଦ୍ଧିଗତ ଦକ୍ଷତା ଥିଲା ଅତି ଚମତ୍କାର । ଆବ୍‌ବାସିଦ ଓ୍ୱାଜିର ନିଜାମ୍ ଅଲ୍ ମୁଲ୍‌କ୍ ବାଗ୍‌ଦାଦ୍‌ର ନିଜାମିୟା ବିଶ୍ୱବିଦ୍ୟାଳୟରେ ତାଙ୍କୁ ଅଧ୍ୟାପକଭାବେ ନିଯୁକ୍ତ କରିଥିଲେ । ତାହା ଥିଲା ମୁସଲମାନ ଜଗତରେ ଶିକ୍ଷାର ଏକ ଅତି ସ୍ୱନାମଧନ୍ୟ ପ୍ରତିଷ୍ଠାନ । ଅଲ୍-ଘାଜଲି ବିଶେଷଭାବେ ଗ୍ରୀକ୍ ଦାର୍ଶନିକମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ।

ଅଲ୍-ଘାଜଲି ସ୍ୱଲିଖିତ ଚାଳିଶଟିରୁ ଅଧିକ ପୁସ୍ତକ ମଧ୍ୟରେ ଇସଲାମୀୟମାନଙ୍କ ମତବାଦକୁ ଖଣ୍ଡନ କରିବାକୁ ଚେଷ୍ଟା କରିଥିଲେ । ଏଥିମଧ୍ୟରୁ ଯେଉଁ ପୁସ୍ତକ ମଧ୍ୟରେ ଅଧିକ ପୁଙ୍ଖାନୁପୁଙ୍ଖଭାବେ ସେ ଆଲୋଚନା କରିଥିଲେ, ତାହା ହେଉଛି ''କିତାବ୍ ଅଲ୍-ମୁସ୍ତାଝିରି ।

କେତେ ବର୍ଷ ପରେ ସେ ବାଗ୍‌ଦାଦ୍‌ରେ ଏକ ଅଧ୍ୟାପକ ହୋଇଥିଲେ । ସେ ଗଭୀର ବୁଦ୍ଧିଗତ ସଂଶୟ ଦ୍ୱାରା ବିବ୍ରତ ହୋଇ ପଡ଼ିଥିଲେ ଏବଂ ତାହା ଥିଲା ତାଙ୍କର ଗଭୀର ଦାର୍ଶନିକ ଅଧ୍ୟୟନର ପରିଣାମ । ଯେହେତୁ ତାଙ୍କର ସନ୍ଦିଗ୍ଧ ପ୍ରଶ୍ନସବୁର କୌଣସି ଉତ୍ତର ସେ ପାଇପାରି ନଥିଲେ, ତେଣୁ ସେ ଅନୁଭବ କରିଥିଲେ ଏକ ଧର୍ମୀୟ ଉତ୍ତେଜନାର ଝଡ଼ ଯାହା ତାଙ୍କର ସତ୍ତାକୁ ଚିନ୍ତାମଗ୍ନ କରି ପକାଇଥିଲା, ଯେଉଁଠାରେ ତାଙ୍କର ଶାଶ୍ୱତ ଭାଗ୍ୟର ପ୍ରଶ୍ନ ତାଙ୍କୁ ବ୍ୟାକୁଳ କରିଥିଲା ।

ତାଙ୍କ ମନର ଏହି ବିବ୍ରତ ଅବସ୍ଥା ତାଙ୍କୁ ଶାରୀରିକ ତଥା ମାନସିକ ଦୁର୍ଦ୍ଦଶାଗ୍ରସ୍ତ କରି ପକାଇଥିଲା । ଏହାହିଁ ତାଙ୍କୁ ତାଙ୍କର ଅଧ୍ୟାପକ ପଦକୁ ପରିତ୍ୟାଗ କରିବାକୁ ବାଧ୍ୟ କରିଥିଲା । ସେ ତାଙ୍କର ପରିବାର ତ୍ୟାଗ କରି ନିଜ ଜୀବନର ଆଧ୍ୟାତ୍ମିକ ଲକ୍ଷ୍ୟର ପୂରଣ ନିମିତ୍ତ ନିଜକୁ ଉତ୍ସର୍ଗ କରିଥିଲେ । ସମ୍ଭବତଃ ''କିତାବ୍ ଅଲ୍-ମୁସ୍ତାଝିରି ଥିଲା ବାଗ୍‌ଦାଦ୍ ଛାଡ଼ି ଯିବା ପୂର୍ବରୁ ତାଙ୍କର ଶେଷ ଲିଖିତ ପୁସ୍ତକ । ଏହା ଘଟିଥିଲା ୧୦୯୫ ଖ୍ରୀଷ୍ଟାବ୍ଦର ଶେଷ ଭାଗରେ ।

### ରହସ୍ୟମୟ ରୂପାନ୍ତର :

ଅଲ୍-ଘାଜଲି ଏକ ଭ୍ରମଣକାରୀ ସନ୍ନ୍ୟାସୀର ଜୀବନ ଗ୍ରହଣ କରି ସୁଫି ରହସ୍ୟବାଦୀ ସତ୍ୟର ଅନୁସନ୍ଧାନରେ ବ୍ରତୀ ହେଲେ । ଏହି ବର୍ଷଗୁଡ଼ିକରେ ଏକ ସନ୍ନ୍ୟାସୀ ଭାବରେ ସେ ଏକ ରହସ୍ୟବାଦୀ ରୂପାନ୍ତର ମଧ୍ୟ ଦେଇ ଅଗ୍ରସର ହେଲେ । ସେ ଶିକ୍ଷା କଲେ ଯେ ଇନ୍ଦ୍ରିୟ ଓ ବୁଦ୍ଧିର ଊର୍ଦ୍ଧ୍ୱରେ ଏକ ଉଚ୍ଚତମ ଚେତନା ରହିଛି । ଏହି ଉଚ୍ଚତମ ଚେତନାରେ ଈଶ୍ୱରଙ୍କୁ ଉପଲବ୍ଧି କରାଯାଇପାରେ । ଅଲ୍-ଘାଜଲି ନିଜର ବ୍ୟକ୍ତିଗତ ଅଭିଜ୍ଞତା ଦ୍ୱାରା ଉପଲବ୍ଧି କଲେ ଯେ ଈଶ୍ୱରଙ୍କ ଦ୍ୱାରା ପ୍ରକଟିତ ସତ୍ୟକୁ

ଏହି ଚେତନାରେ ଉପଲବ୍ଧି କରାଯାଇପାରେ । ସେ ନିଜେହିଁ ଏହି ଚେତନା ମଧ୍ୟ ଦେଇ ଯାଇଥିଲେ ଏବଂ ତାଙ୍କର ସମସ୍ତ ପ୍ରଶ୍ନର ଉତ୍ତର ପାଇଥିଲେ । ସେ ନିଜେ ପରମସତ୍ୟର ଗ୍ରହଣଶୀଳ ବ୍ୟକ୍ତି ହୋଇଉଠିଲେ ।

ଏକାଦଶ ବର୍ଷ ପରେ ସେ ନିଜର ଶିକ୍ଷାଦାନର କ୍ରିୟାକଳାପକୁ ଫେରି ଆସିଲେ । ବର୍ତ୍ତମାନ ସେ ଇସଲାମୀୟ ସୁଫିବାଦର ଆଦର୍ଶକୁ ଗ୍ରହଣ କଲେ ।

ଏକ ବହୁମୁଖୀ ଲେଖକ ଭାବେ ତାଙ୍କର କେତେକ ବିଶିଷ୍ଟ ପୁସ୍ତକ ହେଉଛି : al-munqidh min ad-Dalal (The Deliverance from Error), Bidayat al-Hidayah (The Beginning of Guidance), Tuhafut al-Falasifa (The Incoherence of Philosophers) ଏବଂ Ihya ulum ad-Din (The revival of the Religious Science) ।

The al-Munqidh min ad-Dalal ପୁସ୍ତକରେ ବର୍ଣ୍ଣିତ ହୋଇଛି ଅନ୍ତର୍ଗତ ସଂଘର୍ଷ, ବୁଦ୍ଧିଗତ ବିକାଶ ଏବଂ ଧର୍ମଗତ ମୁକ୍ତି ସମ୍ବନ୍ଧେ । ସୁଫି ରହସ୍ୟବାଦକୁ ତାଙ୍କର ଯାତ୍ରା ମଧ୍ୟଦେଇ ଏହା ଘଟିଥିଲା । ତାଙ୍କର ଜୀବନ ସମ୍ବନ୍ଧେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ସହିତ ଏହି ପୁସ୍ତକ ତାଙ୍କର ଆତ୍ମଜୀବନୀ ସଦୃଶ ଏବଂ ପାଶ୍ଚାତ୍ୟ ଜଗତରେ The confession of saint Augustine ସହିତ ତୁଳନୀୟ ହୋଇପାରେ । Bidayat al-Hidayah ପୁସ୍ତକ ମଧ୍ୟରେ ରହିଛି ସୁଫି ରହସ୍ୟବାଦକୁ ଅନୁକରଣ କରିବା ନିମିତ୍ତ ଏକ ମୁସଲମାନ ସକାଶେ ବ୍ୟବହାରିକ ଉପଦେଶ ।

ଦର୍ଶନଶାସ୍ତ୍ର ଉପରେ ପ୍ରଭୁତ୍ୱ ଲାଭ କରିବାର ଏକ ପ୍ରାଥମିକ ଜ୍ଞାନଲାଭ କରିବା ପରେ, ଘାଜଲି Tuhafut al-Falasifa ନାମକ ଏକ ପୁସ୍ତକ ଲେଖିଥିଲେ । ତାହା ଥିଲା ଏକ କଠୋର ଦୋଷାରୋପର କଳ୍ପନାପ୍ରଧାନ ଇସଲାମୀୟ ଧର୍ମତାତ୍ତ୍ୱିକ ଗ୍ରୀକ୍ ଦର୍ଶନ (Falasifa) । ଏହା ଥିଲା ବିଶେଷତଃ ପ୍ରାଚୀନ ଜୀବାତ୍ମା ଓ ପରମାତ୍ମାର ତତ୍ତ୍ୱ ସହିତ ପ୍ଲାଟୋଙ୍କର ପରମ ବସ୍ତୁର ଧାରଣା ସହିତ ମିଶ୍ରିତ ତୃତୀୟ ଶତାବ୍ଦୀରୁ ଆରମ୍ଭ ହୋଇଥିବା ଇବ୍ନ୍ ସିନାଙ୍କ ସଦୃଶ ଦାର୍ଶନିକଙ୍କର ଏକ ନୂତନ ଦର୍ଶନତତ୍ତ୍ୱ । ଏହା ଥିଲା ପୁରାତନ ଧର୍ମତତ୍ତ୍ୱର ଗୋଷ୍ଠୀଗତ ମତବାଦ ସହିତ ଆତ୍ମାର ଅମରତ୍ୱ ।

ତାଙ୍କର Ihya ulum ad-Din ପୁସ୍ତକ ହେଉଛି ଧର୍ମୀୟ ମତବାଦର, ଯାହା ତିନୋଟି ବିପରୀତ ମତବାଦର ଉତ୍ସ : ପ୍ରଚଳିତ ପ୍ରଥା, ବୌଦ୍ଧିକ ମତବାଦ ଓ ରହସ୍ୟବାଦକୁ ଏକତ୍ରିତ କରେ । ଅନେକେ ବିଚାର କରନ୍ତି ଯେ ଏହି ପୁସ୍ତକ କୋରାନ୍ ପରେ ଇସଲାମୀୟ ଧର୍ମଜଗତର ବୃହତ୍ତମ ଗ୍ରନ୍ଥ ।

ଏହା ବ୍ୟତୀତ ଅଲ୍-ଘାଜଲି ଜ୍ୟୋତିର୍ବିଜ୍ଞାନର ସାରାଂଶ ରୂପେ ଏକ ପୁସ୍ତକ ଲେଖିଥିଲେ । ମଧ୍ୟଯୁଗରେ ତାଙ୍କର କେତେକ ପୁସ୍ତକ ବିଭିନ୍ନ ଇଉରୋପୀୟ ଭାଷାରେ ଅନୂଦିତ ହୋଇଥିଲା ଯହିଁରେ ତାଙ୍କର ଚିନ୍ତାଧାରାର ପ୍ରଭାବ ଅନୁମୋଦିତ ହୋଇଥିଲା ।

**ଅବୋଧ ପରମସତ୍ୟ :**

ଘାଜଲି ତାଙ୍କର ଦାର୍ଶନିକ ପୁସ୍ତକଗୁଡ଼ିକରେ ଲେଖିଥିଲେ ଯେ ପରମସତ୍ୟ ଓ ଅସୀମଙ୍କୁ ବୁଝିବା ନିମିତ୍ତ ଯୁକ୍ତିବୁଦ୍ଧି ଅସମର୍ଥ । ସେ ଜୋର୍ ଦେଇ କହିଥିଲେ ଯେ ଯୁକ୍ତିବୁଦ୍ଧି ସର୍ବଦା ସୀମିତତା ମଧ୍ୟରେ ଆବଦ୍ଧ ରହେ । କେତେକ ଇସଲାମୀୟ ଦାର୍ଶନିକଙ୍କ ମତର ବିରୋଧ କରି, ଯେଉଁମାନେ ବିଶ୍ୱାସ କରିଥିଲେ ଯେ ବିଶ୍ୱ ହେଉଛି ଆକାଶ ମଧ୍ୟରେ ସୀମିତ କିନ୍ତୁ କାଳ ମଧ୍ୟରେ ଅସୀମ, ତାହାର ବିରୋଧ କରି ଘାଜଲି କହିଥିଲେ ଯେ ବିଶ୍ୱ ହେଉଛି ଉଭୟ ଆକାଶ ଓ କାଳ ମଧ୍ୟରେ ଅସୀମ ।

ଘାଜଲିଙ୍କ ନ୍ୟାୟ ଧର୍ମ ଓ ଯୁକ୍ତି ମଧ୍ୟରେ ସାମ୍ୟ ରକ୍ଷା କରିଥିଲେ । କାରଣ ତହିଁରେ ଧର୍ମ ଅସୀମ ସହିତ ଏବଂ ଯୁକ୍ତି ସସୀମ ସହିତ ଯୁକ୍ତ ହୋଇଥିଲା । ତାଙ୍କର ଏହି ନ୍ୟାୟ ଉଭୟ ସୁଫିବାଦ ଓ ପ୍ରାଚୀନ ପରମ୍ପରାଗତ ଇସଲାମବାଦ ସକାଶେ ଲାଭଜନକ ହୋଇଥିଲା । ସେ ସୁଫିବାଦକୁ ଅତ୍ୟଧିକ ବିଧିବିଧାନରୁ ମୁକ୍ତ କରିଥିଲେ ଯେପରିକି ବାଧ୍ୟତାମୂଳକ ପ୍ରାର୍ଥନା ଓ ପରମ୍ପରାଗତ ଧର୍ମ । କିନ୍ତୁ ସେ ଦୃଢ଼ତାର ସହିତ କହିଥିଲେ ଯେ ଯଥାର୍ଥ ସୁଫିବାଦ ହେଉଛି ସମ୍ପୂର୍ଣ୍ଣ ସତ୍ୟରେ ଉପନୀତ ହେବାର ପ୍ରକୃତ ପଥ । ୧୮ ଡିସେମ୍ବର, ୧୧୧୧ ଖ୍ରୀଷ୍ଟାବ୍ଦରେ ନିଜର ମୂଳ ବାସସ୍ଥାନ ଟସ୍ (Tus) ସହରରେ ତାଙ୍କର ମୃତ୍ୟୁ ପୂର୍ବରୁ ଏକାଦଶ ଶତାବ୍ଦୀର ତିନୋଟି ଇସଲାମୀୟ ସତ୍ୟ – Islam (ଅଭ୍ୟାସ), iman (ଧାର୍ମିକ ମତବାଦ) ଓ Ishan (ଉପଲବ୍ଧି) ଉପରେ ଦକ୍ଷ ଦାର୍ଶନିକ ଭାବରେ ସେ ସମ୍ମାନିତ ହୋଇଥିଲେ । ଏହି କାରଣରୁ ଅନେକେ ତାଙ୍କୁ ସେହି ଯୁଗର ମହତ୍ତମ ଇସଲାମୀୟ ଦାର୍ଶନିକଭାବେ ସମ୍ମାନ ଦିଅନ୍ତି । ତାଙ୍କରି ପ୍ରଚେଷ୍ଟାରେ ଯେଉଁ ସୁଫିବାଦ ଏକ ସମୟରେ କେବଳ ଏକ ଗୁପ୍ତ ସମାଜର ଗ୍ରହଣୀୟ ହୋଇ ରହିଥିଲା, ତାହା ସକଳଙ୍କର ସାଧାରଣଭାବେ ଅନୁମୋଦିତ ଇସଲାମ ଧର୍ମ ହୋଇରହିଲା । ❑

# ଆପଣ କ'ଣ ଈଶ୍ୱରଙ୍କ ମାଆ ?

ଗୋଟିଏ ଡିସେମ୍ବର ମାସର କଥା ।

ନ୍ୟୁୟର୍କରେ ରହୁଥିବା ଭଦ୍ରମହିଳା ଜଣକ ନିଜ କାମରେ ବାହାରିଥାନ୍ତି । ଥଣ୍ଡା ପବନ ବୋହୁଥିବାରୁ ସେ ମୁଣ୍ଡରେ ଟୋପି, ଦେହରେ ଲମ୍ବା ଓଭରକୋଟ୍, ଦୁଇ ହାତରେ ଗ୍ଲୋଭ୍ସ୍ ଏବଂ ପାଦରେ ଲମ୍ବା ମୋଜା ସହ ଚମଡ଼ା ଜୋତା ପିନ୍ଧିଥାଆନ୍ତି । ଓଭରକୋଟ୍ ତଳେ ମଧ ପିନ୍ଧି ରଖିଥାନ୍ତି ଉଲ୍ ତିଆରି ସ୍ୱେଟର । ଅଳ୍ପ ଦୂରରେ ସବ୍-ୱେ, ସେ ଦିଗରେ ଚାଲି ଚାଲି ଯାଉଥାଆନ୍ତି । ବାମପଟେ ଗୋଟେ ନାମୀ ଜୋତା ଦୋକାନ । ସାନ ସାନ ପିଲାଙ୍କ ମନପସନ୍ଦର ରଙ୍ଗବେରଙ୍ଗର ଜୋତା, ଚପଲ, ମୋଜା ଓ ଦାମୀ ଖେଳ ପରିଧାନ ପାଇଁ ଦୋକାନଟି ପ୍ରସିଦ୍ଧ । ଭଦ୍ରମହିଳାଙ୍କ ନଜର ପଡ଼ିଲା, ଏକୁଟିଆ ସାତ, ଆଠ ବର୍ଷର ପିଲାଟିଏ ସେଇ ଦୋକାନ ଆଗରେ ଛିଡ଼ାହୋଇ ଭିତରକୁ ଚାହୁଁଛି ଓ ମନକୁ ମନ କ'ଣ କହୁଛି ।

ଭଦ୍ରମହିଳା ପାଖକୁ ଯାଇ ଦେଖିଲେ, ସାଧାରଣ ଫୁଲ୍‌ସାର୍ଟଟିଏ ପିନ୍ଧିଥିବା ସେଇ ପିଲାଟି ଶୀତରେ ଥରୁଛି । ସେ ଧୀର ସ୍ୱରରେ ପଚାରିଲେ, 'ବାବୁରେ, ଏତେ ମନଧ୍ୟାନ ଦେଇ ଏଠି କ'ଣ କରୁଛ ?'

ପିଲାଟି ପ୍ରଥମେ ଲାଜେଇଗଲା । ତା'ପରେ ଥଙ୍ଗ ଥଙ୍ଗ ଗଳାରେ କହିଲା, 'ମୁଁ ମନେ ମନେ ଈଶ୍ୱରଙ୍କୁ ଡାକୁଥିଲି, ସେ ମୋତେ ନୂଆ ଜୋତା ହଳେ ଦିଅନ୍ତେ ନାହିଁ !'

ସେତିକିବେଳେ ପିଲାଟିର ଦୁଇ ପାଦ ଉପରେ ଭଦ୍ରମହିଳାଙ୍କର ନଜର ପଡ଼ିଲା । ପିଲାଟି ପିନ୍ଧିଥିଲା ହଳେ ଛିଣ୍ଡା ଜୋତା । ଗୋଡ଼ରେ ମୋଜା ନ ଥିଲା । ଥଣ୍ଡା ପବନ ବାଜି ତା'ର ଫୁଙ୍ଗୁଳା ଗୋଡ଼ ଯୋଡ଼ିକ ସିଝିଲା ପରି ଲାଲ ଦିଶୁଥିଲା । ତାଙ୍କ ହୃଦୟ ବିଗଳିତ ହୋଇଗଲା । ସେ ତା' ହାତଧରି ତାକୁ ଜୋତା ଦୋକାନ ଭିତରକୁ ନେଇଗଲେ । ଦୋକାନର କ୍ଲର୍କଙ୍କୁ ଯାଇ କହିଲେ, 'ଏଇ ପିଲାର ପାଦ ସାଇଜର ହଳେ ଭଲ ଜୋତା ଓ ଅଲଗା ଅଲଗା ରଙ୍ଗର ଡଜନେ ମୋଜା ଦିଅନ୍ତୁ । ତା'ପରେ ସେ ପଚାରିଲେ, 'ଆପଣଙ୍କର ଏଠି ଗାଧୁଆଘର ଅଛି କି ?'

କ୍ଲର୍କ ଜଣକ 'ହଁ' କହିବାରୁ ଭଦ୍ରମହିଳା ପିଲାଟିକୁ ନେଇ ଦୋକାନର ଗାଧୁଆ ଘରକୁ ଗଲେ । ତା' ଆଗରୁ କ୍ଲର୍କଙ୍କୁ କହିଗଲେ, 'ଜୋତା ଓ ମୋଜାଗୁଡ଼ିକ ଗାଧୁଆ ଘରକୁ ପଠେଇ ଦିଅନ୍ତୁ ।' ଗାଧୁଆଘରେ ପହଞ୍ଚି ସେ ନିଜ ହାତରୁ ଗ୍ଲୋଭ୍ସ୍ ଖୋଲିଦେଲେ । ତା'ପରେ ଖୁବ୍ ଆଦରରେ ପିଲାଟିର କୁନି କୁନି ପାଦକୁ ସେ ଧୋଇଦେଲେ ଓ ଧୋଇସାରି ତଉଲିଆରେ ଭଲକରି ପୋଛିଦେଲେ । ଏହା ଭିତରେ ପିଲାଟି ପାଇଁ ଜୋତା ଓ ମୋଜା ଆସି ସାରିଥିଲା । ଭଦ୍ରମହିଳା ନିଜ ହାତରେ ପିଲାଟିକୁ ମୋଜା ଓ ନୂଆ ଜୋତା ପିନ୍ଧେଇଦେଲେ । ଅବଶିଷ୍ଟ ମୋଜାଗୁଡ଼ିକୁ ଗୋଟେ ପ୍ୟାକେଟ୍ କରି ପିଲାଟି ହାତରେ ଧରେଇଦେଇ ସେ କହିଲେ, 'ଏବେ ମନ ଖୁସି ତ ? ଯାଅ, ଘରକୁ ଯାଅ । ମାଆ ବ୍ୟସ୍ତ ହେଉଥିବେ ।'

ଭଦ୍ରମହିଳା ଦୋକାନର ବିଲ୍ ପଇଠ କରିଦେଲେ । ତାଙ୍କ ମନ ଆନନ୍ଦରେ ପୂରି ଉଠୁଥାଏ । ସେ କ୍ଲର୍କଙ୍କୁ 'ଧନ୍ୟବାଦ' କହି ବୁଲିପଡ଼ିବା ବେଳକୁ ଦେଖିଲେ ପିଲାଟି ଦୁଆର ପାଖରୁ ଫେରିଆସି ତାଙ୍କ ପାଖରେ ଛିଡ଼ା ହୋଇଛି । କ'ଣ ଗୋଟେ କହିବ କହିବ ବୋଲି ସେ ଓଠ ଖୋଲୁଛି, କହିପାରୁ ନାହିଁ ।

ଭଦ୍ରମହିଳା ପଚାରିଲେ, 'ତୁମେ ଯାଇ ନାହଁ ? କ'ଣ ହେଲା, କିଛି କହିବ କି ବାବୁ ?'

ପିଲାଟି କହିଲା, 'ମୋ ମାଆ କହନ୍ତି, ସାନପିଲାମାନେ ଈଶ୍ୱରଙ୍କୁ ଯାହା ମାଗନ୍ତି ଈଶ୍ୱର ତାଙ୍କୁ ଦିଅନ୍ତି । ମାତ୍ର ଈଶ୍ୱର ତ ଜଣେ ପୁରୁଷଲୋକ । ଆପଣ ତାହାହେଲେ କ'ଣ ତାଙ୍କର ମାଆ ?'

ବୟସ୍କା ଭଦ୍ରମହିଳା ହସିଦେଲେ ।

ଏଥର ପିଲାଟି ଟିକେ ସ୍ୱଚ୍ଛନ୍ଦ ଅନୁଭବ କରୁଥିଲା । ସେ ସ୍ପଷ୍ଟ ଶବ୍ଦରେ ପଚାରିଲା, 'ଆପଣ ହସିଲେ କାହିଁକି ?'

ଭଦ୍ରମହିଳା ପିଲାଟିର ମୁଣ୍ଡବାଳ ସାଉଁଳେଇ ଦେଇ ଦରଜା ଆଡ଼କୁ ବୁଲିପଡ଼ିଲେ ।

ବଡ଼ ବଡ଼ ପାହୁଣ୍ଡ ପକେଇ ସବ୍-ୱେ ଦିଗରେ ଚାଲୁଥିବାବେଳେ ସେ ମନକୁ ମନ କହୁଥିଲେ, 'ହସି ନ ଥିଲେ ମୁଁ ଯେ ଦୋକାନଟାରେ କାନ୍ଦି ପକେଇଥାଆନ୍ତି !'

(ସୌଜନ୍ୟ : କଥାଟିଏ) ❑

# 'ଢୁଳାଇବା ବରଂ ଭଲ'

ଶେଖ୍‌ସାଦୀ ନାମରେ ଜଣେ ସୁଫି ସମ୍ପ୍ରଦାୟର ଦାର୍ଶନିକ ଥିଲେ । ଭଗବାନଙ୍କ ପ୍ରତି ସର୍ବାବସ୍ଥାରେ ପ୍ରେମଭାବ ପୋଷଣ କରିବା ତାଙ୍କ ସାଧନାର ଲକ୍ଷ୍ୟ ଥିଲା । ତାଙ୍କ ଜୀବନର ଛୋଟ ଛୋଟ ବହୁମୂଲ୍ୟ ଘଟନାକୁ ସେ କଥାଛଳରେ ତାଙ୍କ ବନ୍ଧୁ ଓ ଶିଷ୍ୟମହଲରେ କହିଛନ୍ତି । ତାଙ୍କର ଏହି ସ୍ମୃତିଚାରଣଗୁଡ଼ିକୁ ସଂଗ୍ରହ କରାଯାଇଛି, ସୁଫି ସାହିତ୍ୟ ପ୍ରତି ଏଇଟି ତାଙ୍କର ବହୁମୂଲ୍ୟ ଅବଦାନ । ତାଙ୍କର ପିଲାଦିନର ଗୋଟିଏ ଘଟନା ଏଇପରି :

ବାଳକାବସ୍ଥାରେ କେବେ କେବେ ବାବାଜାନ୍ ମୋତେ ହାତଧରି ମସଜିଦ୍‌କୁ ନେଇ ଯାଉଥିଲେ । ପଥରେ ସେ ମୋତେ ଆଲ୍ଲାଙ୍କ କଥା କହି କହି ଯାଆନ୍ତି । ମୋର ବୁଦ୍ଧିଶୁଦ୍ଧି ହେବାପରେ ଥରେ ମୁଁ ତାଙ୍କ ସହ ମସଜିଦ୍‌କୁ ଯାଇଛି, ରାତି ବହୁତ ହୋଇ ଯାଇଛି; ମସଜିଦ୍‌ରେ ପହଞ୍ଚି ପ୍ରାର୍ଥନା କକ୍ଷରେ ପଶି ସେ ନମାଜ କରିବାକୁ ଗଲେ ଓ ମୋତେ ମଧ୍ୟ କୋରାନ ପାଠ କରିବାକୁ କହିଲେ । ବାବାଜାନ୍ ତ ତାଙ୍କର ପାଠ ଓ ନମାଜରେ ବ୍ୟସ୍ତ ରହିଲେ, ମୁଁ କୋରାନ ପଢ଼ିବାକୁ ଯାଇ ମୋର ଚାରିପଟକୁ ଚାହିଁଲି, ଦେଖିଲି ଅନେକେ ଢୁଳାଉଛନ୍ତି, କେହି କେହି ଘୁଙ୍ଗୁଡ଼ି ମଧ୍ୟ ମାରୁଛନ୍ତି – ତାହା ସ୍ପଷ୍ଟ ଶୁଣାଯାଉଛି । ମୋତେ ଖୁବ୍ ମଜା ଲାଗିଲା – ପ୍ରାର୍ଥନା କକ୍ଷରେ ଏପରି ତନ୍ଦ୍ରାଭାବ ! କାହିଁ ମୋତେ ତ ନିଦ ଲାଗୁ ନାହିଁ, ମୁଁ ତ ପୂରାପୂରି ସଜାଗ । ତା'ପରେ ବାବାଜାନ୍‌ଙ୍କ କହିବା ମୁତାବକ ମୁଁ କୋରାନ ସରିଫ ଧରି ପାଠ କଲି ଓ ନମାଜ କଲି । ମାତ୍ର ଯେଉଁମାନେ ଢୁଳାଉଥା'ନ୍ତି, ତାଙ୍କୁ ମୁଁ ବାରଂବାର ଦେଖୁଥାଏ ।

ତା'ପରେ ବାବାଜାନ୍ ଓ ମୁଁ ଦୁହିଙ୍କର ଘରକୁ ଫେରିବାବେଳ ହେଲା । ଯେମିତି ମସଜିଦ୍‌ରୁ ବାହାରିଛି, ବାବାଜାନ୍‌ଙ୍କ ହାତକୁ ଟାଣିଧରି ମୁଁ କହିଲି – ବାବାଜାନ୍, ଜାଣିଛ ! ଆଜି ଦେଖିଲି ପ୍ରାର୍ଥନା କରିବାକୁ ଆସୁଥିବା ଲୋକେ ନମାଜ ପଢ଼ିବା ଛଳନାରେ ଶୋଉଛନ୍ତି; ଢୁଳାଇବା, ଏପରିକି ଘୁଙ୍ଗୁଡ଼ିମାରିବା ବି ମୁଁ ଲକ୍ଷ୍ୟ କରିଛି । ସତ କହୁଛି ନିଜ ଆଖିରେ ମୁଁ ଦେଖିଛି ! ଆଲ୍ଲାଙ୍କ ପ୍ରତି ଏମାନଙ୍କର ଟିକିଏ ବି ଖାତିରି ନାହିଁ, ଶ୍ରଦ୍ଧା ନାହିଁ । ନହେଲେ କ'ଣ ସେମାନେ ଏମିତି କରୁଥା'ନ୍ତେ, ପୁଣି ମସଜିଦ୍‌ରେ ଆସି !

ବାବାଜାନ୍ ମୋ ହାତରୁ ନିଜ ହାତକୁ ରାଗରେ ଛଡ଼ାଇ ନେଇ ମୋତେ କହିଲେ – ତୁ ଯଦି ସେମାନଙ୍କ ଭଳି ଢୋଳେଇଥା'ନ୍ତୁ, ବରଂ ଭଲ ହୋଇଥା'ନ୍ତା ।

ମୁଁ ବୁଝି ପାରିଲି ନାହିଁ ବାବାଜାନ୍‌ଙ୍କ କଥା, ବୋକାଙ୍କ ପରି ଅନେଇଲି ତାଙ୍କ ମୁହଁକୁ । ଭାବିଥିଲି ମୋର ସ୍ୱଷ୍ଟୋକ୍ତି ଶୁଣି ବାବାଜାନ୍ ମୋର ତାରିଫ କରିବେ ଯେ ମୁଁ ନଶୋଇ କୋରାନ ପାଠ କରିଛି କିଂବା ଏ ଧର୍ମସ୍ଥାନରେ ଆସି ଯେଉଁମାନେ ତନ୍ଦ୍ରାଚ୍ଛନ୍ନ ହେଉଛନ୍ତି ତାଙ୍କ ପ୍ରତି କଟୂକ୍ତି କରିବେ । ମାତ୍ର କାହିଁକି ଯେ ମୋ ଉପରେ ବିରକ୍ତ ହେଲେ, ତା'ର କାରଣ ବୁଝି ପାରିଲି ନାହିଁ ।

ବାବାଜାନ୍ କହିଲେ –''ହାତରେ କୋରାନ ସରିଫ ଧରି ପରଚର୍ଚ୍ଚା କରିବା, ଅନ୍ୟମାନେ କିଏ କ'ଣ ଦୋଷତ୍ରୁଟି କରୁଛି ତାକୁ ଲକ୍ଷ୍ୟ କରିବା, ତା' ପ୍ରତି ଆକୃଷ୍ଟ ହେବା ଅପେକ୍ଷା ଢୁଳାଇବା ବରଂ ଭଲ । ତୁ ଯଦି ଢୁଳାଇଥା'ନ୍ତୁ ଅନ୍ତତଃ ଏସବୁ ପ୍ରତି ତୋର ଦୃଷ୍ଟି ତ ଯାଇ ନଥା'ନ୍ତା ।

''ଏପରି ଦୋଷଦୃଷ୍ଟି ଆଉ ଦିନେ ଯେପରି ତୋ'ଠାରେ ନଦେଖେ ।'' ବାବାଜାନ୍‌ଙ୍କର ସେଇ କଠୋର ଶବ୍ଦ କେତୋଟି ଏବେ ବି ବେଳେ ବେଳେ ମନରେ ପଡ଼େ ।

❑❑❑

**ଚେତନାର ଦିଗ୍‌ବଳୟ :**

# ''କପି''

ଅନେକ ବର୍ଷ ତଳେ କଥାଟିଏ ଶୁଣିଥିଲି । ସତକଥା କିଂବା ତୁଚ୍ଛା ମଜାକଥା ତାହା ଜାଣେନା ।

କୌଣସି ଏକ ପରୀକ୍ଷାରେ ଜଣେ ଛାତ୍ର ପ୍ରଥମ ହେଲା । ତା'ର ଅନ୍ତରଙ୍ଗ ବନ୍ଧୁ ଆଉ ଗୋଟିଏ ଛାତ୍ର ଖାଲି ଯେ ଅକୃତକାର୍ଯ୍ୟ ହେଲା ତାହା ନୁହେଁ, ଗାର୍ଜନ ତା' ମାର୍କସିଟ୍ ମଗାଇ ଦେଖିଲେ ଯେ ସେ ପାଇଛି ଶୂନ ।

''ଏହା ହୋଇପାରେନା । ମୋ ପୁଅ ପ୍ରଥମ ଛାତ୍ରଠାରୁ କଦାପି ମନ୍ଦ ଉତ୍ତର ଦେଇ ନଥିବ !'' ଘୋଷଣା କଲେ ସେ ଛାତ୍ରଟିର ପ୍ରଭାବଶାଳୀ ପିତା । ତଦନ୍ତ କମିଶନ୍ ବସିଲା । ଆପାତ ଦୃଷ୍ଟିରେ ଦେଖାଗଲା ଦୁଇଜଣଯାକ ଛାତ୍ର ଲେଖିଥିବା ଉତ୍ତର ଶତକଡ଼ା ନବେଭାଗ ସମାନ ।

ଅଭିଯୋଗକାରୀ ଜାଣିବାକୁ ଚାହିଁଲେ, ଯଦି ଦୁହିଁଙ୍କର ଉତ୍ତର ଶତକଡ଼ା ନବେଭାଗ ସମାନ, ଜଣେ ପ୍ରଥମ ହେବା ବେଳକୁ ଅନ୍ୟ ଜଣକ ଶୂନ ପାଉଛି କିପରି ?

''ଆପଣଙ୍କ ସୁପୁତ୍ରଟି ପ୍ରଥମଠୁଁ କପି କରିଛନ୍ତି,'' ତଦନ୍ତ କମିସନ୍‌ର ମୁଖ୍ୟ ନମ୍ର ଭାବରେ ଜଣାଇଲେ ।

''ପ୍ରଥମଟି ମୋ ପୁଅଠାରୁ କପି କରି ନାହିଁ ବୋଲି ପ୍ରମାଣ କ'ଣ ? ମୋ ପୁଅ ପ୍ରଥମର ପଛରେ ବସି ନଥିଲା, ସମାନ ଧାଡ଼ିରେ ବସିଥିଲା !'' ବାପା କୈଫିୟତ ଦାବି କଲେ ।

ତଦନ୍ତ କମିସନର ମୁଖ୍ୟ ଦୁହିଁଙ୍କ ଉତ୍ତର ଖାତା ବାହାର କଲେ । ବାସ୍ତବିକ, ଦଶଗୋଟି ପ୍ରଶ୍ନରୁ ନଅଗୋଟି ଯାକ ପ୍ରଶ୍ନର ଉତ୍ତର ଉଭୟଙ୍କ ଖାତାରେ ସମାନ । କେବଳ ଦଶମ ପ୍ରଶ୍ନର ଉତ୍ତରରେ ସୁପୁତ୍ର ଜଣକ ସମଗ୍ର ଉତ୍ତରଟି ନଲେଖି ଲେଖିଛନ୍ତି ''ଡିଟୋ'' ! ସେତେବେଳକୁ ତାଙ୍କର ଆଉ ଧୈର୍ଯ୍ୟ ନଥିଲା ।

''କିଏ କାହାକୁ ଅନୁସରଣ କରୁଥିଲା ଏଥର ବୁଝିଲେ ତ ?'' କମିସନ୍ ମୁଖ୍ୟ ବୁଝାଇ ଦେଲେ ।

ସମ୍ପ୍ରତି ବିହାରରେ ଘଟିଥିବା ପରୀକ୍ଷା ପ୍ରହସନ କଥା କିଏ ବା ନଜାଣେ । ସମଗ୍ର ରାଜ୍ୟରେ ଯିଏ ସର୍ବୋଚ୍ଚ ମାର୍କ ପାଇ ପ୍ରଥମ ହେଲା, ଦେଖାଗଲା ସେ ତା'ର ପାଠ୍ୟ ବିଷୟଟି କ'ଣ, ସେତିକି ମଧ୍ୟ ଜାଣେ ନାହିଁ । କାଗଜପତ୍ରରେ ତା' ପାଠ୍ୟ ବିଷୟ ରାଜନୀତି ବିଜ୍ଞାନ । କିନ୍ତୁ ସେ ତାହା ନା ଠିକ୍ ଭାବରେ ଉଚ୍ଚାରଣ କରିପାରିଲା ନା ବନାନ କରିପାରିଲା । 'ରାଜନୀତି ବିଜ୍ଞାନ'ରେ କ'ଣ ଶିକ୍ଷା ଦିଆଯାଏ ବୋଲି ପ୍ରଶ୍ନର ଉତ୍ତରରେ କନ୍ୟାଟିର ଉତ୍ତର, ''ରୋଷେଇବାସ ସମ୍ପର୍କରେ କିଛି'' !

କନ୍ୟାଟି ନିଜେ କୈଫିୟତ ଦେଇଛି ଯେ ସେ ଖାଲି ପାସ କରିବାକୁ ଚାହିଁଥିଲା ଏବଂ ସେତକ ବ୍ୟବସ୍ଥା କରିବାକୁ ବାପାଙ୍କ ପାଖରେ ଅଳି କରିଥିଲା । ବାପାଙ୍କର ବିପୁଳ ବିତ୍ତ । ସେ ଅଲିଅଳୀ କନ୍ୟାକୁ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ 'ବିଦ୍ୱାନ୍'ର ସମ୍ମାନ କିଣି ଦେଲେ !

ବିହାରରେ ଉପରୋକ୍ତ ପରୀକ୍ଷାଟିରେହିଁ ଏମନ୍ତ ରୀତିରେ ଆହୁରି କେତେ 'ବିଦ୍ୱାନ୍' ଉତୁରିଛନ୍ତି । ସେମାନଙ୍କଠାରୁ ସେମାନଙ୍କ ଆତ୍ମବିଶ୍ୱାସ ଅପହରଣ କରିନେଇ ସେମାନଙ୍କୁ ଦିଆଯାଇଛି ଲାଞ୍ଚ, ମିଥ୍ୟା, କ୍ଷମତାର ଅପବ୍ୟବହାର ଇତ୍ୟାଦି ଉପରେ ନିର୍ଭରତାର ବିଶ୍ୱାସ ।

ଚଳିତ ଜୁଲାଇ (୨୦୧୬) ପ୍ରଥମ ସପ୍ତାହରେ ଆଉ ଏକ ବିଶ୍ୱବିଦ୍ୟାଳୟର ଅନ୍ୟ ଏକ ପରୀକ୍ଷାର ବିବରଣୀ ପ୍ରକାଶ ପାଇଛି । ଶତାଧିକ ଛାତ୍ରଙ୍କର ଉତ୍ତର ସମାନ । ଅର୍ଥାତ୍ ସମସ୍ତେ କୌଣସି 'ବଦାନ୍ୟ' ବ୍ୟକ୍ତି ଯୋଗାଇ ଦେଇଥିବା ଏକହିଁ ଉତ୍ତରର ନକଲମାନ ପରୀକ୍ଷା ଖାତାରେ ଉତାରି ପକାଇଛନ୍ତି ।

ହାରାହାରି ହିସାବରେ ଆଜିର ପିଲାମାନେ ପୂର୍ବ ପିଢ଼ିସବୁର ଛାତ୍ରଛାତ୍ରୀଙ୍କ ତୁଳନାରେ ନିଃସନ୍ଦେହରେ ବହୁତ ଅଧିକ ଚତୁର । ମିଥ୍ୟାଚରଣ ମାଧ୍ୟମରେ ପାସ୍ କରି ମଧ୍ୟ ସେମାନେ ହୁଏତ ଜୀବନରେ 'ସଫଳ' ବ୍ୟବସାୟୀ, ସରକାରୀ କର୍ମଚାରୀ ହୋଇପାରନ୍ତି କିଂବା ଅନ୍ୟାନ୍ୟ ବହୁ ଧନ୍ଦାରେ କୃତିତ୍ୱ ହାସଲ କରିପାରନ୍ତି । କିନ୍ତୁ ଆମେ ଭୁଲିଗଲେ ଚଳିବ ନାହିଁ ଯେ ସେହି ସାଫଲ୍ୟ ବା କୃତିତ୍ୱ ସେମାନଙ୍କ ସ୍ମୃତିରୁ ନିଜ କୃତ ମିଥ୍ୟାଚାରକୁ ଲିଭାଇ ଦେଇପାରିବ ନାହିଁ । ସଚେତନଭାବରେ ନହେଲେ ମଧ୍ୟ ଅବଚେତନରେ ଗ୍ଲାନିବୋଧ ସେମାନଙ୍କୁ ପୀଡ଼ିତ କରିବ । ଅବଶ୍ୟ ଏହା ମଧ୍ୟ ହୋଇପାରେ ଯେ ଏକା ମିଥ୍ୟାଚାରକୁ ଜୀବନର ଅନ୍ୟାନ୍ୟ କ୍ଷେତ୍ରରେ ବାରଂବାର ପ୍ରୟୋଗ କରି ସେମାନେ ନିଜ ଚେତନାକୁ ଏମିତି ସମ୍ବେଦନହୀନ କରିଦେବେ ଯେ ମଉଜ ମଜଲିସ, ଫୁର୍ତ୍ତି, ଅହମିକା ପ୍ରଦର୍ଶନ ଭିତର ଦେଇ ଜୀବନଟି ସମାପ୍ତ ହେବ । କିନ୍ତୁ ସେମାନଙ୍କ ବ୍ୟକ୍ତିଗତ କ୍ରମବିକାଶ କଥା କ'ଣ ? ବହୁ ଜନ୍ମ ବ୍ୟାପୀ ଅର୍ଜିତ

ବହୁ ଅଭିଜ୍ଞତା ଭିତର ଦେଇ ସେମାନେ ଚେତନାର ଯେତିକି ବିକାଶ ସାଧନରେ ସମର୍ଥ ହୋଇଥିବେ, ଚଳିତ ଜୀବନର ଗ୍ଲାନି ସେ ପ୍ରଗତିକୁ ରୋକି ଦେଇ ଚେତନାକୁ ଆହୁରି ପଛକୁ ନେଇଯିବାହିଁ ସାର ହେବ ।

ତେବେ ଏସବୁ ଯଦି ଆଧ୍ୟାତ୍ମିକ ସ୍ତରର କଥା ବୋଲି ଆମେ ମନେକରୁ, ଯଦି ଆମେ ମନେକରୁ ଯେ ସଂଘର୍ଷ ଓ ପ୍ରତିଯୋଗିତାପୂର୍ଣ୍ଣ ବାସ୍ତବ ଜୀବନ ସକାଶେ ଏସବୁ ତତ୍ତ୍ୱ କଥା ମାତ୍ର, ତେବେ ହୁଏତ ଆମେ ନିଜ ବିବେକକୁ କିଛି ସମୟ ପାଇଁ ନିଃସ୍ପନ୍ଦ ରଖିପାରୁ, କିନ୍ତୁ ସାମାନ୍ୟ ସାଧାରଣ ବୁଦ୍ଧି ପ୍ରୟୋଗ କଲେ ଆମେ ଦେଖିବୁ ଯେ ଏସବୁ ଯୁକ୍ତି ଆତ୍ମ-ପ୍ରବଞ୍ଚନା ମାତ୍ର । ସ୍ଥୂଳ ଅଥବା ବାସ୍ତବ ଜୀବନରେ ଯେଉଁସବୁ ସଂଘର୍ଷ ଓ ପ୍ରତିଯୋଗିତା ସାମନା କରୁ, ସେସବୁର ହେତୁ ମଧ୍ୟ ସାମାଜିକ ମିଥ୍ୟାଚାର ବା ସାମୂହିକ ମିଥ୍ୟାଚାରର ଏକ ଏକ ଦିଗ — ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ଇତ୍ୟାଦି ଇତ୍ୟାଦି । ଏବଂ ସେ ସାମାଜିକ ବାତାବରଣ ପ୍ରତି ଆମ ଅବଦାନ ଆମେ ସ୍ମରଣ କରିବା ଆବଶ୍ୟକ ।

କପି ପ୍ରସଙ୍ଗକୁ ଫେରି ଆସିବା । ଏଥିରେ ଛାତ୍ରର ଭୂମିକା ଗୌଣ । ଗାର୍ଜନ, ଶିକ୍ଷକ, କିରାଣି — ଏଭଳି ବହୁ ସ୍ତରର ସାମୂହିକ ମିଥ୍ୟାଚାର ଏଭଳି ପ୍ରହସନର ପଟଭୂମି । ଗାର୍ଜନ ଏବଂ ଶିକ୍ଷକ ଏବଂ ପରୀକ୍ଷା-ପ୍ରହରୀ ଇତ୍ୟାଦିଙ୍କ ଦୁର୍ନୀତି ଯୋଗୁଁ ଯେଉଁ ଛାତ୍ରଟି ଉତ୍ତୀର୍ଣ୍ଣ ହେଲା, ସେ ଛାତ୍ର ନିଜ ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ନିର୍ଦ୍ଧାରିତ ପାଠରେ ଅଜ୍ଞ ରହୁ, କିନ୍ତୁ ଶଠତାରେ ଡିଗ୍ରୀ ପାଇଗଲା । ତାହା ସେ ନିଜ ଜୀବନକାଳ ଭିତରେ ପ୍ରୟୋଗ କରିଚାଲିବ ନିଃସଙ୍କୋଚରେ । ତା' ଉତ୍ତରାଧିକାରୀ ଓ ଅଧସ୍ତନମାନଙ୍କୁ ମଧ୍ୟ ସେଥିରେ ତାଲିମ ଦେବ । ବ୍ୟାପ୍ତ ହେବ ସମାଜରେ ଚେତନାର ଅନ୍ଧକାର । ବାସ୍ତବ ଜୀବନରେ ସେ ହଠାତ୍ ଦିନେ ଧରାଶାୟୀ ହୋଇପାରେ ବା ନହୋଇପାରେ, କିନ୍ତୁ ନିଜ ଚେତନାରେ ସେ ଅବଶ୍ୟ ହେବ ଧରାଶାୟୀ । ସଙ୍ଗେ ସଙ୍ଗେ ବାସ୍ତବ ଜୀବନରେ ତା' ନିଜ ଉତ୍ତରାଧିକାରୀ ତଥା ପରବର୍ତ୍ତୀ ପିଢ଼ି ସକାଶେ ଛାଡ଼ିଯିବ ଏକ ଅପେକ୍ଷାକୃତ ଅସ୍ୱଚ୍ଛ ସମାଜ ।

ଆଜି ଯେତେବେଳେ ଜଣେ ଅର୍ଥାନ୍ଧ ତଥା ବାତ୍ସଲ୍ୟ — ସ୍ନେହାନ୍ଧ ପିତା ତା' ପୁଅ ବା ଝିଅ ପାଇଁ ଡିଗ୍ରୀଟିଏ କ୍ରୟ କରି ଆଣୁଛି, ନିଜ ଅଜ୍ଞାତସାରରେ ସେହି ପୁଅ ବା ଝିଅର ଆତ୍ମ-ବିଶ୍ୱାସ ଅପହରଣ ତଥା ଚରିତ୍ର ହାନି କରିବା ସଙ୍ଗେ ସଙ୍ଗେ ସେ ସାରା ସମାଜର ବାତାବରଣରେ ଛାଡୁଛି ବିଷର ଫୁତ୍କାର ।

**— ମନୋଜ ଦାସ** ❑

(ଏବଂ) ଦିନେ ନିଜକୁ ପ୍ରଶ୍ନ କରିବ, ''କିନ୍ତୁ ଜଣେ ଜନ୍ମଲାଭ କରେ କାହିଁକି ? ଜଣେ ମୃତ୍ୟୁ ଲଭେ କାହିଁକି ? ଜଣେ କର୍ମରତ ରହିଥାଏ କାହିଁ ପାଇଁ ?''

ତୁମେ ତେଣିକି ଆଉ କୁନି ଯନ୍ତ୍ରଟିଏ ଭଳି ଖୁବ୍ ବେଶୀ ହେଲେ ଅର୍ଦ୍ଧ-ଚେତନ ଅବସ୍ଥାରେ ଜୀବନ ବିତାଇବ ନାହିଁ । ତୁମେ ଚାହିଁବ ସତ ଅନୁଭବ, ସତ୍ୟାନୁବର୍ତ୍ତୀ କର୍ମ, ଚାହିଁବ ସତ ଜ୍ଞାନ । ସେତେବେଳେ ଗତାନୁଗତିକ ଜୀବନରେ ଜଣେ ସନ୍ଧାନ କରିବ ବହିପତ୍ରର, ଆପଣାଠାରୁ ଟିକିଏ ଅଧିକ ଜାଣିଥିବା ମଣିଷର; ଏସବୁ ପ୍ରଶ୍ନର ସମାଧାନ ଦେଇପାରିବା ଭଳି, ଅଜ୍ଞାନର ଆବରଣ ଉତାରି ଦେଇପାରିବା ଭଳି କାହାକୁହିଁ ସେ ଖୋଜିବ ।

ଆମେ କିନ୍ତୁ ଖାଲି ଏକ ଆନ୍ତରିକ ଅଭୀପ୍ସା ଦ୍ୱାରା ଆମ ଭିତରେ ଥିବା ତାଲାବନ୍ଦ ଦ୍ୱାରଟିଏ ଖୋଲି ଦେଇପାରୁ ଏବଂ ଦେଖିପାରୁ... ଏଭଳି କିଛି ଯାହାକି ଜୀବନର ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟ ବଦଳାଇ ଦେବ, ଆମର ସବୁ ପ୍ରଶ୍ନର ଉତ୍ତର ଦେଇପାରିବ, ଆମର ସବୁ ସମସ୍ୟାର ସମାଧାନ କରିଦେଇ ପାରିବ ଏବଂ ଆମ ଅଜାଣତରେ ଆମକୁ ନେଇଯିବ ଆମ ଅଭୀପ୍ସିତ ପୂର୍ଣ୍ଣତା ଦିଗକୁ, ସେହି ବାସ୍ତବତା ଦିଗକୁ କେବଳ ମାତ୍ର ଯାହା ଆମକୁ ତୃପ୍ତ କରିପାରେ ଏବଂ ଦେଇପାରେ ସ୍ଥାୟୀ ଆନନ୍ଦ, ସମତା, ଶକ୍ତି ଓ ଜୀବନ ।

— ଶ୍ରୀମା

*The only offering that truly enriches is the one made to the Divine.*

The Mother

## Flat For Sale at Pondicherry

Available **One BHK Flat** in ground floor affordable price being located at Vaithikuppam Junction which is around 10 minutes walk from **Sri Aurobindo Ashram** and Sea Beach also.

Continuous power & water supply available. All the occupants of the Apartments are the **Mother's Devotees.**

More priority will be given to the Mother's Devotees.

The cost of the **One BHK Flat** is **Rs. 20 Lakhs (Rupees Twenty Lakhs Only)**

**(Negotiable)**

For More details, **Please Contact : 094420 37866.**

*The best way to express one's gratitude to the Divine is to feel simply happy.*

*23 April 1954* - The Mother

**Collected Works of The Mother – 17 Vols.**
**Rs. 2400 only** *(Till stocks last)*

**The Great Adventure – A Diary for All Times : Rs. 160 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 25.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 002

Mobile: +91 9489063512, E-mail : vakbooks@gmail.com, Contact Person : Subrat Patnaik (Manager)



# Modern Apartments for SALE in Pondicherry

**Two 1 BHK apartments and a single room on first floor near Garden Guest House**
**Fully Furnished** with beds, cabinets, chairs, tables, etc.

**Flat One**
1 AC bedroom, 1 large hall, 2 attached bathrooms, modular kitchen with fridge, RO filter, 2 balconies

**Flat Two**
1 AC bedroom, attached bathroom, hall, modular kitchen, balcony and washing machine space

**Single Room**
AC bedroom with attached modular pantry and bathroom

**8-10 mins walking distance from SRI AUROBINDO ASHRAM,**
**2 mins from main market, 5 mins from beach**

**Contact: +91.9884901519**

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair, radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

For enquiry and Home Delivery contact:
Kanti Enterprises, Bhubaneswar
PH: 7894465416 / 9938574182
Buy online at www.ayurlabsindia.com/indshop

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com



## ମହାପାତ୍ର ନୀଳମଣି ସାହୁ

**(୨୨.୧୨.୧୯୨୬ – ୨୫.୬.୨୦୧୬)**

ସ୍ୱାଧୀନତା-ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରଖ୍ୟାତ ରୂପାୟନକାରୀ, ଶିକ୍ଷାବିତ୍, ବାଗ୍ମୀ ଏବଂ ସର୍ବୋପରି ଶ୍ରୀଅରବିନ୍ଦଙ୍କ ଦିବ୍ୟଦର୍ଶନର ବିଶ୍ୱସ୍ତ ବ୍ୟାଖ୍ୟାକାର ଅଧ୍ୟାପକ ମହାପାତ୍ର ନୀଳମଣି ସାହୁ ସମ୍ପ୍ରତି ପରଲୋକଗମନ କରିଛନ୍ତି । ତାଙ୍କ ସୃଜନୀ ପରିସର ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ରମ୍ୟରଚନାଠାରୁ ଆରମ୍ଭ କରି ସଂସ୍କୃତି ଓ ଦର୍ଶନ ତଥା ଲୋକ-ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସମେତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ 'ସାବିତ୍ରୀ'ର ଭାଷ୍ୟ ପରିବେଷଣ ଯାଏ ପରିବ୍ୟାପ୍ତ ଥିଲା । ଜଣେ ସହୃଦୟ ବନ୍ଧୁ, ବିଜ୍ଞ ଉପଦେଷ୍ଟା ଏବଂ ମହତ୍-ହୃଦୟ ବ୍ୟକ୍ତି ଭାବରେ ଅସଂଖ୍ୟ ଓଡ଼ିଆ ନରନାରୀଙ୍କ ହୃଦୟରେ ତାଙ୍କ ସ୍ମୃତି ସଞ୍ଚିତ ହୋଇ ରହିବ । ତାଙ୍କ ବିୟୋଗରେ ନବଜ୍ୟୋତି କାର୍ଯ୍ୟାଳୟ ଜଣେ ଅଭିଭାବକ-ପ୍ରତିମ ଶୁଭେଚ୍ଛୁଙ୍କୁ ହରାଇଲା ।

ବର୍ଷ-୪୬ : ସଂଖ୍ୟା-୧୧ ଅଗଷ୍ଟ, ୨୦୧୬ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ୍, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅଗଷ୍ଟ, ୨୦୧୬


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ମାତୃବାଣୀ | ... | ... | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ଆମ ଚିନ୍ତା ଓ ଚେତନା | ... | ଶ୍ରୀମା | ... | ୮ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୪୬) | | | | |
| ସ୍ୱଦେଶ ଆତ୍ମାର ବାଣୀମୂର୍ତ୍ତି (୨) | ... | ମନୋଜ ଦାସ | ... | ୯ |
| ପୂର୍ଣ୍ଣତାର ଉପାଦାନ | ... | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ... | ୧୨ |
| ବିରୋଧାଭାସର ଭୂମିକା | ... | ମାଧବ ପଣ୍ଡିତ | ... | ୧୬ |
| ଆଲିଙ୍ଗନ (କବିତା) | ... | ହୃଷୀକେଶ ପଣ୍ଡା | ... | ୧୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୪୪) | ... | ... | ... | ୧୮ |
| ଈଶୋପନିଷଦ୍ (ମୂଳପାଠ) | ... | ... | ... | ୨୨ |
| ଈଶୋପନିଷଦ୍ (ମୁକ୍ତ ଅନୁବାଦ) | ... | ନଳିନୀକାନ୍ତ ଗୁପ୍ତ | ... | ୨୩ |
| ଭାଗ୍ୟର ଗତି-ବିଚିତ୍ରା | ... | ମନୋଜ ଦାସ | ... | ୨୫ |
| ଉଜ୍ଜ୍ୱଳ ଅତୀତ (୨୪) | ... | ପ୍ରମୀଳା ଦେବୀ | ... | ୨୯ |
| ଭାରତର ସ୍ୱଧର୍ମ ଆଧ୍ୟାତ୍ମିକତା | ... | ରାମକୃଷ୍ଣ ଦାସ | ... | ୩୧ |
| ଅଦ୍ୱିତୀୟ ଏ ପୃଥିବୀ – ଶ୍ରୀଅରବିନ୍ଦଙ୍କ ପୃଥିବୀ | ... | ଆର୍ତ୍ତତ୍ରାଣ ମିଶ୍ର | ... | ୩୩ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୨୯) | ... | ସାହାନା ଦେବୀ | ... | ୩୬ |
| ଅଜ୍ଞାନ ଅନ୍ଧକାରନାଶକ – ଗୁରୁ | ... | ସନ୍ତୋଷ କୁମାର ଯୋଗାଣିଆ | ... | ୩୮ |
| ଶ୍ରୀଅରବିନ୍ଦଙ୍କ ସହିତ ପ୍ରଥମ ଦର୍ଶନ ଓ ଅନୁଭୂତି | ... | ଶାନ୍ତି ଜୋଶୀ | ... | ୪୨ |
| ମହାଜାଗତିକ ସପ୍ତତତ୍ତ୍ୱ (୨) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୪୩ |
| ଯୁଗପତ୍ ଓ ଆନୁକ୍ରମିକ ଶିକ୍ଷାଦାନ | ... | ଶ୍ରୀଅରବିନ୍ଦ | ... | ୪୬ |
| ନୂଆ ଦୁନିଆ ଓ ନୂଆ ମଣିଷର ସ୍ୱପ୍ନ | ... | ପ୍ରପତ୍ତି | ... | ୪୭ |
| ଆମ ସ୍ୱାସ୍ଥ୍ୟ (୧୨) | ... | ଭୋଳେଶ୍ୱର ଭୂୟାଁ | ... | ୪୯ |
| ତୁମ ଶୁଭ ଜନ୍ମଦିନେ (କବିତା) | ... | ଯଦୁନନ୍ଦନ ସାମଲ | ... | ୫୧ |
| ଇସଲାମୀୟ କେତେକ ବିଶିଷ୍ଟ ଦାର୍ଶନିକ (୩) | ... | ଶ୍ରୀପତି ଦାସ | ... | ୫୨ |
| ଆପଣ କ'ଣ ଈଶ୍ୱରଙ୍କ ମାଆ ? | ... | ... | ... | ୫୪ |
| 'ଭୁଲାଇବା ବରଂ ଭଲ' | ... | ... | ... | ୫୫ |
| ''କପି'' | ... | ମନୋଜ ଦାସ | ... | ୫୬ |


❖

**Vol. XLVII, No. 8** **R.N.I. No. 18163/70.**
Navaprakash, August, 2016 Registered No. SSP/PY/51/2015-17
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2015-17

## ବିଶେଷ ସୂଚନା

# ମାତୃରଚନାବଳି

## (୧୭ଶ ଖଣ୍ଡ)

ବହୁପ୍ରତୀକ୍ଷିତ ମାତୃରଚନାବଳି (ମା'ଙ୍କର ଆଉ କେତୋଟି ଉତ୍ତର) ଶ୍ରୀମା'ଙ୍କର ଜନ୍ମ ଶତବାର୍ଷିକୀ ଗ୍ରନ୍ଥମାଳାର ଇଂରାଜୀ ୧୭ଶ ଖଣ୍ଡ (More Answers from the Mother) ପ୍ରକାଶ ପାଇଲା । ଆଶାକରୁ ଏହାକୁ ପାଠକରି ସମସ୍ତ ମାତୃପ୍ରେମୀ ଉପକୃତ ହେବେ ।




୪୯୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ (ହାଡ଼୍‌ବୋଡ଼୍ ବନ୍ଧେଇ ସହ) : (ଟ. ୨୬୫/-) ରଖାଯାଇଛି ।

### ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.
Editor : Madhusudan Mishra
ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦
**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**